NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
6 MAY 2025
ମଙ୍ଗଳବାର
୬ ମେ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 345 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ ● ସଂଖ୍ୟା ୩୪୫ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

### ଦାରୁ ଦ୍ୱନ୍ଦ୍ୱ ଦୂର କଲେ ଆଇନମନ୍ତ୍ରୀ

## 'ବଳକା ଦାରୁରେ ମୂର୍ତ୍ତି ନିର୍ମାଣ କଥା ମିଛ'

**ଭୁବନେଶ୍ୱର,୫।୫/ଏନ୍‌ଏନ୍‌ଏସ୍:**

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଦୀଘା ଜଗନ୍ନାଥ ମନ୍ଦିରରେ ଦାରୁ ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି । ସେ କହିଛନ୍ତି ଯେ ବଳକା ଦାରୁରେ ମୂର୍ତ୍ତି ନିର୍ମାଣ କଥା ସମ୍ପୂର୍ଣ୍ଣ ମିଛ । ମହାରଣା ସେବକଙ୍କ ସହ ଆଲୋଚନା ପରେ ଏହା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଗତ କିଛିଦିନ ଧରି ଗଣମାଧ୍ୟମରେ ପ୍ରଚାରିତ ହେଉଥିବା ପ୍ରସଙ୍ଗରେ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରାଜ୍ୟ ସରକାରଙ୍କୁ ଅନ୍ତରୀଣ ତଦନ୍ତ କମିଟି ରିପୋର୍ଟ ପ୍ରଦାନ ପରେ ମନ୍ତ୍ରୀ ଆହୁରି କହିଛନ୍ତି ଯେ ବଳକା ଦାରୁରେ ଅଢ଼େଇ ଫୁଟର ମୂର୍ତ୍ତି ନିର୍ମାଣ କରିବା ଅସମ୍ଭବ । ତେବେ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହୁ କହୁ ଏପରି କହି ଦେଇଥିବା



**ତଦନ୍ତ ରିପୋର୍ଟ ପ୍ରଦାନ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ମନ୍ତ୍ରୀ କହିଛନ୍ତି । ଭୁବନେଶ୍ୱରର ସୁଦର୍ଶନ ମହାରଣା ନିମ୍ବ କାଠରେ ମୂର୍ତ୍ତି ତିଆରି କରିଛନ୍ତି । ରାମକୃଷ୍ଣ ଦାସମହାପାତ୍ର ଏହି ମୂର୍ତ୍ତିକୁ ନେଇ ଦୀଘାରେ ଦେଇଛନ୍ତି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ତେବେ ରାମକୃଷ୍ଣଙ୍କ ମନ୍ତବ୍ୟ ନିଶ୍ଚିତ ଭାବେ ଜଗନ୍ନାଥପ୍ରେମୀଙ୍କୁ କଷ୍ଟ ଦେଇଛି ଏବଂ ଏହା ଉପରେ ବିଚାର ଚାଲିଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଏହାଛଡ଼ା ରିପୋର୍ଟରୁ ଯାହା ଜଣାପଡ଼ିଛି ବଳକା ଦାରୁ କାଠ ବାହାରକୁ ଯିବା ଏବଂ ଏଥିରେ ବିଗ୍ରହ ନିର୍ମାଣ ହେବା ସମ୍ଭବ ନୁହେଁ ଏବଂ ଏହା ସମ୍ପୂର୍ଣ୍ଣ ମିଛ ବୋଲି ନିଯୋଗମାନେ ଉଲ୍ଲେଖ କରିଛନ୍ତି । ଦାରୁ ଘର ଭିତରେ କାଠ ସୁରକ୍ଷିତ ଅଛି । ୧୯୯୫-୯୬ ରେ ସେତବେଳେର ସରକାରଙ୍କ ନିଷ୍ପତ୍ତି କ୍ରମେ କିଛି ଦଇତାପତି ନିଯୋଗ ଘରେ କିଛି କାଠ ରହିଛି । ସେ ସମସ୍ତ କାଠ ଦାରୁ ଘରକୁ ଆଣିବା ଏବଂ ଏହାର ଗଣତି ପାଇଁ ଏକ ୫ ଜଣିଆ କମିଟି ଗଠନ ହୋଇଛି । ଏହାଛଡ଼ା ଶ୍ରୀ ହରିଚନ୍ଦନ କହିଛନ୍ତି ଯେ କୌଣସି ସ୍ଥାନରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାରେ କିଛି ଅସୁବିଧା ନାହିଁ । ତେବେ ଅନେକ ସ୍ଥାନରେ ▶▶ ୫

### ଦୀଘା ବିବାଦ ମଧ୍ୟରେ ମୁହଁ ଖୋଲିଲେ ମମତା

## 'ଆମ ଉପରେ ଏତେ ରାଗ କାହିଁକି'



- ହଟିଲା 'ଜଗନ୍ନାଥ ଧାମ' ଲେଖାଥିବା ସେଲ୍‌ଫି ପଏଣ୍ଟ
- ମନ୍ଦିର ଆଗରୁ ହଟିଲା, ମାତ୍ର ୱେବ୍‌ସାଇଟ୍‌ରେ ରହିଛି

**ଭୁବନେଶ୍ୱର,୫।୫/ଏନ୍‌ଏନ୍‌ଏସ୍:**

ଦୀଘାରେ ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗରେ ସୋମବାର ମୁହଁ ଖୋଲିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । 'ଦୀଘା ଜଗନ୍ନାଥ ଧାମ'କୁ ନେଇ ବିବାଦ ତେଜିବା ପରେ ମମତା ବାନାର୍ଜୀ କହିଛନ୍ତି ଯେ ଆମେ ପୁରୀ ଜଗନ୍ନାଥ ମନ୍ଦିର ଏବଂ ଜଗନ୍ନାଥ ଧାମକୁ ସମ୍ମାନ ଦେଉ । ଜଗନ୍ନାଥ ମନ୍ଦିର ସବୁଠି ହୋଇପାରିବ । ମାଆ କାଳୀଙ୍କ ମନ୍ଦିର ଦେଶର ସବୁଠି ଅଛି, ଶିବଙ୍କ ମନ୍ଦିର ବି ସବୁଠି ଅଛି । ସବୁ ମନ୍ଦିର ସବୁ ସ୍ଥାନରେ ହୋଇପାରିବ, ସବୁ ସ୍ଥାନରେ ଥାଏ ମଧ୍ୟ । ବିଜେପି ଯାହା କଲେ ଆମେ କିଛି ପ୍ରଶ୍ନ କରୁନୁ, ତାହେଲେ ତାଙ୍କର ଆମ ଉପରେ ଏତେ ରାଗ କ'ଣ ପାଇଁ କହି ବିଜେପିକୁ ହାୱଡ଼ାରୁ ଟାର୍ଗେଟ୍ କରିଛନ୍ତି ମମତା । ଦୀଘାରେ ଜଗନ୍ନାଥ ମନ୍ଦିର ହେଲେ ଅସୁବିଧା କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି ।

ତେବେ ମମତା ପୁରୀର ଜଗନ୍ନାଥ ଧାମକୁ ପୁରୀ ମନ୍ଦିର ବୋଲି ସମ୍ବୋଧନ କରିଥିବାବେଳେ ନିକଟରେ ନିର୍ମାଣ ହୋଇଥିବା ଦୀଘା ମନ୍ଦିରକୁ ଜଗନ୍ନାଥ ଧାମ ବୋଲି କହିଛନ୍ତି । ତେବେ ନା' ବିରୋଧକୁ ▶▶ ୫


### 'ମମତା ହିନ୍ଦୁ ଓ ଜଗନ୍ନାଥ ବିରୋଧୀ'



'ମମତା ବାନାର୍ଜୀ ହିନ୍ଦୁ ଓ ଜଗନ୍ନାଥ ବିରୋଧୀ । ସେ ଦୀଘାରେ ଶ୍ରୀକ୍ଷେତ୍ରର ବିକଳ୍ପ ତିଆରି କରିବା ଲାଗି ହୀନ ପ୍ରୟାସ କରୁଛନ୍ତି । ଖାଲି ସେତିକି ନୁହେଁ ଭୋଟ୍ ହାତେଇବା ଲାଗି ସେ ବାଂଲାଦେଶୀଙ୍କୁ ଅନୁପ୍ରବେଶ ରୋକୁନାହାନ୍ତି, ବରଂ ପ୍ରଶ୍ରୟ ଦେଉଛନ୍ତି ।' ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଡ଼ା ଭାଷାରେ ସମାଲୋଚନା କରି ଏଭଳି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଦୀଘାରେ ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ▶▶ ୫

### ● ସ୍ପଷ୍ଟ କଲେ ଗଜପତି ମହାରାଜା

## ଦୀଘା 'ଜଗନ୍ନାଥ ଧାମ' ନୁହେଁ



**ଭୁବନେଶ୍ୱର,୫।୫/ଏନ୍‌ଏନ୍‌ଏସ୍:**

ପଶ୍ଚିମବଙ୍ଗର ଦୀଘାରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ ନେଇ ଚାଲିଥିବା ବିବାଦ ନେଇ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି କହିଛନ୍ତି ଯେ ଦୀଘା ଜଗନ୍ନାଥ ମନ୍ଦିର 'ଜଗନ୍ନାଥ ଧାମ' ନୁହେଁ । ସେ କହିଛନ୍ତି ଯେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମୂଳପୀଠ ହେଉଛି ପୁରୁଷୋତ୍ତମ କ୍ଷେତ୍ର । ପୁରୀ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପ୍ରତିଷ୍ଠା ଶାସ୍ତ୍ରୀୟ ଅନୁସାରେ ହୋଇଥିଲେ ମଧ୍ୟ ତାହା ଜଗନ୍ନାଥ ଧାମ, ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର କିମ୍ବା ନୀଳାଚଳ ଧାମ ଭାବରେ ନାମିତ କରାଯାଇ ପାରିବ ନାହିଁ । ତେଣୁ ଦୀଘାରେ କରାଯାଇଥିବା ▶▶ ୫

### ସିବିଆଇ ଚଢ଼ଉ ମାମଲା

## ବିଷ୍ଣୁପଦଙ୍କୁ ହାଇକୋର୍ଟରୁ ପୁଣି ଆଶ୍ୱସ୍ତି

**କଠୋର କାର୍ଯ୍ୟାନୁଷ୍ଠାନ ଅନ୍ତରୀଣ ରହିତାଦେଶ ବଳବତ୍ତର**



**କଟକ,୫।୫/ଏନ୍‌ଏନ୍‌ଏସ୍:**

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍ ଲାଞ୍ଚ କାରବାରକୁ ନେଇ ସିବିଆଇ ଚଢ଼ଉ ମାମଲାରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ହାଇକୋର୍ଟରୁ ପୁଣି ଆଶ୍ୱସ୍ତି ମିଳିଛି । ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ହାଇକୋର୍ଟ ଲଗାଇଥିବା ରୋକ ବଳବତ୍ତର ରହିଛି । ସୋମବାର ମାମଲାର ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ହାଇକୋର୍ଟର ବିଚାରପତି ଏସ୍. କେ. ▶▶ ୫

### କୁସୁମିତା ଠାରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଧରଣୀଧରଙ୍କ ନାମରେ ଭୁବନେଶ୍ୱରରେ ହେବ ଅତିଥି ଭବନ



- ସ୍ମୃତି ସଂଗ୍ରହାଳୟ, ବ୍ୟାଖ୍ୟାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ
- କେନ୍ଦୁଝରରେ ୮୭ କୋଟିର ୧୦୪ ପ୍ରକଳ୍ପ ଉଦ୍‌ଘାଟନ
- ୪୪୯ କୋଟିର ୨୧୪ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ୬୨୦ କୋଟିର ୨୨ନୂତନ ପ୍ରକଳ୍ପର ଘୋଷଣା
- ସମୁଦାୟ ୧୧୫୫ କୋଟିର ୩୪୦ ପ୍ରକଳ୍ପ

**ଭୁବନେଶ୍ୱର,କେନ୍ଦୁଝର,୫।୫/ଏନ୍‌ଏନ୍‌ଏସ୍:**

ମହାନ ବିପ୍ଳବୀ ଧରଣୀଧର ନାଏକଙ୍କ ସ୍ମୃତିରେ ରାଜଧାନୀ ଭୁବନେଶ୍ୱରରେ ଏକ ଅତିଥି ଭବନ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଘୋଷଣା କରିଛନ୍ତି । ଧରଣୀଧର ନାଏକଙ୍କ ଜନ୍ମଭୂମି କେନ୍ଦୁଝର ଜିଲ୍ଲାର କୁସୁମିତା ଠାରେ ପାଳିତ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ଏହାଛଡ଼ା ମୁଖ୍ୟମନ୍ତ୍ରୀ ୫୦ କୋଟି ଟଙ୍କା ବ୍ୟୟବରାଦରେ କୁସୁମିତା ଠାରେ ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଜିଲ୍ଲାରେ ପ୍ରାୟ ୧୧୫୫ କୋଟି ଟଙ୍କା ବ୍ୟୟ ବରାଦର ସମୁଦାୟ ୩୪୦ଟି ନୂତନ ପ୍ରକଳ୍ପର ଘୋଷଣା, ଶୁଭ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିପ୍ଳବ ସହିତ ଆଧ୍ୟାତ୍ମିକତାର ପ୍ରତୀକ ଥିଲେ ଧରଣୀଧର । ମହାନ ବିପ୍ଳବୀ ଧରଣୀଧର ଓଡ଼ିଶାରେ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନରେ ନେତୃତ୍ୱ ଦେଇଥିବା ଏକ ଦୃଢ଼ ସଂଘର୍ଷୀ ନାୟକ । ତାଙ୍କ ଦୃଢ଼ ସଂକଳ୍ପ, ଦେଶପ୍ରେମ ଓ ତ୍ୟାଗ ଆଜି ଯୁବପିଢି ପାଇଁ ପ୍ରେରଣା ସ୍ରୋତ । ରାଜ୍ୟ ସରକାର ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ପୂଜ୍ୟପୂଜା ପରମ୍ପରାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ସାରା ଓଡ଼ିଶାରେ ମହାପୁରୁଷମାନଙ୍କ ଜୟନ୍ତୀ ସେମାନଙ୍କ ଜନ୍ମ ମାଟିରେ ପାଳନ କରିବା ହିଁ ଆମ ଅସ୍ମିତାର ପରିଚୟ । ଧରଣୀଧରଙ୍କ ଜୀବନୀ ହିଁ ଆମକୁ ଅଖଣ୍ଡତା ଓ ବିକାଶର ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷା ପ୍ରଦାନ କରେ । ଜୀବନର ପ୍ରଥମ ଭାଗ ସେ ବିଦ୍ରୋହ କରି ସ୍ୱାଧୀନତାର ଅଗ୍ନି ଜଳାଇଥିଲେ ଓ ଶେଷ ଭାଗକୁ ସେ ଆଧ୍ୟାତ୍ମିକ ମାର୍ଗରେ ଯାଇ ଦେଶର ସ୍ୱାଧୀନତା ପାଇଁ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ । ଆଜି ଧରଣୀଧର ନାହାନ୍ତି, ତାଙ୍କ ସ୍ମୃତି ଅଛି । ବିପ୍ଳବ କରିବାର ଯେଉଁ ଚେତନା ସେ ସୃଷ୍ଟି କରିଥିଲେ, ସେ ଚେତନା ଅଛି । ଆଜି ସ୍ୱାଧୀନତା ପାଇଁ ଲଢ଼ିବାର ନାହିଁ । ଆଜିର ସମୟ ହେଉଛି ବିକାଶ ପାଇଁ ଲଢ଼ିବାର ସମୟ । ଦୀର୍ଘ ଦିନ ଧରି କେନ୍ଦୁଝରକୁ ଯେଉଁ ଅବହେଳା ହୋଇଥିଲା, ତାକୁ ଦୂର କରିବାର ସମୟ ଆଜି ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଲଢ଼େଇ କରି ବଞ୍ଚିବା ପାଇଁ ଏ ମାଟିର ବରପୁତ୍ର ଧରଣୀଧର ଆହ୍ୱାନ ଦେଇଥିଲେ ଏବଂ ସେହି ଆହ୍ୱାନକୁ କାମରେ ଲଗାଇ ଆଜି ମୁଁ ମୋ ରାଜ୍ୟର ସେବା କରିବାର ସୁଯୋଗ ପାଇଛି । ଏ ମାଟିର ଶକ୍ତି ଆମକୁ ଆହୁରି ସଶକ୍ତ କରିଛି ଏବଂ ଏକ ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଏହି ଶକ୍ତି ଆମକୁ ପ୍ରେରଣା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଧରଣୀଧରଙ୍କ ସ୍ମୃତି ପୀଠ ପାଇଁ ଭିତ୍ତିପ୍ରସ୍ତର ରଖା ଯାଇଛି ସେଥିରେ ଧରଣୀଧରଙ୍କ ପୈତୃକ ବାସ ଗୃହର ସଂରକ୍ଷଣ କରାଯିବ ଏବଂ ତାଙ୍କ ବ୍ୟବହୃତ ସାମଗ୍ରୀ ଗୁଡ଼ିକୁ ସୁରକ୍ଷିତ କରି ରଖାଯିବ । ଧରଣୀଧରଙ୍କ ▶▶ ୫

## ପୂରଣ ହେବ ୩୨ ହଜାର ପୁଲିସ ପଦବୀ:ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,କେନ୍ଦୁଝର,୫।୫/ଏନ୍‌ଏନ୍‌ଏସ୍:**


ଆଗାମୀ ଦିନରେ ରାଜ୍ୟରେ ୩୨ ହଜାର ପୁଲିସ ପଦବୀ ପୂରଣ ହେବ । ରାଜ୍ୟରେ ସମୁଦାୟ ୩୨ ହଜାର ନୂଆ ପଦବୀ ସୃଷ୍ଟି କରାଯାଇଥିବା ବେଳେ ୧୬ ହଜାର ଖାଲି ପଦବୀ, ନୂତନ ଭାବେ ସୃଷ୍ଟି ହୋଇଥିବା ୧୬ ହଜାର ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଆଗାମୀ କିଛି ବର୍ଷ ମଧ୍ୟରେ ରାଜ୍ୟ ପୋଲିସର କର୍ମଚାରୀ ଓ ଅଧିକାରୀ ସଂଖ୍ୟା ୩୨ ହଜାର ବଢ଼ିବ । ଏହାଦ୍ୱାରା ପୋଲିସର ସାମର୍ଥ୍ୟ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି । ଆଜି କେନ୍ଦୁଝର ଟାଉନରେ ନବ ନିର୍ମିତ ଥାନାଗୃହ ଏବଂ ରିଜର୍ଭ ପୁଲିସ ଅଫିସ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମୁଦାୟ ୩ କୋଟି ୩୪ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ଥାନା ଓ ୨ କୋଟି ୭୬ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟରେ ନିର୍ମିତ ରିଜର୍ଭ ପୁଲିସ ଅଫିସର ଅଧିକାରୀ ଓ କର୍ମଚାରୀମାନେ ସାଧାରଣ ଜନତାଙ୍କୁ ଉତ୍ସର୍ଗୀକୃତ ସେବା ▶▶ ୫

## ପୁରୀ ବିମାନବନ୍ଦରକୁ କେନ୍ଦ୍ରର ମଞ୍ଜୁରୀ

**ନୂଆଦିଲ୍ଲୀ,୫।୫/ଏଜେନ୍ସି:**

ଓଡ଼ିଶାର ପୁରୀ ଏବଂ ରାଜସ୍ଥାନର କୋଟା ଠାରେ ନୂଆ ବିମାନ ବନ୍ଦର ନିର୍ମାଣକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜରପୁ ଆଜି ଏହି ଦୁଇଟି ଗ୍ରୀନଫିଲ୍ଡ ବିମାନ ବନ୍ଦର ନିର୍ମାଣକୁ ନୀତିଗତ ଅନୁମୋଦନ ପ୍ରଦାନ କରିଛନ୍ତି ।ଭାରତର

**ରାଜସ୍ଥାନର କୋଟାରେ ବି ହେବ ବିମାନବନ୍ଦର**



ଲକ୍ଷ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ପୁରୀଠାରେ ଏକ ବିମାନ ବନ୍ଦର ପ୍ରତିଷ୍ଠା କରିବାର ନିଷ୍ପତ୍ତି ଏହି ଅଞ୍ଚଳରେ ଧାର୍ମିକ ପର୍ଯ୍ୟଟନ, ଆଞ୍ଚଳିକ ବିକାଶ ଏବଂ ସାମଗ୍ରିକ ଯୋଗାଯୋଗକୁ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ ।ଏହି ବିମାନ ବନ୍ଦର ପୁରୀ ଏବଂ ଭାରତର ପ୍ରମୁଖ ମହାନଗରଗୁଡ଼ିକ ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗକୁ ବୃଦ୍ଧି କରିବାରେ ସହାୟକ ହେବ । ଅନୁରୂପ ▶▶ ୫

## ଓଏସ୍‌ଏସ୍‌ସି ମିଳିତ ନିଯୁକ୍ତି ପରୀକ୍ଷା ବାତିଲ

**ଭୁବନେଶ୍ୱର,୫।୫/ଏନ୍‌ଏନ୍‌ଏସ୍:**

ଭୁବନେଶ୍ୱର,୫।୫/ଏନ୍‌ଏନ୍‌ଏସ୍: ଗତ ଏପ୍ରିଲ ୨୭ରେ ଅନୁଷ୍ଠିତ ହୋଇଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ୨୦୨୪ ସହିତ ବିଭିନ୍ନ ପଦବୀର ମିଳିତ ନିଯୁକ୍ତି ପଦବୀ ପାଇଁ ପରୀକ୍ଷାକୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ (ଓଏସ୍‌ଏସ୍‌ସି) ପକ୍ଷରୁ ବାତିଲ କରାଯାଇଛି । ପ୍ରଶ୍ନପତ୍ରରେ

**ଜୁଲାଇ ୬ରେ ପୁନଃ ପରୀକ୍ଷା**

ଅନିୟମିତତା ଯୋଗୁ ମିଳିତ ନିଯୁକ୍ତି ପରୀକ୍ଷାକୁ ବାତିଲ କରାଯାଇଥିବା ବେଳେ ଆସନ୍ତା ଜୁଲାଇ ୬ରେ ସାନି ପରୀକ୍ଷା ଅନୁଷ୍ଠିତ ହେବ । ପ୍ରଶ୍ନପତ୍ରରେ ଅନିୟମିତତା ଯୋଗୁଁ ଓଏସ୍‌ଏସ୍‌ସି ମିଳିତ ନିଯୁକ୍ତି ପରୀକ୍ଷା ବାତିଲ କରିଛି । ସିଲାବସ୍ ବାହାରେ ପ୍ରଶ୍ନ ପଡ଼ିଥିବା ଅଭିଯୋଗ କରିଥିଲେ ପରୀକ୍ଷାର୍ଥୀ । ଏନେଇ ଓଏସ୍‌ଏସ୍‌ସି ପରୀକ୍ଷାର୍ଥୀଙ୍କ ଠାରୁ ମତାମତ ଲୋଡ଼ିଥିଲା । ବହୁ ସଂଖ୍ୟକ ପ୍ରାର୍ଥୀଙ୍କଠାରୁ ପରାମର୍ଶ ଏବଂ ମତାମତ ପାଇବା ପରେ ପରୀକ୍ଷା ବାତିଲ କରାଯାଇଛି । ପରୀକ୍ଷା ପରିଚାଳନା ତ୍ରୁଟି ପାଇଁ ଓଏସ୍‌ଏସ୍‌ସି ଦୁଃଖପ୍ରକାଶ କରିବା ସହ ପରୀକ୍ଷା ପାଇଁ ନୂତନ ତାରିଖ ଘୋଷଣା କରିଛି । କମିଶନଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତି ▶▶ ୫

### ପାକିସ୍ତାନ ବିରୋଧରେ ହୋଇପାରେ ବଡ଼ ଆକ୍ସନ

# ୫୪ ବର୍ଷ ପରେ ଦେଶରେ ମକ୍ ଡ୍ରିଲ୍

**ରାଜ୍ୟଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶ**

**ଶତ୍ରୁପକ୍ଷ ଏୟାରଷ୍ଟ୍ରାଇକ୍‌ରୁ ସୁରକ୍ଷିତ ରହିବାକୁ ଅଭ୍ୟାସ କରିବେ ଦେଶବାସୀ**

**ନୂଆଦିଲ୍ଲୀ,୫।୫/ଏଜେନ୍ସି:**

ଖୁବଶୀଘ୍ର ପାକିସ୍ତାନ ବିରୋଧରେ ହୋଇପାରେ ବଡ଼ ଆକ୍ସନ । ମୋଦୀ ସରକାରଙ୍କ ରଣନୀତିର ମିଳିଲା ସଂକେତ । ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଦୀର୍ଘ ୫୪ ବର୍ଷ ପରେ ଭାରତରେ ମକ୍ ଡ୍ରିଲ୍ ▶▶ ୫





### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଏନ୍‌ଏସ୍‌ଏ ଓ ପ୍ରତିରକ୍ଷା ସଚିବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସୋମବାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ୍ ଏବଂ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କୁ ଡକାଇ ଆଲୋଚନା କରିଛନ୍ତି । ଉଭୟ ଡୋଭାଲ୍ ଏବଂ ରାଜେଶ ସିଂହ ପୃଥକ୍ ପୃଥକ୍ ସମୟରେ ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତକାର ଅଧଘଣ୍ଟାରୁ ଅଧିକ ସମୟ ଧରି ହୋଇଥିବା ସୂଚନା ମିଳିଛି । ପ୍ରକାଶ, ପ୍ରଧାନମନ୍ତ୍ରୀ ମୋଦୀ, ବାୟୁସେନା ମୁଖ୍ୟ ମାର୍ଶାଲ ଅମରପ୍ରୀତ ସିଂହଙ୍କୁ ଭେଟିବାର ଗୋଟିଏ ଦିନ ପରେ ଏହି ବୈଠକ ହୋଇଛି । ସୁତରାଂ ଏହି ବୈଠକକୁ ନେଇ ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

### ୫ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଧ୍ୟାନଦେବେ ରାଜ୍ୟସମୂହ

- ବିମାନ ଆକ୍ରମଣ ସମ୍ପର୍କରେ ସତର୍କତା ସାଇରନ ବାଜିବ
- ଆକ୍ରମଣ ସମୟରେ ନିଜକୁ ସୁରକ୍ଷା ଦେବା ପାଇଁ ପ୍ରତ୍ୟେକ ନାଗରିକ ଏବଂ ଛାତ୍ରଛାତ୍ରୀମାନଙ୍କୁ ପ୍ରତିରକ୍ଷା ତାଲିମ ପ୍ରଦାନ କରାଯିବ
- ମକ୍ ଡ୍ରିଲ୍ ସମୟରେ ବ୍ଲାକ୍ ଆଉଟ୍ କାର୍ଯ୍ୟକାରୀ କରାଯିବ
- ଗୁରୁତ୍ୱପୂର୍ଣ୍ଣ ସଂସ୍ଥାନ, ପ୍ଲାଣ୍ଟଗୁଡ଼ିକୁ ପୂର୍ବରୁ ଲୁଚାଇବା ପାଇଁ ପଦକ୍ଷେପ ନିଆଯିବ
- ନାଗରିକଙ୍କୁ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତ କରାଯିବା ସହ ଅଭ୍ୟାସ କରାଯିବ ।

# ବିଏସ୍‌ଏଫ୍‌ରେ ଆଉ ୧୬ ନୂଆ ବାଟାଲିଅନ ପ୍ରସ୍ତାବକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମଞ୍ଜୁରୀ




**ନୂଆଦିଲ୍ଲୀ, ୫।୫/ଏଜେନ୍ସି:** ଭାରତ ସରକାର ଏବେ ଦେଶରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ସୈନ୍ୟ ସାମର୍ଥ୍ୟକୁ ଆହୁରି ବ୍ୟାପକ କରିବା ଉପରେ ଚିନ୍ତା କରୁଛନ୍ତି। ଏହି ପ୍ରକ୍ରିୟା ଅନ୍ତର୍ଗତ ବିଏସଏଫ୍ ଭଳି ଅର୍ଦ୍ଧସାମରିକ ବଳରେ ଆଉ ୧୬ ନୂଆ ବାଟାଲିଅନ୍‌କୁ ସାମିଲ କରିବାକୁ ଯୋଜନା କରାଯାଉଛି। ଅର୍ଥାତ୍ ଆଗାମୀ ଦିନରେ ବିଏସଏଫ୍‌ରେ ୧୭ ହଜାର ନୂଆ ପଦବୀ ସୃଷ୍ଟିହେବ।

ପାକିସ୍ତାନ ଏବଂ ବାଂଲାଦେଶ ପଟୁ ଭାରତ ପ୍ରତି ବିପଦ ସୃଷ୍ଟି ହେଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ବିଏସ୍‌ଏଫ୍‌ର ସୈନ୍ୟବଳ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏହାସହିତ ପଶ୍ଚିମାଞ୍ଚଳ ଏବଂ ପୂର୍ବାଞ୍ଚଳରେ ୨ଟି ନୂଆ ଫରୱାର୍ଡ ହେଡ୍‌କ୍ୱାର୍ଟର୍ସ ପ୍ରତିଷ୍ଠା ଲାଗି ମଧ୍ୟ ଯୋଜନା ରହିଛି। ଏହି ଦୁଇଟି ନୂଆ ଫରୱାର୍ଡ ହେଡ୍‌କ୍ୱାର୍ଟର୍ସ ଅଧୀନରେ ୧୬ ବାଟାଲିଅନ ରହିବେ, ଯେଉଁମାନେ ପାକିସ୍ତାନ ଏବଂ ବାଂଲାଦେଶ ସୀମାରେ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବା ଲାଗି ମୁତୟନ ହେବେ। ଗୋଟିଏ ଫରୱାର୍ଡ ହେଡ୍‌କ୍ୱାର୍ଟର୍ସ ଜମ୍ମୁରେ ଏବଂ ଅନ୍ୟଟି ମିଜୋରାମ୍‌ରେ ପ୍ରତିଷ୍ଠା ହେବ। ଏଥିପାଇଁ ସରକାରଙ୍କ ତରଫରୁ ବିଏସ୍‌ଏଫର ସମ୍ପ୍ରସାରଣ ପ୍ରସ୍ତାବକୁ ପ୍ରାରମ୍ଭିକ ଅନୁମୋଦନ ମିଳିସାରିଥିଲେ ମଧ୍ୟ ଚୂଡ଼ାନ୍ତ ଅନୁମୋଦନ ପାଇଁ ଅପେକ୍ଷା ରହିଥିବା ସୂଚନା ମିଳିଛି। ପ୍ରକାଶ, ସମ୍ପ୍ରତି ବିଏସ୍‌ଏଫ୍‌ର ୧୯୩ ବାଟାଲିଅନ ରହିଛି। ପ୍ରତି ବାଟାଲିଅନରେ ୧୦୦୦ ଲେଖାଏ ଯବାନ ରହିଛନ୍ତି। ଅତିରିକ୍ତ ୧୬ ବାଟାଲିଅନ ଅନ୍ତର୍ଭୁକ୍ତ ହେବା ପରେ ଉଭୟ ପାକିସ୍ତାନ ଏବଂ ବାଂଲାଦେଶ ସୀମାରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ପାଇବ। ଏହି ପ୍ରସ୍ତାବକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମର୍ଥନ ଜଣାଇଛି।

# ଭୟରେ ପାଣିକୁ ଡେଇଁ ପ୍ରାଣ ହରାଇଲା ସନ୍ଦିଗ୍ଧ

## ପହଲଗାମ ଆତଙ୍କବାଦୀଙ୍କୁ ଖାଦ୍ୟ ଯୋଗାଇଥିବା ଅଭିଯୋଗରେ ଥିଲା ଅଟକ

**ଜମ୍ମୁ,୫।୫/ଏଜେନ୍ସି:** ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀ ଏବଂ ସେମାନଙ୍କ ସହାୟକମାନଙ୍କୁ ଧରିବା ପାଇଁ ଏବେ ଜୋରସୋରରେ ତନାଘନା ଚାଲିଛି। ତେବେ ଏହି ପ୍ରକ୍ରିୟାରେ ଅଟକ ଥିବା କିଛି ସନ୍ଦିଗ୍ଧଙ୍କ ମଧ୍ୟରୁ ଜଣେ ଯୁବକର ଆତ୍ମହତ୍ୟାଜନିତ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଯେତେବେଳେ ସନ୍ଦିଗ୍ଧମାନଙ୍କୁ ଜେରା ଆରମ୍ଭ କରାଗଲା ଠିକ୍ ସେହି ସମୟରେ କୁଲଗାମ ଜିଲ୍ଲାର ଟାଙ୍ଗମାର୍ଗରେ ପଚରାଉଚରା ପାଇଁ ଅଟକ ଥିବା ଇମ୍‌ତିଆଜ୍ ଅହମ୍ମଦ (୨୩) ନାମକ ଜଣେ ଯୁବକ ଖସିଯିବାକୁ ଚେଷ୍ଟା କରିଥିଲା। ସେ ପାଖରେ ଥିବା ଭଇଁଷା ନାମକ ଏକ ପ୍ରଖର ସ୍ରୋତ ଥିବା ନଦୀକୁ ଡେଇଁପଡି ପଳାଇଯିବାକୁ ଉଦ୍ୟମ କରିଥିଲା। କିନ୍ତୁ ନଦୀର ପ୍ରଖର ସ୍ରୋତରେ ସେ ବେଶୀ ସମୟ ତିଷ୍ଠି ପାରିନଥିଲା। ନଦୀଜଳରେ ସେ ଭାସିଯାଇ ମୃତ୍ୟୁବରଣ କରିଥିବା କୁହାଯାଉଛି। ଏ ସମ୍ପର୍କରେ ଏକ ଭିଡିଓ ମଧ୍ୟ ଜାରି କରାଯାଇଛି। ଭିଡିଓରେ ସନ୍ଦିଗ୍ଧ ଯୁବକ ନଦୀକୁ ଡେଇଁପଡ଼ିଥିବା ଦେଖାଯାଉଛି। ଅନ୍ୟପକ୍ଷେ ଜମ୍ମୁ କାଶ୍ମୀର ପୁଲିସ୍ ତାକୁ ଆତଙ୍କବାଦୀଙ୍କ ସହଯୋଗୀ ବୋଲି କହୁଛି। ଇମ୍‌ତିଆଜ୍ ପହଲଗାମ୍ ଆତଙ୍କବାଦୀଙ୍କୁ ଖାଦ୍ୟ ଏବଂ ଅନ୍ୟାନ୍ୟ ଜିନିଷ ବ୍ୟବସ୍ଥା କରିଥିବା ସ୍ୱୀକାର କରିସାରିଥିଲା ବୋଲି କାଶ୍ମୀର ପୁଲିସ୍



କହିଛି। ଇମ୍‌ତିଆଜ୍‌ର ସୂଚନା ଆଧାରରେ ତାକୁ ନେଇ ଏକ ଆତଙ୍କବାଦୀ ଆଡ୍ଡାକୁ ଯାଉଥିବା ସମୟରେ ଏହି ଘଟଣା ଘଟିଥିବା ଜମ୍ମୁ କାଶ୍ମୀର ପୁଲିସ୍ କହିଛି। ଅନ୍ୟପକ୍ଷେ ପିଡିପି ଅଧକ୍ଷା ମେହବୁବା ମୁଫ୍‌ତି ଏବଂ ଏନ୍‌ସି ସାଂସଦ ଆଗା ରୁହୁଲ୍ଲା ମେହଦି ଏହି ମାମଲାକୁ ସନ୍ଦେହଜନକ ବୋଲି କହିଛନ୍ତି ଏବଂ ତଦନ୍ତ ଦାବି କରିଛନ୍ତି।

## ପାକିସ୍ତାନକୁ ଦିଆଯାଉଥିବା ପାଣ୍ଠି ହ୍ରାସ କରିବାକୁ ଦାବି

# ଏଡିବି ଅଧ୍ୟକ୍ଷଙ୍କୁ ଭେଟିଲେ ସୀତାରମଣ

**ନୂଆଦିଲ୍ଲୀ,୫।୫/ଏଜେନ୍ସି:** ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଭାରତ, ପାକିସ୍ତାନ ବିରୋଧରେ ଗୋଟିଏ ପରେ ଗୋଟିଏ କୂଟନୈତିକ ଷ୍ଟ୍ରାଇକ୍ କରିଚାଲିଥିବା ବେଳେ ଏବେ ଆଉ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଆତଙ୍କବାଦୀ ସଂଗଠନଗୁଡ଼ିକୁ ଆର୍ଥିକ୍ ସହାୟତା ଯୋଗାଉଥିବା ଇସ୍‌ଲାମାବାଦକୁ ଅନ୍ତର୍ଜାତୀୟ ପାଣ୍ଠି ହ୍ରାସ କରାଇବା ପାଇଁ ଭାରତ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଭାରତୀୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି) ଅଧ୍ୟକ୍ଷ ମାସାତୋ କାଣ୍ଡାଙ୍କୁ ଭେଟି ପାକିସ୍ତାନକୁ ଦିଆଯାଉଥିବା ପାଣ୍ଠିକୁ ଜରୁରିକାଳୀନ ପ୍ରଭାବରେ ହ୍ରାସ କରିବାକୁ ଦାବି କରିଥିବା ସୂଚନା ମିଳିଛି। ଭାରତର ଏହି ପଦକ୍ଷେପକୁ ପାକିସ୍ତାନ୍ ଉପରେ ଆର୍ଥିକ ଆକ୍ରମଣ ବୋଲି ଅଭିହିତ କରାଯାଉଛି। ରିପୋର୍ଟ ଅନୁସାରେ ଇଟାଲୀର ମିଲନ୍ ଠାରେ ଅନୁଷ୍ଠିତ ଏଡିବି ବାର୍ଷିକ ବୈଠକରେ ଅର୍ଥମନ୍ତ୍ରୀ ସୀତାରମଣ, ଏଡିବି ଅଧ୍ୟକ୍ଷ ମାସାତୋ କାଣ୍ଡା, ଇଟାଲୀ ଅର୍ଥମନ୍ତ୍ରୀ ଜିଆନକାର୍ଲୋ ଜିଓର୍ଗେଙ୍କୁ ସାକ୍ଷାତ କରିଥିଲେ। ଉଭୟଙ୍କ ସହ ସୀତାରମଣ ପାକିସ୍ତାନ ପକ୍ଷରୁ ଆତଙ୍କବାଦକୁ ପୃଷ୍ଠପୋଷକତା କରାଯାଉଥିବା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ଏବଂ ଆର୍ଥିକ ସ୍ତରରେ ପାକିସ୍ତାନକୁ ମିଳୁଥିବା ସମସ୍ତ ସହାୟତା ବନ୍ଦ କରାଯିବା ଉଚିତ୍ ବୋଲି ଦାବି କରିଥିଲେ। କେବଳ ସେତିକି ନୁହେଁ, ପାକିସ୍ତାନକୁ ପୁଣିଥରେ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍)ର ଗ୍ରେ ତାଲିକାରେ ରଖିବା ପାଇଁ ସୀତାରମଣ୍ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ମଧ୍ୟ ଆଲୋଚନା କରିଛନ୍ତି।





## ପାକିସ୍ତାନ ଉପରେ ଆଉ ଏକ ଅର୍ଥନୈତିକ ପ୍ରହାର ପାଇଁ ଚାଲିଛି ଯୋଜନା

ଉତ୍କଟ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ଏଡିବି, ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଭଳି ଅନ୍ତର୍ଜାତୀୟ ମନିଟାରୀ ସଂଗଠନ ପକ୍ଷରୁ ମିଳୁଥିବା ପାଣ୍ଠି ଉପରେ ଅତ୍ୟଧିକ ନିର୍ଭରଶୀଳ ରହିଛି। ଆଇଏମ୍‌ଏଫ୍ ଏବଂ ଏଡିବି ପାକିସ୍ତାନର ବିଭିନ୍ନ ସେକ୍ଟରକୁ ଆର୍ଥିକ୍ ସହାୟତା ଯୋଗାଇଆସୁଛନ୍ତି। ତେବେ ନିକଟରେ ପାକିସ୍ତାନକୁ ଆଇଏମ୍‌ଏଫ୍ ପକ୍ଷରୁ ୭ ବିଲିଅନ ଡଲାରରୁ ଉର୍ଦ୍ଧ୍ୱ ସହାୟତା ପ୍ୟାକେଜ୍ ଦିଆଯିବା ନେଇ ନିଷ୍ପତ୍ତି ଉପରେ ରୋକ୍ ଲଗାଯାଇଥିଲେ ମଧ୍ୟ ଏହାକୁ ମଧ୍ୟ ଭାରତ ବିରୋଧ କରିବ ବୋଲି ଆଶା କରାଯାଉଛି। ଆଇଏମ୍‌ଏଫ କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ମେ ୯ରେ ଅନୁଷ୍ଠିତ ହେବ। ଅନ୍ୟାନ୍ୟ ପ୍ରସଙ୍ଗ ସହ ପାକିସ୍ତାନକୁ ୭ ବିଲିଅନ ଡଲାରର ବେଲଆଉଟ୍ ପ୍ୟାକେଜ ଦିଆଯିବା ନିଷ୍ପତ୍ତି ଉପରେ ମଧ୍ୟ ସମୀକ୍ଷା ହେବାର ଆଶା କରାଯାଉଛି।

ଏସବୁ ମଧ୍ୟରେ ସୋମବାର ଦିନ, ବିଶ୍ୱ ମୂଲ୍ୟାଙ୍କନ ଏଜେନ୍ସି ମୁଡିଜ୍ କହିଛି ଯେ ପ୍ରକାଶ, ଭାରତ ସହିତ ଉତ୍ତେଜନା ବୃଦ୍ଧି ପାଇବା ପାକିସ୍ତାନର ଅର୍ଥନୀତିକୁ ଏକ ଆଘାତ ଦେବ ଏବଂ ଏହାର ଚାଲିଥିବା ଆର୍ଥିକ ଏକତ୍ରୀକରଣକୁ ବାଧା ଦେବ ବୋଲି ମୁଡିଜ୍ (ବିଶ୍ୱ ଅର୍ଥନୀତି ମୂଲ୍ୟାଙ୍କନକାରୀ ଏଜେନ୍ସି) କହିଛି। ମୁଡିଜ୍ ରିପୋର୍ଟ ଅନୁସାରେ ଭାରତ ସହ ଉତ୍ତେଜନା ପାକିସ୍ତାନର ବାହ୍ୟ ଆର୍ଥିକ ସହାୟତା ପାଇବାରେ ବାଧା ସୃଷ୍ଟି କରିପାରେ ଏବଂ ଏହାର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ପକାଇପାରେ, ଯାହା ଆଗାମୀ କିଛି ବର୍ଷ ପାଇଁ ଏହାର ବାହ୍ୟ ଋଣ ସେବା ଆବଶ୍ୟକତା ପୂରଣ କରିବା ପାଇଁ ଆବଶ୍ୟକ ପରିମାଣଠାରୁ ବହୁତ କମ୍ ଅଛି।

# ଭାରତକୁ ଜାପାନ୍, ରୁଷ୍‌ର ଦୃଢ଼ ସମର୍ଥନ

**ନୂଆଦିଲ୍ଲୀ,୫।୫/ଏଜେନ୍ସି:** ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ବିଶ୍ୱସ୍ତରରେ ଭାରତ ପ୍ରତି ସମର୍ଥନ ବଢ଼ିବାରେ ଲାଗିଛି। ଚୀନ୍, ତୁର୍କୀକୁ ବାଦ୍ ଦେଲେ ପ୍ରାୟ ଅନ୍ୟ ସମସ୍ତ ଦେଶ ଭାରତକୁ ସମର୍ଥନ ବ୍ୟକ୍ତ କରିଛନ୍ତି। ତେବେ ଏସବୁ ମଧ୍ୟରେ ଯେତେବେଳେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସ୍ତରରେ ପହଞ୍ଚିଛି ସେତେବେଳେ ମିଳିତ ଜାତିସଂଘ, ୟୁରୋପୀୟ ପରିଷଦ ଏବଂ ଆମେରିକା ଭଳି କିଛି ଦେଶ ଉଭୟ ଭାରତ ଏବଂ ପାକିସ୍ତାନକୁ ଯୁଦ୍ଧରୁ ବିରତ ରହିବାକୁ ପରାମର୍ଶ ଦେବାକୁ ଆଗେଇ ଆସିଛନ୍ତି। କିନ୍ତୁ ଜାପାନ୍ ଏବଂ ରୁଷ୍ ମିଳିତ ଭାବେ ଭାରତକୁ ନିଜ ଆତ୍ମସୁରକ୍ଷା ନୀତି ଆଧାରରେ ଯେକୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିପ୍ରେକ୍ଷୀରେ ଦୃଢ଼ ସମର୍ଥନ ଜଣାଇଛନ୍ତି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ ଫୋନ୍ ଯୋଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହେବା ପରିପ୍ରେକ୍ଷୀରେ ସମର୍ଥନ ବ୍ୟକ୍ତ କରିଛନ୍ତି। ସେହିପରି ଜାପାନ୍ ପ୍ରଧାନମନ୍ତ୍ରୀ ମଧ୍ୟ ଭାରତ ପ୍ରତି ନିଜ ନିସର୍ତ୍ତ ସମର୍ଥନକୁ ଦୋହରାଇଛନ୍ତି।

ଅନ୍ୟ ଏକ ରିପୋର୍ଟ ଅନୁସାରେ ପହଲଗାମ ଘଟଣାକୁ ଆଜି ୧୪ ତମ ଦିନ ବିତିଥିବା ବେଳେ ଗତ ୧୧ ଦିନ ଧରି ପାକିସ୍ତାନୀ ସୈନିକମାନେ ସୀମାରେ ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଚାଲିଛନ୍ତି। ସେହିପରି ପାକିସ୍ତାନ ହ୍ୟାକରମାନେ ଏବେ ଭାରତୀୟ ପ୍ରତିରକ୍ଷା ୱେବସାଇଟଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ପ୍ରତିରକ୍ଷା ବିଭାଗର ସୂତ୍ର ଅନୁସାରେ, ଏକାଧିକ ପ୍ରତିରକ୍ଷା ୱେବସାଇଟ୍‌ଗୁଡ଼ିକୁ ସାମୟିକ ଭାବେ ହ୍ୟାକ୍ କରାଯାଇଥିବା ଜଣାପଡିଛି। ପାକିସ୍ତାନ ସାଇବର ଫୋର୍ସ ବା ପାକ୍ ହ୍ୟାକରମାନେ ଭାରତୀୟ ମିଲିଟାରୀ ଇଂଜିନିୟର ସର୍ଭିସେସ ଏବଂ ମନୋହର ପାରିକର ଇନଷ୍ଟିଚ୍ୟୁଟ ଅଫ୍ ଡିଫେନ୍ସ ଷ୍ଟଡିଜ ଆଣ୍ଡ ଆନାଲିସିସର ସମ୍ବେଦନଶୀଳ ତଥ୍ୟରେ ପ୍ରବେଶ କରିଥିବା ଆଶଙ୍କା ସୃଷ୍ଟି ହୋଇଛି।



ଭାରତୀୟ ନୌସେନା ଏବଂ ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ମିଳିତ ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ମଲ୍ଟି-ଇନଫ୍ଲୁଏନ୍ସ ଗ୍ରାଉଣ୍ଡ ମାଇନ୍ (ଏମ୍‌ଆଇଜିଏମ୍)ର ସଫଳ ପରୀକ୍ଷଣ ହୋଇଛି। ସାମୁଦ୍ରିକ ସ୍ତରରେ ଶତ୍ରୁପକ୍ଷର ଆଧୁନିକ ଗୁପ୍ତ ଜାହାଜ ଏବଂ ବୁଡ଼ାଜାହାଜ ବିରୁଦ୍ଧରେ ଏହା ଏକ ବଡ଼ ଉପଲବ୍ଧି। ଭାରତୀୟ ନୌସେନାର କ୍ଷମତା ବୃଦ୍ଧି କରିବା ପାଇଁ ଏହି ଏମ୍‌ଆଇଜିଏମ୍‌କୁ ଡିଜାଇନ କରାଯାଇଛି।

# ପିଏମ୍‌ଓରେ ନୂଆ ସିବିଆଇ ମୁଖ୍ୟଙ୍କ ନିଯୁକ୍ତି ସମ୍ପର୍କରେ ଆଲୋଚନା, ଯୋଗଦେଲେ ରାହୁଲ

**ନୂଆଦିଲ୍ଲୀ,୫।୫/ଏଜେନ୍ସି:** ଲୋକସଭାରେ କଂଗ୍ରେସର ବିରୋଧୀ ଦଳର ନେତା ଥିବା ରାହୁଲ ଗାନ୍ଧୀ, ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହୋଇଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପରବର୍ତ୍ତୀ ମୁଖ୍ୟଙ୍କ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଏହି ବୈଠକରେ ପରବର୍ତ୍ତୀ ସିବିଆଇ ନିର୍ଦ୍ଦେଶକ କିଏ ହେବେ ସେନେଇ ଚର୍ଚ୍ଚା କରାଯାଇଛି। ପ୍ରକାଶ, ସିବିଆଇ ମୁଖ୍ୟଙ୍କୁ ନିଯୁକ୍ତି କରିବା ପାଇଁ ଗଠିତ ୩ଜଣିଆ କମିଟିରେ ପ୍ରଧାନମନ୍ତ୍ରୀ, ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ଏବଂ ଲୋକସଭାରେ ବିରୋଧୀ ଦଳର ନେତା ଅନ୍ତର୍ଭୁକ୍ତ। ସିବିଆଇ ମୁଖ୍ୟଙ୍କ କାର୍ଯ୍ୟକାଳ ଦୁଇ ବର୍ଷର ନିଶ୍ଚିତ ଥାଏ, ଯାହାକୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ।

ଏହି ପରିପ୍ରେକ୍ଷୀରେ ବର୍ତ୍ତମାନର ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ୍‌ଙ୍କ କାର୍ଯ୍ୟକାଳ ମଇ ୨୫ରେ ଶେଷ ହେଉଛି। ସୁଦ୍, ୧୯୮୬ ବ୍ୟାଚର କର୍ଣ୍ଣାଟକ କ୍ୟାଡରର ଭାରତୀୟ ପୁଲିସ୍ ସେବା (ଆଇପିଏସ) ଅଧିକାରୀ ତଥା ରାଜ୍ୟ ପୁଲିସ୍ ମୁଖ୍ୟ। ୨୦୨୩ ମେ ମାସରେ ସେ, ତତ୍କାଳୀନ ସିବିଆଇ ନିର୍ଦ୍ଦେଶକ ସୁବୋଧ କୁମାର ଜୟସ୍ୱାଲଙ୍କ ସ୍ଥାନରେ ନିଯୁକ୍ତି ପାଇଥିଲେ। ପ୍ରକାଶ, ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିୟମ ରହିଛି। ୨୦୧୯ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ଯେଉଁ ଅଧିକାରୀଙ୍କ ଅବସର ସମୟ ୬ମାସ ରହିଥିବ ସେମାନଙ୍କୁ ଉକ୍ତ ପଦବୀରେ ନିଯୁକ୍ତ କରାଯାଇପାରିବ ନାହିଁ। ସିବିଆଇ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଅତି କମରେ ୨ ବର୍ଷ ହେବା ଦରକାର।

# ଦିଲ୍ଲୀରେ କଡ଼ାକଡ଼ି ହେବ ନୂଆ ଅପରାଧିକ ଆଇନ୍

## ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

**ନୂଆଦିଲ୍ଲୀ,୫।୫/ଏଜେନ୍ସି:** ସୋମବାର କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ, ନୂଆଦିଲ୍ଲୀ ଠାରେ ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା ଏବଂ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସହ ଜାତୀୟ ରାଜଧାନୀରେ ତିନୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ଶାହଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ପୁଲିସ୍ ବ୍ୟବସ୍ଥା, କାରାଗାର, ଅଦାଲତ, ଅଭିଯୋଜନ ଏବଂ ଫରେନ୍ସିକ୍ ସମ୍ବନ୍ଧୀୟ ବିଭିନ୍ନ ନୂତନ ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ବର୍ତ୍ତମାନର ସ୍ଥିତି ସମୀକ୍ଷା କରାଯାଇଥିଲା। ବୈଠକରେ କେନ୍ଦ୍ର ଗୃହ ସଚିବ, ଜାତୀୟ ରାଜଧାନୀ ଅଞ୍ଚଳର ମୁଖ୍ୟ ସଚିବ, ଦିଲ୍ଲୀ ପୁଲିସ୍ କମିଶନର, ପୁଲିସ୍ ଅନୁସନ୍ଧାନ ଏବଂ ବିକାଶ ବ୍ୟୁରୋ (ବିପିଆର ଆଣ୍ଡ୍ ଡି)ର ମହାନିର୍ଦ୍ଦେଶକ, ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ର ନିର୍ଦ୍ଦେଶକ ଏବଂ ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ଏବଂ ଦିଲ୍ଲୀ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରବର୍ତ୍ତିତ ତିନୋଟି ନୂଆ ଅପରାଧିକ ଆଇନର କାର୍ଯ୍ୟାନ୍ୱୟନ ଦ୍ୱାରା ତୃଣମୂଳ ସ୍ତରରେ ପୁଲିସର ଦକ୍ଷତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ। ଏହି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାରେ ଅଧିକାରୀମାନଙ୍କ



ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ଦ୍ଦେଶ ଜାରି କରିଥିଲେ। ଶ୍ରୀ ଶାହ ଗୁରୁତ୍ୱାରୋପ କରି କହିଥିଲେ ଯେ, ୬୦ ଏବଂ ୯୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାର ପ୍ରକ୍ରିୟା ଉପରେ ନିରନ୍ତର ନଜର ରଖିବା ଆବଶ୍ୟକ ଏବଂ ଏହାର ସମୟସୀମା କଡାକଡି ପାଳନ କରାଯିବା ଉଚିତ୍। ଘୃଣ୍ୟ ଅପରାଧିକ ମାମଲାରେ ଦଣ୍ଡବିଧାନ ହାରକୁ ଅତି କମ୍‌ରେ ୨୦ ପ୍ରତିଶତ ବୃଦ୍ଧି କରିବାକୁ ପ୍ରୟାସ କରାଯିବା ଉଚିତ। ସେହିପରି ଇ-ସମନ ସିଧାସଳଖ ଅଦାଲତରୁ ଜାରି କରାଯିବା ଉଚିତ୍, ଯାହାର ନକଲ ସ୍ଥାନୀୟ ଥାନାକୁ ପଠାଯିବା ଉଚିତ୍। ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଯେକୌଣସି ମାମଲାରେ ଅପିଲ ସମ୍ବନ୍ଧୀୟ ନିଷ୍ପତ୍ତି ନିଜେ ପ୍ରସିକ୍ୟୁସନ୍ ନିର୍ଦ୍ଦେଶାଳୟ ଦ୍ୱାରା ନିଆଯାଉଛି ବୋଲି ସୁନିଶ୍ଚିତ କରିବାକୁ ମଧ୍ୟ ଶ୍ରୀ ଶାହ ଆହ୍ୱାନ କରିଥିଲେ।

# ବ୍ରୋଙ୍କୋମ୍: ଫୁସଫୁସ୍‌କୁ ସୁରକ୍ଷିତ ରଖିବାରେ ଏକ ଆୟୁର୍ବେଦ ସମାଧାନ

## ମାଇକ୍ରୋପ୍ଲାଷ୍ଟିକ୍‌ଜନିତ କ୍ଷତିକାରକ ପ୍ରଭାବକୁ ଦୂର କରିବା ଦିଗରେ ଅବ୍ୟର୍ଥ ଔଷଧ

▶ପରିବେଶ ପ୍ରଦୂଷଣର ସଂସ୍ପର୍ଶରେ ଆସିବା ଦ୍ୱାରା ହେଉଥିବା ଆଧୁନିକ ରୋଗଗୁଡ଼ିକୁ ପ୍ରାଚୀନ ଜ୍ଞାନ-କେନ୍ଦ୍ରିତ ବୈଜ୍ଞାନିକ ଅନୁସନ୍ଧାନ ଏବଂ ପ୍ରମାଣ-ଭିତ୍ତିକ ଆୟୁର୍ବେଦିକ ଔଷଧ ମାଧ୍ୟମରେ ପ୍ରଭାବଶାଳୀ ଭାବରେ ସମାଧାନ କରାଯାଇପାରିବ - ଆଚାର୍ଯ୍ୟ ବାଳକୃଷ୍ଣ

▶ଏଲ୍‌ସେଭିୟର ପ୍ରକାଶନର ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଗବେଷଣା ପତ୍ରିକା ବାୟୋମେଡିସିନ୍ ଆଣ୍ଡ୍ ଫାର୍ମାକୋଥେରାପିରେ ପତଞ୍ଜଳି'ର ଏହି ଗବେଷଣାଭିତ୍ତିକ ରିପୋର୍ଟ ପ୍ରକାଶିତ

**ହରିଦ୍ୱାର,୫।୫/ଏଜେନ୍ସି:** ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱ ପ୍ଲାଷ୍ଟିକ୍ ପ୍ରଦୂଷଣଜନିତ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛି। ମାଇକ୍ରୋପ୍ଲାଷ୍ଟିକ୍ ହେଉଛି ପରିବେଶଗତ ପ୍ଲାଷ୍ଟିକ୍ ପ୍ରଦୂଷଣ ମାଧ୍ୟମରେ ସୃଷ୍ଟି ହୋଇଥିବା ସୂକ୍ଷ୍ମ ଆକାରର ପ୍ଲାଷ୍ଟିକ୍ କଣିକା। ସବୁଠୁ ପରିତାପର ବିଷୟ ହେଉଛି ବର୍ତ୍ତମାନ ସମୟରେ ବାୟୁ, ପାଣି ଏବଂ ଖାଦ୍ୟସାମଗ୍ରୀ ଭଳି ନିତାନ୍ତ ଆବଶ୍ୟକତାରେ ମଧ୍ୟ ଏହାର କଣିକା ଠାବ କରାଯାଉଛି। ଅର୍ଥାତ୍ ଅଜାଣତରେ, ଆମେ ପ୍ରତିଦିନ ଏହି କ୍ଷତିକାରକ କଣିକାଗୁଡ଼ିକୁ ନିଜ ଭିତରକୁ ନେଉଛେ। ଯେତେବେଳେ ଏହି କଣିକାଗୁଡ଼ିକ ମଣିଷ ଶରୀରରେ, ବିଶେଷକରି ଫୁସଫୁସରେ ପ୍ରବେଶ କରନ୍ତି, ସେତେବେଳେ ଏହା ପ୍ରଦାହ (ଜ୍ୱଳନ), ଉତ୍ତେଜନା ଏବଂ କୋଷୀୟ କ୍ଷତି ଭଳି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଏହାର ସଂସ୍ପର୍ଶରେ ଆସି ଫୁସଫୁସ୍ ପ୍ରଦାହ ଏବଂ ଶ୍ୱାସନଳୀର ଅତି ସମ୍ବେଦନଶୀଳତା ଭଳି ଗମ୍ଭୀର ଅବସ୍ଥା ସୃଷ୍ଟି ହୋଇପାରେ।

ପତଞ୍ଜଳି ବୈଜ୍ଞାନିକମାନେ ମୂଷା ଉପରେ ଉନ୍ନତ ଗବେଷଣା କରିଛନ୍ତି, ଯାହା ନିଶ୍ଚିତ କରିଛି ଯେ ଆୟୁର୍ବେଦିକ ଔଷଧ 'ବ୍ରୋଙ୍କୋମ୍' ମାଇକ୍ରୋପ୍ଲାଷ୍ଟିକ୍ ସଂସ୍ପର୍ଶଯୋଗୁ ସୃଷ୍ଟି ହେଉଥିବା ଫୁସଫୁସ ସଂକ୍ରମଣକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିପାରିବ। ଅଧ୍ୟୟନରୁ ବ୍ରୋଙ୍କୋମ୍ ସାଇଟୋକାଇନ୍ କ୍ଷରଣଜନିତ ପ୍ରଦାହଜନକ ମାର୍କରଗୁଡ଼ିକୁ ହ୍ରାସ କରିବାରେ ଉଲ୍ଲେଖନୀୟ କରିବା ଏବଂ ମାଇକ୍ରୋପ୍ଲାଷ୍ଟିକ୍ ଯୋଗୁଁ ହେଉଥିବା ଶ୍ୱାସନଳୀ ସମ୍ବେଦନଶୀଳତାକୁ ହ୍ରାସ କରିବାର ପ୍ରମାଣ ମିଳିଛି। ଏହି ଯୁଗାନ୍ତକାରୀ ଗବେଷଣା ପ୍ରତିଷ୍ଠିତ ଏଲସେଭିୟର ପ୍ରକାଶନ ଗବେଷଣା ପତ୍ରିକା, ବାୟୋମେଡିସିନ୍ ଏବଂ ଫାର୍ମାକୋଥେରାପିରେ ପ୍ରକାଶିତ ହୋଇଛି। ଆୟୁର୍ବେଦ ଉପରେ ଏହି ନୂତନ ଗବେଷଣା ବିଷୟରେ ଅଧିକ ଜାଣିବା ପାଇଁ https://www.sciencedirect.com/science/article/pii/S0753332225003166 DOI: https://doi.org/10.1016/j.biopha.2025.118122 ଲିଙ୍କ୍‌ରେ ଚେକ୍ କରିପାରିବେ।

ଏହି ଅବସରରେ, ଆଚାର୍ଯ୍ୟ ବାଳକୃଷ୍ଣ କହିଥିଲେ ଯେ, ପତଞ୍ଜଳିର ଲକ୍ଷ୍ୟ ହେଉଛି ଆୟୁର୍ବେଦକୁ ବୈଜ୍ଞାନିକ ଭାବରେ ବୈଧ କରିବା ଏବଂ ସମକାଳୀନ ବିଶ୍ୱ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜର ସମାଧାନ ପ୍ରଦାନ କରିବା। ଏହି ଗବେଷଣା ଏକ ଦୃଢ଼ ପ୍ରମାଣ ଯେ ପ୍ରାଚୀନ ଜ୍ଞାନ, କେନ୍ଦ୍ରିତ ବୈଜ୍ଞାନିକ ଅନୁସନ୍ଧାନ ଏବଂ ପ୍ରମାଣ-ଭିତ୍ତିକ ଆୟୁର୍ବେଦିକ ଔଷଧ ମାଧ୍ୟମରେ ପରିବେଶ ପ୍ରଦୂଷଣ ଯୋଗୁଁ ହେଉଥିବା ଜଟିଳ ରୋଗର ମୁକାବିଲା





କରିବା ପ୍ରକୃତରେ ସମ୍ଭବ। ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେସନର ଉପାଧ୍ୟକ୍ଷ ଏବଂ ମୁଖ୍ୟ ବୈଜ୍ଞାନିକ ଡକ୍ଟର ଅନୁରାଗ ଭାର୍ଷଣେୟ ଆହୁରି କହିଛନ୍ତି ଯେ, ପ୍ରାଚୀନ ଜ୍ଞାନ ଏବଂ ଆଧୁନିକ ବିଜ୍ଞାନର ଏହି ଅସାଧାରଣ ସଙ୍ଗମରେ ସମଗ୍ର ବିଶ୍ୱକୁ ରୋଗମୁକ୍ତ କରିବାର ଅପାର ସମ୍ଭାବନା ରହିଛି। ଆମର ଲକ୍ଷ୍ୟ ହେଉଛି ଏହି ପ୍ରାଚୀନ ଆୟୁର୍ବେଦିକ ଜ୍ଞାନକୁ ବୈଜ୍ଞାନିକ ପ୍ରମାଣ ସହିତ ଉପସ୍ଥାପନ କରିବା।

# ରାଜ୍ୟପାଳଙ୍କ ରିପୋର୍ଟକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟାଖାନ

## ମୁର୍ସିଦାବାଦ ହିଂସା ପାଇଁ ବିଏସ୍‌ଏଫ୍ ଓ ବିଜେପି ଦାୟୀ: ମମତା

**କୋଲକାତା,୫।୫/ଏଜେନ୍ସି:** ୱାକଫ୍ ଆଇନକୁ ନେଇ ପଶ୍ଚିମବଙ୍ଗର ମୁର୍ସିଦାବାଦରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରି ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ରାଜ୍ୟପାଳ ସିଭି ଆନନ୍ଦ ବୋଷ୍ ରିପୋର୍ଟ ଦେଇଛନ୍ତି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ରାଜ୍ୟପାଳଙ୍କ ଏପ୍ରକାର ରିପୋର୍ଟକୁ ପ୍ରତ୍ୟାଖାନ କରିବା ସହ ମମତା ସିଧାସଳଖ ମୁର୍ସିଦାବାଦ୍ ଘଟଣା ପାଇଁ ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍) ଏବଂ ବିଜେପିକୁ ଦାୟୀ କରିଛନ୍ତି। ବିଜେପି ପଶ୍ଚିମବଙ୍ଗରେ ସାମ୍ପ୍ରଦାୟିକ ହିଂସା ସୃଷ୍ଟି କରୁଛି ବୋଲି ମମତା ଅଭିଯୋଗ କରିଛନ୍ତି।

ବିଏସ୍‌ଏଫ୍ ବିରୋଧରେ ମମତା ଅଭିଯୋଗ ଆଣି କହିଛନ୍ତି, ଏହି ହିଂସା ଯୋଜନାବଦ୍ଧ ଥିଲା। ହିଂସା ସମୟରେ ସୁରକ୍ଷାକର୍ମୀମାନେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ସୁରକ୍ଷାକର୍ମୀମାନେ ଯଦି ଗୁଳି ଚାଳନା କରିନଥାଆନ୍ତେ, ତେବେ ହିଂସା ଏତେ ଉଗ୍ର ରୂପ ନେଇନଥାଆନ୍ତା। ସୁରକ୍ଷାକର୍ମୀ ଗୁଳି ଚାଳନା କରିବାରୁ, ଏହା ପରଦିନ ହିଂସା ବ୍ୟାପକ ରୂପ ଧାରଣ କରିଥିଲା। ତେବେ ଏସବୁ ପଛରେ ବିଜେପିର ହାତ ରହିଛି। ବିଜେପି ସବୁବେଳେ ପଶ୍ଚିମବଙ୍ଗରେ ଅଶାନ୍ତ ପରିବେଶ ସୃଷ୍ଟି କରିବାକୁ ଉଦ୍ୟମ କରୁଛି ବୋଲି ମମତା ଅଭିଯୋଗ ଆଣିଛନ୍ତି। ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀ ମମତା ଏବଂ ଶାସକ ଦଳ ଟିଏମ୍‌ସି ବିରୋଧରେ ମଧ୍ୟ ସମାନ ତଥା ପାଲଟା ଅଭିଯୋଗ ଅଣାଯାଇଛି। ବିଜେପି କହିଛି, ରାଜ୍ୟର ମୁଖ୍ୟ ପ୍ରସଙ୍ଗରୁ ରାଜ୍ୟବାସୀଙ୍କ ଧ୍ୟାନ ହଟାଇବା ପାଇଁ ଟିଏମ୍‌ସି ଏସବୁ କରୁଛି।

### କେନ୍ଦୁଝରର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା

# ଜଳସେଚନ ବୃଦ୍ଧି ଓ ପ୍ରକଳ୍ପକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାଙ୍କର ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଆଜି ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ଚାଲିଥିବା ଦୁଇଟି ମୁଖ୍ୟ କେନାଲ ବ୍ୟବସ୍ଥା କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, କେନ୍ଦୁଝରର ଅତିରିକ୍ତ ଜିଲ୍ଲାପାଳ ଓ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସହ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ କ୍ଷେତ୍ର ସ୍ତରରେ କାର୍ଯ୍ୟ ଅଗ୍ରଗତିର ବାସ୍ତବ ସ୍ଥିତି ଅନୁଧାନ ଓ ସମୀକ୍ଷା କରିବା ସହ ପ୍ରକଳ୍ପ ଶେଷ ହେବା ସମୟ ସୂଚୀ ଆକଳନ କରିଥିଲେ। ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ କେନ୍ଦୁଝର ଜିଲ୍ଲାର ହାଟଡିହି, ଆନନ୍ଦପୁର ଓ ଘସିପୁରା ବ୍ଲକ ଏବଂ ବାଲେଶ୍ୱର ଜିଲ୍ଲାର ଓଉପଡ଼ା, ନୀଳଗିରି, ବାହାନଗା, ବାଲେଶ୍ୱର ସଦର, ରେମୁଣା ଓ ସୋରୋର ୬୦ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ କରିବା ଉଦ୍ଦେଶ୍ୟରେ ଆନ୍ତଃ-ବେସିନ୍ ଜଳ ପ୍ରବାହ ନିମନ୍ତେ ଏକ ପ୍ରମୁଖ ଜଳସେଚନ ପଦକ୍ଷେପ। ଏହି ପ୍ରକଳ୍ପରେ ସମସ୍ତ ୧୭ଟି ମୁଖ୍ୟ କେନାଲର ବିଭିନ୍ନ ପ୍ୟାକେଜ୍‌ରେ କାମ ଚାଲିଥିବା ବେଳେ ୫୬.୯୨୩ କିଲୋମିଟର ଦୀର୍ଘ ସାଳନ୍ଦୀ ବାମ ମୁଖ୍ୟ କେନାଲ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ବୈତରଣୀ ଦକ୍ଷିଣ ତଟ କେନାଲର ୩ଟି ପ୍ୟାକେଜ୍‌ରେ କାମ ଏବେ ଚାଲିଛି। ସାଳନ୍ଦୀ ବାମ ମୁଖ୍ୟ କେନାଲ ଜରିଆରେ ୧୨୮୦୩ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇ ଦିଆଯାଉଛି। ୩୪୫୦ ହେକ୍ଟର ଜମିକୁ ଅଣ୍ଡର ଗ୍ରାଉଣ୍ଡ ପାଇପଲାଇନ୍ (ୟୁଜିପିଏଲ) ଜରିଆରେ ଜଳସେଚନ ଯୋଗାଇଦେବାକୁ ବିଏଲବିସି ଓ ବିଆରବିସି ଅଧୀନରେ ଖୁବ୍ ଶୀଘ୍ର ଚୁକ୍ତି ହେବାକୁ ଯାଉଛି। ସମୀକ୍ଷା ସମୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଭିଜନ ୨୦୩୬ ଲକ୍ଷ୍ୟ ରଖି ଆଗାମୀ ୨୦୨୭ ଜୁନ୍ ସୁଦ୍ଧା ଚାଷୀଙ୍କ ପାଖରେ ଉଦ୍ଦିଷ୍ଟ ସୁବିଧା ପହଞ୍ଚାଇବା ପାଇଁ ଅବଶିଷ୍ଟ ମୁଖ୍ୟ କେନାଲ ଏବଂ ଭୂତଳ ପାଇପ୍ ଲାଇନ୍ (ୟୁଜିପିଏଲ) ବିତରଣ ବ୍ୟବସ୍ଥା କାର୍ଯ୍ୟ ପ୍ୟାକେଜ୍ ଠିକ୍ ସମୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗକୁ ଯେପରି ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ନ ହୁଏ, ସେଥିପାଇଁ ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ତ୍ୱରାନ୍ୱିତ କରିବା ଓ ପ୍ରକଳ୍ପ ପାଇଁ ଲଘୁ ଖଣିଜ ପଦାର୍ଥ ଯୋଗାଣ ବ୍ୟବସ୍ଥା କରିବାକୁ ସେ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୮ରୁ ପୁଣି ବଢ଼ିବ ତାତି

**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** କାଳବୈଶାଖୀ ବର୍ଷା ପରେ ଆଗକୁ ପୁଣି ବଢ଼ିବ ତାତି। ୩ ଦିନ ପରେ ଉପରମୁହାଁ ହେବ ପାରଦ। ଫଳରେ ସ୍ୱାଭାବିକଠାରୁ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡିଶାରେ ତାତି ବଢ଼ିବ ବୋଲି ଆକଳନ କରାଯାଇଛି। ୮ ଓ ୯ ତାରିଖରେ ଉପକୂଳର ୧୧ ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ସ୍ଥିତି ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେପଟେ ଆହୁରି ୪୮ ଘଣ୍ଟା ଯାଏଁ କାଳବୈଶାଖୀ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ପାଇଁ ୱାର୍ଣ୍ଣିଂ ଜାରି ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ସମ୍ବଲପୁରରେ ବିଜୁଳି ଘଡଘଡି ବର୍ଷା ସହ ୩୦ରୁ ୪୦ କି.ମି ବେଗରେ ପବନ ବହିବ। ଏହାକୁ ନେଇ ଏହି ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଆସନ୍ତାକାଲି କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ବର୍ଷା ସହ ୪୦ରୁ ୫୦ କି.ମି ବେଗରେ ପବନ ବହିବ। ଏସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଉପକୂଳ ଓଡ଼ିଶା ଓ ଏହାର ପାଖାପାଖି ୧୬ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ବିଜୁଳି ଘଡ଼ଘଡ଼ି ବର୍ଷା ସହ ୩୦ରୁ ୪୦ କି.ମି ବେଗରେ ପବନ ବହିବାର ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ତେବେ ୭ ତାରିଖରୁ ବର୍ଷା କିମ୍ବା ବିଜୁଳି ଘଡ଼ଘଡ଼ି ପାଇଁ ୱାର୍ଣ୍ଣିଂ ନଥିଲେ ମଧ୍ୟ ବର୍ଷା ଲାଗି ରହିବ। ୭ ତାରିଖରେ ଦକ୍ଷିଣ ଓଡ଼ିଶାର ଗଜପତି, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବର୍ଷା ହେବ। ସେହିପରି ୮ ତାରିଖରେ ଗଜପତି, ଗଞ୍ଜାମ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବର୍ଷା ହେବ। ତେବେ ୭ ତାରିଖରୁ ବର୍ଷାର ପରିମାଣ କମ୍ ରହିବା ସହ ତାତି ବଢ଼ିବ। ୮ ଓ ୯ ତାରିଖରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ମୁଖ୍ୟତଃ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ। ଯାହାକୁ ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେପଟେ ଗତ ୨୪ ଘଣ୍ଟା ମଧ୍ୟରେ କିଛି ସ୍ଥାନରେ ବର୍ଷା ହୋଇଥିବା ବେଳେ ମାଲକାନଗିରି ପଡ଼ିଆରେ ସର୍ବାଧିକ ୧୦.୨ ମିମି ବର୍ଷା ରେକର୍ଡ କରାଯାଇଛି।

### କେନ୍ଦୁଝର ଧରଣୀଧର ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ଆରମ୍ଭ ହେଲା ଅନ୍ତଃ-ଚିକିତ୍ସା ସେବା ଓ ଟ୍ରମା କେୟାର୍

# ସ୍ୱାସ୍ଥ୍ୟ ସେବାକୁ ଏକ ମିଶନ ଭାବେ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ଆନ୍ତଃ ଚିକିତ୍ସା ସେବା ଓ ଟ୍ରମା କେୟାର ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କର ଉତ୍ତମ ଚିକିତ୍ସା ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଦେଶରେ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁହାର ଖୁବ୍ ଅଧିକ। କେନ୍ଦୁଝର ଭଳି ଜିଲ୍ଲାରେ ଖଣି କାରବାର ଯୋଗୁଁ ଅଧିକ ଯାନବାହନ ଚଳାଚଳ ହେଉଛି। ଏହା ସହିତ ଆଗାମୀ ଦିନରେ ଅଧିକ ଶିଳ୍ପ ପ୍ରତିଷ୍ଠା ଓ ଭିତ୍ତିଭୂମିର ବିକାଶ ମଧ୍ୟ କରାଯିବ। ତେଣୁ ଯାନବାହନ ଚଳାଚଳ ଆହୁରି ବୃଦ୍ଧି ପାଇବ। ଏ କ୍ଷେତ୍ରରେ ଉତ୍ତମ ଟ୍ରମା କେୟାର ବ୍ୟବସ୍ଥା ଲୋକଙ୍କୁ ଆଶୁ ମୃତ୍ୟୁମୁଖରୁ ବଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାର ଗଠନ କରିବାର ଅଳ୍ପଦିନ ମଧ୍ୟରେ ସବୁ ଖଣିଜ ଜିଲ୍ଲାଗୁଡ଼ିକର ମେଡିକାଲ କଲେଜଗୁଡ଼ିକରେ ଟ୍ରମା କେୟାର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି କେନ୍ଦୁଝରରେ ଏହା ସ୍ଥାପନ ହୋଇଛି, ଖୁବଶୀଘ୍ର ଅନ୍ୟସ୍ଥାନରେ ମଧ୍ୟ ଟ୍ରମା କେୟାର ସ୍ଥାପନ କରାଯିବ। ସେ କହିଲେ ଯେ ରାଜ୍ୟର ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ହସ୍ପିଟାଲ୍‌ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରାଯାଉଛି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରାଯାଉଛି। ନୂଆ ସରକାର ଆସିବା ପରେ ୪ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ କରାଯାଇଛି। ଆଗାମୀ ଦିନରେ ୫ହଜାର ଡାକ୍ତର ପଦବୀ ପୂରଣ କରାଯିବ। ଏହା ସହିତ ନୂଆ ନୂଆ ଆମ୍ବୁଲାନ୍ସ୍ ମଧ୍ୟ ଯୋଗାଇ ଦିଆଯାଉଛି। ତେଣୁ ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଯେଉଁ ବିକାଶ କରିବାର ଲକ୍ଷ୍ୟ ନେଇ ଆଗକୁ ବଢୁଛି, ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ ହେବ। ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କରିବା କ୍ଷେତ୍ରରେ ମଧ୍ୟ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଖୁବ୍ ଶୀଘ୍ର ଆଉ ୪ଟି ନୂଆ ମେଡିକାଲ କଲେଜ ସ୍ଥାପନ କରାଯିବ। ସେଗୁଡ଼ିକ ହେଲା ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଓ ନବରଙ୍ଗପୁର। ଧୀରେ ଧୀରେ ରାଜ୍ୟର ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠିତ ହେବ। ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଦେଶରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ କେନ୍ଦ୍ର ସରକାର ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ୬୦ ପ୍ରତିଶତ ଅର୍ଥ ଦେଉଥିବାବେଳେ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥଦେବେ। ଏହାର ସୁଯୋଗ ନେଇ ଅନେକ ରାଜ୍ୟ ବହୁତ ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି। ତେଲେଙ୍ଗାନାରେ ବର୍ତ୍ତମାନ ୩୪ଟି ମେଡିକାଲ କଲେଜ ସ୍ଥାପନ ହୋଇଛି। କିନ୍ତୁ ଓଡ଼ିଶାରେ ଖୁବ୍ କମ୍ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ପୂର୍ବ ସରକାର ରାଜନୈତିକ କାରଣ ଯୋଗୁ ଏ ଦିଗରେ ବିଶେଷ ଧ୍ୟାନ ଦେଇନଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ରାଜ୍ୟରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ଆମର ସାଧାରଣ ଲୋକମାନେ ଦେଶର ୨୯ ହଜାର ସରକାରୀ ଓ ବେସରକାରୀ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ। ୭୦ ବର୍ଷରୁ ଅଧିକ ସମସ୍ତ ବୟୋଜ୍ୟେଷ୍ଠଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଡାକ୍ତରମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଆପଣମାନେ ସ୍ୱାସ୍ଥ୍ୟସେବାକୁ ଜୀବନର ଏକ ମିଶନ ଭାବେ ଗ୍ରହଣ କରନ୍ତୁ। ବୃତ୍ତିଗତ ଦକ୍ଷତା ସହିତ ସେବା ମନୋଭାବ ଅତ୍ୟନ୍ତ ଜରୁରୀ। ଏହାଦ୍ୱାରା ସ୍ୱାସ୍ଥ୍ୟକ୍ଷେତ୍ରରେ ମଧ୍ୟ ଓଡିଶା ବିଭିନ୍ନ ସୂଚକାଙ୍କରେ ଉନ୍ନତି ହାସଲ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀସୂର୍ଯ୍ୟବଂଶୀ ସୂରଜ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲ କଲେଜର ଅଧ୍ୟକ୍ଷା ଡଃ ଚିନ୍ମୟୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମେଡିକାଲ ସୁପରିଟେଣ୍ଡେଣ୍ଟ୍ ମହେନ୍ଦ୍ର କୁମାର ନାୟକ ଧନ୍ୟବାଦ୍ ଦେଇଥିଲେ।

# ବିଜେଡିର ବରିଷ୍ଠଙ୍କୁ ମିଳିଲା ନୂଆ ଦାୟିତ୍ୱ



**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ବିଜେଡିର ବରିଷ୍ଠ ନେତାଙ୍କୁ ସୋମବାର ବିଜେଡି ପକ୍ଷରୁ ନୂଆ ଦାୟିତ୍ୱ ବଣ୍ଟନ କରାଯାଇଛି। ବିଭିନ୍ନ ଶାଖା/ସେଲ୍ ପାଇଁ ଏହି ଦାୟିତ୍ୱଗୁଡ଼ିକ ବଣ୍ଟନ କରାଯାଇଛି। ଉପସଭାପତି ଓ ସାଧାରଣ ସମ୍ପାଦକ ର୍‍ୟାଙ୍କ ଥାଇ ଦଳ ଗୁରୁ ଦାୟିତ୍ୱ ପ୍ରଦାନ କରିଛି। ବିଜୁ କୃଷକ ସାମୁଖ୍ୟ ଦାୟିତ୍ୱରେ ପ୍ରସନ୍ନ ଆଚାର୍ଯ୍ୟ ଥିବାବେଳେ ବିଜେଡି ଆଞ୍ଚଳିକ ଉନ୍ନୟନ ସେଲ୍ ଦାୟିତ୍ୱରେ ଅନଙ୍ଗ ଉଦୟ ସିଂଦେଓ ରହିଛନ୍ତି।

ସେହିପରି ବିଜେଡି କୋ-ଅପରେଟିଭ ସେଲ୍ ଦାୟିତ୍ୱରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରହିଛନ୍ତି। ବିଜେଡି ଶିକ୍ଷା ଓ ଶିକ୍ଷକ ସେଲ୍ ଦାୟିତ୍ୱରେ ବଦ୍ରି ନାରାୟଣ ପାତ୍ର, ବିଜେଡି ମତ୍ସ୍ୟଜୀବୀ ସେଲ୍ ଦାୟିତ୍ୱରେ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଆଦିବାସୀ ସେଲ୍ ଦାୟିତ୍ୱରେ ମଙ୍ଗଳା କିଷାନ, ବରିଷ୍ଠ ନାଗରିକ ସେଲ୍ ଦାୟିତ୍ୱରେ ଦେବାଶିଷ ସାମନ୍ତରାୟ, ଓବିସି ସେଲ୍ ଦାୟିତ୍ୱରେ ଅରୁଣ କୁମାର ସାହୁ, ଏସ୍‌ସି ସେଲ୍ ଦାୟିତ୍ୱରେ ମହେଶ ସାହୁ, ବିଜେଡି ଆଇଟି ସେଲ୍ ଏବଂ ସୋସିଆଲ ମିଡିଆ ସେଲ୍ ପାଇଁ ଅମର ପଟ୍ଟନାୟକ ରହିଛନ୍ତି। ୬ ସାଂଗଠନିକ ଜିଲ୍ଲା ସଭାପତିଙ୍କ ନାଁ ଘୋଷଣା କରିଛି ବିଜେଡି। କେନ୍ଦୁଝର ପାଇଁ ଦଳ ଆଶିଷ ଚକ୍ରବର୍ତ୍ତୀଙ୍କ ନାଁ ଘୋଷଣା କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ପାଇଁ ଅଶୋକ ଚନ୍ଦ୍ର ପଣ୍ଡା, ରାଉରକେଲା ପାଇଁ ପ୍ରଦ୍ୟୁମ୍ନ ତ୍ରିପାଠୀ, ମୟୂରଭଞ୍ଜ-୨ ପାଇଁ ଦେବାଶିଷ ମାରାଣ୍ଡିଙ୍କ ନାଁ ଦଳ ଘୋଷଣା କରିଛି। ସେହିପରି ସମ୍ବଲପୁର ପାଇଁ ରୋହିତ ପୂଜାରୀ ଏବଂ ବଲାଙ୍ଗୀର ପାଇଁ ସରୋଜ ମେହେରଙ୍କୁ ଦାୟିତ୍ୱ ଦେଇଛି ବିଜେଡି। ପୂର୍ବରୁ ବିଜେଡି ପୁରୀ ଜିଲ୍ଲା ପାଇଁ ସଭାପତି ଭାବେ ଉମା ସାମନ୍ତରାୟ, ବରଗଡ଼ ଜିଲ୍ଲା ପାଇଁ ସୁଶାନ୍ତ ମହାପାତ୍ର, ଭଦ୍ରକ ଜିଲ୍ଲା ପାଇଁ ଜଗନ୍ନାଥ ସ୍ୱାଇଁ, ବୌଦ୍ଧ ଜିଲ୍ଲା ପାଇଁ ପୂର୍ବତନ ବାଚସ୍ପତି ପ୍ରଦୀପ ଅମାତ, ଦେବଗଡ଼ର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଗଜପତି ପାଇଁ ପ୍ରଦୀପ ନାୟକ, ଜଗତସିଂହପୁର ପାଇଁ ପ୍ରଶାନ୍ତ ମୁଦୁଲି, ଯାଜପୁର ପାଇଁ ସରୋଜ ମହାପାତ୍ର, ଝାରସୁଗୁଡା ପାଇଁ ହରିଶ ଗଣତ୍ରା, କନ୍ଧମାଳ ପାଇଁ ପଦ୍ମନାଭ ବେହେରା ଆଉ ମାଲକାନଗିରିରେ ମାନସ ମାଡକାମୀ ବିଜେଡି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଏନେଇ ବିଜେଡି ନିର୍ବାଚନ ଅଧିକାରୀ ପ୍ରତାପ ଦେବ ବଡ଼ ସୂଚନା ଦେଇଛନ୍ତି।

### ରାଜନୈତିକ ବ୍ୟାପାର କମିଟି ଗଠନକଲା ବିଜେଡି

# ଅଧ୍ୟକ୍ଷ ରହିଲେ ନବୀନ



**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ରାଜନୈତିକ ବ୍ୟାପାର କମିଟି (ପିଏସି) ଗଠନ କରିଛି ବିଜେଡି। ପିଏସି ଅଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ୯ ଜଣିଆ ସଦସ୍ୟ ତାଲିକାରେ ବିକ୍ରମ ଆରୁଖ, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ସୁଦାମ ମାର୍ଣ୍ଡି, ଟୁକୁନି ସାହୁ, ସସ୍ମିତ ପାତ୍ର ଓ ସନ୍ତୃପ୍ତ ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

### ଅନୁସୂଚିତ ଜନଜାତି କମିଶନଙ୍କୁ ଭେଟିଲେ ବିଜେଡି ଟିମ୍

# ଛାତ୍ରାବାସରେ ସୁରକ୍ଷିତ ନାହାନ୍ତି ନାବାଳିକା



**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ରାଜ୍ୟରେ ଜଣେ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ପ୍ରତ୍ୟେକ ଦିନ ଆଦିବାସୀ ମହିଳାମାନେ ଧର୍ଷଣ ଓ ନିର୍ଯାତନାର ଶିକାର ହେଉଛନ୍ତି। ବାରମ୍ବାର ଏ ଖବର ଆସୁଥିଲେ ମଧ୍ୟ ଏହାର ପ୍ରତିକାର କିମ୍ବା କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଦୋଷୀମାନେ କିଭଳି ଖସିଯିବେ ସେଦିଗରେ ସରକାର କାର୍ଯ୍ୟ କଲା ଭଳି ଲାଗୁଛି । ରାଜ୍ୟର ବିଜେପି ସରକାରଙ୍କ ଏଭଳି ସ୍ଥାଣୁ ଓ ଦାୟିତ୍ୱହୀନକୁ ବିଜେଡି କଡ଼ା ସମାଲୋଚନା କରୁଛି।

କୋରାପୁଟ ଜିଲ୍ଲା ଲମତାପୁଟର ଗୁନେଇପଦା ଏସଟିଏସ୍‌ସି ବାଳିକା ଛାତ୍ରୀ ନିବାସରେ ୮ ବର୍ଷ ବାଳିକା ଧର୍ଷଣର ଶୀକାର ହୋଇଥିବା ସମ୍ବାଦ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ଗତ ମେ ୩ ତାରିଖ ଘଟଣାସ୍ଥଳକୁ ଯାଇ ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ପୀଡ଼ିତା କିଭଳି ନ୍ୟାୟ ପାଇବେ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଜି ବିଜୁ ଜନତା ଦଳ ପକ୍ଷରୁ ଏକ ଉଚ୍ଚସ୍ତରୀୟ ନେତୃମଣ୍ଡଳୀ ଭୁବନେଶ୍ୱର ସ୍ଥିତ ଅନୁସୂଚିତ ଜନଜାତି କମିଶନ୍ ଅଫିସ୍‌କୁ ଯାଇ କୋରାପୁଟ ଜିଲ୍ଲାର ମାଛକୁଣ୍ଡ ପିଏସ୍ ଅନ୍ତର୍ଗତ ଲମତାପୁଟ ବ୍ଲକର ଗୁନେଇପଦା ଏସ୍‌ଟିଏସ୍‌ସି ବାଳିକା ଛାତ୍ରୀବାସରେ ଘଟିଥିବା ଦୁଷ୍କର୍ମର ଶିକାର ହୋଇଥିବା ପୀଡ଼ିତା କିଭଳି ନ୍ୟାୟ ପାଇବା ସହିତ ଦୋଷୀ ଯେଭଳି ଉପଯୁକ୍ତ ଦଣ୍ଡ ପାଇବ ସେଥିପାଇଁ ଦାବି ଉପସ୍ଥାପନ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ଲୋକସଭା ସଦସ୍ୟା ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ପୂର୍ବତନ ମହିଳା କମିଶନର ଅଧ୍ୟକ୍ଷା ଲୋପାମୁଦ୍ରା ବକ୍ସିପାତ୍ର, ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ନାରାୟଣ ଜେନା, ମାନସୀ ସୁନ୍ଦରରାୟ, ବାସନ୍ତୀ ସିଂ, ଟୁନିବାଲା ଦେଈ ଓ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଜୟନ୍ତୀ: ବିପ୍ଳବୀ ଧରଣୀଧରଙ୍କ ଭଳି ଦୂରଦ୍ରଷ୍ଟା ପ୍ରଜ୍ଞାପୁରୁଷ ଓଡ଼ିଶା ଇତିହାସରେ ଦୁର୍ଲଭ




**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ମହାନ୍ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କର ମାଟି ଓ ଜାତିପ୍ରୀତିର ପଟ୍ଟାନ୍ତର ନାହିଁ। ଇଂରେଜ ବିରୋଧୀ ସଂଗ୍ରାମର ଅନ୍ୟତମ ଶ୍ରେଷ୍ଠ ନାୟକ ଥିଲେ କେନ୍ଦୁଝର ଭୂୟାଁ ସମ୍ପ୍ରଦାୟର ଧରଣୀଧର ନାଏକ। ପାହାଡ଼ ଜଙ୍ଗଲଭରା କେନ୍ଦୁଝରର ମୁକ୍ତିକାମୀ ଭୂୟାଁମାନଙ୍କୁ ସ୍ୱାଧୀନତାର ମନ୍ତ୍ର ପଢ଼େଇ ଧରଣୀଧର ସେମାନଙ୍କୁ ଯେପରି ଶକ୍ତିଶାଳୀ ବ୍ରିଟିଶ ଶକ୍ତି ବିରୁଦ୍ଧରେ ଲଢ଼ିବାକୁ ମାନସିକ ଓ ଶାରୀରିକ ଭାବେ ସକ୍ଷମ କରାଇ ପାରିଥିଲେ, ତାହା ଭାରତୀୟ ମୁକ୍ତି ସଂଗ୍ରାମର ଏକ ଯୁଗାନ୍ତକାରୀ ଅଧ୍ୟାୟ। ଏଭଳି ଜଣେ ଦୂରଦ୍ରଷ୍ଟା ପ୍ରଜ୍ଞାପୁରୁଷ ଓଡ଼ିଶା ଇତିହାସରେ ଦୁର୍ଲ୍ଲଭ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି।

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱରସ୍ଥିତ କେନ୍ଦୁଝର ନାଗରିକ ପରିଷଦ ଓ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଭୂୟାଁ ମେଳିର କର୍ଣ୍ଣଧାର ବିପ୍ଳବୀ ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ସଭାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ ଜଙ୍ଗଲ ପାହାଡ଼ ଭରା କେନ୍ଦୁଝରର ମୁକ୍ତିକାମୀ ଭୂୟାଁମାନଙ୍କୁ ସ୍ୱାଧୀନତାର ମନ୍ତ୍ର ପଢ଼େଇ ବିପ୍ଳବୀ ଧରଣୀଧର ସେମାନଙ୍କୁ ଯେପରି ଶକ୍ତିଶାଳୀ ବ୍ରିଟିଶ ଶକ୍ତି ବିରୁଦ୍ଧରେ ଲଢ଼ିବାକୁ ମାନସିକ ଓ ଶାରୀରିକ ଭାବେ ସକ୍ଷମ କରାଇ ପାରିଥିଲେ, ତାହା ଭାରତୀୟ ମୁକ୍ତି ସଂଗ୍ରାମର ଏକ ଯୁଗାନ୍ତକାରୀ ଅଧ୍ୟାୟ। ଏହି ମହାନ୍ ନାଏକଙ୍କ ନେତୃତ୍ୱର ସବୁଠାରୁ ବଡ଼ଗୁଣ ଥିଲା ଅଦମ୍ୟ ସାହସ, ଅସୀମ ଧୈର୍ଯ୍ୟ ଓ ମାନବୀୟ ସହାନୁଭୂତି। ଗଡ଼ଜାତ ଅଞ୍ଚଳରେ ରାଜାମାନଙ୍କର ବେଠି ବିରୁଦ୍ଧରେ ପ୍ରଚଣ୍ଡ ସ୍ୱର ଉତ୍ତୋଳନ କରିଥିବା ବିପ୍ଳବୀ ଧରଣୀଧର ନାୟକ ଥିଲେ ଅଦମ୍ୟ ସାହସ ଓ ଅସରନ୍ତି ଉର୍ଜାର ମୂର୍ତ୍ତିମନ୍ତ ପ୍ରତୀକ। ଏଭଳି ଜଣେ ଦୂରଦ୍ରଷ୍ଟା ପ୍ରଜ୍ଞାପୁରୁଷ ଓଡ଼ିଶା ଇତିହାସରେ ଦୁର୍ଲ୍ଲଭ। ଇତିହାସରେ ତାଙ୍କ ଭୂମିକା ଓ ମାନ୍ୟତା ପର୍ଯ୍ୟାପ୍ତ ନୁହେଁ। ତାଙ୍କ ସମ୍ପର୍କରେ ଐତିହାସିକ ଓ ଗବେଷକମାନେ ଅଧିକ ଉଚ୍ଚତର ଗବେଷଣା କରିବା ଉଚିତ। ତେଣୁ ଆଜି ରାଜ୍ୟ କେବଳ ବିପ୍ଳବୀ ଧରଣୀଧରଙ୍କ ସାହସିକତାକୁ ମନେ ପକାଇ ନୁହେଁ ବରଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ଅଧିକ ସଶକ୍ତ ଓ ସୁରକ୍ଷିତ କରିବା ଲାଗି ନିରନ୍ତର ପ୍ରଚେଷ୍ଟା ଚାଲିଛି। ସର୍ବୋପରି ଏହି ମହାନ ବିପ୍ଳବୀ ଧରଣୀଧରଙ୍କ ପ୍ରତିଭା ଯୁଗେ ଯୁଗେ ଏ ଜାତିର ଚିରନମସ୍ୟ ହୋଇ ରହିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ବିଧାନସଭାର ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଲେ ଯେ ଧରଣୀଧର ଜଣେ କ୍ରାନ୍ତିକାରୀ ଯୋଦ୍ଧା ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ବ୍ୟକ୍ତିତ୍ୱ ଥିଲା ସଂଗ୍ରାମ ଓ ସନ୍ନ୍ୟାସର ସମନ୍ୱୟ, ବିପ୍ଳବ ଓ ଭକ୍ତିର ମିଳନ। ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନକୁ ଆମର ରାଷ୍ଟ୍ରୀୟ କର୍ତ୍ତବ୍ୟ ରୂପେ ଗ୍ରହଣ କରି ସମସ୍ତେ ନିଜ ନିଜ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଜନଜାତି ସଂସ୍କୃତି ଗବେଷକ ଏବଂ ଲେଖକ ଡଃ ଅଖିଳ ବିହାରୀ ଓତା ଧରଣୀଧର ଭୂୟାଁଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଓ ଜୀବନାଦର୍ଶ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିବାକୁ ଯାଇ କହିଲେ ଯେ ବଣ ପାହାଡ଼ କୋଳରେ ବଢ଼ିଥିବା ପ୍ରକୃତିପ୍ରିୟ ଜନଜାତି ରାଜାଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇପଡ଼ିଥିବା ଶାନ୍ତ, ସରଳ ଜନଜାତିଙ୍କୁ ଏକତ୍ରିତ କରି ବିପ୍ଳବୀ ଧରଣୀଧର ଅନ୍ୟାୟ ଅନୀତି ବିରୁଦ୍ଧରେ ସଂଗ୍ରାମ କରିଥିଲେ। ଗଡ଼ଜାତ ଅଞ୍ଚଳରେ ବେଠି, ବେଗାରି, ମାଗଣ ଓ ଭେଟି ପରି ଅନ୍ୟାୟ ଅନୀତି ବିରୁଦ୍ଧରେ ମେଳି ବା ସଂଗ୍ରାମ କରି ଦେଶ ସ୍ୱାଧୀନ ହେବା ପୂର୍ବରୁ ଧରଣୀଧର ଏକ ଜନମଙ୍ଗଳ ରାଷ୍ଟ୍ରର ପରିକଳ୍ପନା କରିଥିଲେ ବୋଲି ଡଃ ଓତା ପ୍ରକାଶ କରିଥିଲେ। କେନ୍ଦୁଝର ନାଗରିକ ପରିଷଦ, ଭୁବନେଶ୍ୱରର ସଭାପତି ପ୍ରଫେସର ଡ. ହାଡ଼ିବନ୍ଧୁ ପଟ୍ଟନାୟକ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ ପୂର୍ବକ କହିଲେ ଯେ ବିପ୍ଳବୀ ଧରଣୀଧର ଜଣେ ସାହସୀ, ସ୍ୱାଭିମାନୀ ଓ ସତ୍ୟନିଷ୍ଠ ପ୍ରଜ୍ଞା ପୁରୁଷ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସଭାପତିତ୍ୱ କରି କହିଲେ ଯେ ମହାନ ବିପ୍ଳବୀ ଧରଣୀଧର ନାଏକ ହେଉଛନ୍ତି ଓଡ଼ିଶା ମାଟିର ସ୍ୱାଧୀନଚେତା ମନୋଭାବର ବିଶିଷ୍ଟ ପ୍ରତିନିଧି। ମା’, ମାଟି ଓ ମଣିଷର ମୁକ୍ତି ଲାଗି ବିପ୍ଳବୀ ଧରଣୀଧରଙ୍କ ସମଗ୍ର ଜୀବନ ସମର୍ପିତ ଥିଲା। ବ୍ରିଟିଶ ଶାସନ ଓ ରାଜତନ୍ତ୍ରର ଅତ୍ୟାଚାର ବିରୋଧରେ କେନ୍ଦୁଝର ଅଞ୍ଚଳରେ ବିପ୍ଳବୀ ଧରଣୀଧର ନାୟକ, ଭୂୟାଁ ବିପ୍ଳବର ଯେଉଁ ଅଦମ୍ୟ ସାହସ ଓ ବୁଦ୍ଧିର ସହ ନେତୃତ୍ୱ ନେଇଥିଲେ ତାହା ସମଗ୍ର ଭାରତ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ଶ୍ରୀ ସିଂହ କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ସଭାପତି ଧ୍ରୁବ କାଲୋ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଶିଷ୍ଟ କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରୀ ଲୋକସଙ୍ଗୀତ ଓ ଜନଜାତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଲୋକସମ୍ପର୍କ ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ, ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବିଧାନସଭା ପରିସରରେ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ



**ଭୁବନେଶ୍ୱର,୫।୫/ଏନ୍ଏନ୍ଏସ୍:** ୧୮୬୮ ମସିହାରେ ସଂଘଟିତ ହୋଇଥିବା ‘ରତ୍ନମେଳି’ ଏବଂ ୧୮୯୧ ମସିହାରେ ହୋଇଥିବା ‘ଧରଣୀମେଳି’ ଓଡ଼ିଶା ଇତିହାସରେ ଲିପିବଦ୍ଧ। ଧରଣୀଧରଙ୍କ ନେତୃତ୍ୱରେ ରାଜତନ୍ତ୍ର ବିରୁଦ୍ଧରେ ହୋଇଥିବା ଏହି ବିପ୍ଳବ ଓଡ଼ିଶା ଇତିହାସରେ ଏକ ରୋମାଞ୍ଚକର ଅଧ୍ୟାୟ ବୋଲି ଓଡ଼ିଶା ବିଧାନସଭାଠାରେ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥିମାନେ କହିଛନ୍ତି।

ଆଜି ଓଡ଼ିଶା ବିଧାନସଭାଠାରେ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ବାଚସ୍ପତି ସୁରମା ପାଢ଼ୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ନୃତ୍ୟାର୍ଚ୍ଚନାର ଗୁରୁ ଦେବପ୍ରସାଦ ଦାସ ସମ୍ମାନ ଉତ୍ସବ




**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ସୁରେଶ କୁମାର ଖୁଣ୍ଟିଆଙ୍କ ପରିଚାଳିତ 'ନୃତ୍ୟାର୍ଚ୍ଚନା' ଦ୍ୱାରା ଅଷ୍ଟମ ଗୁରୁଦେବ ପ୍ରସାଦ ଦାସ ସମ୍ମାନ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଗୀତିକବି, ନାଟ୍ୟକାର ରାଧାଶ୍ୟାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନଙ୍କ ସେବା ଅଧିକାରୀ ଦାଶରଥ ଶତପଥୀ, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ଡାକ୍ତର ବିଶ୍ୱନାଥ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ କିଶୋର ଚନ୍ଦ୍ର ଦାସ ଓ ଗୁରୁଶ୍ରୀ ସୁରେଶ କୁମାର ଖୁଣ୍ଟିଆ ଯୋଗଦାନ କରିଥିଲେ। ହରିୟାଣା ସ୍ଥିତ ଗୁରୁଗ୍ରାମଠାରେ ସ୍ଥାପିତ 'ନୃତ୍ୟଧାରା'ର ନିର୍ଦ୍ଦେଶିକା ତଥା ଓଡ଼ିଶୀ ନୃତ୍ୟଗୁରୁ ବାଣୀମାଧବଙ୍କୁ 'ଗୁରୁଦେବ ପ୍ରସାଦ ଦାସ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗାୟତ୍ରୀ ରଣବୀର, ଚନ୍ଦ୍ରକାନ୍ତ ସୁତାର, ଡ. ସୁଭଶ୍ରୀ ପଟ୍ଟନାୟକ ଓ ଉଦୀୟମାନ ନୃତ୍ୟଗୁରୁ ଲୀମା ଦାସଙ୍କୁ ନୃତ୍ୟାର୍ଚ୍ଚନା ସମ୍ମାନ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୃତ୍ୟାର୍ଚ୍ଚନା ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରମ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ବେଶ ଉପଭୋଗ୍ୟ ହୋଇଥିଲା। ଏଥିରେ ବିଶେଷ ଆକର୍ଷଣ ଥିଲା ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ତଥା ଗୁରୁ ଗାୟତ୍ରୀ ରଵଣୀର, ରୋଜାଲିନି ନାୟକ, ଶୀତଲ ତ୍ରିପାଠୀ, ସୁଶ୍ରୀ ଅନ୍ୱେଷା ଦାସ, ଗଙ୍ଗୋତ୍ରୀ ପାଣିଙ୍କର ଏକକ ଓଡ଼ିଶୀ ନୃତ୍ୟ ଏବଂ ସାଗର କୁମାର ଖୁଣ୍ଟିଆ ଓ ଲୀମା ଦାସଙ୍କର ଯୁଗଳ ଓଡ଼ିଶୀ ନୃତ୍ୟ ପରିବେଷଣ। ସେହିପରି ସିମରନ୍, ପ୍ରତୀତି ଓ ପ୍ରିୟାଂଶିଙ୍କ ଦଳଗତ ନୃତ୍ୟ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ସାଗର କୁମାର ଖୁଣ୍ଟିଆ, ଲୀମା ଦାସ ଓ ହରପ୍ରିୟା ଖୁଣ୍ଟିଆଙ୍କ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୃତ୍ୟୁଞ୍ଜୟ ରଥ ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।



ସୋମନାଥ ଯୁବ ପରିଷଦ ପରିସରରେ ସମେଇଗାଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ ବାର୍ଷିକୋତ୍ସବ ଅନୁଷ୍ଠିତ

# ଲୋକସଂସ୍କୃତିର ଅମୂଲ୍ୟ ଅଂଶ 'ରଙ୍ଗବତୀ': ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ରଙ୍ଗବତୀ ପରି କାର୍ଯ୍ୟକ୍ରମ କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଏକ ଘୋଷଣା ଯେ, ଓଡ଼ିଶା ଏବେ ତାଙ୍କର ଅନୁପମ କଳାକୁ ଗର୍ବର ସହ ଆଗକୁ ବଢ଼ାଉଛି। ରଙ୍ଗବତୀ କେବଳ ଏକ ଗୀତ ନୁହେଁ, ଏହା ନିଜ ଆତ୍ମୀୟତାର ଅନୁଭବ, ରମ୍ୟତା ଓ ଉଦ୍ଦୀପନାର ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା କେନ୍ଦୁଝର ଜିଲ୍ଲାର କାଳି ପଡ଼ିଆଠାରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ 'ରଙ୍ଗବତୀ' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମେ ଓଡ଼ିଆ, ସବୁଠୁ ବଢ଼ିଆ। ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ଭରି ରହିଛି ଲୋକଗୀତ, ଲୋକନୃତ୍ୟର ମଧୁର ମୂର୍ଚ୍ଛନା। ଏହି ବିବିଧତା ଭିତରେ ଏକତା ଆମର ଶକ୍ତି। ଆମ ରାଜ୍ୟରେ ଭାଷା ଅଞ୍ଚଳ ବଦଳିବ ସହିତ ବଦଳି ଯାଇଥାଏ। ଭାଷା ଅଲଗା ସିନା କିନ୍ତୁ ପରିଚୟ ଏକ। ପ୍ରତ୍ୟେକ ଜିଲ୍ଲାର ଭାଷାରେ କିଛି ନା କିଛି ସ୍ୱତନ୍ତ୍ରତା ଦେଖିବାକୁ ମିଳିବ। ଏହି ମଞ୍ଚ ଆଜି ସ୍ଥାନ ଦେଇଛି ଅନେକ କଳାକାରଙ୍କୁ। ଓଡ଼ିଶାର କୋଣ ଅନୁକୋଣରୁ ଆଜି କଳାକାରମାନେ ନିଜର ପ୍ରତିଭା ଦେଖାଇବା ପାଇଁ ଗୋଟିଏ ଜାଗାରେ ଏକତ୍ରିତ ହୋଇଛନ୍ତି। ଏହା ହିଁ ଆମ ଏକତାର ପ୍ରତୀକ।



ଓଡ଼ିଶାର ପ୍ରସିଦ୍ଧ ଗୀତ ରଙ୍ଗବତୀ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରଙ୍ଗବତୀ ଗୀତ ଅନେକ ପୁରୁଣା। 'ରଙ୍ଗବତୀ' ଗୀତ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ହେଉଛି ଓଡ଼ିଆ ମାଟିର ସ୍ପନ୍ଦନ। ଓଡ଼ିଶାର ଲୋକସଂସ୍କୃତିର ଏକ ଅମୂଲ୍ୟ ଅଂଶ ହେଉଛି 'ରଙ୍ଗବତୀ'। ଗୀତଟି ଆଜି କେବଳ ଓଡ଼ିଶା ନୁହେଁ, ସାରା ଭାରତର ବିଭିନ୍ନ ରାଜ୍ୟର ଏକ ଲୋକପ୍ରିୟ ଗୀତର ମାନ୍ୟତା ଲାଭ କରିଛି। ଯେଉଁଭଳି ଆମେ ବିକାଶର ରାସ୍ତାରେ ଆଗେଇ ଯାଉଛୁ, ସେହିପରି ଆମ ସାଂସ୍କୃତିକ ମୂଲ୍ୟବୋଧ, ଆମର ଲୋକକଳା, ଆମ ଉତ୍ସବ, ପର୍ବ ଓ ଐତିହ୍ୟକୁ ସୁରକ୍ଷିତ ରଖିବା ଆମର ପ୍ରଥମ ଦାୟିତ୍ୱ। ଏହିପରି ମହୋତ୍ସବ, ଆମ ତରୁଣ ପିଢ଼ିକୁ ଆମ ଦେଶ ଓ ଅଞ୍ଚଳର ସଂସ୍କୃତି ସହ ପରିଚୟ କରାଇଥାଏ ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ଯେ ଆଜି ଆମ ସରକାର କଳାକାରଙ୍କୁ ବିକାଶର ମୁଖ୍ୟସ୍ରୋତକୁ ଆଣିବାକୁ ପ୍ରତିଶ୍ରୁତିବଦ୍ଧ। ସେମାନଙ୍କ ଶ୍ରମ ଓ ଦକ୍ଷତାକୁ ଜନାଭିମୁଖୀ କରିବା ପାଇଁ ଚେଷ୍ଟିତ। ୧୧ ମାସରେ ଆମେ ସରକାରକୁ ଆସି ଲୋକଙ୍କ ପାଖକୁ ପହଞ୍ଚିପାରିଲୁ। ଆମେ ଶୂନ୍ୟରୁ ଆରମ୍ଭ କରି ଏକ ନୂତନ ଦିଗରେ ଯିବାପାଇଁ ଅଗ୍ରସର ହେଉଛୁ। ଆଜି ଗାଁ ଗାଁର କଳାକାରମାନେ ମଞ୍ଚ ପାଉଛନ୍ତି। ଦେଶ ବିଦେଶ ମଧ୍ୟରେ ତାଙ୍କର କଳା ପହଞ୍ଚୁଛି, ଏହା ଗର୍ବର ବିଷୟ। ମୁଁ ବିଶ୍ୱାସ କରେ ଯେ ଯେଉଁ ରାଜ୍ୟ ତାଙ୍କର କଳାକୁ ସମ୍ମାନ ଦିଏ, ସେ ରାଜ୍ୟର ଆତ୍ମା ସଦା ଜୀବିତ ରହିଥାଏ। ଏହି ଅବସରରେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ରଙ୍ଗବତୀ ଭଳି କାର୍ଯ୍ୟକ୍ରମ ଦେଶର ସମସ୍ତ କଳା ଓ କଳାକାର ମାନଙ୍କ ପାଇଁ ଉଦ୍ଦିଷ୍ଟ। କାରଣ କଳାକାରମାନଙ୍କର ସୀମା ସରହଦ ନଥାଏ। କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦେବ ପ୍ରସାଦ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଆ ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଦେଇଥିଲେ।

## ଆଡ୍‌ଭାନ୍ସ ବ୍ୟବସ୍ଥାକୁ ଗୁରୁତ୍ୱ

**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ବର୍ତ୍ତମାନ ସ୍ଥିତିରେ ଆଡ୍‌ଭାନ୍ସ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ଉଚିତ। ତେଣୁ ୟୁଆଇ ପକ୍ଷରୁ ଦି ଷ୍ଟାଇଲିସ୍ ଏରୋଏଜ୍ ଏବଂ ଏରୋଏଜ୍ ପ୍ଲସ୍ ନାମରେ ଉଚ୍ଚ ପ୍ରଦର୍ଶନକ୍ଷମ ସିଲିଂ ଫ୍ୟାନ ପ୍ରସ୍ତୁତ କରିଛି। ସର୍ବୋତ୍ତମ ଶକ୍ତି ଦକ୍ଷତା ଏବଂ ଆଧୁନିକ ସମୟର ସୁନ୍ଦରତାରେ ସମ୍ପନ୍ନକୁ ଗୁରୁତ୍ୱ ଦିଆଯାଇଛି ବୋଲି କୁହାଯାଇଛି। ଏରୋଏଜ୍ ପ୍ଲସ୍ ଏବଂ ଏରୋଏଜ୍ ବିଏଲଡିସି ପ୍ରଡକ୍ଟ ପ୍ରଯୁକ୍ତିର ଉପଯୁକ୍ତ ମିଶ୍ରଣର ପ୍ରତୀକ ଭାବେ ପ୍ରସ୍ତୁତ ହୋଇଛି। ଏରୋଏଜ୍ ପ୍ଲସ୍ ୩୫୦ ଆରପିଏମର ଉଚ୍ଚ ବେଗ ଏବଂ ୨୨୦ ଏମ୩/ମିନିଟର ଏୟାର ଡେଲିଭରୀ ପ୍ରଦାନ କରିଥାଏ। ଏରୋଏଜ୍‌ରେ ଏକ ହାଇ-ସ୍ପିଡ୍ ୩୫୦ ଆରପିଏମ ମୋଟର ରହିଛି, ଯାହା ଏକ ଚିତ୍ତାକର୍ଷକ ୨୨୦ ଏମ୩/ମିନିଟ ବାୟୁପ୍ରବାହ ପ୍ରଦାନ କରିଥାଏ।

## ଭ୍ରାମ୍ୟମାଣ ଜଳଛତ୍ର ସେବା ଉଦ୍‌ଘାଟିତ

**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ଶ୍ରୀ ଶିରିଡି ସାଇ ଟ୍ରଷ୍ଟ ପକ୍ଷରୁ ଭ୍ରାମ୍ୟମାଣ ଜଳଛତ୍ର ସେବା ପଟିଆ ସ୍ଥିତ ଶିରିଡି ସାଇ ଛକଠାରେ ଉଦ୍‌ଘାଟିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ତଥା ୧ ନମ୍ବର ୱାର୍ଡର କର୍ପୋରେଟର ମିହିର କୁମାର ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଓ ୬ ନଂ ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ବର୍ତ୍ତମାନ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ହେଉଥିବାରୁ ଏହି ଜଳସେବା ପଥିକ ମାନଙ୍କୁ ବେଶ ସହାୟକ ହେବ ବୋଲି କହିଥିଲେ। ଏହି ଭ୍ରାମ୍ୟମାଣ ଜଳସେବା ପଟିଆ ଛକଠାରୁ ଜୟଦେବ ବିହାର ଛକ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଯାତ୍ରା କରିବ। ପ୍ରତି ଛକରେ କିଛି ସମୟ ରହି ଦହିପାଣି ଓ ସାଧା ପାଣି ବଣ୍ଟନ କରାଯିବ ବୋଲି ମିହିର ରାଉତ କହିଛନ୍ତି।



## ପୂର୍ବ ସ୍ଥିତିକୁ ଫେରିବ ଫିଟ୍‌ଜି

**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ଫିଟ୍‌ଜିର ଅଧ୍ୟକ୍ଷ ଡିକେ ଗୋଏଲ ପ୍ରତିଷ୍ଠାନରେ ନାମ ଲେଖାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ଫିଟ୍‌ଜି ଆଗାମୀ ମାସଗୁଡ଼ିକରେ ତାହାର ପୂର୍ବ ସ୍ଥିତିକୁ ଫେରିବ। ସେ ଆହୁରି କହିଛନ୍ତି ଯେ ଫିଟ୍‌ଜି ବନ୍ଦ ହେଉନାହିଁ। ସାମୟିକ ଭାବରେ ବନ୍ଦ ହୋଇଥିବା ସମସ୍ତ ସେଣ୍ଟର ଆଗାମୀ ମାସରେ ପୁନଶ୍ଚ କାର୍ଯ୍ୟକ୍ଷମ ହେବ। ଅନ୍‌ଲାଇନ୍ କ୍ଲାସଗୁଡ଼ିକ ସ୍ୱାଭାବିକ ଭାବରେ ଜାରି ରହିଛି ଏବଂ ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କର ଏହିସବୁ ସେସନ୍‌ଗୁଡ଼ିକରେ ଯୋଗଦେବାର ଅଧିକାର ରହିଛି। ଭୁବନେଶ୍ୱର, ଚେନ୍ନାଇ, ଦିଲ୍ଲୀ, ହାଇଦରାବାଦ, କୋଚି, କଲକାତା ଏବଂ ବିଜୟୱାଡା ସେଣ୍ଟରଗୁଡିକରେ କ୍ଲାସରୁମ୍ ପାଠ୍ୟକ୍ରମ ଏବେ ମଧ୍ୟ ଚାଲିଛି ବୋଲି ସେ କହିଛନ୍ତି।

## ଏଆଇଡିଇଏନ୍‌ଟି ଦ୍ୱାରା ଶ୍ୱେତପତ୍ର ଉନ୍ମୋଚିତ

**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ଡ. ଜୟଦେବ ସାରଙ୍ଗୀ ଏଆଇଡିଇଏନ୍‌ଟି, ଆନ୍ ଇନିସିଏଟିଭ୍ ଫର୍ ଡେଭଲପମେଣ୍ଟ ଆଣ୍ଡ୍ ଏମ୍ପାୱାରମେଣ୍ଟ ଦ୍ୱାରା ପ୍ରସ୍ତୁତ ଶ୍ୱେତପତ୍ର ଉନ୍ମୋଚନ କରିଛନ୍ତି। ରିପୋର୍ଟରେ ଓଡ଼ିଶା ପାଇଁ ସଫଳ ରପ୍ତାନିକାରୀରୁ ମୂଲ୍ୟ ସୃଷ୍ଟିକାରୀ ହେବା ପାଇଁ ଏକ ପର୍ଯ୍ୟାୟବଦ୍ଧ ରୋଡମ୍ୟାପ୍ ପ୍ରସ୍ତାବ ଦିଆଯାଇଛି। ଡ. ସାରଙ୍ଗୀ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶାର ଖଣିଜ ସମ୍ପଦ ଏକ ଜାତୀୟ ସମ୍ପତ୍ତି। ତଥାପି ଯଦି ଆମେ ଦୃଢ଼ ଅଗ୍ରଗାମୀ ସଂଯୋଗ ଏବଂ ଅନ୍ତର୍ଭୁକ୍ତି ବିକାଶ ଢାଞ୍ଚା ସୃଷ୍ଟି ନକରୁ, ତେବେ ଆମେ ଆଉ ଏକ ପିଢ଼ିର ସୁଯୋଗ ହରାଇବାର ଆଶଙ୍କା ରହିଛି।

## ମେଗା ସ୍ୱାସ୍ଥ୍ୟ ସଚେତନତା ଶିବିର



**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣଚନ୍ଦ୍ର ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସନ୍‌ସାଇନ୍ ହସ୍ପିଟାଲର ହୃଦରୋଗ ବିଭାଗ ବିଶେଷଜ୍ଞ ଡ. ଶ୍ୱେତାଙ୍ଗ ଦାଶ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ସିଦ୍ଧାର୍ଥ ପ୍ରଧାନ, ଭେଷଜ ବିଶେଷଜ୍ଞ ଡ. ମୌସୁମୀ ପତି ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ କିପରି ଜୀବନଶୈଳୀରେ ବଞ୍ଚିବାକୁ ହେବ ସେ ଉପରେ ପରାମର୍ଶ ଦେଇଥିଲେ। ଏବଂ ଲୋକମାନଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ, କୋଷାଧ୍ୟକ୍ଷ ବଂଶୀଧର ନାୟକ, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ଓ ସହକୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ସଂଘର ରାଜ୍ୟ ସଭାପତି ଡ. ମଧୁମାଧବ ଜେନା, ସମ୍ପାଦକ ଯୁଗଳ କିଶୋର ସାହୁ ସହଯୋଗ କରିଥିଲେ। ଉପସଭାପତି ପବିତ୍ର ମୋହନ ପରିଛା ଧନ୍ୟବାଦ ଦେଇଥିଲେ।

## ଶାରୀରିକ ସ୍ୱାସ୍ଥ୍ୟ ପାଇଁ ସନ୍ତୁଳିତ ଆହାର ଜରୁରୀ

**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ଋତୁ ପରିବର୍ତ୍ତନ ହେବା ସହିତ ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିବା ଓ ଉନ୍ନତ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଏକ ସୁସ୍ଥ ଓ ସନ୍ତୁଳିତ ଆହାର ବଜାୟ ରଖିବା ଜରୁରୀ ହୋଇଥାଏ। ଋତୁକାଳିନ ଫଳ ଓ ପନିପରିବା ଭଳି ପ୍ରାକୃତିକ ଖାଦ୍ୟକୁ ନିଜର ନିୟମିତ ଆହାରରେ ସାମିଲ କରିବା ଉଚିତ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଆଜି ଆୟୋଜିତ କାର୍ଯ୍ୟକ୍ରମରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଖାଦ୍ୟ ଉପରେ ଉପସ୍ଥିତ ବିଶେଷଜ୍ଞମାନେ ନିଜର ମତ ରଖିଥିଲେ। ଏହି ଅବସରରେ ଶୀଲା କ୍ରିଷ୍ଣସ୍ୱାମୀ କହିଥିଲେ ଯେ ୧୫ଟି ଜରୁରୀ ପୋଷଣତତ୍ତ୍ୱ ଯେପରିକି ଭିଟାମିନ ଇ, ଜିଙ୍କ, ଫୋଲେଟ ଓ ଆଇରନ ଆଦିର ପ୍ରାକୃତିକ ଉତ୍ସ, ଯାହା ରୋଗପ୍ରତିରୋଧକ ଶକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏପରି ଖାଦ୍ୟ ଖାଇବା କିମ୍ବା ତାହାକୁ ନିଜର ନିୟମିତ ଆହାରରେ ସାମିଲ କରିବା ଦ୍ୱାରା ତାହା ଶରୀରକୁ ଆବଶ୍ୟକୀୟ ପୋଷଣତତ୍ତ୍ୱ ଦେଇଥାଏ ବୋଲି ପରାମର୍ଶ ଦେଇଥିଲେ।

## ଆଇନ ମନ୍ତ୍ରୀଙ୍କୁ ଭେଟିଲେ ଭାରତୀୟ ବିଲ୍ଡିଂସ୍ କଂଗ୍ରେସ୍‌ର ଜାତୀୟ ସଭାପତି

**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ଆଜି ଭାରତୀୟ ବିଲ୍ଡିଂସ୍ କଂଗ୍ରେସ୍ (ଆଇବିସି)ର ଜାତୀୟ ସଭାପତି ଇଂ. ଚିନ୍ମୟ ଦେବନାଥ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସାକ୍ଷାତ କରିବା ସହ ଆଇବିସିର କାର୍ଯ୍ୟାବଳୀ ସଂପର୍କରେ ଅବଗତ କରିଥିଲେ। ବିଭିନ୍ନ ରାଜ୍ୟରେ ରାଜ୍ୟ ସରକାରଙ୍କ ସହଯୋଗରେ ଆଇବିସି ଉଚ୍ଚକୋଟୀର ବୈଷୟିକ କର୍ମଶାଳା ଆୟୋଜିତ କରିବା ସହ ନିର୍ମାଣ ପରିବେଶରେ ସମ୍ପୃକ୍ତ ପେସାଦାରଙ୍କର କାର୍ଯ୍ୟଦକ୍ଷତା ଓ ଗୁଣବତ୍ତାରେ ଉନ୍ନତି ଆଣିବାରେ ସହାୟତା କରିଅଛି। ଜାତୀୟ ସ୍ତରରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ସହାୟତାରେ ଆଇବିସି କାର୍ଯ୍ୟରତ। ଏହି ଅବସରରେ ଓଡ଼ିଶା ଚାପଟର୍ ମୁଖ୍ୟ ଇଂ ବିଜୟ ଚନ୍ଦ୍ର ତ୍ରିପାଠୀ ଗତ ଏକ ବର୍ଷ ମଧ୍ୟରେ ନିଆଯାଇଥିବା କାର୍ଯ୍ୟକଳାପ ସଂପର୍କରେ ଅବଗତ ସହ ଆଗାମୀ ୮ ଜୁନ୍‌ରେ ଅନୁଷ୍ଠିତ ହେବାକୁ ଥିବା ଆଇବିସି ନିର୍ବାହୀ କମିଟି ଏବଂ ଜାତୀୟ ବୈଷୟିକ ସମ୍ମିଳନୀ ସମ୍ପର୍କରେ ସେ ସୂଚନା ଦେଇଥିଲେ। ମନ୍ତ୍ରୀ ନିର୍ମାଣ କ୍ଷେତ୍ରରେ ନୂତନ ପଦ୍ଧତି ଓ ଡିଜାଇନ୍ ବିଷୟରେ ଅଧିକ ଗବେଷଣାତ୍ମକ ଆଲୋଚନା କରି ଦେଶକୁ ପ୍ରଗତି ପଥରେ ଆଗେଇନେବା ପାଇଁ ପରାମର୍ଶ ଦେଇଥିଲେ। ବିପର୍ଯ୍ୟୟ ସହନଶୀଳ ନିର୍ମାଣ, ପରିବେଶ ଅନୁକୂଳ କୋଠାବାଡ଼ି, ଶୂନ୍ୟ ଆବର୍ଜନା ଓ ବହୁତଳ ପ୍ରାସାଦ ନିର୍ମାଣ ସ୍ୱଳ୍ପ ସମୟରେ ସାରିବା ପାଇଁ ସେ ମଧ୍ୟ ଉପଦେଶ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ମୁଖ୍ୟ ଯନ୍ତ୍ରୀ (ବିଲ୍ଡିଂସ୍) ଇଞ୍ଜିନିଅର ପ୍ରିୟବ୍ରତ ସାମନ୍ତରାୟ, ସିସିଇ ଇଂ ମନୋଜ ମହାନନ୍ଦ ଏବଂ ଅନ୍ୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ସରକାର ଓ ସଂଗଠନର ମିଳିତ ପ୍ରୟାସ

# କୃଷି କ୍ଷେତ୍ରରେ ଓଡ଼ିଶା ହେବ ଅଗ୍ରଣୀ ରାଜ୍ୟ: ମନମୋହନ

**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ସ୍ୱଳ୍ପ ସମୟ ମଧ୍ୟରେ କରିଥିବା କୃଷକ କଲ୍ୟାଣକାରୀ ଯୋଜନା ଏକ ଐତିହାସିକ ପଦକ୍ଷେପ। ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବା, ୫୮ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର କରିବା, ୧୫ ଲକ୍ଷ ହେକ୍ଟର୍ ଜମିକୁ ଜଳ ସେଚିତ କରିବା ନିଷ୍ପତ୍ତି, ସିଏମ୍ କିଶାନ ଯୋଜନା ଇତ୍ୟାଦି କୃଷକ କଲ୍ୟାଣକାରୀ ଯୋଜନା ଓଡ଼ିଶାର ଚାଷୀମାନଙ୍କ ଆୟକୁ ଦୁଗୁଣିତ କରିବା ସହ ରାଜ୍ୟକୁ ଖାଦ୍ୟଶସ୍ୟରେ ଆତ୍ମନିର୍ଭରଶୀଳ କରିବ ବୋଲି ମାଷ୍ଟରକ୍ୟାଣ୍ଟିନ୍‌ଠାରେ କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟ ସଭପତି ମନମୋହନ ସାମଲ କହିଛନ୍ତି।



ଶ୍ରୀ ସାମଲ କହିଛନ୍ତି ଯେ ବିଜେପି ସରକାର ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବା ସହ କୃଷି ଭିତ୍ତିଭୂମିର ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରକାରଙ୍କ ଏସବୁ କୃଷି କଲ୍ୟାଣକାରୀ ଯୋଜନାଗୁଡ଼ିକୁ ରାଜ୍ୟର ସବୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାର ଓ ସଂଗଠନର ମିଳିତ ପ୍ରୟାସରେ ଓଡ଼ିଶାକୁ କୃଷି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିହେବ ବୋଲି ଶ୍ରୀ ସାମଲ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ କହିଛନ୍ତି ଯେ କୃଷକଙ୍କୁ ନୂଆ ବୈଷୟିକ ଜ୍ଞାନ ଓ କୌଶଳ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। କେବଳ ଧାନ ନୁହେଁ ଅନ୍ୟାନ୍ୟ ଚାଷ କ୍ଷେତ୍ରରେ ରାଜ୍ୟ ଏବେ ରପ୍ତାନୀ ରାଜ୍ୟ ଭାବେ ପରିଣତ ହୋଇଛି। ଢେଙ୍କାନାଳରୁ ଆମ୍ବ, ବଲାଙ୍ଗୀରରୁ ଷ୍ଟ୍ରବେରୀ ଏବଂ ଜୈବିକ ଫଳ ରପ୍ତାନି କରାଯାଉଛି। ୫୮ଟି ଉପଖଣ୍ଡରେ ଏଲ୍ ?ଇଡି ମାଧ୍ୟମରେ ଚାଷୀଙ୍କୁ କୃଷକ କଲ୍ୟାଣ ଯୋଜନା ବିଷୟରେ ଅବଗତ କରାଯାଉଛି। ସରକାର ସବୁଜ ବିପ୍ଳବ ଉପରେ ଗୁରୁତ୍ୱ ଦେଉଛନ୍ତି। ଯାହା ଚାଷୀଙ୍କୁ ଆଗାମୀ ଦିନରେ ତିନିଗୁଣ ଲାଭ ଦେବ ବୋଲି ଶ୍ରୀ ସିଂଦେଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମନ୍ତ୍ରୀ ସୁରେଶ ପୂଜାରୀ ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରି ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏହି ବୈଠକ ଆୟୋଜନ କରାଯାଇଥିଲା। ଏହି ଅବସରରେ ଶ୍ରୀ ସାହୁ କହିଛନ୍ତି ଯେ ରାଜ୍ୟର ୨୦ଟି ଜିଲ୍ଲାରେ ୧୭ ଲକ୍ଷ ମେଟ୍ରିକ ଟନ୍ ରବି ଧାନ କିଣାଯିବ। ଏହି ଧାନ କିଣା କାରବାରବେଳେ ସମସ୍ତ ଧାନମଣ୍ଡିରେ ବିଜେପି କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଜାଗ୍ରତ ପ୍ରହରୀ ଭଳି କାମ କରିବେ। ଯେଉଁ ପ୍ରଶାସନିକ ଅଧିକାରୀ ଓ ମିଲର ବାଧା ସୃଷ୍ଟି କଲେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ନିଷ୍ପତି ନେଇଛନ୍ତି ବୋଲି ଶ୍ରୀ ସାହୁ କହିଛନ୍ତି। ବୈଠକରେ ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ତଥା କୃଷକ ମୋର୍ଚ୍ଚା ପ୍ରଭାରୀ ଗୋଲକ ମହାପାତ୍ରଙ୍କ ସମେତ ଶିବାଜୀ ମହାନ୍ତି, ହଳପାଣି ମାଝୀ, ପୁଲିନ ପୁହାଣ, ଉପେନ୍ଦ୍ର ଭଞ୍ଜ, ମନୋଜ ସାହୁ, ପ୍ରଶାନ୍ତ ସ୍ୱାଇଁ, ବିକ୍ରମ କେଶରୀ ରାଉତରାୟ, ବିଶ୍ୱଜିତ୍ ସ୍ୱାଇଁ, ଜଗନ୍ନାଥ ମହାପାତ୍ର, କେଶରୀ ଦୁର୍ଗା, ସୁମନ୍ତ ମହାରଣା, ଲକ୍ଷ୍ମଣ ତ୍ରିପାଠୀ, ଗୋବିନ୍ଦ ପ୍ରଧାନ, ସନ୍ତୋଷ ସ୍ୱାଇଁ, ପ୍ରଭାକର ସ୍ୱାଇଁ, ଶ୍ରୀନିବାସ ପ୍ରଧାନ, ଅଜୟ ପ୍ରଧାନ ଏବଂ ସମସ୍ତ ଜିଲ୍ଲାର ଧାନ ସଂଗ୍ରହ କମିଟି ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବୟନିକା ପାଳନ କରୁଛି ପ୍ରତିଷ୍ଠାର ୬୯ତମ ବାର୍ଷିକୀ



**ଭୁବନେଶ୍ୱର,୪।୫/ଏନ୍‌ଏନ୍‌ଏସ୍‌:** ରାଜ୍ୟର ହସ୍ତତନ୍ତ କ୍ଷେତ୍ରରେ ମୁଖ୍ୟ ମାର୍କେଟିଂ ସଂଗଠନ ବୟନିକା ଏହାର ୬୯ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଭୁବନେଶ୍ୱରର ବୟନିକା ଅନନ୍ୟ ଶାଖା, ବୟନ ଭବନରେ କେନ୍ଦ୍ରୀୟ ଭାବେ ପ୍ରତିଷ୍ଠା ଦିବସ ପାଳନ ହୋଇଛି। ଏହି ଅବସରରେ 'ପ୍ରତିଷ୍ଠା ଦିବସ ସ୍ୱତନ୍ତ୍ର ପ୍ରଦର୍ଶନୀ ତଥା ବିକ୍ରୟ କାର୍ଯ୍ୟକ୍ରମ' ଉଦ୍‌ଘାଟିତ ହୋଇଥିଲା। ବିଶିଷ୍ଟ ଅତିଥି ଭାବରେ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ ଏବଂ ଏହି ବିଭାଗ ତଥା ବୟନିକାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ହସ୍ତତନ୍ତ କ୍ଷେତ୍ରରେ ଜନସାଧାରଣଙ୍କ ପ୍ରଶଂସା ପୁନର୍ଜୀବିତ କରିବା ଏବଂ ଓଡିଶାର ପାରମ୍ପରିକ ବୁଣାକାରମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୟନିକାର ସମସ୍ତ ଶାଖାମାନଙ୍କରେ ସମ୍ପୃକ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କ ଦ୍ୱାରା 'ପ୍ରତିଷ୍ଠା ଦିବସ ସ୍ୱତନ୍ତ୍ର ପ୍ରଦର୍ଶନୀ ତଥା ବିକ୍ରୟ କାର୍ଯ୍ୟକ୍ରମ' ଉଦ୍‌ଘାଟିତ ହୋଇଛି। ଆର୍ଥିକ ବର୍ଷ ୨୦୨୪-୨୫ ରେ ବୟନିକା ୨୨୩ କୋଟି ଟଙ୍କାର ଉଲ୍ଲେଖନୀୟ ବିକ୍ରୟ ପରିମାଣ ହାସଲ କରିଛି ଏବଂ ୨୦୨୫-୨୬ ପାଇଁ ୨୭୦ କୋଟି ଟଙ୍କାର ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ ସ୍ଥିର କରିଛି। ବାଣିଜ୍ୟ ସହିତ ବିଶ୍ୱସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ, ଜାତୀୟ ହସ୍ତତନ୍ତ ପ୍ରଦର୍ଶନୀ, ସ୍ୱତନ୍ତ୍ର ପ୍ରଦର୍ଶନୀ ଏବଂ ଅଭିନବ ବିପଣନ କୌଶଳ ମାଧ୍ୟମରେ ଓଡ଼ିଶାର ହସ୍ତତନ୍ତ ପାଇଁ ବିଶ୍ୱସ୍ତରରେ ଏକ ବ୍ରାଣ୍ଡ ନିର୍ମାଣ ପ୍ରୟାସର ନେତୃତ୍ୱ ନେଇଛି ବୟନିକା।

ନିତିଦିନ NITIDIN





# ଶ୍ରୀନୀଳମାଧବ ଜିଉଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ବେଶ ଆରମ୍ଭ



**କଣ୍ଟିଲୋ,୫।୫/ଏନ୍ଏନ୍ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ପବିତ୍ର ଅକ୍ଷୟ ତୃତୀୟା ଠାରୁ ଚିରା ଚରିତ ପ୍ରଥା ଓ ପାରମ୍ପରିକ ନୀତି କାନ୍ତି ଅନୁଯାୟୀ ଶ୍ରୀଜିଉଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ବେଶ ଆରମ୍ଭ ହୋଇଯାଇଛି। ଦୁଃଖ ଓ ପରିତାପ ଏହା ଯେ, ବିଗତ ଦଶ ବାରବର୍ଷ ହେବ, ଶ୍ରୀଜିଉଙ୍କ ବିଗ୍ରହକୁ ଚାପ ଖେଳ ଆଉ ଖରାବେଳେ ନ ହୋଇ ଅପରାହ୍ନ ସାଢ଼େ ପାଞ୍ଚଟାରୁ ଛଅଟା ସମୟ ମଧ୍ୟରେ ହେଉଥିବା ଅଭିଯୋଗ ହେଉଛି। ପ୍ରବଳ ଗରମ ଓ ଅସହ୍ୟ ତାତିର ପ୍ରକୋପରୁ ରକ୍ଷା ପାଇବା ପାଇଁ ଶ୍ରୀଜିଉଙ୍କୁ ବିଗ୍ରହର ସମୟେ ଚାପ ଖେଳାଇ ଚନ୍ଦନ ମଣ୍ଡପ ନିକଟରେ ଥିବା ମନ୍ଦିର ଭିତର ଚନ୍ଦନ କୁଣ୍ଡରେ ରାତ୍ର ଚାପ ପର୍ଯ୍ୟନ୍ତ ରକ୍ଷାକୃତ ପରମ୍ପରା ଥିଲେ ମଧ୍ୟ ଏହାର ବ୍ୟତିକ୍ରମ ହେଉଥିବା ଯୋଗୁ ସର୍ବସାଧାରଣ ଜନତା ଅବଶେଷ ବ୍ୟକ୍ତ କରୁଥିବା ନଜର ଆସିଛି। ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ଯଥାଶୀଘ୍ର ଶ୍ରୀ ଜିଉଙ୍କ ବହୁ ପୁରାତନ ଓ ପ୍ରାଚୀନ ପରମ୍ପରା, ନୀତି ନିୟମ ଓ ପ୍ରତ୍ୟେକ ବିଧି ବିଗ୍ରହର ଚାପଖେଳର ସୁରମ୍ୟ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଆଶୁ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

# ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

**ଡେଲାଙ୍ଗ,୫।୫/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ରାଜକିଶୋର ଜେନା ଅଧ୍ୟକ୍ଷତା ଅନୁଷ୍ଠିତ ଶିବିରରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ବିଡିଓ କ୍ଷୀତିଶ ଚନ୍ଦ୍ର ବେହେରା, ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚ୍ଚିନ ପଟେଲ, ସହକାରୀ ନିର୍ବାହୀଯନ୍ତ୍ରୀ ସୁବ୍ରତ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ଶୁଣିଥିଲେ। ୪୦ଟି ଅଭିଯୋଗ ଉପରେ ଜନଶୁଣାଣି ହୋଇଥିବା ବେଳେ ଭୁବନେଶ୍ୱରର ନର୍ଦ୍ଦମା ପାଣି ଗଙ୍ଗୁଆ ନାଳ ଦେଇ ଦୟାନଦୀରେ ପ୍ରବାହିତ ହେବା ପରେ ଦୟାନଦୀ ପାଣି ବିଷାକ୍ତ ହେବାରେ ଲାଗିଛି। ଯାହାଫଳରେ ନଦୀ ଅବବାହିକା ଅଧିବାସୀମାନେ ବିଭିନ୍ନ ଅସୁବିଧା ଭୋଗୁଥିବା କୃଷକ ନେତା ଅଶୋକ ପ୍ରଧାନ ଅଭିଯୋଗ କରିଥିଲେ। ସେହିପରି ମଲିପୁରକୁ ସଂଯୋଗ କରୁଥିବା ରାସ୍ତା ଉପରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ହୋଇଯାଇଥିଲେ ମଧ୍ୟ ଅଧାଅଧି କାର୍ଯ୍ୟଶେଷ ହୋଇନାହିଁ। ଜବରଦଖଲକାରୀଙ୍କ ପାଇଁ ଯାତାୟାତରେ ଅନେକ ବାଧା ସୃଷ୍ଟି ହେଉଥିବାରୁ ଜବରଦଖଲ ତୁରନ୍ତ ଉଚ୍ଛେଦ ପାଇଁ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଥିଲେ। ବସନ୍ତପୁର ଗ୍ରାମର ଜୟକୃଷ୍ଣ ସ୍ୱାଇଁଙ୍କ ଅଜ୍ଞାନ କରି ଗୋଷ୍ଠୀଭାବେ ଜିବେ ୧୨୭ ଟଙ୍କା ଓ ସେ ପିଛାଥିବା ସୁନା ଅଳଙ୍କାର ଲୁଟ ନେବା ପରେ ପରିବାର ଲୋକେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ହେଲେ ଏହି ଘଟଣାରେ ଅଭିଯୁକ୍ତମାନଙ୍କ ସହିତ ମଧ୍ୟସ୍ଥିକା ରଖି ଗିରଫ କରୁନଥିବାରୁ ଶ୍ରୀ ସ୍ୱାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନୂତନ ରାସନ କାର୍ଡ ପ୍ରଦାନ, ଆବାସ ଗୃହ ଯୋଗାଇ ଦେବା, କଲ୍ୟାଣପୁର, ରୋଞ୍ଜ ଓ ଅରଖପୁରୁ ପଞ୍ଚାୟତରେ ପାନୀୟଜଳ ଯୋଗାଣ ସମସ୍ୟା, ଟାଇପୁର ଅନ୍ତର୍ଗତ ମଠସାହୀଠାରୁ ଗଣ୍ଡପଡ଼ା ରାସ୍ତା ଅଧାପନ୍ତରିଆ ଭାବେ ପଡ଼ି ରହିବାରୁ ଯାତାୟାତରେ ସମସ୍ୟା ଉପୁଜିବା ଆଦି ନେଇ ଅଭିଯୋଗ ହୋଇଥିଲା।

# ପିଏମଶ୍ରୀ ସ୍କୁଲ୍‌ରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଅନ୍ତରଙ୍ଗ,୫।୫/ଏନ୍ଏନ୍ଏସ୍:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୦୨୪-୨୫ ଶିକ୍ଷା ବର୍ଷର ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ ପୁରୀ ଜିଲ୍ଲା କାକଟପୁର ବ୍ଲକ ପିଏମଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏ ୱାନ ଓ ଏ ଟୁ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ କାକଟପୁର ବ୍ଲକ ଟପର ହୋଇଛନ୍ତି ଆଦ୍ୟା ଆହୁତି ନାୟକ। ମୋଟ ୬୦୦ନମ୍ବର ରୁ ୫୬୦ନମ୍ବର ରଖି ବିଦ୍ୟାଳୟ ପାଇଁ, ତଥା କାକଟପୁର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ପିଏମଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରାମାଲତା ପରିଡା, ଆଲୁମିନି କମିଟି ଅଧ୍ୟକ୍ଷ ଶିକ୍ଷାବିତ ପ୍ରଦ୍ୟୁମ୍ନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମାନସ ଦୀକ୍ଷିତ, ସୁରେନ୍ଦ୍ର ମାଣିକ, ବିଶ୍ୱପ୍ରସାଦ ମହାନ୍ତି, ପ୍ରଭାତ ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷାରେ କାକଟପୁର ବ୍ଲକରେ ଟପର ହୋଇଥିବା ଆଦ୍ୟା ଆହୁତି ନାୟକ ୫୬୦ଙ୍କ ସହ ରୁଦ୍ରାଣୀ ପରିଡା ୫୪୭, ତ୍ରିନାଥ ସାହୁ ୫୪୪, ଏ ଟୁ ଗ୍ରେଡ ହୋଇଥିବା ସ୍ୱାତୀ ଜେନା ୫୩୮, ଦିଶାନ୍ତ ବରାଳ ୫୩୧, ପୂର୍ଣ୍ଣବୃତ୍ତି ପ୍ରିୟଦର୍ଶିନୀ ନାୟକ ୫୨୦, ପ୍ରେମ ପ୍ରୟାଗ ସ୍ୱାଇଁ ୫୧୮, ଅନନ୍ୟା ଜେନା ୫୧୫, ପ୍ରାଚୀ ପ୍ରଜ୍ଞା ବେହେରା ୫୦୯, ଜସ୍ମିନ ଯାହା ବେଗମ୍ ୫୦୪, ଜିଜ୍ଞାସା ବେହୁରା ୪୯୨, ବିଦୁସ୍ମିତା ସାମଲ ୪୯୧, ପ୍ରିୟଦର୍ଶିନୀ ଦାଶ ୪୮୨ନମ୍ବର ରଖିଥିବା ବେଳେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଏହା ସହିତ ବ୍ଲକ୍ ଟପର ହୋଇଥିବା ଆଦ୍ୟା ଆହୁତି ନାୟକଙ୍କ ମାଆ, ଯାହାଙ୍କ ପ୍ରେରଣାରେ ସେ ଆଜି ଏ ସ୍ଥାନରେ ପହଞ୍ଚିଛନ୍ତି, ଇଭାରାଣୀ ନାୟକଙ୍କୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀ ସ୍ୱାଇଁ ସମ୍ବର୍ଦ୍ଧିତ କରିଥିଲେ। ଭବିଷ୍ୟତରେ ଜଣେ ଦକ୍ଷ ଆଇଏଏସ୍ ଅଫିସର ହୋଇ ଲୋକଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଥିବା ଆଦ୍ୟା ଆହୁତି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସହକାରୀ ଶିକ୍ଷକ ପ୍ରତାପ ରାଉତ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ପିତବାସ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ଥିବା ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ରାଲି ପ୍ରସ୍ତୁତି ବୈଠକ




**ଖୋର୍ଦ୍ଧା,୫।୫/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ତରଫରୁ ଖୋର୍ଦ୍ଧାସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ଆଭିମୁଖ୍ୟ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦୀର୍ଘଦିନ ଧରି ଯେଉଁ ଜାତି ଜନଗଣନା ପାଇଁ ସାମାଜିକ ନ୍ୟାୟ ଯାତ୍ରା ମାଧ୍ୟମରେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଆସୁଥିଲେ। ତାଙ୍କର ଦୀର୍ଘ ଦିନର ଅକ୍ଳାନ୍ତ ପରିଶ୍ରମକୁ ବିଜେପି ଶାସିତ କେନ୍ଦ୍ର ସରକାର ବାଧ୍ୟହୋଇ ଜାତି ଜନଗଣନା ପାଇଁ କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି। ସାରା ଦେଶ ଏଥିପାଇଁ ରାହୁଲ ଗାନ୍ଧୀଙ୍କୁ ପ୍ରଶଂସା କରି ଶ୍ରେୟ ଦେଇ ବିଜୟ ଉତ୍ସବ କରୁଥିବାବେଳେ ଖୋର୍ଦ୍ଧା ଜିଲ୍ଲା କଙ୍ଗ୍ରେସ କମିଟି ତରଫରୁ ମଧ ବିଜୟ ଉତ୍ସବ ପାଳନ କାର୍ଯ୍ୟକ୍ରମ ସ୍ଥାନୀୟ ଡ଼ାକବଙ୍ଗଳା ଠାରେ ହୋଇଯାଇଛି। ସାରା ଦେଶରେ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ଅତି ପଛୁଆ ବର୍ଗଙ୍କ ଅଧିକାରକୁ ସଙ୍କୁଚିତ କରିବା ପାଇଁ କେନ୍ଦ୍ରରେ ଥିବା ବିଜେପି ସରକାର ପ୍ରୟାସ କରୁଛି। ବାରମ୍ବାର ଦେଶର ଆତ୍ମା ଓ ଆମର ସମ୍ବିଧାନ ଉପରେ ପ୍ରହାର କରି ଚାଲିଛି ବିଜେପି ସରକାର। ସମ୍ବିଧାନକୁ ଶେଷ କରିଦେବାକୁ ବିଜେପି ଓ ଆରଏସଏସର ବଡ଼ ଷଡଯନ୍ତ୍ର ରଚିଛନ୍ତି ବୋଲି ଏହି ବୈଠକରେ କଂଗ୍ରେସ ନେତାମାନେ ପରିପ୍ରକାଶ କରିଛନ୍ତି। ତେବେ ବିଜେପି ସରକାର ଓ ଆରଏସଏସ ସଂଗଠନ ଏଥିରେ କେବେ ସଫଳ ହେବେନାହିଁ ବୋଲି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଦଳିତ, ଆଦିବାସୀ, ଶ୍ରମିକ, କୃଷକ, ମହିଳା, ଯୁବ, ଛାତ୍ର, ପଛୁଆବର୍ଗ ଓ ଅତି ପଛୁଆବର୍ଗଙ୍କ ସାମାଜିକ ଆର୍ଥିକ ସୁରକ୍ଷା ନିମନ୍ତେ ସମ୍ବିଧାନକୁ ବଞ୍ଚେଇ ରଖିବା ନିମନ୍ତେ ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଜୀଙ୍କ ନିର୍ଦ୍ଦେଶ କ୍ରମେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ଆସନ୍ତା ୧୦ ତାରିଖରେ ହେବାକୁ ଥିବା 'ସମ୍ବିଧାନ ବଞ୍ଚାଅ' ରାଲିର ପ୍ରସ୍ତୁତି ବୈଠକ ଖୋର୍ଦ୍ଧାସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲା ପର୍ଯ୍ୟବେକ୍ଷକ ପୂର୍ବତନ ବିଧାୟକ ସୁଜିତ ପାଢ଼ୀ, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ବାଙ୍କ ବେହେରା, ସୋନାଲି ସାହୁ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସନ୍ତୋଷ ଜେନା, ତାରା ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ଅଶୋକ ମଙ୍ଗରାଜ, ଶିଶିର ପରିଡା, ସୋମ୍ୟ ବରାଳ, ସାଦିକ ଖାଁ, ଭୂଷଣ ଛୋଟରାୟ, ସିଲାଦିତ୍ୟ ପଟ୍ଟନାୟକ, ରମେଶ ପଟ୍ଟନାୟକ, ଟିନା ରଥ, ସଦାଶିବ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି।

# ମାଟ୍ରିକ୍‌ରେ ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟର ସଫଳତା

**ଚାରିଛକ,୫।୫/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟର ଚଳିତ ମାଟ୍ରିକ ପରୀକ୍ଷାରେ ଜଣେ ଛାତ୍ର ଏ ୱାନ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଅନ୍ୟ ୩ଜଣ ଏ ଟୁରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ଜ୍ୟୋତି ପ୍ରକାଶ ସାହୁ ଏ ୱାନ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସରସ୍ୱତୀ ସାହୁ, ଶୁଭଶ୍ରୀ ଦାଶ ଓ ସୃଚିତ ସାହୁ ଏଟୁରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରା ମେଲକାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଚଳିତ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଆସନ୍ତା ପରୀକ୍ଷାରେ ଆମ ବିଦ୍ୟାଳୟ ଯେପରି ଅଧିକ ସଫଳତା ହାସଲ କରିବ ଛାତ୍ରଛାତ୍ରୀମାନେ ଯେପରି ଆହୁରି ଅଧିକ ନମ୍ବର ରଖି ପାସ୍ କରିବେ ସେଥିପାଇଁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉଦ୍ୟମ ଜାରି ରଖିବାକୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମେଲକା ପରାମର୍ଶ ଦେଇଥିଲେ।

# ୫ ମାଟି ବୋଝେଇ ଟ୍ରାକ୍ଟର ଜବତ

**କୁଆଁପାଳ,୫।୫/ଏନ୍ଏନ୍ଏସ୍:** ଭଦ୍ରେଶ୍ୱର ଥାନା ପକ୍ଷରୁ ଭଦ୍ରେଶ୍ୱର ଥାନା ଅଞ୍ଚଳରେ ବେଆଇନ ଭାବେ ମାଟି ଉଠାଯାଇ ବିକ୍ରୟ କରାଯାଉଥିଲା ବେଳେ ୫ଟି ମାଟି ବୋଝେଇ ଟ୍ରାକ୍ଟରକୁ ପୁଲିସ ଜବତ କରିଥିଲା। କିନ୍ତୁ ଟ୍ରାକ୍ଟରରେ ମାଟି ବୋଝେଇ କରୁଥିବା ଜେସିବି ମେସିନ କୁଆଡ଼େ ଗଲା ବୋଲି ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷରେ ଦୀର୍ଘ ୧ମାସ ଧରି ଭଦ୍ରେଶ୍ୱର ଥାନା ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଛୁଟି ଦିନ ଏପରିକି ରାତ୍ରରେ ଶହ ଶହ ଟ୍ରିପ୍ ମାଟି ଉଠାଯାଇ ବିକ୍ରି ଚାଲିଛି। ଏପରିକି ଗତ କିଛିଦିନ ତଳେ ଥାନା ନିକଟସ୍ଥ ଝାଡେଶ୍ୱରପୁର ଅଞ୍ଚଳରେ ବି ରାତିସାରା ଟ୍ରାକ୍ଟର ଯୋଗେ ମାଟି ମାଫିଆ ବେଆଇନ ଭାବେ ମାଟି ଉଠାଇ ବିକ୍ରି କରୁଥିଲା ବେଳେ ପୁଲିସ ଚୁପ୍ ରହିଥିବା ଅଭିଯୋଗ ହୋଇଥିଲା। ହଠାତ୍ ଭଦ୍ରେଶ୍ୱର ଥାନା ପୁଲିସ କିଭଳି ଭାବରେ ରାତିରେ ମାଟି ଉଠାଣ କରାଯାଉଥିଲା ବେଳେ ୫ ଟ୍ରିପ୍ ମାଟି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଲେ ତାହା ଏବେ ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପୂର୍ବରୁ ଯଦି ଭଦ୍ରେଶ୍ୱର ଥାନା ପୁଲିସ ଏହି ଭଳି ଦୃଢ଼ ପଦକ୍ଷେପ ଗ୍ରହଣ କରିଥାଆନ୍ତା ତେବେ ଭଦ୍ରେଶ୍ୱର ଥାନା ଅଞ୍ଚଳର ବିଭିନ୍ନ ଅଞ୍ଚଳରେ ଶହ ଶହ ଟ୍ରିପ୍ ମାଟି ବେଆଇନ ଭାବେ ବିକ୍ରି ହୋଇପାରି ନ ଥାଆନ୍ତା କି ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇ ନଥାଆନ୍ତେ। ଅପରପକ୍ଷରେ ମାଟି ମାଫିଆ ନିଜର ସାମ୍ରାଜ୍ୟ ବିସ୍ତାର କରିପାରି ନଥାନ୍ତେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବେଆଇନ ମାଟି ବ୍ରିକି କରୁଥିବା ମାଟି ମାଫିଆଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମାଟି କାରବାରରେ ସଂପୃକ୍ତ ଜେସିବି ଓ ଟ୍ରାକ୍ଟ ମାଲିକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବେଆଇନ ପାଣି ଟାଙ୍କି ନିର୍ମାଣକୁ ବିରୋଧ



**ଡେଲାଙ୍ଗ,୫।୫/ଏନ୍ଏନ୍ଏସ୍:** ବେରବୋଇ ଗାନ୍ଧୀପୀଠ ପାଚେରୀ ଉପରେ ବେଆଇନ ପାଣି ଟାଙ୍କି ନିର୍ମାଣକୁ ବିରୋଧ କରି ଗାନ୍ଧୀ ସ୍ମାରକୀ ସମିତି ପକ୍ଷରୁ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଗାନ୍ଧୀପୀଠର ୩ପାର୍ଶ୍ୱରେ ପ୍ରାଚୀର ରହିଥିବା ବେଳେ ଗୋଟିଏ ପଟେ ବ୍ରହ୍ମେଶ୍ୱର ଦେବଙ୍କ ପୁଷ୍କରିଣୀ ରହିଛି। କେହି ଦୁର୍ବୃତ୍ତ ଦକ୍ଷିଣ-ପୂର୍ବ କୋଣର ପ୍ରାଚୀର ଉପରେ ବେଆଇନ ଭାବେ ପାଣି ଟାଙ୍କି ନିର୍ମାଣ କରିଛି। ଯାହାକି ଏହା ସମ୍ପୂର୍ଣ୍ଣ ବେଆଇନ ଅଟେ। ପୀଠରେ ଥିବା ଇଟା ଚୋରିକରି ନେଇ ଏହି ପାଣି ଟାଙ୍କି ନିର୍ମାଣରେ ବ୍ୟବହୃତ କରାଯାଇଛି। ଏଥିସହ ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ ଗାନ୍ଧୀପୀଠକୁ ସଂଲଗ୍ନ ଥିବାରୁ ବିଦ୍ୟାଳୟ ଖେଳପଡ଼ିଆରେ ଭୋଜିଭାତ କରିବା ସହ ମାଦକ ଦ୍ରବ୍ୟ ସେବନ କରି ନିଶାଖୋର ଯୁବକ ମାନେ ପାଚେରୀ ଡେଇଁ ଗାନ୍ଧୀପୀଠରେ ଅବାଧ ପ୍ରବେଶ କରିବା ସହ ବିଭିନ୍ନ କ୍ଷତି ପହଞ୍ଚାଉଛନ୍ତି। ସ୍ଥାପିତ ଗାନ୍ଧୀ ମୂର୍ତ୍ତି ପିଣ୍ଡି ନିକଟରେ ଭଙ୍ଗା କାଚ ମଦ ବୋତଲ ପକାଇଥିବା ନେଇ ଗାନ୍ଧୀ ସ୍ମାରକୀ ସମିତି ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ, ସଭାପତି କୁନ୍ତଳା କୁମାରୀ ବିଶ୍ୱାଳ ପ୍ରମୁଖ ସହ ଅନ୍ୟ ସଦସ୍ୟମାନେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ପକ୍ଷରୁ ତଦନ୍ତ ଜାରୀ ରହିଥିବା ନେଇ ଡେଲାଙ୍ଗ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

# ଚାଷୀଙ୍କୁ ମାଗଣା ନଳିତା ବିହନ ବଣ୍ଟନ



**ମାହାଙ୍ଗା,୫।୫/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋକନ ପଞ୍ଚାୟତ ଶୁଖୁଆପଡ଼ା ଗ୍ରାମର ମା' ମୁକ୍ତେଶ୍ୱରୀ ଠାକୁରାଣୀଙ୍କ ପ୍ରାଙ୍ଗଣରେ ଝୋଟ କମିଶନ କାର୍ଯ୍ୟାଳୟ କମିଶନର କଲିକତାଙ୍କ ନିର୍ଦ୍ଦେଶରେ ଜୟକିଶାନ ଦାସ ମଲ୍ଲ ଜୁଟ୍ ପ୍ରଡକ୍ସନ୍ ପ୍ରାଇଭେଟ ଲେମିଟେଡ଼ ରୂପ୍ଶା ବାଲେଶ୍ୱର ତରଫରୁ ଅଗ୍ରଣୀ ଚାଷୀଙ୍କୁ ମାଗଣା ନଳିତା ବିହନ ଯୋଗାଇ ଦିଆଯାଇଛି। ଆରୋଫ ଖାଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିହନ ବଣ୍ଟନ କାର୍ଯ୍ୟକ୍ରମରେ ଜୟକିଷାନ ଦାସ ଜୁଟ ମିଲ୍‌ର ମୁଖ୍ୟ ପରିଚାଳକ ରାଜେନ୍ଦ୍ର କୁମାର ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଳିତା ଚାଷ ସମ୍ପର୍କରେ ଆଲୋଚନା କରିବା ସହ କିଭଳି ଏହି ଚାଷଟିକୁ ଭଲ ଭାବେ କରିବା ଦ୍ୱାରା କୃଷି ଉପକୃତ ହୋଇପାରିବେ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମନୋରଞ୍ଜନ ଦାସ, ହୃଦାନନ୍ଦ ମହାନ୍ତି, ତପନ କୁମାର ଜେନା ପ୍ରମୁଖ ଯୋଗଦେଇ ନଳିତା କୃଷି ସମ୍ପର୍କରେ କୃଷକମାନଙ୍କୁ ଅବଗତ କରାଇଥିଲେ। ଏହି ବିହନ ବଣ୍ଟନ କାର୍ଯ୍ୟକ୍ରମରେ ତିନିଗୋଟି ପଞ୍ଚାୟତ ଯଥା ପୋଡାମରାଇ, ଗୋକନ, ବରାହୀପୁର ଆଦି ପଞ୍ଚାୟତର ୬୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୨କେଜି ଲେଖାଏଁ ମାଗଣା ବିହନ ଯୋଗାଇ ଦିଆଯାଇଥିଲା। ବାସୁଦେବ ରାଉତ, ପଞ୍ଚାନନ ବେହେରା, ଉର୍ବଶୀ ଦାସ, ବାବାଜୀ ଚରଣ ଜେନା, ସୁଲଭ ରାଉତ, ରବୀନ୍ଦ୍ର ବେଦାନ୍ତ, ଡମ୍ବରୁ ଧର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ମା' ରାମଚଣ୍ଡୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ

**ଶରଣକୁଳ,୫।୫/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣକୁଳ କଲେଜ ଖେଳପଡ଼ିଆରେ ଚାଲିଥିବା ମା'ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଫାଇନାଲ ମ୍ୟାଚ୍‌ରେ ମଦନଗାଡିଆ ସହିତ ପାଟୁଲିସାହି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମଦନଗାଡିଆ ଦଳ ଟସ୍ ଜିତି ବ୍ୟାଟିଂ କରିବା ନିଷ୍ପତ୍ତିନେଇ ୧୨ ଓଭରରେ ୧୪୭ ରନ୍ ସଂଗ୍ରହ କରିଥିବାବେଳେ ବିପକ୍ଷରେ ପାଟୁଲିସାହି ଦଳ ୧୨ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୦୭ ରନ୍ ସଂଗ୍ରହକରି ପରାଜୟ ବରଣ କରିଥିଲା। ମ୍ୟାଚକୁ ବାଦଲ କୁମାର ବାରିକ ଓ ଚନ୍ଦ୍ରଶେଖର ମହାପାତ୍ର ପରିଚାଳନା କରିଥିବାବେଳେ ମୁଖ୍ୟଅତିଥି ଭାବେ ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମାଜସେବୀ ଜିତେନ୍ଦ୍ର କୁମାର ସାହୁ, ପ୍ରମୋଦ କୁମାର ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ ଓ କୋ-ଅପରେଟିଭ ସୋସାଇଟିର ସମ୍ପାଦକ ପଦ୍ମଚରଣ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥି ମଦନଗାଡିଆ ଦଳକୁ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରିବା ସହିତ ପାଟୁଲିସାହି ଦଳକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ଅଜୟ ସାହୁ, ଦାଶରଥି ପରିଡ଼ା, ଅମିତ ପ୍ରସାଦ ସାହୁ, ଚନ୍ଦନ ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, ଲିଙ୍କୁନ ସାଥୁଆ, ଅଭିଷେକ ଶତପଥୀ, ବିଜୟ ଘଡ଼ାଇ, ଅଜୟ ମହାପାତ୍ରଙ୍କ ସମେତ ମା'ରାମଚଣ୍ଡୀ କ୍ରିକେଟ କ୍ଲବ୍ ସଦସ୍ୟ ସହଯୋଗ କରିଥିଲେ।

# କାର୍ ଭିତରୁ ଷଣ୍ଢ ଉଦ୍ଧାରକଲା ପୁଲିସ

**ଟାଙ୍ଗୀ,୫।୫/ଏନ୍ଏନ୍ଏସ୍:** ଦିନକୁ ଦିନ ରାଜପଥରେ ଗୋରୁ ଚାଲାଣ ସକ୍ରିୟ ହେଉଥିବା ବେଳେ ଆଜି ଏକ କାର୍ ଭିତରୁ ରାଜପଥ ପୁଲିସ ଗୋଟିଏ ଷଣ୍ଢକୁ ଉଦ୍ଧାର କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଖବର ମୁତାବକ ମଙ୍ଗୁଳି ନିକଟରେ ଗୋରୁ ମାଫିଆମାନେ ରାସ୍ତାରେ ବୁଲୁଥିବା ଷଣ୍ଢକୁ କାବୁକରି ଗୋଡ଼ ବାନ୍ଧି କାର୍‌ରେ ଭର୍ତ୍ତିକରି କଟକ ଅଭିମୁଖେ ନେଇ ଯାଉଥିଲେ। ତେବେ ରାଜପଥ ପୁଲିସ ମଙ୍ଗୁଳି ନିକଟରେ ଗାଡ଼ି ଯାଞ୍ଚ କରୁଥିବା ଦେଖି କାର୍ ଚାଳକ ଜଣଙ୍କ କାର୍‌ଟିକୁ ବୁଲାଇ ଯିବାକୁ ଆରମ୍ଭ କରିଥିବା ବେଳେ ରାଜପଥ ପୁଲିସ କର୍ମଚାରୀଙ୍କ ସନ୍ଦେହ ହେବାରୁ କାର୍‌ଟିକୁ ପିଛାକରି ଟାଙ୍ଗୀ ବନ୍ଧାଳ ଟୋଲ୍‌ଗେଟ୍ ନିକଟରେ କାର୍‌ଟିକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତେବେ କାର୍‌ଟିକୁ ତଲାସି କରିବାରୁ ଏକ ଷଣ୍ଢ କାର୍ ଭିତରେ ଗୋଡ଼ ହାତ ବାନ୍ଧି ଭର୍ତ୍ତି କରାଯାଇଥିବା ଦେଖିବାକୁ ପାଇଥିଲେ। ପୁଲିସ ସଙ୍ଗେ ସଙ୍ଗେ କାର୍ ଭିତରୁ ଷଣ୍ଢଟିକୁ ଉଦ୍ଧାର କରି ଛାଡ଼ିବା ସହିତ କାର୍ ଚାଳକକୁ ଥାନାରେ ଅଟକ ରଖାଯାଇଥିବା ଜଣାପଡ଼ିଛି।

# ଉତ୍ତର ଖୋର୍ଦ୍ଧାରେ ବିଜେପିର ମହାମିଶ୍ରଣ ପର୍ବ



**ଖୋର୍ଦ୍ଧା,୫।୫/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉତ୍ତର ଖୋର୍ଦ୍ଧା ମଣ୍ଡଳ ବରସାହି ପଞ୍ଚାୟତ ଅଧୀନ ଠାକୁରପଡ଼ା ଗ୍ରାମଠାରେ ଭାରତୀୟ ଜନତା ଦଳର ମହା ମିଶ୍ରଣ ପର୍ବ ନୂତନ ଭାବେ ନିଯୁକ୍ତ ହୋଇଥିବା ବିଜେପି ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ବିଜେପିର ଉପ ସଭାପତି ରୋଜିନାରାଣୀ ଦାସଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଏହି ମିଶ୍ରଣ ପର୍ବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଗୋଟିଏ ଧାଡ଼ିରେ ଚାଲିଛି ବୋଲି କହିଥିଲେ। ଏହି ସରକାର ସବ୍‌କା ସାଥ୍ ସବ୍‌କା ବିକାଶ ଲକ୍ଷରେ ଆଗେଇ ଚାଲିଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଅର୍ଥନୈତିକ ବିକାଶ ପାଇଁ ଆମ ସରକାର ପ୍ରତି ଗାଁରେ ପହଞ୍ଚିବ ବୋଲି ସେ କହିଥିଲେ। ଉତ୍ତର ଖୋର୍ଦ୍ଧାର ଗଡ଼ ବିଜେଡିର ୩ହଜାରରୁ ଉର୍ଦ୍ଧ୍ୱ କର୍ମୀଙ୍କ ସହିତ ଏକ ନମ୍ବର ଜୋନ୍‌ର ପୂର୍ବତନ ବିଜେଡି ଜିଲ୍ଲା ପରିଷଦ ସଭ୍ୟ ତଥା ପୂର୍ବତନ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ଏବଂ ବର୍ତ୍ତମାନର ବରସାହି ପଞ୍ଚାୟତ ସମିତିସଭ୍ୟ ରାମଚନ୍ଦ୍ର ସାମନ୍ତରାୟ ବିଜେଡି ଛାଡି ବିଜେପିରେ ଯୋଗଦେଇଥିବାରୁ ଉତ୍ତର ଖୋର୍ଦ୍ଧାରେ ଆଉ ବିଜେଡି କର୍ମୀ ରହିବେନି, ଉତ୍ତର ଖୋର୍ଦ୍ଧାରେ ଚାରିଆଡ଼େ ପଦ୍ମ ଫୁଟିବ ବୋଲି ସାଂସଦ ଷଡ଼ଙ୍ଗୀ କହିଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ବିକଶିତ ଓଡ଼ିଶା, ବିକଶିତ ଭାରତ ଭିତରେ ବିକଶିତ ଖୋର୍ଦ୍ଧା ଜିଲ୍ଲା ସାମିଲ ଅଛି। ଆମର ନୂଆ ପୁରୁଣା କିଛି ନାହିଁ। କେବଳ ବିକାଶକୁ ଆଧାର କରି ଆଗେଇ ଚାଲିବୁ ବୋଲି କହିଥିଲେ। ରାମଚନ୍ଦ୍ର ସାମନ୍ତରାୟଙ୍କୁ ବିଜେପି ପତାକା ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ ସାଂସଦ ଅପରାଜିତାଙ୍କ ସହିତ ମଞ୍ଚରେ ଥିବା ଅତିଥିମାନେ। ସେହିପରି ହଳଦିଆ ସରପଞ୍ଚ, ସମିତିସଭ୍ୟ, ମଲ୍ଲିପୁର ସରପଞ୍ଚ ସୁଦାମ ସେଠି, ସମିତିସଭ୍ୟ, ଟାଙ୍ଗିଆପଡା ସରପଞ୍ଚ, ସମିତିସଭ୍ୟ, ଅର୍ଜୁନପୁର ସରପଞ୍ଚ, ସମିତିସଭ୍ୟ, ପୁରୁସାହି ସରପଞ୍ଚଙ୍କ ସହିତ ଶତାଧିକ ୱାର୍ଡ ସଭ୍ୟ ଓ ପଞ୍ଚାୟତ ନେତୃ ମଣ୍ଡଳୀ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଖୋର୍ଦ୍ଧା ଜିଲ୍ଲା ନୂତନ ବିଜେପି ସଭାପତି ବିଶ୍ୱରଞ୍ଜନ ବଡ଼ଜେନା(ଲୁଲୁ) ଉପସଭାପତି ଡାକ୍ତର ବେହେରା, ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ, ରଶ୍ମିରଞ୍ଜନ ମହାପାତ୍ର, ଉତ୍ତର ଖୋର୍ଦ୍ଧାର ପୂର୍ବତନ ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ସାମନ୍ତସିଂହାର, ବର୍ତ୍ତମାନର ସଭାପତି ମନୋରଞ୍ଜନ ବଡ଼ଜେନା, ଉତ୍ତର ଖୋର୍ଦ୍ଧା ସାଂସଦ ପ୍ରତିନିଧି ପ୍ରତାପ ମହାପାତ୍ର, ଉତ୍ତର ଖୋର୍ଦ୍ଧାର ବିଜୁ ଜନତା ଦଳ ଜିଲ୍ଲାପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳାଇ, ଯୁବ ମୋର୍ଚ୍ଚା ସଭାପତି ପ୍ରଦୀପ କୁମାର ବଡ଼ଜେନା, ବିଜେପି ନେତ୍ରୀ ପ୍ରବୀଣା ଭଞ୍ଜ, ବିଷ୍ଣୁପ୍ରିୟା ସାହୁ, ଜ୍ୟୋତ୍ସ୍ନାମୟୀ ବଡ଼ଜେନା, ଜଟଣୀ ନଗର ବିଜେପି ନେତା ସତୀଶ ଶର୍ମା, ହାଡ଼ିବନ୍ଧୁ ମହାରଣା, ରମେଶ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୧୫୪ ଅଭିଯୋଗ



**ଟାଙ୍ଗୀ,୫।୫/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ୍‌ରେ ପରିସରରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୫୪ ଟି ଅଭିଯୋଗ ହୋଇଥିବା ବେଳେ ସେଥି ମଧ୍ୟରୁ ୧୪୮ଟି ବ୍ୟକ୍ତିଗତ ଓ ୬ ଟି ସାମୁହିକ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ୩୮ଟି ସଳ ଜିଲ୍ଲାପାଳ ଉପସ୍ଥିତରେ ସମାଧାନ କରାଯାଇଥିଲା। ଯେଉଁଥିରେ ଭତ୍ତା , ଆବାସ ଯୋଜନା ପାଣି ସମସ୍ୟା ଅଧିକ ରହିଥିଲା। ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, କଟକ ଡିସିପି ରୁଷିକେଶ୍ ଖିଲାର, ଜିଲ୍ଲା ଶିକ୍ଷାଅଧିକାରୀ ଡଃ ଏସ୍.କେ. ରାଉତ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ ହୋତା, ସିଡ଼ିପିଓ ଡାକ୍ତର ରମଣୀ ରଂଜନ ବିଶ୍ୱାଳ, ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ, ଜିଲ୍ଲା ଶ୍ରମ ଅଧ ?କାରୀ ପ୍ରତିବନ୍ଧନ ଘଡ଼ାଇ, ଜିଲ୍ଲା ବନଖଣ୍ଡ ଅଧିକାରୀ ଭାରତୀ କାଣ୍ଡି, ଡ୍ରେନେଜ୍, ରାସ୍ତା ଓ ଗୃହ ନିର୍ମାଣ, କେନାଲ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ରବିଭିନ୍ନ ବିଭାଗର ଅଧିକାରୀ ଜନଶୁଣାଣିରେ ଉପସ୍ଥିତ ଥିଲେ। ଯେଉଁ ସମସ୍ୟା ରହିଛି ତାହା ତରନ୍ତ ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଗଣ ମାଧ୍ୟମରେ ପ୍ରତିକ୍ରିୟା ରଖିଥିଲେ। ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାଶ୍ୱତ ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ବ୍ଲକର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

**ନିତି ଭାରତୀ**

କୌଣସି ଶିଶୁକୁ ତୁମର ଶିକ୍ଷା ଭିତରେ ସୀମିତ କରି ରଖନାହିଁ, କାରଣ ସେ ତୁମ ସମୟରେ ନୁହେଁ, ଅନ୍ୟ ଏକ ସମୟରେ ଜନ୍ମଲାଭ କରିଛି । - **ରବୀନ୍ଦ୍ର ନାଥ ଠାକୁର**

# ତାମିଲ୍ ସଭ୍ୟତା ଓ ସନାତନୀ ହିନ୍ଦୁ ଧର୍ମ

ତାମିଲନାଡୁରେ ବର୍ତ୍ତମାନ ଶାସନ କରୁଥିବା ଦ୍ରାବିଡ ମୁନେତ୍ର କାଝାଗାମ୍ (ଡିଏମ୍‌କେ) ସରକାରର ୟୁଥ୍ ୱେଲଫେୟାର ଆଣ୍ଡ ସ୍ପୋର୍ଟସ୍ ଡେଭଲପମେଣ୍ଟ ବିଭାଗର ଯୁବ ମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କର ସନାତନ ଧର୍ମ ବିରୋଧୀ ମତ ମନ୍ତବ୍ୟ ଭିନ୍ନ ଭିନ୍ନ ମହଲରେ ଖୁବ୍ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ଏବେ ମଧ୍ୟ ତାହାର ବିଷ ପ୍ରଭାବ ଭିନ୍ନ ଭିନ୍ନ ରାଜନୈତିକ ସ୍ତରରେ ଅନୁଭୂତ ହୋଇ ଚାଲିଛି । ଊଣେଇଶ ଅଣଚାଶ ମସିହାରେ ଇଭି ରାମସ୍ୱାମୀ ନାଇକର (ପେରିୟାର)ଙ୍କ 'ଦ୍ରାବିଡ କାଝାଗାମ୍' ଦଳରୁ ଅଲଗା ହୋଇ ସିଏନ୍ ଆନ୍ନା ଦୁରାଇ 'ଡିଏମ୍‌କେ' ଦଳ ପ୍ରତିଷ୍ଠା କରିଥିଲେ । ନିଜର ରାଜନୈତିକ ଗୁରୁ ଇଭି ରାମସ୍ୱାମୀ ପେରିୟାରଙ୍କ ପରି



**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଆନ୍ନା ଦୁରାଇ ଥିଲେ ସନାତନୀ ବ୍ରାହ୍ମଣ୍ୟ ଧର୍ମ ବିରୋଧୀ ଓ କଟ୍ଟର ନିରୀଶ୍ୱରବାଦୀ । ଆନ୍ନା ଦୁରାଇଙ୍କ ପରେ ଏମ୍ କରୁଣାନିଧି ହେଲେ 'ଡିଏମ୍‌କେ'ର ସର୍ବମାନ୍ୟ ନେତା ଓ ରାମସ୍ୱାମୀ ପେରିୟାର ତାମିଲନାଡୁରେ ଯେଉଁ ସନାତନୀ ହିନ୍ଦୁ ଧର୍ମ- ବିଦ୍ୱେଷର ବିଷ ମଞ୍ଜି ବୁଣି ଦେଇଥିଲେ, ସେଥିରେ ଜଳ ସିଞ୍ଚନ କରି କରୁଣାନିଧି ସେହି ବିଦ୍ୱେଷ ଭାବ ଭାବନାକୁ ମହାଦ୍ରୁମରେ ପରିଣତ କରିଥିଲେ । କରୁଣାନିଧିଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଏମ୍‌କେ ଷ୍ଟାଲିନ୍ ଡିଏମ୍‌କେ ଦଳର କର୍ଣ୍ଣଧାର ହେଲେ ଓ ଏବେ ସେ ହେଉଛନ୍ତି ତାମିଲନାଡୁର ମୁଖ୍ୟମନ୍ତ୍ରୀ । ଉଦୟନିଧି ଷ୍ଟାଲିନ୍ ହେଉଛନ୍ତି ଏମ୍‌କେ ଷ୍ଟାଲିନ୍‌ଙ୍କ ପୁତ୍ର ଓ ଏମ୍ କରୁଣାନିଧିଙ୍କ ପୌତ୍ର । ତେଣୁ ଉଦୟନିଧି ସନାତନ ଧର୍ମ ବିରୋଧରେ ଯେଉଁ ତୁମ୍ଭିତୋଫାନ ସୃଷ୍ଟି କରିଥିଲେ, ସେଥିରେ ନୂତନତ୍ୱ କିଛି ନାହିଁ କିମ୍ବା ସେଥି ନେଇ କେହି ବିସ୍ମିତ ହେବା କଥା ନୁହେଁ, କାରଣ ଉଦୟନିଧି ଆପଣା ବୁନିଆଦୀ ଆଦର୍ଶ ଯାହା, ତାହା ହିଁ ସର୍ବସାଧାରଣରେ ପ୍ରକାଶ କରିଥିଲେ । ଉଦୟନିଧିଙ୍କ ସମର୍ଥନରେ ସେତେବେଳେ ବାହାରି ଥିବା କିଛି ରାଜନୈତିକ ବ୍ୟକ୍ତି ଓ ବୁଦ୍ଧିଜୀବୀ ସ୍ୱାଭାବିକ ଭାବେ ଏହି ଯୁକ୍ତି ହିଁ ବାଢ଼ିଥିଲେ ।

ଭାରତର ଏହି ସୁଦୂର ରାଜ୍ୟଟି ମହାଭାରତୀୟ ଚିନ୍ତା ଚେତନାରୁ ମୂଳରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଥିଲା ଓ ସନାତନ ଧର୍ମ ଦର୍ଶନର ପ୍ରଭାବରୁ ମୂଳରୁ ସମ୍ପୂର୍ଣ୍ଣ ମୁକ୍ତ ଥିଲା- ଏମିତି ଏକ ଧାରଣା ଏଇ ବାଦବିବାଦ, ହଟଚମଟ ଭିତରେ ଅନେକଙ୍କ ମନରେ ସୃଷ୍ଟି ହୋଇଥିଲା । ମାତ୍ର ପ୍ରାଚୀନ ତାମିଲ ସଭ୍ୟତାର କଳା, ସାହିତ୍ୟ, ଧର୍ମ ଦର୍ଶନ ଓ ଲୋକଜୀବନ ସମ୍ପର୍କରେ ଯଦି ଆମେ ଜାଣିବା, ତେବେ ବୁଝି ପାରିବା ଯେ ଏପରି ଏକ ଧାରଣା ପୂରାପୂରି ଅମୂଳକ । ଯେଉଁ ଜୀବନ ଦର୍ଶନ ଓ ଜୀବନଧାରାକୁ ପ୍ରାଚୀନ ଭାରତର ସନାତନୀ ହିନ୍ଦୁ ଜୀବନ ଦର୍ଶନ, ଜୀବନଧାରା ବୋଲି କହୁ, ତା'ର ସ୍ପଷ୍ଟ ବା ପ୍ରଚ୍ଛନ୍ନ ଛାପ ତାମିଲ୍ ସାହିତ୍ୟ, ସଂସ୍କୃତିରେ କିପରି ରହିଛି- ଏ ସଂକ୍ଷିପ୍ତ ଆଲେଖ୍ୟରେ ତାହା ହିଁ ଉପସ୍ଥାପିତ ହୋଇଛି ।

କୌଣସି ମହତ୍ତ୍ୱପୂର୍ଣ୍ଣ ଶୁଭ କର୍ମର ଆରମ୍ଭରେ ନିର୍ଦ୍ଦିଷ୍ଟ ଦେବଦେବୀଙ୍କ ପୂଜନ, ଆବାହନ ହେଉଛି ବୈଦିକ ସନାତନୀ ଧର୍ମାଚାରର ଏକ ବିଶିଷ୍ଟ ପ୍ରଥା ବା ଅଙ୍ଗ । ଏହି ସନାତନୀ ପ୍ରଥାଟି ତାମିଲ୍ କବି, ସାହିତ୍ୟିକମାନେ ଖୁବ୍ ନିଷ୍ଠାର ସହ ପାଳନ କରିଥିବା ଆମେ ଦେଖିବାକୁ ପାଇଥାଉ । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀଠାରୁ ଖ୍ରୀଷ୍ଟ ପର ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ ବିସ୍ତାରିତ ଯେଉଁ କାଳ ଖଣ୍ଡକୁ ତାମିଲ ସଭ୍ୟତାର ସଂଗମ ଯୁଗ ବୋଲି ଅଭିହିତ କରାଯାଇଥାଏ, ସେହି କାଳ ଖଣ୍ଡରେ ରଚିତ ହୋଇଥିବା ସାହିତ୍ୟ କୃତି ଓ ଧର୍ମଗ୍ରନ୍ଥମାନଙ୍କରେ ବୈଦିକ ଧର୍ମ ଦର୍ଶନ ଆଧାରିତ ଭିନ୍ନ ଭିନ୍ନ ଉପଚାର, ଈଶ୍ୱର ଉପାସନା ପଦ୍ଧତି ତଥା ବୈଦିକ ବିଚାରଧାରା ସମ୍ପର୍କରେ ସ୍ପଷ୍ଟ ଆଭାସ ମିଳିଥାଏ । ସଂଗମ ଯୁଗର ପରବର୍ତ୍ତୀ ପର୍ଯ୍ୟାୟରେ ରଚିତ 'ଟୋଲ୍‌କାପିୟାମ୍' ବା 'ଥୋଲ୍‌କାପିୟାମ୍' ନାମକ ତାମିଲ ସାହିତ୍ୟ ଓ ବ୍ୟାକରଣ ପୁସ୍ତକରେ ଯେଉଁ ଦେବଦେବୀମାନଙ୍କୁ ଆବାହନ, ଆରାଧନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ସେମାନେ ହିନ୍ଦୁ ଦେବଦେବୀମାନଙ୍କଠାରୁ ଆଦୌ ଭିନ୍ନ ନୁହନ୍ତି । ପ୍ରାଚୀନ ତାମିଲ୍ ସାହିତ୍ୟର ସବୁଠାରୁ ପ୍ରସିଦ୍ଧ କୃତି 'ଥିରୁକୁରାଲ'ର ରଚୟିତା ଥିରୁଭାଲୁଭାର ଯେପରି ତାଙ୍କ କୃତିର ଆରମ୍ଭ ଦେବ ଆବାହନୀରୁ କରିଛନ୍ତି, ସେପରି ବି କରିଛନ୍ତି ଦଶମ-ଏକାଦଶ ଶତାବ୍ଦୀର କବି 'କମ୍ବର' ତାଙ୍କ ଅମର କୃତି 'କମ୍ବନ ରାମାୟଣ'ରେ । ପ୍ରାଚୀନ ତାମିଲନାଡୁର ଚେର, ଚୋଳ ଓ ପାଣ୍ଡ୍ୟ ଆଦି ରାଜବଂଶର ଶାସକମାନେ ଥିଲେ ବୈଦିକ ଧର୍ମାନୁରାଗୀ ଓ ସେମାନଙ୍କ ଶାସନ କାଳରେ ବୈଦିକ ଧର୍ମ ହିଁ ତାମିଲ୍ ଲୋକ ଜୀବନର ଅବିଚ୍ଛେଦ୍ୟ ଧର୍ମାଚାର ଥିଲା । ମହାନ୍ ସଂସ୍କୃତ କବି କାଳିଦାସଙ୍କ 'ରଘୁବଂଶମ୍' କାବ୍ୟରେ ବର୍ଣ୍ଣିତ ହୋଇଥିବା ଇନ୍ଦୁମତୀଙ୍କ ସ୍ୱୟମ୍ବର ସଭାରେ ପାଣ୍ଡ୍ୟ ରାଜବଂଶର ଜଣେ ରାଜାଙ୍କୁ ଆମେ ଭେଟିଥାଉ । ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ହେଉଛି ଯେ କାଳିଦାସ ପାଣ୍ଡ୍ୟ ରାଜନଙ୍କର ବର୍ଣ୍ଣନା କରିବା ବେଳେ ତାଙ୍କର ବୈଦିକ ଧର୍ମାଚରଣ ପ୍ରତି ଥିବା ନିଷ୍ଠା ସମ୍ପର୍କରେ କେବଳ ଗୁରୁତ୍ୱ ଦେଇଛନ୍ତି । ସ୍ୱୟମ୍ବର ସଭାରେ ଉପସ୍ଥିତ ଥିବା ଅନ୍ୟ ରାଜା ବା ରାଜକୁମାରମାନଙ୍କ ଭୌତିକ ଐଶ୍ୱର୍ଯ୍ୟ ଓ ଆଡ଼ମ୍ବର ସମ୍ପର୍କରେ କହିଥିବା ବେଳେ କାଳିଦାସ ପାଣ୍ଡ୍ୟ ରାଜାଙ୍କ ସମ୍ପର୍କରେ କହିଛନ୍ତି - 'ଏହି ରାଜନ୍ ଅଶ୍ୱମେଧ ଯଜ୍ଞ ସମାପନ କରିବା ପରେ ସ୍ନାନ କରି, ରାଜ ପରିଚ୍ଛଦ ଓ ଅଳଙ୍କାର ପରିଧାନ କରି ସଭାରେ ଉପସ୍ଥିତ ହୋଇଛନ୍ତି ଓ ସଦ୍ୟସ୍ନାତ ଶରୀର ତାଙ୍କର ଅତି ଉଜ୍ଜ୍ୱଳ ଦିଶୁଅଛି । ସ୍ପଷ୍ଟ ଅନୁମିତ ହୁଏ ଯେ ସେ ସମୟରେ ଦକ୍ଷିଣ ଭାରତର ରାଜା, ମହାରାଜାମାନେ କିପରି ବୈଦିକ ସନାତନୀ ଧର୍ମ ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିଲେ, ତାହା ଦର୍ଶାଇବା ଥିଲା କବି କାଳିଦାସଙ୍କ ଉଦ୍ଦେଶ୍ୟ ।

ତାମିଲ୍ ସାହିତ୍ୟର ଦୁଇ ମହାକାବ୍ୟ 'ଶିଳାପଦିକରମ୍' ଓ 'ମଣିମେଖଲାଇ'ରେ ହିନ୍ଦୁ ଦେବତା ଇନ୍ଦ୍ରଙ୍କ ପୂଜା ଉପାସନା ସମ୍ପର୍କରେ ଉଲ୍ଲେଖ କରାଯାଇଥିବା ଆମେ ଦେଖିବାକୁ ପାଉ । ମଣିମେଖଲାଇ କାବ୍ୟରେ ବର୍ଣ୍ଣିତ 'ପୁମ୍ପୁହର' ବା 'ପୁମ୍ପୁକର' ନଗରକୁ ଜମ୍ବୁଦ୍ୱୀପ ଭାରତବର୍ଷର ସଂରକ୍ଷକ ଦେବୀ (ଗାର୍ଡିଅନ୍ ଡେଇଟି)ଙ୍କ ଆବାସସ୍ଥଳୀ ବୋଲି କୁହାଯାଇଛି । ସେ ସମ୍ପର୍କିତ ଆଖ୍ୟାନଟି ହେଉଛି : 'କାବେରୀ ନଦୀର ଉତ୍ପତ୍ତିର ବହୁ ପୂର୍ବରୁ ପୁମ୍ପୁହର ସହରରେ ଥିବା ଗୋଟିଏ ବିଶାଳ ଜାମ୍ବୁ ବୃକ୍ଷ ମୂଳରେ ଜଣେ ନାରୀ ଗଭୀର ଧ୍ୟାନରେ ନିମଗ୍ନ ରହି ଆତ୍ମୋପଲବ୍ଧି କରିବା ପରେ ସେ ଜମ୍ବୁ ଦ୍ୱୀପର ସଂରକ୍ଷକ ଦେବୀ ଭାବରେ ପୂଜିତା ହେବେ ବୋଲି ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ । ଯେଉଁ ସ୍ଥାନରେ ସେ ଧ୍ୟାନ ସାଧନା କରୁଥିଲେ, ତାହା ଜମ୍ବୁ ଦ୍ୱୀପ ଭାବରେ ପରିଚିତ ହେଲା ।' ବୈଦିକ ସନାତନୀ ପରମ୍ପରାର ଅନୁସରଣରେ ଅନୁଷ୍ଠିତ ହେଉଥିବା ପୂଜା ଉପଚାରର ଆରମ୍ଭରେ ଆମେ ଯେଉଁ ସଙ୍କଳ୍ପ ମନ୍ତ୍ର ଆବୃତ୍ତି କରୁ, ସେଥିରେ ଭାରତବର୍ଷ ଜମ୍ବୁ ଦ୍ୱୀପର ଅନ୍ତର୍ଗତ ବୋଲି ସ୍ପଷ୍ଟ ଘୋଷିତ ହେବା କଥା ପ୍ରତ୍ୟେକଙ୍କୁ ଜଣା । କର୍ମବାଦ ଓ ପୁନର୍ଜନ୍ମରେ ବିଶ୍ୱାସ ହେଉଛି ସନାତନୀ ହିନ୍ଦୁ ଧର୍ମର ଅନ୍ୟତମ ମୌଳିକତା । ଉଲ୍ଲିଖିତ ଦୁଇ କାବ୍ୟ 'ଶିଳାପଦିକରମ୍' ଓ 'ମଣିମେକଲାଇ'ରେ ହିନ୍ଦୁ ଧର୍ମର ଏଇ ମୌଳିକ ବିଶ୍ୱାସ ଓ ବିଚାରଧାରା ମୁଖ୍ୟ ସ୍ଥାନ ଅଧିକାର କରିଛି । ଏଠାରେ ଆମେ ଗୋଟିଏ ମାତ୍ର ଉଦାହରଣ ନେବା । 'ଶିଳାପଦିକରମ୍'ର ନାୟକ କୋଭଲନ୍ ସୁବର୍ଣ୍ଣ ପଦକଙ୍କଣ ଚୋରି କରିଛନ୍ତି ବୋଲି ମିଥ୍ୟା ଅପରାଧରେ ଅଭିଯୁକ୍ତ ହୋଇ ଉତ୍ୟକ୍ତ ଜନତାଙ୍କ ହାତରେ ନିହତ ହୋଇଛନ୍ତି । ପତ୍ନୀ 'କନ୍ନଗୀ' ନିରପରାଧ ସ୍ୱାମୀଙ୍କ ନିର୍ମମ ହତ୍ୟାର ପ୍ରତିଶୋଧ ନେଇଛନ୍ତି ମଦୁରାଇ ନଗରକୁ ଅଭିଶାପାନଳରେ ଭସ୍ମ କରି । ମାତ୍ର ପରେ ଯେତେବେଳେ ସେ ଜାଣିଛନ୍ତି ଯେ ତାଙ୍କ ସ୍ୱାମୀ 'କୋଭଲନ୍' ପୂର୍ବ ଜନ୍ମର କୁକର୍ମ ବା ଦୁଷ୍କୃତି ଯୋଗୁଁ ନିର୍ମମ ହତ୍ୟାର ଶିକାର ହୋଇଛନ୍ତି, ସେତେବେଳେ ସେ ଅନୁତପ୍ତ ହୋଇଛନ୍ତି ଓ ଅଗ୍ନିରେ ଆପଣାକୁ ନିକ୍ଷେପ କରି ମୃତ୍ୟୁବରଣ କରିଛନ୍ତି । ଥିରୁଭାଲୁଭାରଙ୍କ 'ଥିରୁକୁରାଲ୍'ର ତେରଶହ ତିରିଶଟ ପଦ୍ୟକୁ 'ଆରମ୍', 'ପୋରୁଲ୍' ଓ 'ଇନ୍‌ବାମ୍' ଭାବରେ ନାମିତ ତିନୋଟି ଅଧ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି । ସନାତନୀ ଧର୍ମ ପରମ୍ପରାର ଧର୍ମ, ଅର୍ଥ ଓ କାମ- ଏଇ ତିନି ପୁରୁଷାର୍ଥର ତାମିଲ୍ ଭାଷାନ୍ତର ହେଉଛି 'ଆରମ୍','ପୋରୁଲ' ଓ 'ଇନବାମ୍' । ହିନ୍ଦୁ ଧର୍ମାଚାରର ସର୍ବପ୍ରଧାନ ଚତୁର୍ଥ ପୁରୁଷାର୍ଥ 'ମୋକ୍ଷ' ଉପରେ ଥିରୁଭାଲୁଭାର ଗୁରୁତ୍ୱ ନ ଦେବାର କାରଣ ହେଉଛି ଯେ ସେ ବିଶ୍ୱାସ କରୁଥିଲେ ଯେତେବେଳେ ଜଣେ ସାଂସାରିକ ଜୀବନ ପାଇଁ ଅନିବାର୍ଯ୍ୟ ଧର୍ମ, ଅର୍ଥ, କାମ ଆଦି ପୁରୁଷାର୍ଥ ଉପରେ କର୍ତ୍ତୃତ୍ୱ ହାସଲ କରେ, ସେତେବେଳେ ହିଁ ସେ 'ମୋକ୍ଷ' ରୂପକ ପୁରୁଷାର୍ଥ ଅର୍ଜନ କରିବା ପାଇଁ ଯୋଗ୍ୟ ହୋଇଥାଏ । ଏହି କେତୋଟି ଜନପ୍ରିୟ ଓ ଅତି ଜଣାଶୁଣା ତାମିଲ୍ ସାହିତ୍ୟ କୃତି ବ୍ୟତୀତ ଶେଷ ସଂଗମ ଯୁଗର ଅଠରଟି ସାହିତ୍ୟ କୃତି, ଯାହା 'ପଧିନେନ୍-କିଲ୍ -କାନାକୁ' ଭାବରେ ଖ୍ୟାତ, ସେ ପ୍ରତ୍ୟେକଟିରେ ସନାତନୀ ଧର୍ମ ଦର୍ଶନ, ବିଶ୍ୱାସ, ପ୍ରଥା ପରମ୍ପରା ସମ୍ପର୍କରେ ସବିଶେଷ ସୂଚନା ମିଳିଥାଏ । ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀଠାରୁ ନବମ ଶତାବ୍ଦୀ ମଧ୍ୟରେ ତାମିଲନାଡୁରେ ଯେଉଁ ଭକ୍ତି ଆନ୍ଦୋଳନ ଆରମ୍ଭ ହୋଇଥିଲା, ତା'ର ପୁରୋଭାଗରେ ଥିଲେ 'ଅଲୱାର' ଓ 'ନୟନାର' ଭାବରେ ପରିଚିତ ଧର୍ମୀୟ ସମ୍ପ୍ରଦାୟ ଦ୍ୱୟ । ଅଲୱାରମାନେ ବୈଷ୍ଣବ ଧର୍ମର ଓ ନୟନାରମାନେ ଶୈବ ଧର୍ମର ପ୍ରଚାରକ ଓ ପୃଷ୍ଠପୋଷକ । ବୈଷ୍ଣବ ଧର୍ମ ଓ ଶୈବ ଧର୍ମର ମୂଳ ଉତ୍ସ ହେଉଛି ବୈଦିକ ସନାତନ ଧର୍ମ । ତାମିଲନାଡୁର ସର୍ବମାନ୍ୟ ଓ ସର୍ବପୂଜିତ ଦେବତା ମୁରୁଗାନ ବା ସ୍କନ୍ଦ ହେଉଛନ୍ତି ହିନ୍ଦୁମାନଙ୍କ ପ୍ରିୟ ଦେବତା କାର୍ତ୍ତିକେୟ । ସନାତନୀ ହିନ୍ଦୁ ଧର୍ମଧାରାରେ ସ୍ୱୀକୃତି ପାଇଥିବା ଓ ପ୍ରାଚୀନ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଅନୁସୃତ ହୋଇଥିବା ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ଶିଳ୍ପକଳା ତାମିଲନାଡୁର ଶତ ସହସ୍ର ମନ୍ଦିର ଗାତ୍ରରେ ପରିସ୍ଫୁଟ ହେବା ଆମେ ଦେଖିବାକୁ ପାଉ । ମଦୁରାଇର 'ମୀନାକ୍ଷୀ ମନ୍ଦିର', ଚିଦାମ୍ବରମ୍‌ର 'ନଟରାଜ ମନ୍ଦିର', ତିରୁଭାନାମଲାଇର 'ଅରୁଣାଚଳେଶ୍ୱର ମନ୍ଦିର' ଓ ଥାଞ୍ଜାଭୁରର 'ବୃହଦେଶ୍ୱର ଶିବ ମନ୍ଦିର' ପ୍ରଭୃତିର ଗଠନ ଶୈଳୀ ତଥା କାରୁକାର୍ଯ୍ୟରେ ଆମେ ନିଚ୍ଛକ ଭାରତୀୟ କଳାକୌଶଳର ଭୂରିଭୂରି ପ୍ରମାଣ ପାଇବା ।

ତାମିଲ ଧର୍ମ, ସାହିତ୍ୟ ସଂସ୍କୃତି ଓ ତାମିଲ ଭାଷାର ପ୍ରାଚୀନତା, ଶାସ୍ତ୍ରୀୟତା ତଥା ଅନନ୍ୟତା ଯେତିକି ସତ୍ୟ, ସେତିକି ମଧ୍ୟ ସତ୍ୟ ହେଉଛି ସେ ସବୁଥିରେ ସ୍ପଷ୍ଟ ବା ପ୍ରଚ୍ଛନ୍ନ ଭାବରେ ପ୍ରସ୍ଫୁଟିତ, ପ୍ରତିଫଳିତ, ବିଚ୍ଛୁରିତ ହୋଇଥିବା ମହାଭାରତୀୟ ସନାତନୀ ଚେତନା । ପ୍ରସିଦ୍ଧ ତାମିଲ ଆର୍ଷବାକ୍ୟ 'ୟାଧୁମ୍ ଉରେ, ୟାଭାରମ୍ କେଲିର' ସନାତନୀ ଆର୍ଷବାକ୍ୟ 'ବସୁଧୈବ କୁଟୁମ୍ବକମ୍' ପରି କହିଥାଏ- ଏ ବିଶ୍ୱ ହେଉଛି ଏକ, ପ୍ରତ୍ୟେକ ମଣିଷ ହେଉଛନ୍ତି ଏକଇ ପରିବାରର ସଦସ୍ୟ । ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ ଯେଉଁ ସନାତନୀ ଆଦର୍ଶ ଓ ଧର୍ମଧାରା ତାମିଲ ଲୋକ ଜୀବନ ଓ ତାମିଲ ଭାବ ଭାବନା, ଚିନ୍ତାଧାରାର ଦିଗକୁ କାହିଁ କେଉଁ ଯୁଗ ତଳୁ ନିର୍ଦ୍ଧାରଣ କରି ସାରିଛି, ତାହା କେହି କେବେ ବିଲୋପ କରି ପାରିବେ ନାହିଁ । ଯେତେବେଳେ ଇଭି ରାମସ୍ୱାମୀ ପେରିୟାର ସନାତନ ଧର୍ମ ବିରୋଧରେ ବିଷୋଦ୍‌ଗାର କରି ଚାଲିଥିଲେ, ବ୍ରାହ୍ମଣମାନଙ୍କୁ ନିପାତ ବା ବିତାଡ଼ିତ କରିବା ପାଇଁ ବ୍ରାହ୍ମଣେତର ତାମିଲ୍‌ମାନଙ୍କୁ ପ୍ରବର୍ତ୍ତାଇ ଥିଲେ, ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ଥିବା ଜବାହାରଲାଲ ନେହରୁ ତାମିଲନାଡୁର ମୁଖ୍ୟମନ୍ତ୍ରୀ କାମରାଜଙ୍କୁ ଊଣେଇଶହ ସତାବନ ମସିହା ନଭେମ୍ବର ପାଞ୍ଚ ତାରିଖରେ ଗୋଟିଏ ଚିଠି ଲେଖିଥିଲେ । ଏବେ ଯେଉଁ ହୀନମନାମାନେ ଜବାହାରଲାଲଙ୍କୁ ହିନ୍ଦୁ ଧର୍ମ ବିରୋଧୀ ବୋଲି ଓ ଧର୍ମ ସମ୍ପର୍କିତ ଯାବତୀୟ ରାଜନୀତି, ଆଚାର ବିଚାର ପ୍ରତି ତାଙ୍କର ସାମାନ୍ୟ ଶ୍ରଦ୍ଧା ବା ଆନୁଗତ୍ୟ ନଥିଲା ବୋଲି ରଟି ଚାଲିଛନ୍ତି, ସେମାନେ ଏହି ଚିଠିର ବିଷୟବସ୍ତୁ କ'ଣ ଥିଲା, ତାହା ଜାଣିବା ନିହାତି ଆବଶ୍ୟକ । ଇଭି ରାମସ୍ୱାମୀ ପେରିୟାରଙ୍କ ଧର୍ମ ବିରୋଧୀ କାର୍ଯ୍ୟକଳାପରେ ବ୍ୟସ୍ତ ବିବ୍ରତ ଓ କ୍ରୋଧାନ୍ୱିତ ହୋଇ କାମରାଜଙ୍କୁ ନେହରୁ ଲେଖିଥିଲେ, 'ସେ ଲୋକଟି ସମ୍ପର୍କରେ ମୁଁ ବିଶେଷ କିଛି ଜାଣି ନଥିଲି । ମାତ୍ର ଏବେ ତା'ର ଅବିବେକୀ, ଉଶୃଙ୍ଖଳ କାର୍ଯ୍ୟକଳାପ ମୋର ନଜରକୁ ଆସିଲା ପରେ ମୁଁ କହିବି ଯେ ସେ ଲୋକଟା ଜଣେ ଅପରାଧୀ କିମ୍ବା ଭୟଙ୍କର ପାଗଳ । ତା'ର ବ୍ରାହ୍ମଣ ବିଦ୍ୱେଷୀ ପଦକ୍ଷେପ ମୋତେ ବିଚଳିତ କରୁଛି । ସେ ଲୋକଟି ସମ୍ପର୍କରେ ଆପଣଙ୍କୁ ସଚେତନ କରାଇବା ପାଇଁ ଏ ଚିଠିଟି ଲେଖୁଛି ।'

ଜବାହାରଲାଲ ନେହରୁ ନାସ୍ତିକ, ନିରୀଶ୍ୱରବାଦୀ, ସନାତନ ଧର୍ମର ପ୍ରଚଣ୍ଡ ବିରୋଧୀ ପେରିୟାରଙ୍କ ସମ୍ପର୍କରେ ଯାହା କହିଥିଲେ, ଆମେ ଏବେ ହୋହଲ୍ଲା କରି ଚାଲିଥିବା ହିନ୍ଦୁ ବିଦ୍ୱେଷୀମାନଙ୍କ ସମ୍ପର୍କରେ ତାହା ହିଁ କହିବା ଓ ଆମେ ନିଶ୍ଚିତ ରହିବା ଯେ ଆକୁମାରୀ ହିମାଚଳ ପ୍ରବହମାନ ହେଉଥିବା ହିନ୍ଦୁ ଧର୍ମର ସ୍ରୋତସ୍ୱିନୀ ଚିରସ୍ରୋତା ରହିବ, କାରଣ ଏହା ହେଉଛି 'ସନାତନୀ ସ୍ରୋତସ୍ୱିନୀ' । ତେଣୁ ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ- କିଛି ଦୃଶ୍ୟମାନ ସାଂସ୍କୃତିକ ଭିନ୍ନତା ତଥା ଭାଷାଗତ ବିବାଦ ଯୋଗୁଁ ଭାରତର ଏହି ପ୍ରାଚୀନ ଭୂଖଣ୍ଡ ଦିନେ ମହାଭାରତୀୟ ସ୍ରୋତରୁ ଆପଣାକୁ ବିଚ୍ଛିନ୍ନ କରି ନେବ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଉଛି, ତାହା ନିଶ୍ଚିତ ଭାବରେ ଦିନେ ନିରାଧାର ବୋଲି ପ୍ରମାଣିତ ହେବ । ■

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**କୋଟିଆଁ ବାରଙ୍ଗ,**
**ଜଗତ୍‌ସିଂହପୁର**
**ମୋ: ୯୮୫୩୩୫୫୧୦୭**

# ଡିଆସିଲିର ଘର

କିଛି ଦିନ ତଳେ ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ଭୂମିକମ୍ପ ଯୋଗୁଁ ଏକ ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିଥିଲା, ହେଲେ ଏଥିରେ କେହି ମୃତାହତ ହୋଇ ନଥିଲେ । ତଥାପି କୋଠା ନିର୍ମାଣରେ ନିୟମ ପାଳନ ହୋଇଥିଲା କି ନାହିଁ, ତାହା ଜାଣିବା ପାଇଁ ଥାଇଲ୍ୟାଣ୍ଡ ସରକାର ବିଲ୍ଡିଂ ଭୁଶୁଡ଼ିବା ଘଟଣାର ତଦନ୍ତ ପାଇଁ ଏକ କମିଟି ବସାଇ ଥିଲେ । ଭାରତରେ ଗୋଟିଏ ପରେ ଗୋଟିଏ କୋଠା ଭୁଶୁଡ଼ି ଅନେକ ଲୋକଙ୍କ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଜୀବନ ଯାଉଛି, କିନ୍ତୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ହେଉଛି କି ? ନୋଏଡାରେ ବେଆଇନ ଏବଂ ନିୟମ ଉଲ୍ଲଙ୍ଘନ କରି ନିର୍ମାଣ କରା ଯାଇଥିବା ସୁପରଟେକ୍ ଟ୍ୱିନ୍ ଟାୱାରକୁ ୨୦୨୨ ମସିହାରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ କରାଯାଇଥିଲା । ଏହି ସୁପରଟେକ୍ ଟ୍ୱିନ୍ ଟାୱାର ଭାଙ୍ଗିବା ଘଟଣା ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟି ଥିଲା । ନୋଏଡା କର୍ତ୍ତୃପକ୍ଷ ଏବଂ ସୁପରଟେକ୍‌ର ଅଧିକାରୀଙ୍କ ମଧ୍ୟରେ ଆପୋସ ମିଳାମିଶା ଥିଲା, ଯେଉଁଥିପାଇଁ ବେଆଇନ ନିର୍ମାଣକୁ ମଞ୍ଜୁରୀ ମିଳିଥିଲା ବୋଲି କୋର୍ଟ କହିଛନ୍ତି । ଦିଲ୍ଲୀର ମୁସ୍ତାଫାବାଦରେ ଘର ଭୁଶୁଡ଼ି ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଆହତ ହେବା ଘଟଣା ଏଭଳି 'ସମ୍ପୃକ୍ତି'ର ସଦ୍ୟତମ ଉଦାହରଣ । ମୁସ୍ତାଫାବାଦରେ କୋଠା ଭାଙ୍ଗିବା ଘଟଣା ସାମାନ୍ୟ ନୁହେଁ । ଉତ୍ତର-ପୂର୍ବ ଦିଲ୍ଲୀରେ ଏହା ହେଉଛି ପ୍ରଥମ ଘଟଣା, ଯେଉଁଠାରେ ଘର ଭୁଶୁଡ଼ି ୧୧ ଜଣଙ୍କର ମୃତ୍ୟୁ ଘଟିଛି ।

ପ୍ରତ୍ୟେକ ସହରରେ ଦିନକୁ ଦିନ ବହୁ ମହଲା ବିଶିଷ୍ଟ ଅଟ୍ଟାଳିକା ବୃଦ୍ଧି ପାଉଛି । ସହରବାସୀ ଖୁବ୍ ସହଜରେ ଓ ସୁବିଧାରେ କେମିତି ସବୁ କିଛି ହାତପାଆନ୍ତାରେ ମିଳିଯିବ, ସେ ଚିନ୍ତାରେ ରହୁଛନ୍ତି । ଲୋକଙ୍କ ଏହି ଚାହିଦା ମେଣ୍ଟାଇବା ପାଇଁ ଉଚ୍ଚ ଅଟ୍ଟାଳିକାରେ ବିଭିନ୍ନ ସପିଙ୍ଗ୍ ମଲ୍, ଘରୋଇ ଶିକ୍ଷାନୁଷ୍ଠାନ ଖୋଲି ଚାଲିଛି । ସେହିପରି ସହରରେ ଆପାର୍ଟମେଣ୍ଟ କଲ୍‌ଚର୍ ମଧ୍ୟ ଜୋର୍ ଧରିଛି । ଲୋକେ ଜାଗା କିଣି ଆଉ ଘର ତିଆରି କରିବା ଝମେଲାରେ ନ ପଡ଼ି ଆପାର୍ଟମେଣ୍ଟ କ୍ରୟ କରିବାକୁ ପସନ୍ଦ କରୁଛନ୍ତି । ଏହାର ସୁଯୋଗ ନେଇ ବିଲ୍ଡରମାନେ ନିମ୍ନ ମାନର ସାମଗ୍ରୀ ବ୍ୟବହାର କରି ଫ୍ଲାଟ ନିର୍ମାଣ କରି ବିକ୍ରି କରୁଛନ୍ତି ।

ଯଦି ଭିତ୍ତିଭୂମି ଉଚ୍ଚ କୋଠାର ଭାର ସହି ପାରିବ ନାହିଁ, ତେବେ ଦୁର୍ଘଟଣା ହେବା ସୁନିଶ୍ଚିତ । ପ୍ରତ୍ୟେକ ମହାନଗରୀରେ ନଭଶ୍ଚୁମ୍ବୀ ଅଟ୍ଟାଳିକାଗୁଡ଼ିକ ଡିଆସିଲି ପରି ଦଣ୍ଡାୟମାନ । ଏଠି ସରକାରଙ୍କୁ ପ୍ରଶ୍ନ କରିବାକୁ କେହି ଅଛନ୍ତି କି ? କେତେ ଜାଗାରେ କେତୋଟି ଘର ରହି ପାରିବ, ଭୂତଳ ଜଳ ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ହେବ କି ନାହିଁ ? ଏତେ ଲୋକଙ୍କ ଆବର୍ଜନାକୁ ସମ୍ଭାଳିବାକୁ ଏକ ସୀମିତ ଅଞ୍ଚଳ ସମର୍ଥ ହେବ କି ନାହିଁ ? ଏତେ ବଡ଼ ବଡ଼ ଅଟ୍ଟାଳିକାରେ ସୁଖ ସୁବିଧା ପର୍ଯ୍ୟାପ୍ତ ହେବ ତ ? ନିକଟ ଅତୀତରେ ଯେଉଁ ଜଳାଭାବ ବେଙ୍ଗାଲୁରୁ ଓ ପୁନେ ସହରରେ ଦେଖା ଦେଇଥିଲା, ସେଇ ସମଦଶା ଆମର ହେବ ନାହିଁ ତ ? ଆମେ ଖାଲି ପରିବେଶ ସୁରକ୍ଷା, ବିଶ୍ୱ ତାପାୟନ ବିଷୟରେ ଅରଣ୍ୟ ରୋଦନ କରୁଥିବା ନା ସେଥି ପ୍ରତି କୌଣସି ପଦକ୍ଷେପ ନେବା ? ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ମହାନଗର ନିଗମ ଓ ଅଗ୍ନିଶମ ସେବା ସଂସ୍ଥା ମଧ୍ୟରେ ସମନ୍ୱୟ ଅଭାବରୁ ରାଜଧାନୀର ବହୁ କୋଠାବାଡ଼ି ଅତି ବିପଦସଂକୁଳ ଅବସ୍ଥାରେ ରହିଛି । ଯେ କୌଣସି ସ୍ଥାନରେ ବଡ଼ ଧରଣର ଦୁର୍ଘଟଣା ଘଟିଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କିଛି ସମୟ ପାଇଁ ଚେତା ଫେରେ ଏବଂ ବିଲିବିଲେଇଲା ଭଳି କିଛି ଚେତାବନୀ ଦେଇ କର୍ତ୍ତୃପକ୍ଷ ପୁଣି ଶୋଇ ପଡ଼ନ୍ତି । ଫଳରେ ବେଆଇନ ନିର୍ମାଣ ପାଇଁ କର୍ତ୍ତୃପକ୍ଷ ଏକ ପ୍ରକାର ଅଘୋଷିତ ଲାଇସେନ୍ସ ଦେଉଥିବାରୁ ସମସ୍ୟା ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ରହିଛି ।

ବଡ଼ ବଡ଼ ଅଟ୍ଟାଳିକା, ବିଶେଷକରି ବହୁ ମହଲା ବିଶିଷ୍ଟ ଆପାର୍ଟମେଣ୍ଟଗୁଡ଼ିକ ଲାଗି ନିରାପତ୍ତା ଦୃଷ୍ଟିରୁ ଯାହାସବୁ ମାର୍ଗଦର୍ଶିକା ରହିଛି, କୋଠାବାଡ଼ି ପ୍ଲାନ୍ ମଞ୍ଜୁରୀ ବେଳେ ବିଡିଏ ତା' ଉପରେ ଦୃଷ୍ଟି ଦେଉ ନଥିବାରୁ ବିପଜ୍ଜନକ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଅଗ୍ନି ଦୁର୍ଘଟଣା ଦୃଷ୍ଟିକୋଣରୁ ଏହି ଆପାର୍ଟମେଣ୍ଟଗୁଡ଼ିକ ଅତ୍ୟନ୍ତ ବିପଦସଂକୁଳ ଏବଂ ଏହାର ନିର୍ମାଣ କାର୍ଯ୍ୟ ମଧ୍ୟ ବେଆଇନ । ଏଭଳି ଶହ ଶହ ବେଆଇନ କୋଠାବାଡ଼ି ଭାଙ୍ଗିବା ପାଇଁ ସରକାରୀ ବୁଲ୍‌ଡୋଜର ସାହସ କରିପାରେ ନାହିଁ । ଅଥଚ ପେଟ



ଚାଖଣ୍ଡେ ପାଇଁ ଗାଁ ଗହଳିରୁ ଆସି ଉଠା ଦୋକାନ କରି ଗୁଜୁରାଣ ମେଣ୍ଟାଉ ଥିବା ଲୋକର କ୍ୟାବିନ୍ ଭାଙ୍ଗିବା ପାଇଁ ସରକାରୀ ବୁଲ୍‌ଡୋଜର ସଦା ପ୍ରସ୍ତୁତ । ବିଭିନ୍ନ ନାଗରିକ ସଂଗଠନର କର୍ମକର୍ତ୍ତାମାନେ କହୁଛନ୍ତି ଯେ ପ୍ଲାନ୍ ଅନୁମୋଦନ କ୍ଷେତ୍ରରେ ଆର୍କିଟେକ୍ଟମାନଙ୍କୁ ବିଶେଷ ଦାୟିତ୍ୱ ଦିଆଯିବା ପରେ ବ୍ୟାପକ କଳାଟଙ୍କା କାରବାର ହେଉଛି । ରାଜଧାନୀରେ ଏବେ ଯେତେସବୁ ଗୃହ ନିର୍ମାଣ ଚାଲିଛି, ସେଗୁଡ଼ିକର ତଦାରଖ କରାଗଲେ ଅନେକ ଘର ନିରାପତ୍ତା ବ୍ୟବସ୍ଥାର ଉଲ୍ଲଂଘନ କରି ନିର୍ମିତ ହୋଇଥିବା ସ୍ପଷ୍ଟ ଜଣା ପଡ଼ିବ । ଜାତୀୟ ରାଜଧାନୀରେ ପ୍ରାୟ ୧୭୦୦ ଅନଧିକୃତ କଲୋନୀ ରହିଛି, ଯେଉଁଠାରେ ଲକ୍ଷ ଲକ୍ଷ ଲୋକ ବସବାସ କରନ୍ତି । ବିନା ସରକାରୀ ଅନୁମୋଦନରେ ଏହି କଲୋନୀଗୁଡ଼ିକର ବିକାଶ ହୋଇଛି ଏବଂ ସେଥି ମଧ୍ୟରୁ ଅଧିକାଂଶ ଜଳ, ବିଜୁଳି ଏବଂ ସ୍ୱେରେଜ୍ ଭଳି ମୌଳିକ ସୁବିଧାରେ ସୀମିତ ରହିଛି । ବେଆଇନ ନିର୍ମାଣ ମାମଲାରେ ଏମ୍‌ସିଡି ଘୋଷଣା କରିଥିବା ସମସ୍ତ ସମ୍ପତ୍ତି ମଧ୍ୟରୁ ୯୮ ପ୍ରତିଶତରେ ଲୋକମାନେ ରହୁଛନ୍ତି । ଏହି କାରଣରୁ କୋଠା ଭୁଶୁଡ଼ି ଦୁର୍ଘଟଣା ଘଟୁଛି । ସେହିପରି ନୋଏଡା କର୍ତ୍ତୃପକ୍ଷ ୨୦୦ଟି କୋଠାକୁ ବେଆଇନ ଘୋଷଣା କରିଛନ୍ତି । ନଗର ଉନ୍ନୟନ ମନ୍ତ୍ରଣାଳୟ ବେଆଇନ କଲୋନୀ ନିର୍ମାଣ ଏବଂ ପୁରୁଣା କୋଠାଗୁଡ଼ିକର ରକ୍ଷଣାବେକ୍ଷଣ ଓ ଢାଞ୍ଚା ସମ୍ପର୍କରେ ସୂଚନା ନ ରଖିବା ପର୍ଯ୍ୟନ୍ତ ଘର ଭାଙ୍ଗିବା ଜାରି ରହିବ । ■

**ନୟାଗଡ଼, ମୋ: ୯୪୩୭୬୪୨୯୪୭**

NITIDIN
ନିତିଦିନ
ମଙ୍ଗଳବାର, ୬ ମେ ,୨୦୨୫

# ଟ୍ରମ୍ପ୍ ଉପାଦାନ ଓ ଅଷ୍ଟ୍ରେଲିଆ ନିର୍ବାଚନ

ଶନିବାର ଦିନ ପ୍ରକାଶ ପାଇଛି ଅଷ୍ଟ୍ରେଲିଆ ନିର୍ବାଚନର ଫଳାଫଳ । ଗତ ଦୁଇ ଦଶନ୍ଧି ଭିତରେ, ଅର୍ଥାତ୍ ୨୦୦୪ ପରେ ପ୍ରଥମ ଅଷ୍ଟ୍ରେଲୀୟ ନେତା ଭାବରେ ଇତିହାସ ସୃଷ୍ଟି କରି ଲଗାତର ଦ୍ୱିତୀୟ ଥର ପାଇଁ ନିର୍ବାଚନରେ ବିଜୟ ଲାଭ କରିଛନ୍ତି ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନିଜ୍; ଏହା ହେଉଛି ଆଲ୍‌ବାନିଜ୍ ୧, ମାର୍କ୍ କାର୍ଣ୍ଣି ୧ ଏବଂ ଡୋନାଲ୍ଡ ଟ୍ରମ୍ପ୍ ୦ । କାନାଡା ଏବଂ ଅଷ୍ଟ୍ରେଲିଆରେ ଆମେରିକୀୟ ରାଷ୍ଟ୍ରପତି ବସ୍ତୁତଃ ଥିଲେ 'ନିର୍ବାଚନୀ ହାତୀ' ଯେଉଁଠି ତାଙ୍କ ସମର୍ଥିତ ପ୍ରାର୍ଥୀମାନେ ବିପୁଳ ସଂଖ୍ୟକ ଭୋଟ୍ ବ୍ୟବଧାନରେ ପରାଜୟ ବରଣ କରିଛନ୍ତି । ଅଷ୍ଟ୍ରେଲିଆ ସଂସଦର ମୋଟ ୧୫୧ଟି ଆସନ ମଧ୍ୟରୁ ଆଲ୍‌ବାନିଜ୍‌ଙ୍କ ସେଣ୍ଟର-ଲେଫ୍ଟ ଲେବର ଦଳ ୮୭ଟି ଆସନ ହାତେଇବାରେ ସମର୍ଥ ହୋଇଛନ୍ତି, ଯେତେବେଳେ କି ପୂର୍ବ ନିର୍ବାଚନରେ ଏହା ୭୭ଟି ଆସନ ଲାଭ କରି ପାରିଥିଲା । ଅପର ପକ୍ଷରେ ଏହାର ବିରୋଧୀ ସେଣ୍ଟର-ରାଇଟ୍ ଲିବେରାଲ-ନ୍ୟାସନାଲ ମେଣ୍ଟ ସମ୍ପୂର୍ଣ୍ଣ ଭାବରେ ପରାଜିତ ହୋଇଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀଯୁକ୍ତ ଆଲ୍‌ବାନିଜ୍‌ଙ୍କୁ ଏହି 'ବିପୁଳ ବିଜୟ' ଉପଲକ୍ଷେ ଅଭିନନ୍ଦନ ଜଣାଇବାକୁ ଯାଇ କହିଛନ୍ତି ଯେ ଆଗାମୀ ସମୟରେ ସେ ଭାରତ-ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ସମ୍ପର୍କ ସହିତ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସହଯୋଗକୁ ଅବଶ୍ୟ ଦ୍ରୁତ ଗତିରେ ଆଗେଇ ନେବେ । ଟ୍ରମ୍ପ୍ 'ଅଭିଶାପ'ରୁ ଯଦି ଜଣେ କେହି ବଞ୍ଚିଯାଇ ଥାଇ ପାରନ୍ତି, ସେ ହେଉଛନ୍ତି ୟୁକେର ନାଇଜେଲ୍ ଫାରାଜେ ଯାହାଙ୍କ ସଂସ୍କାର ଅତ୍ୟନ୍ତ କମ୍ ସଂଖ୍ୟକ ବ୍ୟବଧାନରେ ସଂସଦକୁ ଗୋଟିଏ ଆସନରେ ବିଜୟ ଲାଭ କରାଇଛି, କିନ୍ତୁ ପରବର୍ତ୍ତୀ ନିର୍ବାଚନ ବେଳକୁ ଦ୍ୱିଦଳୀୟ ବ୍ୟବସ୍ଥାକୁ ହଲ୍‌ଚଲ୍ କରିବା ପାଇଁ ପ୍ରସ୍ତୁତ ଅବସ୍ଥାରେ ରହିଛି, ଯାହା ଶହ ଶହ ବର୍ଷ ଧରି ୟୁକେର ବୈଶିଷ୍ଟ୍ୟ ହୋଇ ରହି ଆସିଛି ।

ଅଷ୍ଟ୍ରେଲିଆ ନିର୍ବାଚନ କ୍ଷେତ୍ରକୁ ଆସିଲେ ସ୍ପଷ୍ଟ ରୂପରେ ଦେଖିହୁଏ ଯେ ଆଲ୍‌ବାନିଜ୍, ଯାହାଙ୍କ ପାଇଁ ସଦ୍ୟ ସମାପ୍ତ ନିର୍ବାଚନ ଏକ ବିରାଟ ପାହାଡ଼ ଚଢ଼ିବା ସଙ୍ଗେ ସମାନ ଥିଲା, ସେ ହୁଏତ ନିଜେ ତାଙ୍କ ଲେବର ଦଳ ନିମନ୍ତେ ବିପୁଳ ବିଜୟକୁ ପରିଲକ୍ଷିତ କରି ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିବେ, ଯାହାକି ଗତ ଥର ଭଳି ନହୋଇ ସଂସଦରେ ସ୍ପଷ୍ଟ ବହୁମତ ହାସଲ କରି ପାରିଛି, ଯେତେବେଳେ କି ପିଟର ଡଟନ୍‌ଙ୍କ ନେତୃତ୍ୱାଧୀନ ମେଣ୍ଟ ଧୂଳି ଚାଟିଛି; ଏମିତିକି ନିଜେ ଡଟନ୍ ଗତ ୨୪ ବର୍ଷ ଧରି ପ୍ରତିନିଧିତ୍ୱ କରି ଆସୁଥିବା ଆସନରେ ପରାଜୟକୁ ସାମ୍ନା କରିଛନ୍ତି । ନିର୍ବାଚନରେ ପ୍ରାର୍ଥୀତ୍ୱଜନିତ ଅଭିଶାପ ସମଗ୍ର ବିଶ୍ୱରେ ସରକାରମାନଙ୍କୁ ହୁଏତ ବାନ୍ଧି ରଖିବାରେ ସମ୍ପ୍ରତି ସମର୍ଥ ହୋଇଛି- ଯୁକ୍ତରାଷ୍ଟ୍ର ଆମେରିକାଠାରୁ ଆରମ୍ଭ କରି ୟୁକେଠାରୁ ଦକ୍ଷିଣ ଆଫ୍ରିକା ପର୍ଯ୍ୟନ୍ତ, କିନ୍ତୁ ଅଷ୍ଟ୍ରେଲିଆର ନାଗରିକମାନେ ପରିବର୍ତ୍ତନ ଅପେକ୍ଷା ସ୍ଥିରତାକୁ ପସନ୍ଦ କରିବା ଭଳି ମନେ ହେଉଛନ୍ତି, ତାହା ପୁଣି ଏମିତି ଏକ ସମୟରେ, ଯେତେବେଳେ ସମଗ୍ର ବିଶ୍ୱ ଟ୍ରମ୍ପ୍‌ଙ୍କ ଦ୍ୱାରା ଲାଗୁ କରାଯାଉଥିବା ନୀତିଗୁଡ଼ିକ ଯଥା ପ୍ରଶାସନିକ ସେବାରେ କାଣ୍ଟଛାଣ୍ଟ କରାଯିବା, ପ୍ରବାସୀମାନଙ୍କ ସମ୍ପର୍କରେ କଠୋର ନିଷ୍ପତ୍ତି ନିଆଯାଇ ସେମାନଙ୍କୁ ବିତାଡ଼ିତ କରାଯିବା, ଜନ୍ମଗତ ଅଧିକାର ପ୍ରଦାନକୁ ଅସ୍ୱୀକାର କରାଯିବା ଏବଂ ଆଣବିକ ଶକ୍ତିର ପ୍ରଚଳନ କରାଯିବା ଓ ପୁନର୍ନବୀକରଣୀୟ ଉତ୍ସଗୁଡ଼ିକରୁ ଶକ୍ତି ଆହରଣକୁ ହ୍ରାସ କରାଯିବା ଭଳି କାର୍ଯ୍ୟଗୁଡ଼ିକୁ ଦ୍ୱାର ଦେଖାଇବା ଭଳି ଅନିଶ୍ଚିତତାର ସମୟ ଦେଇ ଗତି କରୁଛି ।

୨୦୨୨ଠାରୁ ଶ୍ରୀଯୁକ୍ତ ଆଲ୍‌ବାନିଜ୍ ନିଜ ଦେଶରେ ଏକ କଠୋର ସମୟ ଦେଇ ଗତି କରି ଆସୁଥିଲେ । ଦେଶର ଅର୍ଥନୀତି, ମୁଦ୍ରାସ୍ଫୀତି ଏବଂ ଅପ୍ରବାସନ ନିୟମଗୁଡ଼ିକ କ୍ଷେତ୍ରରେ ସେ ଲୋକମାନଙ୍କ ନିକଟରେ ନିଜର ଲୋକପ୍ରିୟତା ହରାଇ ଥିଲେ । ସେଥିପାଇଁ ଚଳିତ ନିର୍ବାଚନରେ ସେ ହୁଏତ ହାରି ଯାଇ ପାରନ୍ତି କିମ୍ବା ଦେଶରେ ଏକ ଝୁଲା ସରକାର ପ୍ରତିଷ୍ଠା ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା । ତେବେ ତାଙ୍କ ପୁନଃନିର୍ବାଚିତ ହେବା ପଛରେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କର ଆମେରିକା ରାଷ୍ଟ୍ରପତିତ୍ୱ ଯଥେଷ୍ଟ ସହାୟକ ହୋଇଥିବା ପ୍ରତୀୟମାନ ହେଉଛି ଏବଂ ଏହାକୁ କାନାଡା ନିର୍ବାଚନର ପ୍ରତିଫଳନ ଭାବରେ ବିବେଚନା କରାଯାଉଛି । ପିଟର ଡଟନ୍‌ଙ୍କୁ ଅଷ୍ଟ୍ରେଲୀୟମାନେ ଟ୍ରମ୍ପ୍ ନୀତିର ପ୍ରଶଂସକ ଭାବରେ ବିବେଚନା କରୁଥିବାରୁ ଶ୍ରୀଯୁକ୍ତ ଆଲ୍‌ବାନିଜ୍‌ଙ୍କ ଭଳି ଜଣେ ଉଦାରପନ୍ଥୀ ନେତାଙ୍କୁ ପସନ୍ଦ କରିଛନ୍ତି । ଏମିତି ନୁହେଁ ଯେ ଶ୍ରୀଯୁକ୍ତ ଆଲ୍‌ବାନିଜ୍ ଆମେରିକାର ଘନିଷ୍ଠ ମିତ୍ର ନୁହନ୍ତି, କିନ୍ତୁ ତା' ସତ୍ତ୍ୱେ ସେ ଟ୍ରମ୍ପ୍‌ଙ୍କ ଦ୍ୱାରା ଲାଗୁ କରାଯାଇଥିବା ତାରିଫ୍ ବ୍ୟବସ୍ଥାର ଦୃଢ଼ ବିରୋଧୀ, ଯାହାକୁ ଭୋଟରମାନେ ତାଙ୍କ ସପକ୍ଷରେ ଯାଉଥିବା ବିବେଚନା କରିଥିଲେ- ଠିକ୍ ସେମିତି ଯେମିତି କାନାଡାର ଶ୍ରୀଯୁକ୍ତ କାର୍ଣ୍ଣି ଆମେରିକୀୟ ତାରିଫ୍ ବ୍ୟବସ୍ଥାକୁ ବିରୋଧ କରୁଛନ୍ତି ।

କଠୋର ଦକ୍ଷିଣପନ୍ଥୀ ଭାବନା ପଟକୁ ଢଳିବା ବିରୁଦ୍ଧରେ ପ୍ରତିକ୍ରିୟା ତେଣୁ ଆଶ୍ଚର୍ଯ୍ୟଜନକ ନୁହେଁ, କାରଣ ଅଷ୍ଟ୍ରେଲୀୟମାନେ ଆଧୁନିକ ବିଶ୍ୱରେ ଆଦର୍ଶଗତ ଭାବରେ କଠୋର ବାମପନ୍ଥୀ ଭାବଧାରା ସମ୍ପନ୍ନ ଦଳକୁ ଡିଆଁ ମାରିବା ଅପେକ୍ଷା ଉଦାରବାଦୀ ଏବଂ ରକ୍ଷଣଶୀଳ ମନୋଭାବକୁ ପୋଷଣ କରୁଥିବା ରାଜନୀତିକ ଦଳକୁ ସମର୍ଥନ କରୁଥିବା ଏବଂ କେନ୍ଦ୍ରୀୟ ବ୍ୟବସ୍ଥା ପ୍ରତି ଅନୁଗତ ରହିବା ଦେଖା ଯାଇ ଆସିଛି, ଯେଉଁମାନେ କି ସେମାନେ ଜୀବନ ଧାରଣ କରିବାର ମୂଲ୍ୟ ବୃଦ୍ଧିକୁ, ବାସଗୃହର ଦର ବୃଦ୍ଧିକୁ ଏବଂ ଚାକିରି କ୍ଷେତ୍ରରେ କୌଣସି ଉଲ୍ଲେଖନୀୟ ବୃଦ୍ଧି ଘଟୁ ନଥିବାକୁ ପ୍ରତ୍ୟକ୍ଷ କରୁଛନ୍ତି । ଏହିଭଳି ସମର୍ଥନ ଲୋକପ୍ରିୟତା ନାମରେ ଲୁଟୁଥିବା ତଥା କ୍ଷମତାକୁ ଆସିଲେ ପରିବର୍ତ୍ତନ ନାମରେ ଟ୍ରମ୍ପ୍‌ଙ୍କ ଭଳି ବିପର୍ଯ୍ୟୟ ସୃଷ୍ଟିକାରୀ ପଦକ୍ଷେପମାନ ନେଉଥିବା ନେତାମାନଙ୍କୁ କ୍ଷମତାରୁ ବିଦାୟ କରିବାରେ ସାହାଯ୍ୟ କରିଛି । ଇତ୍ୟବସରରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ଗତ ସପ୍ତାହର ଅନ୍ତ ମଧ୍ୟ ଆଉ ଏକ ନିର୍ବାଚନୀ ବିଜୟକୁ ପରିଲକ୍ଷିତ କରିଛି ଯାହା ଆଶାନୁରୂପ ଭାବରେ ସିଙ୍ଗାପୁରରେ ଲରେନ୍ସ ୱଙ୍ଗ୍‌ଙ୍କୁ ଚତୁର୍ଦ୍ଦଶ ଥର ପାଇଁ କ୍ଷମତାରେ ରହିବାକୁ ନିର୍ବାଚିତ କରିଛି । ଶ୍ରୀଯୁକ୍ତ ୱଙ୍ଗ୍ ମଧ୍ୟ ଟ୍ରମ୍ପ୍‌ଙ୍କ ନୀତିର ଘୋର ବିରୋଧୀ, ଯାହା ସେ ତାଙ୍କ ନିର୍ବାଚନୀ ପ୍ରଚାର କାଳରେ ସ୍ପଷ୍ଟ ଶବ୍ଦରେ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି, ଯଦି ତାରିଫ୍‌ଗୁଡ଼ିକ ପ୍ରତ୍ୟାହାର କରା ନ ଯାଉଛି, ତା'ହେଲେ 'ଆମେରିକାକୁ ରପ୍ତାନୀ ବନ୍ଦ କରିଦିଅ ।' ମୋଟାମୋଟି ଏଥିରୁ ସହଜରେ ଅନୁମେୟ ଯେ ସାରା ବିଶ୍ୱ ଏବେ ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କ ନୀତିର ଘୋର ବିରୋଧାଚରଣ କରୁଛି, ଯାହା ଆମେରିକା ପାଇଁ ନିଜ ଗୋଡ଼ରେ କୁରାଢ଼ି ମାରିବା ସଦୃଶ । ■

## ସାଧନାର ସମୟ

କିଛି ପାହାଚ ଅତିକ୍ରମ କଲେ ଆମେ ଶୀର୍ଷରେ ପହଞ୍ଚି ଥାଉ । ବିନା ଚେଷ୍ଟାରେ ଉଚ୍ଚକୁ ଯିବା ସମ୍ଭବ ନୁହେଁ । ପାଣିକୁ ଟାଙ୍କିରେ ଭର୍ତ୍ତି କରିବାକୁ ହେଲେ ପାଣି ପମ୍ପର ସାହାଯ୍ୟ ନେବାକୁ ହୁଏ । ସେହି ପାଣିକୁ ନଳ ସାହାଯ୍ୟରେ ତଳକୁ ଆଣିବାକୁ ହେଲେ ଆଉ କାହାର ସାହାଯ୍ୟ ଦରକାର ହୁଏନା, ବରଂ ପାଣିର ପ୍ରବାହ ଏତେ ଥାଏ ଯେ ଟ୍ୟାପ୍ ଲଗେଇ ତାକୁ ରୋକିବାକୁ ହୁଏ । ସେମିତି ଜୀବନର ଅଗ୍ରଗତିର କ୍ଷେତ୍ର । ସାଧନା ଦ୍ୱାରା ଆମ ଗୁଣକୁ ଆୟତ୍ତରେ ରଖିବାକୁ ହୁଏ । ସାଧନାରୁ ବିଚ୍ୟୁତ ହେଲେ ମଣିଷ ଅଧଃପତନ ଆଡ଼କୁ ଚାଲିଆସେ । ସେଥିପାଇଁ ସାଧକମାନଙ୍କ ସାଧନା ସମୟରେ ତାଙ୍କୁ ସହଯୋଗ କରିବା ଉଚିତ୍ । ସାଧନାର ଗୋଟିଏ ବଡ଼ ମନ୍ଦ ଦିଗ ହେଉଛି ଅମନଯୋଗିତା । ଦେଖାଯାଏ ପିଲା ପାଟିକରି ପାଠ ପଢୁଥିବ । କିଛି ମନେ ରଖୁ ନଥିବ । କାରଣ ଶରୀର ଥାଏ ବହି ପାଖରେ, ମନ ଅନ୍ୟଠି ଥାଏ । ସେମିତି ସାଧକ ଏକାଗ୍ର ମନରେ ସାଧନା ପଥରେ ଅଗ୍ରସର ହେବା ଉଚିତ୍ । ଉପଯୁକ୍ତ ସମୟରେ ସାଧନା ନକଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା କଷ୍ଟକର ହୋଇପଡ଼େ । ଏ ନେଇ ବାସ୍ତବ ଉଦାହରଣଟିଏ ।

ଠାକୁର ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ମାନସ ସନ୍ତାନ ଥିଲେ ବ୍ରହ୍ମାନନ୍ଦ । ଠାକୁର ତାଙ୍କୁ ଖୁବ୍ ସ୍ନେହ କରୁଥିଲେ । ସ୍ୱାମୀ ବିବେକାନନ୍ଦ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ସହିତ ମିଶିବା ପୂର୍ବରୁ ବ୍ରହ୍ମାନନ୍ଦ ଗୁରୁ ସେବାରେ ବ୍ରତୀ ଥିଲେ । ବ୍ରହ୍ମାନନ୍ଦ ଥିଲେ ଖୁବ୍ ସ୍ନେହୀ ମଣିଷ ଏବଂ ଜଣେ ସୁସାଧକ । ସ୍ୱାମୀ ବିବେକାନନ୍ଦଙ୍କ ପ୍ରମୁଖ ଗୁରୁଭାଇ । ସ୍ୱାମୀ ବିବେକାନନ୍ଦ ବ୍ରହ୍ମାନନ୍ଦଙ୍କୁ ଗୁରୁପୁତ୍ର ଭାବରେ ପ୍ରଣାମ କରନ୍ତି । ବ୍ରହ୍ମାନନ୍ଦ ବିବେକାନନ୍ଦଙ୍କୁ ଗୁରୁଙ୍କ ପ୍ରମୁଖ ଶିଷ୍ୟ ଭାବରେ ମଧ୍ୟ ପ୍ରଣାମ କରନ୍ତି । ପରସ୍ପରଙ୍କ ଭିତରେ ବହୁତ ଭଲ ପାଇବା ଥିଲା । ଫରକ ଏତିକି ଥିଲା, ସ୍ୱାମୀ ବିବେକାନନ୍ଦ ଥିଲେ ଜଣେ ସୁବକ୍ତା ଓ ବାଗ୍ମୀ । କିନ୍ତୁ ବ୍ରହ୍ମାନନ୍ଦ ସେଭଳି ବାଗ୍ମୀ ନଥିଲେ ସୁଦ୍ଧା ବିବେକାନନ୍ଦଙ୍କ ଭଳି ସାଧକ ଥିଲେ । ସେହି ବ୍ରହ୍ମାନନ୍ଦଙ୍କ ଜୀବନର ଏକ ଘଟଣା । ଶ୍ରୀ ରାମକୃଷ୍ଣ ମିଶନର ଅନେକ ସାଧୁଙ୍କ ଭିତରୁ ଜଣେ ସାଧୁ ଥିଲେ । ଯୌବନର ଅନେକ ସମୟ ଯଜ୍ଞ, ଜନସେବାରେ ଦେଉଥିଲେ । ସାଧନା କରିବାକୁ ପଛରେ ପକେଇ ଦେଇଥିଲେ । ବୟସ କ୍ରମେ ସରି ଆସୁଥିଲା । ସାଧନା ପାଇଁ ସମୟ ନଥିଲା । ପ୍ରଥମେ ସାଧନା କରି ପରେ ଜନସେବାରେ ବାହାରିବା ଉଚିତ୍ ଥିଲା । କିନ୍ତୁ ସେ ସନ୍ଥ ପ୍ରଥମେ ଜନସେବାରେ ଲାଗିଲେ । ବୟସ ଥିବା ବେଳେ ବ୍ରହ୍ମାନନ୍ଦ ସେ ଗୁରୁଭାଇଙ୍କୁ ବାରମ୍ବାର ଡାକୁଥିଲେ । ସାଧନା କରିବା ପାଇଁ ପ୍ରେରଣା ଦେଉଥିଲେ । ହେଲେ ସେ ସାଧୁ ସାଧନାଠାରୁ ଖୁବ୍ ଦୂରରେ ରହୁଥିଲେ । ସବୁବେଳେ କହୁଥିଲେ, ସମୟ ନାହିଁ । ସମୟ କ୍ରମେ ବୟସ ନଇଁଗଲା । ସେତେବେଳକୁ ସାଧନାର ସମୟ ସରି ଯାଇଥିଲା । ସାଧନା କରିବାକୁ ଶରୀର ଆଉ ସହଯୋଗ କରୁ ନଥିଲା । ସେମିତି ଆମେ ଯେଉଁ କ୍ଷେତ୍ରରେ ଅଛେ ବା ଆମର ଲକ୍ଷ୍ୟ ଯାହା, ସେ ନେଇ ଆମେ ସାଧନାରେ ରହିବା ଉଚିତ୍ । ଛାତ୍ର ଥିଲେ ପଢ଼ାପଢ଼ି କରିବା, ଗବେଷଣା କରିବା; ଯୁବକ ଥିଲେ ଦେଶ ସେବା ପାଇଁ ଲାଗିବା ଇତ୍ୟାଦି ସାଧନାର କଥା । ମୂଲ୍ୟବାନ ସମୟକୁ ନଷ୍ଟ ନକରି ଯୋଉ କ୍ଷେତ୍ରରେ ଆମର ଉନ୍ନତି କରିବାକୁ ଅଛି, ସେ କ୍ଷେତ୍ରରେ ସାଧନା ବି କରିବା ଉଚିତ୍ । ନହେଲେ ଜୀବନ ସଞ୍ଜ ନଇଁଲା ବେଳକୁ ଦେଖାଯିବ ଆମ ଜୀବନର ମୋଡ଼ ବଦଳି ଯାଇଛି । ■

ପଦାରବିନ୍ଦ

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଲାଠିପଡ଼ାରେ କାର୍ଲମାର୍କ୍ସ ଜୟନ୍ତୀ



**ନୟାଗଡ଼,୫।୫/ଏନ୍ଏନ୍ଏସ୍:** ପୃଥିବୀ ସାମ୍ରାଜ୍ୟବାଦ, ଉପନିବେଶବାଦ ଓ ପୁଞ୍ଜିବାଦର ଦଂଶନରେ ତ୍ରାହି ତ୍ରାହି ଡାକୁଥିଲା ବେଳେ ସର୍ବହରା ଶ୍ରେଣୀ ମୁକ୍ତିମନ୍ତ୍ରର ଉଦଗାତା କାର୍ଲମାର୍କ୍ସ ୧୮୧୮ମସିହା ମଇ ୫ ତାରିଖରେ ଜର୍ମାନୀରେ ଜନ୍ମଗ୍ରହଣ କରିଥିଲେ। ତାଙ୍କରି ଲେଖା କମ୍ୟୁନିଷ୍ଟ ଇସ୍ତାହାର ଓ ଦାସ୍ କ୍ୟାପିଟାଲ ସାରା ବିଶ୍ୱରେ ନିପୀଡିତ ଶ୍ରେଣୀର ମୁକ୍ତି ଆନ୍ଦୋଳନକୁ ଚଳଞ୍ଚଳ କରିଥିଲା ଏବଂ ପ୍ୟାରିକମ୍ୟୁନ୍, ଆମେରିକା ଚିକାଗୋର ଶ୍ରମିକ ଆନ୍ଦୋଳନ, ଋଷ୍ ବିପ୍ଳବ, ଭାରତର ସ୍ୱାଧୀନତା ସଂଗ୍ରାମରେ ମାର୍କସବାଦ ମୁଖ୍ୟ ଚାଳିକାଶକ୍ତି ଭାବରେ କାର୍ଯ୍ୟ କରିଥିଲା ବୋଲି ବର୍ଣ୍ଣନା କରି ଆସନ୍ତା ମଇ୨୦ ହରତାଳକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ ସିଆଇଟିୟୁ ନେତା ବିଶ୍ୱନାଥ ମହାପାତ୍ର। ଏପ୍ରେଡ଼ ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପାଳନରେ ଶ୍ରମିକ ନେତା ପବିତ୍ର ଇନ୍ଦ୍ରଜିତ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ମଇ୨୦ ସାଧାରଣ ଧର୍ମଘଟକୁ ସଫଳ କରିବାପାଇଁ ଆହ୍ୱାନ ଦେଇଥିଲେ। ଚଳିତ ସହସ୍ରାବ୍ଦର ଶ୍ରେଷ୍ଠତମ ଦାର୍ଶନିକ ତଥା ଜନନାୟକ କାର୍ଲମାର୍କ୍ସଙ୍କ ଶ୍ରେଣୀ ସଂଗ୍ରାମର ଦର୍ଶନ ଆଜିର ନବ୍ୟ ପୁଞ୍ଜିବାଦୀ ଶୋଷଣବାଦୀ ଦୁନିଆରେ ଅଧିକ ପ୍ରାସଙ୍ଗିକ ହୋଇ ପଡିଛି ବୋଲି ଲାଠିପଡାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା।

# ଆରାଧ୍ୟା ଏକାଡେମୀ ପକ୍ଷରୁ କୃତଜ୍ଞତା

**ଫୁଲନଖରା,୫।୫/ଏନ୍ଏନ୍ଏସ୍:** ଉଦୀୟମାନ ଯୁବ କଣ୍ଠଶିଳ୍ପୀ ତଥା ସମାଜସେବୀ ବନ୍ଧିମାନ ରଥଙ୍କୁ ସଙ୍ଗୀତ ତଥା କଳା ଦିଗରେ ସାଧନା, ସମାଜସେବା ଦିଗରେ ଉଲ୍ଲେଖନୀୟ କୃତିତ୍ୱ ନେଇ ଆଧ୍ୟାତ୍ମିକ ଅନୁଷ୍ଠାନ ବୁଦ୍ଧବିହାର ଅଷ୍ଟପ୍ରହରୀ କମିଟି ଗୋପାଳଗାଁ ପକ୍ଷରୁ ଅନୁଷ୍ଠିତ ୨୦ତମ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ଉତ୍ସବ ପାଳନ ଅବସରରେ ବୁଦ୍ଧବିହାର ଶ୍ରେଷ୍ଠ କଣ୍ଠଶିଳ୍ପୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ଏହି ଅବସରରେ ସମଗ୍ର ରାଜ୍ୟ ତଥା ସାଂସ୍କୃତିକ ସଙ୍ଗଠନ ଆରାଧ୍ୟା କଲଚରାଲ ଏକାଡେମୀ ଫୁଲନଖରା କଟକ, ସରସ୍ୱତୀ କଳା ପରିଷଦ କକରପୁର ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିବା ସହ ଉତ୍ତରୋତ୍ତର କାମନା କରାଯାଇଛି। ସୂଚନାଯୋଗ୍ୟ ଖ୍ୟାତିସଂପନ୍ନ କଣ୍ଠଶିଳ୍ପୀ ବନ୍ଧିମାନ ସୁନହଟ ବାଲେଶ୍ୱର ନିବାସୀ ବିଧୁନାଥ ରଥ, ଅନସୂୟା ରଥଙ୍କ ସୁଯୋଗ୍ୟ ସନ୍ତାନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ସାରସ୍ୱତ ସାଧକ ପୂଜ୍ୟପାଦ ବ୍ରଜନାଥ ରଥଙ୍କ ନାତି ଅଟନ୍ତି।

# ମା' ଜାଡ଼ମଲ୍ଲୀଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

**ଫୁଲନଖରା,୫।୫/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ସନ୍ତୋଳ-ନଗରୀଠାରେ ଥିବା ମା'ଜାଡ଼ମଲ୍ଲୀଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ମା'ଙ୍କ ପୀଠରେ ତିନି ଦିନ ଧରି ବିଶ୍ୱ କଲ୍ୟାଣ ଆୟୋଜନ ହୋଇଥିଲା। ଏଥିରେ ସୁରପ୍ରକାଶ ଦାସ ଓ ରତ୍ନମଞ୍ଜରୀ ଦାସ କର୍ତ୍ତାକର୍ତ୍ତ୍ରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରାକ୍ତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ଜଗତସିଂହପୁର ସାଂସଦଙ୍କ ନାଉଙ୍କ ବ୍ଲକ ପ୍ରତିନିଧି ଦିଲୀପକୁମାର ପାତ୍ର, ସଦର ଥାନା ଏସ୍ଆଇ ଅଦିତ୍ୟ ମହାପାତ୍ର, ଆଇଆଇସି ଦିଆପା ମିଶ୍ରଙ୍କ ସହିତ ପ୍ରମୁଖ ଅତିଥିରୂପେ ଯୋଗଦେଇଥିଲେ। ଏହି ଅବସରରେ ମା'ଜାଡ଼ମଲ୍ଲୀଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ କ୍ଷୁଦ୍ର ପୁସ୍ତିକାକୁ ଅତିଥିଗଣ ଉନ୍ମୋଚନ କରିଥିଲେ। ଉତ୍ସବର ବିଭିନ୍ନ ଦିବସରେ ପାଲା, ଭଜନ ସଂଧ୍ୟା ଓ ସଂକୀର୍ତ୍ତନ ଆଦି ପରିବେଷଣ ହୋଇଥିଲା। ରବିବାର ପୂର୍ଣ୍ଣାହୂତି ସଂଧ୍ୟାରେ ଆଖପାଖ ଅଞ୍ଚଳରୁ ମହାଜନଙ୍କ ଉର୍ଦ୍ଧ୍ୱ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ତୋଳ-ନଗରୀ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କବିତା ସଙ୍କଳନ 'କବିତା କଳିକା' ଉନ୍ମୋଚିତ



**ପୁରୀ,୫।୫/ଏନ୍ଏନ୍ଏସ୍:** ବିଶିଷ୍ଟ କବି ତଥା ଶିକ୍ଷାବିତ୍ ଡକ୍ଟର ରୂପଶ୍ରୀ ମିଶ୍ରଙ୍କ କବିତା ସଙ୍କଳନ 'କବିତା କଳିକା' ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଉନ୍ମୋଚିତ ହୋଇଯାଇଛି। ଶ୍ରୀକ୍ଷେତ୍ର ଲେଖକ ସାଂସ୍କୃତିକ ପରିଷଦ, ହରପ୍ରିୟା ମିଶ୍ରଙ୍କ ସ୍ମୃତି ରେ ପ୍ରକାଶିତ ଏହି ସଂକଳନକୁ ଅନୁଷ୍ଠାନର ସଭାପତି କବି କୃଷ୍ଣଚନ୍ଦ୍ର ରଥ, ସଂପାଦକ ଶିବସୁନ୍ଦର ମିଶ୍ର ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଗୀତିକାର ଡକ୍ଟର ବନ୍ଧୁ ମିଶ୍ର ମିଳିତ ଭାବେ ଉନ୍ମୋଚନ କରିଥିବା ବେଳେ, କବି ସୁରେଶ ପଟ୍ଟନାୟକ, କବି ସଦାଶିବ ମିଶ୍ର, କବି ରବୀନ୍ଦ୍ର ନାଥ ପଟ୍ଟନାୟକ, ଶିକ୍ଷାବିତ୍ କାଶୀନାଥ ଦାଶ, ବିପିନ ବଳଇ, କମଳାକାନ୍ତ ଦାଶ, ସାମ୍ବାଦିକ ନାରାୟଣ ଦାଶ, ସୁଲୋଚନା ମିଶ୍ର, ଡାକ୍ତର ବିଶ୍ୱଜିତ ମିଶ୍ର ଓ ଇଂଜିନିୟର ବିଶ୍ୱପ୍ରୀତି ମିଶ୍ର ଏଥିରେ ଯୋଗଦେଇ କବିତା ସଂକଳନର ସଫଳତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ କବି ଡକ୍ଟର ବିଜୟଲକ୍ଷ୍ମୀ ମିଶ୍ର ସଞ୍ଚାଳନ କରିଥିଲେ।

# ପାନୀୟଜଳ ପାଇଁ ରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ



**ଡେଲାଙ୍ଗ,୫।୫/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ଅଭୟମୁଖୀ ପଞ୍ଚାୟତର କେତେକ ଗ୍ରାମକୁ ପାନୀୟଜଳ ଯୋଗାଣରେ ଅନିୟମିତତା ନେଇ ସ୍ଥାନୀୟ ଲୋକେ ଆଜି ଇନ୍ଦିପୁର ବଜାର ସର୍ନିକଟ ଭାରତୀୟ ଷ୍ଟେବ୍ୟାଙ୍କ ନିକଟରେ ଡେଲାଙ୍ଗ-ଇନ୍ଦିପୁର ରାସ୍ତା ଅବରୋଧ କରିଥିଲେ। ଏ ନେଇ ବିଭାଗୀୟ ଅଧିକାରୀ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନଥିଲା। ଶନିବାର ବାଧ ହୋଇ ସ୍ଥାନୀୟ ଲୋକେ ସ୍ୱଚ୍ଛ ପାନୀୟ ଜଳ ପାଇଁ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି। ଖବର ପାଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ସରପଞ୍ଚ ପ୍ରମିଳା ସେନାପତି ଓ ତାଙ୍କ ସ୍ୱାମୀ ବିମଳଚନ୍ଦ୍ର ସେନାପତି ଘଟଣାସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶୃତି ଦେବାରୁ ଆନ୍ଦୋଳନ ହଟିଥିଲା। ତେବେ ମିଳିଥିବା ସୁଚନା ମୁତାବକ ଶ୍ରୀପୁରୁଷୋତ୍ତମପୁର କୁଞ୍ଜର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲି ଥିବା ବେଳେ ଠିକାଦାର ରାସ୍ତା କାମ ବେଳେ ଅସାବଧାନତା ବଶତଃ ପାନୀୟ ଜଳ ଯୋଗାଣ ପାଇପ୍‌ଟିକୁ ଫଟାଇ ଦେଇଛି। ଯାହାଫଳରେ ଆଜକୁ ୧୫ଦିନ ହେବ ଏହି ଅଞ୍ଚଳକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଅସହ୍ୟ ଗୁଳଗୁଳି ଲାଗି ରହିଥିବା ବେଳେ ଏହି ଅଞ୍ଚଳଗୁଡିକ ପାଣି ଟିକେ ପିଇବାକୁ ପାଉନଥିବା ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ଜନସାଧାରଣଙ୍କୁ ବିସ୍ମିତ କରିଛି। ସରପଞ୍ଚ ପ୍ରମିଳା ସେନାପତି ଏହି ଅଞ୍ଚଳକୁ ୩ଟି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରିବା ପରେ ଲୋକଙ୍କୁ ଆଶ୍ୱସ୍ତି ମିଳିଛି।

# ବିଦ୍ୟାଳୟ ତରଫରୁ ମାଟ୍ରିକ୍ ଛାତ୍ରଙ୍କୁ ସମ୍ବର୍ଦ୍ଧନା



**ଚାରିଛକ,୫।୫/ଏନ୍ଏନ୍ଏସ୍:** ସ୍ଥାନୀୟ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ଚାରିଛକର ଚଳିତ ମାଟ୍ରିକ ପରୀକ୍ଷାରେ ଏ ୱାନ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ବିଷ୍ଣୁସୁଧା ସ୍ୱାଇଁଙ୍କୁ ଆଜି ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଆଜି ଏକ ମେଧା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଗୋପୀନାଥ କର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ଡଃ ସନ୍ତୋଷ କୁମାର ମିତ୍ର, ସମ୍ମାନିତ ଅତିଥିଭାବେ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲି, ସାଂସଦଙ୍କ ନିମାପଡ଼ା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ କର, ଏସ୍ଏମ୍‌ଡିସି ସଦସ୍ୟ ରାମଚନ୍ଦ୍ର ଜେନା, ବୈରାଗୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଚଳିତ ମାଟ୍ରିକ ପରୀକ୍ଷାରେ ଏୱାନ୍‌ରେ ପାଶ କରିଥିବା ବିଷ୍ଣୁସୁଧା ସ୍ୱାଇଁଙ୍କୁ ସମ୍ମାନୀତ କରାଯିବା ସହିତ ଅତିଥିମାନେ ତାଙ୍କର ପ୍ରଶଂସା କରିଥିଲେ। ଆସନ୍ତା ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଯେପରୀ ଅଧିକ ନମ୍ବର ରଖି ପାସ୍ କରିବେ ସେଥିପାଇଁ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଗୁରୁ ଦାୟୀତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର,ବାବଜୀ ଚରଣ ସେନାପତି,ବିଭୁ ପ୍ରସନ୍ନ ଦାଶ,ମାନସ ରଂଜନ ନାୟକ,ଶିବ ସୁନ୍ଦର ମଲ୍ଲ,ଶିକ୍ଷୟତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ, କ୍ରିଷ୍ଣା ମହାପାତ୍ର,ରାନୀ ବସ୍ତିଆଙ୍କ ସମେତ ଅଭିଭାବକ ଓ ଛାତ୍ରଚାତ୍ରୀ ଯୋଗଦେଇଥିଲେ। ସ୍କୁଲର ବିଜ୍ଞାନ ଶିକ୍ଷକ ପ୍ରଦୀପ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣ୍ୟ ଉତ୍କଳ ପରିବାର ପକ୍ଷରୁ ସମୂହ ଦୀପଦାନ ଓ ସ୍ମୃତିସଭା

**ବଲଙ୍ଗା,୫।୫/ଏନ୍ଏନ୍ଏସ୍:** ପୁଣ୍ୟ ଉତ୍କଳ ପରିବାର ତରଫରୁ ନିମାପଡ଼ା ବ୍ଲକ ଅନ୍ତର୍ଗତ ଉଚ୍ଛୁପୁରୁ ପଞ୍ଚାୟତ ଅଧୀନ ଗଡ଼ଚାନ୍ଦପୁର ମେଳଣପଡ଼ିଆରେ କାଶ୍ମୀରର ପହଲ୍‌ଗାମ୍‌ରେ ପ୍ରାଣ ହରାଇଥିବା ହିନ୍ଦୁ ପର୍ଯ୍ୟଟକଙ୍କ ପାଇଁ ଏକ ସ୍ମୃତିସଭା ଏବଂ ସମୂହ ଦୀପଦାନ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ଜେନାଙ୍କ ସଭାପତିତ୍ୱରେ ବିତ ଉପଦେଷ୍ଟା ଓଡ଼ିଶା ପୁଲିସ ଗୃହନିର୍ମାଣ ବିଭାଗ, ଭୁବନେଶ୍ୱର ମନୋରଞ୍ଜନ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ମୁଖ୍ୟ ବକ୍ତା ଭାବରେ ଯୁଗ୍ମ ସଚିବ ସାଧାରଣ ପ୍ରଶାସନ ବିଭାଗ, ଡାକ୍ତର ଲିପିକା ଦାସ, ସମ୍ମାନିତ ଅତିଥି ଭାବରେ କଣ୍ଠ ଶିଳ୍ପୀ ଏବଂ ନିର୍ଦ୍ଦେଶକ ପ୍ରାଧ୍ୟାପକ ବୀରବର ଜେନା, ସମାଜସେବୀ ସଭାପତି ପୁଣ୍ୟ ଉତ୍କଳ ପରିବାର ସଦାଶିବ ପରିଡା, ପ୍ରାଧ୍ୟାପକ ଇଂରାଜୀ ବିଭାଗ ଡ଼ଃ ସନ୍ତୋଷ କୁମାର ଦାଶ, ଦହିଜଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା, କବି ଗୀତିକାର ସିନେ ପ୍ରଯୋଜକ ନବକିଶୋର ଭୋଳ, ବିଶିଷ୍ଟ ଲେଖିକା କବୟିତ୍ରୀ ଫୁଲରାଣୀ ପାଳ, ଅବସରପ୍ରାପ୍ତ ଡାକ୍ତର ଡ଼ଃ ରାଧାକାନ୍ତ ମିଶ୍ର ଯୋଗଦେଇ ଇସ୍‌ଲାମିକ ଜିହ୍ୱାଦି ଆତଙ୍କବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଥିବା ହିନ୍ଦୁ ପର୍ଯ୍ୟଟକମାନଙ୍କ ପାଇଁ ନିରବ ପ୍ରାର୍ଥନା କରିବା ସହିତ ସହିଦ ମାନଙ୍କ ସ୍ମୃତି ଚାରଣ କରିଥିଲେ। ପରେ କୁନି କୁନି କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ ପରୀ ବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବ ସମାଜସେବୀ ଗଙ୍ଗାଧର ଜେନା ପରିଚାଳନା କରିଥିଲେ। ସତ୍ୟରଞ୍ଜନ ବରାଳ ଏବଂ ଗଡ଼ଚନ୍ଦପୁର ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ଆଳିସିଶାସନରେ ବିଜେପିର ମିଶ୍ରଣ ପର୍ବ

**ବାଲିପାଟଣା,୫।୫/ଏନ୍ଏନ୍ଏସ୍:** ବାଲିପାଟଣା ବ୍ଲକ ଅନ୍ତର୍ଗତ ଆଳିସିଶାସନ ଗ୍ରାମ ପଞ୍ଚାୟତରେ ବିଜେପି ତରଫରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ପୂର୍ବତନ ସରପଞ୍ଚ ବିରଞ୍ଚି ଭୋଇ ଓ ସମିତିସଭ୍ୟା ଗୀତା ଭୋଇଙ୍କ ସମେତ ଶତାଧିକ ବିଭିନ୍ନ ଦଳର କର୍ମୀ ଓ ନିକଟସ୍ଥ ମକୁନ୍ଦାସପୁର ଗ୍ରାମ ପଞ୍ଚାୟତର ୪୦ରୁ ଅଧିକ ମୁସଲିମ ମହିଳା ଓ ପୁରୁଷ ବିଜେପିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ ସଭାପତି ନାରାୟଣ ଖୁଣ୍ଟିଆ, ସାଂସଦଙ୍କ ପ୍ରତିନିଧି ଦ୍ୱାରିକାନାଥ ଚୌଧୁରୀ, ପୂର୍ବତନ ବ୍ଲକ ଅଧକ୍ଷ ଶଶିଭୂଷଣ ପାତ୍ର, ସାଂସଦଙ୍କ ବ୍ୟକ୍ତିଗତ ସଚିବ ପୂର୍ବତନ ପ୍ରଶାସକ ଅଶୋକ ପଟ୍ଟନାୟକ, ବରିଷ୍ଠ ବିଜେପି ନେତା ବସନ୍ତ କୁମାର ନାୟକ, ମାଗୁଣି ଚରଣ ସେଠୀ, ଶିବ ମଲ୍ଲିକ, ତାପସ ଜେନା ପ୍ରମୁଖ ଯୋଗଦେଇ ଏହାଦ୍ୱାରା ଦଳ ଅଧିକ ମଜବୁତ୍ ହେବ ବୋଲି କହିଥିଲେ। ପ୍ରାରମ୍ଭରେ ଜଗବନ୍ଧୁ ଜେନା ସ୍ୱାଗତ ଭାଷଣ ଦେବାପରେ ପୂର୍ବତନ ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଗୋପୀନାଥ ଯୁବ ସଂଘ ତରଫରୁ ଆୟୋଜିତ ଏହି ସମାବେଶରେ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଂସଦ ତାଙ୍କ ଅଭିଭାଷଣରେ ଏକ ଗୋଷ୍ଠୀ କେନ୍ଦ୍ର ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିବା ସହିତ ୫ଗୋଟି ମୌଳିକ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଛାତ ଘର, ପିଇବା ପାଣି, ବିଜୁଳିବତୀ, ପାଇଖାନା ଓ ରୋଷେଇ ପାଇଁ ଗ୍ୟାସ ସିଲିଣ୍ଡର ଯୋଗାଇଦେବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ସେ କହିଥିଲେ। ଦୁଷ୍ମନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ୍ ନିର୍ବାଚନ

# ଶୁଭ୍ରାଂଶୁ ସଭାପତି, ଦିଲ୍ଲୀପ ସମ୍ପାଦକ ଭାବେ ପୁନଃ ନିର୍ବାଚିତ



**ଖୋର୍ଦ୍ଧା,୫।୫/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ୍‌ର ୨୦୨୫-୨୬ ବର୍ଷ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବର ବରିଷ୍ଠ ସଦସ୍ୟ ତପନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିର୍ବାଚନ ପରିଚାଳନା ଅଧିକାରୀ ଭାବରେ ଅବ୍ୟକ୍ତ ହରି ହର ଖାଡ଼ଙ୍ଗାଙ୍କୁ ନିଯୁକ୍ତ କରାଯାଇଥିଲା। ପ୍ରେସ୍ କ୍ଲବ ପରିଚାଳନା ପରିଷଦ ସଦସ୍ୟଙ୍କ ମତାମତ ଆଧାରରେ ସର୍ବସମ୍ମତିକ୍ରମେ ପ୍ରେସ କ୍ଲବର କର୍ମକର୍ତ୍ତା ଚୟନ କରାଯାଇଥିଲା। କ୍ଲବର ସଦସ୍ୟ ରଞ୍ଜିତ ସାମନ୍ତରାୟ ସଭାପତି ପ୍ରାର୍ଥୀ ଭାବେ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ଓ କୃଷ୍ଣ ଚନ୍ଦ୍ର ଦାଶ ସମର୍ଥନ କରିଥିଲେ। ଜିତେନ୍ଦ୍ର କୁମାର ଭଞ୍ଜ ସମ୍ପାଦକ ପ୍ରାର୍ଥୀ ଭାବେ ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଏହାକୁ ପ୍ରସନ୍ନ ପାଇକରାୟ ଏବଂ ମହମ୍ମଦ ମୋତାହାର ୟୁସୁଫ ସମର୍ଥନ କରିଥିଲେ। ଉପ-ସଭାପତି ଭାବେ ପ୍ରସନ୍ନ ପାଇକରାୟ ଓ ଲଳିତ ମୋହନ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବେ ରଞ୍ଜିତ କୁମାର ପାଟଶାଣୀ ଓ ଗୋପାଳକୃଷ୍ଣ ପ୍ରଧାନ, ସହ-ସମ୍ପାଦକ ସୟଦ ଲିୟାକତ ଅଲ୍ଲୀ, କୋଷାଧକ୍ଷ ଶୁଭ୍ରକାନ୍ତ ମହାପାତ୍ର, ଆବାହକ ପ୍ରକାଶ କୁମାର ହାତୀ, ଆଇନ ପରାମର୍ଶଦାତା ଅବ୍ୟକ୍ତ ହରି ହର ଖାଡ଼ଙ୍ଗା ଓ ସଂଗ୍ରାମ କେଶରୀ ହୋତା, ମୁଖ୍ୟ ପରାମର୍ଶଦାତା, ତପନ କୁମାର ନାୟକ, ଗଣମାଧ୍ୟମ ସଂଯୋଜକ ଭାବେ ସନ୍ତୋଷ ଚୌଧୁରୀ ଏବଂ ପରିଚାଳନା ସଦସ୍ୟ ଭାବେ, ଗୋପାଳକୃଷ୍ଣ ଦାସ, ରାମ ନାରାୟଣ ଦାଶ, ସନ୍ଦୀପ ବର୍ମନ, ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସନ୍ତୋଷ ବାରିକ, ପ୍ରବୀଣ ଭଞ୍ଜ, ପ୍ରକାଶ ପଟ୍ଟନାୟକ ଓ ଜିତେନ୍ଦ୍ର ଭଞ୍ଜ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଶ୍ରୀ ଖାଡ଼ଙ୍ଗା ଘୋଷଣା କରିଥିଲେ। ପ୍ରେସ କ୍ଲବ ପକ୍ଷରୁ ନବନିର୍ବାଚିତ ସଦସ୍ୟମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଆଗାମୀ ଦିନରେ ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ୍‌କୁ ସମସ୍ତ ସଦସ୍ୟମାନଙ୍କ ସହଯୋଗରେ ରାଜ୍ୟରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବରେ ଗଢ଼ିତୋଳିବାକୁ ତାଙ୍କର ଉଦ୍ୟମ ଜାରି ରହିବ ବୋଲି ନବ ନିର୍ବାଚିତ ସଭାପତି ଶ୍ରୀ ସାମନ୍ତରାୟ କହିଥିଲେ। ତାଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରି ସଭାପତି ଭାବରେ ନିର୍ବାଚିତ କରିଥିବାରୁ ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବର ସମସ୍ତ ସଦସ୍ୟମାନଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ।

# ବାପା ଦିନ ମଜୁରିଆ, ଝିଅ ଏ-୧ରେ ଉତ୍ତୀର୍ଣ୍ଣ



**ନେମାଳ,୫।୫/ଏନ୍ଏନ୍ଏସ୍:** କଥାରେ ଅଛି ଯାହାର କାନ ଅଛି ତାହାର ସୁନା ନାହିଁ, ଯାହାର ସୁନା ଅଛି ତାହାର କାନ ନାହିଁ। ତଥାପି ଦୃଢ଼ ଅଧ୍ୟବସାୟ ଓ ଇଚ୍ଛାଶକ୍ତି ବଳରେ ମନୁଷ୍ୟ ଅସାଧ୍ୟ କାମକୁ ସାଧନ କରିପାରେ। ଏହାର ଏକ ନଗ୍ନ ନମୂନା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଚଳିତ ମାଟ୍ରିକ ପରୀକ୍ଷାରେ ଜଣେ ଗରିବ ଓ ଦିନ ମଜୁରିଆର କନ୍ୟା ଆର୍ଥିକ ସଙ୍କଟ ସତ୍ତ୍ୱେ ମଧ ଏ-୧ରେ ଉତ୍ତୀର୍ଣ୍ଣ ହେବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଞ୍ଚାୟତ ଖଣ୍ଡଗାଁର ସାରଦା ପ୍ରସାଦ ଜଣେ ଗରିବ ଶ୍ରେଣୀୟ ଲୋକ ଅଟନ୍ତି। ଦିନେ କାମକୁ ନଗଲେ ତାଙ୍କର ହାଣ୍ଡି ଚୂଲିକୁ ଯାଏ ନାହିଁ। ଏପରିକି ବହୁ ସମୟରେ ଆର୍ଥିକ ଅନାଟନ ହେତୁ ତାଙ୍କର ପରିବାର ଉପବାସ ରହିଥିବା ନଜିର ରହିଛି। ସାରଦାଙ୍କ ପତ୍ନୀ ରଞ୍ଜୁଲତା ଜଣେ ରୋଗାକ୍ରାନ୍ତ ବ୍ୟକ୍ତି ଅଟନ୍ତି। ତାଙ୍କୁ ପଥି ଯୋଗାଇବା ନିମନ୍ତେ ସାରଦା ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏପରିକି ସାରଦାଙ୍କର କୌଣସି ପୁତ୍ର ସନ୍ତାନ ନାହାନ୍ତି। ତାଙ୍କର ଦୁଇ କନ୍ୟା ମଧ୍ୟରୁ ବହୁ କଷ୍ଟରେ ସାରଦା ଜ୍ୟେଷ୍ଠ କନ୍ୟାକୁ ବିବାହ ଦେଇଛନ୍ତି। ଘରେ ଥିବା ତାଙ୍କର କନିଷ୍ଠା କନ୍ୟା ସତ୍ୟ ସନାତନି ବେହେରା ବହୁ ଝଡ଼ ଝଞ୍ଜା ଓ ଆର୍ଥିକ ଅନାଟନ ମଧ୍ୟରେ ସ୍ଥାନୀୟ କେନ୍ଦୁପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରିଥାନ୍ତି। ମାଆଙ୍କ ଶାରିରୀକ ଅସୁସ୍ଥତା ହେତୁ ବହୁ ସମୟରେ ତାଙ୍କୁ ଘରର ସମସ୍ତ କାର୍ଯ୍ୟ କରିବା ପାଇଁ ପଡ଼ିଥାଏ। ଏପରିକି ଆର୍ଥିକ ସଙ୍କଟ ହେତୁ ସେ ଘରୋଇ ଭାବେ ଟ୍ୟୁସନ ହୋଇ ପାରିନଥିଲେ। ତଥାପି ଦୃଢ଼ ଇଚ୍ଛାଶକ୍ତି ନିକଟରେ ସବୁ କିଛି ହାର୍ ମାନିଛି। ଚଳିତ ମାଟ୍ରିକ ପରୀକ୍ଷାରେ ସେ ଏହି ବିଦ୍ୟାଳୟରୁ ସର୍ବାଧିକ ୫୫୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭବିଷ୍ୟତରେ ସେ ଜଣେ ଡାକ୍ତର ହୋଇ ଗରିବ ଶ୍ରେଣୀୟ ଲୋକଙ୍କୁ ମାଗଣା ଚିକିତ୍ସା ଦେବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି। ତେବେ ତାଙ୍କର ଉଚ୍ଚଶିକ୍ଷାରେ ଅର୍ଥ ବାଧକ ସାଜିବା ନେଇ ଆଶଙ୍କା ପ୍ରକାଶ ପାଇଛି। ତାଙ୍କର ଏହି ସଫଳତା ନିମନ୍ତେ ସେ ନିଜର ପିତାମାତା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ଶ୍ରେୟ ଦେଇଛନ୍ତି। ତେବେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ ତାଙ୍କୁ ଉଚ୍ଚ ଶିକ୍ଷାନିମନ୍ତେ ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହି ବିଦ୍ୟାଳୟ ଦୀର୍ଘ ୨୧ବର୍ଷ ହେଲା ଏପରି ସଫଳତା ପାଇନଥିଲା। ସେ ପ୍ରଥମଥର କରି ଏହି ସଫଳତା ଅର୍ଜନ କରି ବିଦ୍ୟାଳୟକୁ ଗୌରାବାନ୍ୱିତ କରିଥିବାରୁ ଛାତ୍ରଛାତ୍ର ଓ ଅଭିଭାବକ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି।

# ମା'ଶାରଳା ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ



**କୁଆଁପାଳ,୫।୫/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକର ଗୋରତାଙ୍ଗସ୍ଥିତ ମା' ଶାରଳା ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ତୃତୀୟ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଗତ ଏପ୍ରିଲ ୩୦ ତାରିଖଠାରୁ ଆରମ୍ଭ ହୋଇ ମେ ୩ ତାରିଖ ରାତ୍ରରେ ଶେଷ ହୋଇଛି। ଏହି ଉପଲକ୍ଷେ ମନ୍ଦିର ପରିସରରେ ଅନୁଷ୍ଠିତ ଯଜ୍ଞରେ ଶରତ ଚନ୍ଦ୍ର ଜେନା ଓ ସାଧନା ସିଂହ କର୍ତ୍ତା କର୍ତ୍ତ୍ରୀ ଭାବେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ନାମ ସଂକୀର୍ତ୍ତନ, ବାଜା ଓ ରୋଷଣି ସହିତ ଘଣ୍ଟ ଘଣ୍ଟା ବାଦ୍ୟରେ ଗୌଡଗୋପସ୍ଥିତ ମା' ବାସୁଳେଇ ପୀଠରୁ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ଅଂଶ ଗ୍ରହଣ କରିଥିଲେ। ବାବା ବ୍ରହ୍ମାନନ୍ଦ ସାହୁଙ୍କ ସଭାପତିତ୍ୱରେ ଟ୍ରଷ୍ଟର ସଂପାଦକ ରାଜକିଶୋର ଜେନାଙ୍କ ପରିଚାଳନାରେ ୩ ଦିନ ବ୍ୟାପୀ ବିଶ୍ୱଶାନ୍ତି ଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭ୍ୟ ଦେବେନ୍ଦ୍ରନାଥ ଜେନା, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ହୃଷିକେଶ ରାଉତ, ମାଗୁଣୀ ଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନାରେ ବାବୁଲି ରାଉତ, ବାବୁଲି ସ୍ୱାଇଁ, ପ୍ରଦ୍ୟୁମ୍ନ ସ୍ୱାଇଁ, ନୃସିଂହ ରାଉତ, ସରୋଜ କୁମାର ଜେନା, ତ୍ରିନାଥ ବେହେରା, ପୁରସ୍ତମ ବେହେରା, ଗୁରୁଚରଣ ବେହେରା, ପ୍ରହଲ୍ଲାଦ ମଲିକ, ଅଜୟ ଜେନା, ଜୟପ୍ରକାଶ ବେହେରା, ରମା ପ୍ରଧାନ, ପତିତପାବନ ଜେନା, ଲକ୍ଷ୍ମୀଧର ଜେନା, ବିକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପୂଜକ ଭବାନୀ ଶଙ୍କର ମିଶ୍ରଙ୍କ ସହ ୫ ଜଣ ପଣ୍ଡିତ ଯଜ୍ଞ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ। ରୀତି ଓ ନୀତି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପ୍ରଥମ ଦିନ ସଂଧ୍ୟାରେ ଭୁବନେଶ୍ୱରର ଆମ ଭଗବତୀ ସଂସାର ଟ୍ରଷ୍ଟର ଅଜୟ କୁମାର ମହାନ୍ତି ଓ ପ୍ରବଚକଙ୍କ ସହ ଅମ୍ପିତା ପ୍ରିୟଦର୍ଶିନୀ, ଅର୍ଚ୍ଚିତା ମହାନ୍ତି ଓ ସାଥିମାନେ ଭାଗବତ ପାଠ ସହ ଭଜନ ପରିବେଷଣ କରିଥିଲେ। ଦ୍ୱିତୀୟ ଦିନ ସଂଧ୍ୟାରେ ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏକାଗ୍ରତା ଫାଉଣ୍ଡେସନ ଭୁବନେଶ୍ୱର ତରଫରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ସହ କେନ୍ଦ୍ରାପଡ଼ାର ସଂଗୀତ ନିର୍ଝରିଣୀ କଳାପରିଷଦ ଭଜନ ପରିବେଷଣ କରିଥିଲେ। ତୃତୀୟ ଦିନ ସଂଧ୍ୟାରେ ବଲାଙ୍ଗୀରର ସଂଗୀତ ସାଧନା ତରଫରୁ ସମ୍ବଲପୁରୀ ନୃତ୍ୟ, ଲୋକନୃତ୍ୟ, ଭକ୍ତିପ୍ରାର୍ଥନା ସଂଧ୍ୟା ଖୋର୍ଦ୍ଧାର ସୁଗମ ସଂଗୀତ ଭଜନ ପରିବେଷଣ କରାଯାଇଥିଲା। ଅନୁଷ୍ଠାନ ତରଫରୁ ପ୍ରତିଭାବାନ୍ ବ୍ୟକ୍ତିତ୍ୱ ଅନନ୍ୟ ଯନ୍ତ୍ରୀ ବିଶିଷ୍ଟ ପ୍ରଶାସକ ସମାଜସେବୀ ତଥା ପରୋପକାରୀ ଇଂ. ସହଦେବ ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଶିକ୍ଷା ସମାଜର ସଭାପତି ପ୍ରଫେସର ଯୁଧିଷ୍ଠୀର ଖଟୁଆ, ଡ. ଜନାର୍ଦ୍ଦନ ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ସଂପାଦକ ରାଜକିଶୋର ଜେନା ଟ୍ରଷ୍ଟର ଆଭିମୁଖ୍ୟ ସଭ୍ୟ ତାଲିକା ସଂପର୍କୀତ ସୂଚନା ପ୍ରଦାନ କରିଥିଲେ। ତିନିଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ମା' ଶାରଳାଙ୍କ ଭକ୍ତମାନେ ଅଂଶଗ୍ରହଣ କରି ନିଜର ଭକ୍ତି ମନାସୀଥିଲେ।

# କ୍ଲାସିକ୍ କ୍ରିକେଟ୍ ଲିଗ୍: ସାଇ-୧୧ ଚାମ୍ପିଅନ୍




**ଖୋର୍ଦ୍ଧା,୫।୫/ଏନ୍ଏନ୍ଏସ୍:** ସ୍ଥାନୀୟ ବିଜେବି ହାଇସ୍କୁଲ ମିନିଷ୍ଟାଡିୟମରେ ଆୟୋଜିତ କ୍ଲାସିକ୍ କ୍ରିକେଟ ଲିଗ୍‌ର ଫାଇନାଲ ଖେଳରେ ବର୍ମନ୍ ଏମ୍ପରସ୍‌କୁ ହରାଇ ସାଇ ଇଲେଭେନ୍ ଚାମ୍ପିଅନ୍ ହୋଇଛି। ପ୍ରଥମେ ଟସ୍‌ରେ ବିଜୟ ହୋଇ ସାଇ-୧୧ ଦଳ ୭ ୱିକେଟ ବିନିମୟରେ ୨୩୩ ରନ ସଂଗ୍ରହ କରିଥିଲେ। ଦଳ ତରଫରୁ ଜିତେନ୍ ଜେନା ୨୫ ବଲ୍‌ରୁ ୮୦ରନ କରିଥିଲେ। ବଦଳରେ ବର୍ମନ ଦଳ ୬ ୱିକେଟ ହରାଇ ୧୯୯ ରନ ରେ ସୀମିତ ରହିଥିଲା। ଦଳ ତରଫରୁ ସରୋଜ ପଟ୍ଟନାୟକ ୨୮ ବଲରୁ ୫୧ ରନ କରିଥିଲେ। ଏହି ମ୍ୟାଚ୍‌କୁ ସାଇ ଦଳ ୩୪ରନରେ ବିଜୟୀ ହୋଇଛି। ରାତ୍ରିକାଳୀନ ଏହି ଲିଗ୍‌କୁ ମୁଖ୍ୟ ଅତିଥି ଭାବେ କ୍ୟାପଟେନ ମନ୍ମଥ ରାଉତରାୟ, ସମ୍ମାନିତ ଅତିଥି ଭାବେ ସୌମେନ୍ଦ୍ର ସାମନ୍ତରାୟ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ଶୁଭ୍ରାଂଶୁ ସାମନ୍ତରାୟ, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଯୋଗ ଦେଇଥିବା ବେଳେ ବହୁ କ୍ରୀଡ଼ା ପ୍ରେମୀ ଉପସ୍ଥିତ ଥିଲେ। ଏହି ଲିଗ୍‌ରେ ୬ଟି ଦଳ ଭାଗ ନେଇଥିବାବେଳେ ୧୦୦ରୁ ଅଧିକ ଖେଳାଳିଙ୍କୁ ସୁଯୋଗ ଦିଆଯାଇଥିଲା। ଜିତେନ୍ ଜେନା ଲିଗ୍‌ର ସର୍ବଶ୍ରେଷ୍ଠ ଖେଳାଳି ଘୋଷିତ ହୋଇଥିଲେ। ଶ୍ରେଷ୍ଠ ବୋଲର ଭାବେ ଶୁଭମ୍ ନାୟକ, ସର୍ବାଧିକ ଚଉକା ଅସଲମ୍ ଖାଁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜୟୀ ସାଇ-୧୧ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ଓ ରନର୍ସଅପ୍ ଦଳ ଭାବେ ବର୍ମନ୍ ଏମ୍ପରସ୍ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଜିତୁ ପାତ୍ର, ଆୟୁଷ୍ମାନ ସିଂ ଓ ବିଶ୍ୱାସ ସାହୁ ଖେଳକୁ ପରିଚାଳନା କରିଥିଲେ।

# ଖୋର୍ଦ୍ଧା ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



**ଖୋର୍ଦ୍ଧା,୫।୫/ଏନ୍‌ଏନ୍‌ଏସ୍‌:** ଆଜି ସକାଳ ୭ ଘଟିକା ସମୟରେ ଖୋର୍ଦ୍ଧା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣାଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଆରକ୍ଷୀ ଅଧିକ୍ଷକ ଶାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଖୋର୍ଦ୍ଧା, ଜ୍ୟୋତିଶଙ୍କର ସାହୁ, ଉପ ଜିଲ୍ଲାପାଳ ଖୋର୍ଦ୍ଧା କିଶୋର କୁମାର ପଣ୍ଡା ଯୋଗଦେଇଥିଲେ। ଆଜିର ଅଭିଯୋଗ ଶିବିରକୁ ମୋଟ ୬୩ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୯ ଗୋଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୫୮ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟାଜନିତ ଥିଲା। ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୪ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ଜଣ ଅଭିଯୋଗକାରୀ ନୟାପଲ୍ଲୀ, ଭୁବନେଶ୍ୱରର ଲକ୍ଷ୍ମୀପ୍ରିୟା ବେହେରା ଏବଂ ଗୁଣ୍ଠୁଣି ଗୋଲବାଇର ସୁଶିଳା ସାହୁଙ୍କୁ ୧୦ହଜାର ଲେଖାଏଁ ମୋଟ ୨୦ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଅନ୍‌ଲାଇନରେ ଆସୁଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗଗୁଡିକୁ ସମ୍ପୃକ୍ତ ଅଧିକାରୀମାନେ ଯତ୍ନବାନ ହୋଇ ସେଗୁଡିକୁ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ରାଜସ୍ୱ ନିବେଦିତା ପରିଡ଼ା, ଡେପୁଟି କଲେକ୍ଟର, ଅଭିଯୋଗ, ଆର୍ତ୍ତତ୍ରାଣ ମଲ୍ଲିକ, ସହକାରୀ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କଅଁର, ଜିଲ୍ଲାସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ରଶ୍ମିତା ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ, ଡ. ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, ଦିଲ୍ଲୀପ ହିଆଲ୍‌, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଶ୍ୟାମଲେନ୍ଦୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଖୋର୍ଦ୍ଧା ସଦର ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀମାନେ ଯୋଗଦେଇ ଥିଲେ। ପ୍ରକାଶଥାଉ କି ଚଳିତ ମଇ ମାସ ୧୩ ତାରିଖରେ ବେଗୁନିଆ ବ୍ଲକ ଅଧୀନ କୁଞ୍ଜୁରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ, ୧୯ ତାରିଖରେ ଭୁବନେଶ୍ୱର ବ୍ଲକ ଇଞ୍ଜନା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏବଂ ୨୬ ତାରିଖ ବାଣପୁର ବ୍ଲକ ଗମ୍ଭାରୀ ମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ, ପୁଲିସ ଉପାୟୁକ୍ତଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସକାଳ ୭ ଘଟିକା ଠାରୁ ପୂର୍ବାହ୍ନ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଏଣୁ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣମାନଙ୍କ ଆପତ୍ତି ଅଭିଯୋଗ ଥିଲେ ସେମାନେ ସେମାନଙ୍କ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥିରୀକୃତ ତାରିଖ ଏବଂ ସମୟରେ ଉପସ୍ଥିତ ରହି ଅଭିଯୋଗ ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ହଟ୍ଟଗୋଳ ମଧ୍ୟରେ ଖଣ୍ଡପଡ଼ା ପଞ୍ଚାୟତ ସମିତି ବୈଠକ ଶେଷ



**ଖଣ୍ଡପଡ଼ା,୫।୫/ଏନ୍‌ଏନ୍‌ଏସ୍‌:** ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନରେ ପଂଚାୟତ ସମିତିର ୧୦ମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଉପମା ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଖଣ୍ଡପଡା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାସିଂଙ୍କ ସମେତ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକର ପ୍ରାରମ୍ଭରେ ପୂର୍ବ ବୈଠକର ବିବରଣୀ ପାଠ ପରେ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧିମାନେ ବ୍ଲକ ପ୍ରଶାସନ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ଠପ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଏହି ଘଟଣାକୁ କେନ୍ଦ୍ର କରି ପଞ୍ଚାୟତ ଲୋକପ୍ରତିନିଧିମାନେ ପାଟିତୁଣ୍ଡ କରିବା ଯୋଗୁଁ ବୈଠକରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଅଧ୍ୟକ୍ଷାଙ୍କୁ କୌଣସି ସୂଚନା ଦିଆଯାଉ ନଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ। ସେହିପରି ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ବନ୍ଦ ନେଇ ପ୍ରତିବାଦ ସ୍ୱରୁପ ତଳେ ବସି ରହି ହରତାଳ କରିଥିଲେ। ପଞ୍ଚାୟତ ଲୋକପ୍ରତିନିଧିମାନଙ୍କ ପ୍ରଶ୍ନର ଉତ୍ତର ବିଡିଓ ଦେଇ ନପାରି ହଡ଼ବଡ଼େଇ ଯାଇଥିଲେ। ପରେ ବିଧାୟକ ଘଟଣାରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଆସନ୍ତା ୭ ଦିନ ମଧ୍ୟରେ ଖଣ୍ଡପଡା ବ୍ଲକ ଅଧୀନ ୨୨ ଗୋଟି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ କରିବା ଦିଗରେ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅନିତ ବଡସେଟ ଓ ସମସ୍ତ ପଞ୍ଚାୟତର ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କ କାର୍ଯ୍ୟକଳାପକୁ ନେଇ ଦିର୍ଘ ମାସ ଧରି ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଥିବା ପଞ୍ଚାୟତ ଲୋକପ୍ରତିନିଧିମାନଙ୍କ ପଞ୍ଜିଭୂତ ଅସନ୍ତୋଷ ପଞ୍ଚାୟତ ସମିତି ବୈଠକରେ ପ୍ରତିଫଳିତ ହୋଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଡେଲାଙ୍ଗ,୫।୫/ଏନ୍‌ଏନ୍‌ଏସ୍‌:** ପିଢ଼ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଗମ୍ବର ରଥଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାବିତ୍‌ ସନ୍ତୋଷ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହିସମାବେଶରେମୁଖ୍ୟ ଅତିଥି ଭାବେ ବ୍ଲକ୍‌ ଶିକ୍ଷାଧିକାରୀ ଶତୃଘ୍ନ ବେହେରା, ପ୍ରାକ୍ତନ ବ୍ଲକ୍‌ ଶିକ୍ଷାଧିକାରୀ କାର୍ତ୍ତିକ ବେହେରା, ପ୍ରମୋଦ କୁମାର ପରିଡ଼ା, ନିରଞ୍ଜନ ପାତ୍ର, ସଚ୍ଚିଦାନନ୍ଦ ପ୍ରଧାନ, ଯୁଧିଷ୍ଠିର ପରିଡ଼ା, ଏବିଇଓ ଲକ୍ଷ୍ମଣ ପ୍ରଧାନ, ସୁଷମା ଦାଶ, ସଞ୍ଜୁକ୍ତା କୁମାରୀ ମିଶ୍ର, ଶିକ୍ଷାବିତ୍‌ ବିଭୂତି ଭୂଷଣ ହୋତା, ପ୍ରଦୀପ କୁମାର ଜେନା, ନିରଞ୍ଜନ ସାହୁ, ଦୁର୍ଯ୍ୟୋଧନ ସାହୁ, ଗୌରାଙ୍ଗ ମଲ୍ଲିକ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଗାନ୍ଧୀ ତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, ଶିକ୍ଷକ ଗୋପାଳ ମହାପାତ୍ର, ପବିତ୍ର ଜେନା ଜିଲ୍ଲା ଶିକ୍ଷକ ସଂଘର ପୁରୁଷୋତ୍ତମ ପ୍ରଧାନ, ଶିବଦତ୍ତ ନାୟକ, ସୁରେନ୍ଦ୍ର ନାୟକ, ସିଆରସିସି ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁରୁଖୁରୁରେ ସମାପନ ହୋଇଥିଲା। ବିଇଓ କାର୍ଯ୍ୟାଳୟ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ଶ୍ରୀ ରଥଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପେପର ପ୍ରଦାନ କରିଥିଲେ। ଶିକ୍ଷକ ସୁଧୀର ଜେନା ଓ ଦିଲିପ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିଜ ବିଦ୍ୟାଳୟ, ଶିକ୍ଷକ ସଂଘ ଓ ଛାତ୍ରଛାତ୍ରୀ ଆଖପାଖ ବିଦ୍ୟାଳୟମାନଙ୍କ ତରଫରୁ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ଶିକ୍ଷକ ଅଭୟ ଚରଣ ସାହୁ, ଫକିର ଦାସ, ପ୍ରଦୀପ ଜେନା, ଗଣେଶ୍ୱର ପରିଡ଼ା, ଚିତ୍ତରଞ୍ଜନ ଜେନା ଓ ଅନ୍ୟମାନେ ମିଳିତ ଭାବେ ସ୍ୱତନ୍ତ୍ର ମାନପତ୍ର, ଉତ୍ତରୀୟ ଦେଇ ଶ୍ରୀ ରଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ କାହ୍ନୁ ଚରଣ ସେଠୀ, ଅମରାବତୀ ତାଡ଼, କଳ୍ପନା ପ୍ରଧାନ, ମନୋରଞ୍ଜନ ଜେନା, କମିଟି ସଭାପତି ରତ୍ନାକର ପରିଡ଼ା, ସଭ୍ୟସଭ୍ୟା ଓ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ। ଶିକ୍ଷାବିତ୍‌ ଶ୍ରୀଧର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶେଷରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ଓ ବନ୍ଦାପନା କରାଯାଇଥିଲା।

# ଦିନ ଦ୍ୱିପ୍ରହରରେ ବୃଦ୍ଧାଙ୍କ ବେକରୁ ସୁନା ଚେନ୍‌ ଲୁଟ୍‌

**ସାଲେପୁର,୫।୫/ଏନ୍‌ଏନ୍‌ଏସ୍‌:** ଦିନ ଦ୍ୱିପ୍ରହରରେ ସଂପର୍କୀୟ ପରିଚୟ ଦେଇ ଘର ଭିତରେ ପଶି ଜଣେ ବୃଦ୍ଧାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ। ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ବଜାର ନିକଟସ୍ଥ ବାଲିସାହି ପଞ୍ଚାୟତ ରୋଧପୁର ଗାଁରେ। ଏଠାରେ ଦୀର୍ଘ ଦିନ ହେବ ଘର କରି ରହିଆସୁଥିବା ଛାଣିପୁର ଗ୍ରାମର ଜାମିନିକାନ୍ତ ନାୟକଙ୍କ ବୃଦ୍ଧା ମାଆ ଦିନବେଳା ଘରେ ତାଙ୍କ ବୋହୂ ସହିତ ଏକୁଟିଆ ରହୁଥିବାବେଳେ ଜଣେ ଅଚିହ୍ନା ଯୁବକ ଆସି ତାଙ୍କ ସଂପର୍କୀୟର ପରିଚୟ ଦେଇଥିଲା। କିଛି ସମୟ ସେ କଥା ବାର୍ତ୍ତା କରିବା ପରେ ବୃଦ୍ଧା ଚାରୁଲତା ନାୟକ ବେକରେ ପିନ୍ଧିଥିବା ସୁନା ଚେନକୁ କୌଶଳ କ୍ରମେ ଛିଣ୍ଡାଇ ନେଇ ଚମ୍ପଟ ମାରିଥିଲା। ଖବର ପାଇ ଘରେ ତାଙ୍କ ପୁଅ ଜାମିନିକାନ୍ତ ନାୟକ ପହଞ୍ଚିବା ପରେ ସାଲେପୁର ଥାନାରେ ଏତଲା ଦଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ବିଭିନ୍ନ ସ୍ଥାନର ସିସିଟିଭି ଯାଞ୍ଚ କରିଥିବା ଜଣାପଡିଛି। ଏଭଳି ଦିନ ଦ୍ୱିପ୍ରହରରେ ଘରୁ ଲୁଟ୍‌ ହେବା ପରେ ଭୟରେ ଜାମିନିକାନ୍ତଙ୍କ ପରିବାର ରହିଥିବାବେଳେ ତୁରନ୍ତ ଉକ୍ତ ଅଚିହ୍ନା ଯୁବକକୁ ଧରିବାକୁ ଦାବି କରିଛନ୍ତି।


**AFFIDAVIT**

By virtue of an affidavit sworn before court of Executive Magistrate Satyabadi, I Prasanna Malik, aged about 45 years, S/o – Parama Malik, Vill – Pakhimunda, Ps-Satyabadi, Dist-Puri do hereby declare that actually my son name is Soumya Ranjan Malik and DOB-14.07.2008 but in his Aadhaar card name is Soumya Ranjan Mallik and DOB – 04.01.2008. Henceforth, he shall be known as Soumya Ranjan Malik, DOB-14.07.2008 is correct and all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Khallikote, dated 17.03.2025, I, Santosh Panigrahi, S/o- Niranjan Panigrahy, Address Vill - Tala Rampalli, Po- Barasara, Ps-Kodala, Dist-Ganjam, Odisha, Pin-761030 declare that I have changed my minor daughter's name from Barsha Padhi (Old name) to Barsa Panigrahi (New name). Henceforth, she shall be known as **Barsa Panigrahi** for all purposes.

Sd/- Santosh Panigrahi

**AFFIDAVIT**

By virtue of an affidavit sworn before Notary Public, Bhubaneswar, Odisha dated 05.05.2025 I, Bankanidhi Das, S/o Banshidhar Das, resident of VTC-Kurunti, P.O.-Kusupanga, Dist.-Dhenkanal, PIN-759121, Odisha have changed my son's name from Rahul Das to **Nisit Ranjan Das**. Henceforth he will be known as **Nisit Ranjan Das** for all purpose. (Bankanidhi Das)

**AFFIDAVIT**

By virtue of an affidavit the court of Executive Magistrate, Bhubaneswar, I Surakala hemalata, aged about 32 years, W/o- Surakatula Mohan Rao, At - Kesaripada, Patrapur, Bejjipadar, Dist- Ganjam, Odisha-761006 do hereby declare that my minor daughter name have changed from S. Narmada (Old name) to Surakatula Sharmila (New name). Henceforth, she shall be known as **Surakatula Sharmila** for all future purposes.

**AFFIDAVIT**

By virtue of an affidavit sworn before Notary Public Pattamundei, dated 11.04.2025 Santilata Nayak wife of Bharat Nayak At/Po Balipatana, Ps-Pattamundei, Dist-Kendrapada, Odisha, Pin-754215 declared that I have changed my nephew's name from Swadhin Rout (Oldname) to Ayush Rout (New name). Henceforth he shall be known as **Ayush Rout** (New name) for all purpose .

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ୍ ନଂ.: TRS-BNDM-01-2025-26, Dated 03.05.2025. ... Sr. Divisional Electrical Engineer/TRS/Bondamunda, ... ଆନୁମାନିକ ଟେଣ୍ଡର କାର୍ଯ୍ୟ ମୂଲ୍ୟ: ୧୦,୬୯,୭୦୦/-, ବିଡ୍ ସିକ୍ୟୁରିଟି/ ଇଏମ୍‌ଡି: ୨୧,୪୦୦/-, ଇ-ଟେଣ୍ଡର ପ୍ରକ୍ରିୟା ବନ୍ଦ ହେବା ତାରିଖ ଓ ସମୟ: ୩୦.୦୫.୨୦୨୫, ୧୫.୦୦ ଘଟିକା, ... http://www.ireps.gov.in, ... (PR-121)

**AFFIDAVIT**

By virtue of an affidavit sworn before Notary Public, Balliguda dated 24.04.2025, I Baidia Bindhani, aged about 40 years, Wife of Ganapati Bindhani, Village- Purunasahi, Midiakia, P.O- Midiakia, P.S- Balliguda, Dist- Kandhamal, PIN-762109, Odisha have changed my name from "BAIDIA BINDHANI" to "PHIMPA BINDHANI". Henceforth I shall be known as **"PHIMPA BINDHANI"** for all purposes.

MM-25

Forest, Environment and Climate Change Department, Odisha
OFFICE OF THE DIVISIONAL FOREST OFFICER
JHARSUGUDA FOREST DIVISION
Email – dfo.jharsuguda@odisha.gov.in
Ph – 06645 - 295040

**BID IDENTIFICATION NO- DFO- JSG – 01 of 2025-26 (1F)/DATED.**

No. 98 /1F (Accts.), Dated, Jharsuguda the 03 May 2025

**e-Procurement Notice**

1. Name of work : Construction of Balance Work Multi Stored ACF Quarter Building (G+1) for the year 2025-26
2. Total No. of works : 1 No
3. Estimated Cost : Rs.21,99,693.00/- (Excluding GST)
4. Period of Completion : Three Calendar Months
5. Date of availability of bid Documents in portal : 05.05.2025 to 20.05.2025
6. Last date/time for receipt of bids in the Portal : Up to 05.00 PM of 20.05.2025
7. Date & Time of opening of Bid documents: At 11.00 AM of 21.05.2025
8. Class of Contractor : " B" & " C" Class Contractor
9. Name and address of officer inviting bid: Divisional Forest Officer, Jharsuguda Forest Division

(a) Further, details can be seen from the e-procurement portal www.tenderodisha.gov.in/
(b) The addendum / Corrigendum if any will be hosted in the website only.

Divisional Forest Officer, Jharsuguda Forest Division

OIPR-08054/11/0017/2526

**VIKRAM DEV UNIVERSITY**
**JEYPORE, DIST: KORAPUT, ODISHA-764001**

CAD-312

No.1063/VDU/25 **EXPRESSION OF INTEREST** Date : 03.05.2025

Sealed Quotations are invited from reputed Government (Finance Department) empanelled Audit Firms for audit of the funds of Vikram Dev University, Jeypore. Interested firms may submit their quotation for the fees to be charged for the Audit of the funds of the university for the year 2023-24 (from June, 2023 to March,2024) and the year 2024-25 (April, 2024 to March,2025) so as to reach in the office of the undersigned by Registered Post/Speed Post latest by 5.00 PM on 12.05.2025 for consideration. The undersigned reserves the right to cancel any or all quotations without assigning any reason thereof.

Sd/- Registrar
V.Dev University, Jeypore

OIPR-11133/11/0003/2526

पावरग्रिड POWERGRID

**ବିଜ୍ଞପ୍ତି**

୩. ଟାରିଫ୍ ସଂପର୍କରେ:

କ) ୨୦୧୯-୨୪ ବ୍ଲକ୍ (ଲକ୍ଷ ଟଙ୍କାରେ)

| ସମ୍ପତ୍ତି ବିବରଣୀ | ସିଓଡି | 31.03.2024 ପୂର୍ବ ଧାର୍ଯ୍ୟ ମୋଟ ମୂଲ୍ୟ | ଟାରିଫ୍ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|---|---|---|
| ଆସେଟ୍-I | 01.06.2023 | 2643.87 | | - | - | - | - | 547.74 |

ଖ) ୨୦୨୪-୨୯ ବ୍ଲକ୍ (ଲକ୍ଷ ଟଙ୍କାରେ)

| ସମ୍ପତ୍ତି ବିବରଣୀ | 31.03.2024 ପୂର୍ବ ଧାର୍ଯ୍ୟ ମୋଟ ମୂଲ୍ୟ | ଟାରିଫ୍ | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|---|
| ଆସେଟ୍-I | 3191.25 | | 655.12 | 697.76 | 698.85 | 696.41 | 695.21 |

୪. ... www.powergridindia.in ...

ସ୍ଥାନ: ଗୁରୁଗ୍ରାମ
ତାରିଖ: ୦୫.୦୫.୨୦୨୫

ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଏଣ୍ଟରପ୍ରାଇଜ)

www.powergrid.in, CIN: L40101DL 1989GOI038121

A Maharatna PSU

MM-23

OFFICE OF THE DIVISIONAL FOREST OFFICER, DHENKANAL DIVISION
Tele Fax No-06762226717, e-mailId-dfo.dhenkanal@gmail.com

**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2025-26 OF DHENKANAL DIVISION**

THE RE-TENDER FOR SUPPLY OF ANIMAL FEED ITEMS TO KAPILASH ZOO FOR THE YEAR 2025-26 IS INVITED FROM INTENDING PERSONS /FIRMS. THE TENDER WILL BE RECEIVED TILL 1.00 PM OF 15.05.2025 BY POST AND TO BE OPENED ON DT.17.05.2025 AT 9:00A.M IN DIVISIONAL FOREST OFFICE, DHENKANAL. FOR DETAIL PARTICULARS, THE UNDERSIGNED MAY BE CONTACTED DURING OFFICE HOURS.

DIVISIONAL FOREST OFFICER
DHENKANAL DIVISION

OIPR-08037/11/0017/2526

e-mail-eerwss_kpt@rediffmail.com Ph.No. 06852-250281(Off) Ph.No. 06852-250680 (Res) Fax.No.06852-251098.

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER ,RWSS DIVISION, KORAPUT**
National Competitive Bidding Through E-Procurement
**Tender Identification No.03/SE/RWSS/KPT/2025-26/01.05.2025**

The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | Power supply to PWS Projects |
| 2 | Estimated Cost. | Varies from 6.59 Lakhs to 10.16 lakhs |
| 3 | Total Nos of works | 2 nos. |
| 4 | Tender cost | Rs. 4,000 to Rs.6,000.00 |
| 5 | Class of Contractor. | HT, (Elect.) |
| 6 | Availability of Bid document in the web site | Dt. 09.05.2025 at 17.00 hours to 19.05.2025 up to 17.00 hours. |
| 7 | Date of Seeking clarification. | During the Office hours of 10.05.2025 to 17.05.2025 |
| 8 | Date of Opening of Bid. | Dt. 20.05.2025 at 11.00 AM |

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Sd/- Superintending Engineer
RWS&S Division, Koraput

OIPR-25034/11/0035/2526 O-112

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** SBI

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୬୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫାକ୍ସ ନଂ.: ୦୬୭୪-୨୫୪୯୬୧୩, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଅଣବନ୍ଧକ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନୋଟିସ୍

ସରଫେଶୀ ନିୟମ ଅନୁସାରେ ତା୨୪.୧୨.୨୦୨୪ରିଖରେ ଇ-ନିଲାମ ମାଧ୍ୟମରେ ବିକ୍ରି କରାଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତି ଗୃହ ମଧ୍ୟରେ ଥିବା ଅଣବନ୍ଧକ ଘରୋଇ ଦ୍ରବ୍ୟଗୁଡ଼ିକର ଇ-ନିଲାମ ବିକ୍ରୟ ନୋଟିସ୍। ପୁନଶ୍ଚ, ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ତା୦୪.୦୪.୨୦୨୩ରିଖ ଠାରୁ ସମ୍ପତ୍ତିର ଭୌତିକ (ଫିଜିକାଲ ଦଖଲ) ଦଖଲ ନିଆଯାଇଛି। ବ୍ୟାଙ୍କ ନିଲାମଧାରୀଙ୍କୁ ଶୀଘ୍ର ସମ୍ପତ୍ତି ହସ୍ତାନ୍ତରୀତ କରିବାକୁ ଯାଉଛି ଏବଂ ଇ-ନିଲାମ ମାଧ୍ୟମରେ ସମ୍ପତ୍ତିରେ ପଡ଼ିରହିଥିବା ଅଣବନ୍ଧକ ଘରୋଇ ଜିନିଷଗୁଡ଼ିକୁ ଖାଲି କରିବାକୁ ଚାହୁଁଛି। ଏଣୁ, ଏହି ନୋଟିସ୍ ମାଧ୍ୟମରେ ସର୍ବସାଧାରଣଙ୍କୁ ସମୂହଭାବେ ଏବଂ ବିଶେଷକରି ଋଣଗ୍ରହୀତା ଏବଂ ବନ୍ଧକଦାତାଙ୍କୁ ଜଣାଇ ଦିଆଯାଉଛି କି, ଦାବୀ କରାଯାଇନଥିବା ଅଣବନ୍ଧକ ଅସ୍ଥାବର ଜିନିଷ ଗୁଡ଼ିକୁ ତା୧୯.୦୫.୨୦୨୫ରିଖରେ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ବିକ୍ରୟ କରାଯିବ।

ଇ-ନିଲାମ ତାରିଖ ଏବଂ ସମୟ: ତା.୧୯.୦୫.୨୦୨୫ ରିଖ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୩.୦୦ ଘଟିକା ପର୍ଯ୍ୟନ୍ତ
ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସ୍ମିତା ନାୟକ, ମାର୍ଫତ: ଅସୀମା ଅନୁଭୂତି, ୨) ଶ୍ରୀ ଶଶାଙ୍କ ଶେଖର ନାୟକ, ମାର୍ଫତ: ୪ ପ୍ରଦୀପ କୁମାର ପଣ୍ଡା, ୩) ଶ୍ରୀମତୀ ଶତାବ୍ଦୀ ଅମ୍ବିକା ନାୟକ, ସ୍ୱାମୀ: ଶ୍ରୀ ଶଶାଙ୍କ ଶେଖର ନାୟକ, ସମସ୍ତଙ୍କ ଠିକଣା- ୱାର୍ଡ ନଂ.: ୧୦, ମହାଦେବ ମନ୍ଦିର ନିକଟ, ପୋ.: ଉଦାଳ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୪୧ | ଅଣ-ବନ୍ଧକ ଦାବୀହୀନ ଘରୋଇ ଦ୍ରବ୍ୟ (ଅସ୍ଥାବର ସମ୍ପତ୍ତିର ତାଲିକା) ଯଥା: ସୋଫା, ବେଡ୍, ସେଲଫସ୍, ଡାଇନିଙ୍ଗ୍ ଟେବୁଲ ସହିତ ଚେୟାରଗୁଡ଼ିକ, ଅନ୍ୟାନ୍ୟ ଚେୟାର, ଫ୍ରିଜ, ୱାସିଙ୍ଗ୍ ମେସିନ, ଟିଭି ସେଟ୍, ସିଲିଙ୍ଗ୍ ଫ୍ୟାନ, ଗ୍ୟାସ ଷ୍ଟୋଭ, ଇଣ୍ଡକସନ୍ ଷ୍ଟୋଭ, ଗ୍ରାଇଣ୍ଡର ଏବଂ କୁକର ଏବଂ ଅନ୍ୟାନ୍ୟ ରୋଷେଇ ସରଞ୍ଜାମ, ଆଲମିରା, ଆଲମିରା, ପ୍ଲାଷ୍ଟିକ ପାତ୍ର, ଷ୍ଟାବିଲାଇଜର, ସୋକେସ୍, ପୁରୁଣା ମାରୁତି ଗାଡ଼ି, ହାଲୋଜେନ ଲାଇଟ୍ ଇତ୍ୟାଦି | ଟ.୧,୨୮,୮୫୦/- <br> ଟ.୧୨,୮୮୫/- <br> ଟ.୧୦,୦୦୦/- |

ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୧୬.୦୫.୨୦୨୫, ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା ମଧ୍ୟରେ

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସର୍ବୋତ୍ତମ ଜ୍ଞାନ ଏବଂ ବିଶ୍ୱାସରେ ଉପରୋକ୍ତ ଘରୋଇ ଦ୍ରବ୍ୟଗୁଡ଼ିକ ଉପରେ କୌଣସି ଏନକମ୍ବ୍ରାନସେସ୍ ନାହିଁ

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://baanknet.com

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦିଲ୍ଲିପ କୁମାର ବିଶ୍ୱାଳ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.:୮୮୦୦୯୦୧୦୦୫, ସିସିଓ: ଶ୍ରୀ ବି.ଏନ୍. ମୁର୍ଡି , ମୋ.: ୭୩୮୧୦୪୮୭୦୭

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୫.୦୫.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

B-91

GOVERNMENT OF ODISHA
OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.V, BHUBANESWAR
Mail i.d eemb5bbsr@gmail.com
INVITATION OF BIDS

**E-procurement Bidder Call Notice No.01 of 2025-26**

No. 2897 Bhubaneswar the 03-05- May-2025

The Superintending Engineer, Bhubaneswar (R&B) Division No.V, Bhubaneswar on behalf of the Governor of Odisha invites percentage rate bids for one number supply of furniture to be received in online bidding double cover system for supply work as detailed in : https://tenderorissa.gov.in. The details of bid documents will be available in the above website from 05:00 P.M of 09.05.2025 to 5.00 P.M of 16.05.2025. The bidders must possess compatible Digital Signature Certificate of Class II or III. Bids received online shall be opened at 12.30 PM of 17.05.2025 in the Office of the Superintending Engineer, Bhubaneswar (R&B) Division No.V, Bhubaneswar. Further details can be seen from the e-procurement portal www.tenderorissa.gov.in. Addendum / Corrigendum, if required, will be available only in the Website.

| Sl. No | Name of the work | Approximate Estimated cost put to Bidder (Excluding GST) | EMD/Bid Security | Cost of Bid Document | Class of Bidder | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Interior Work to Dinning Hall of FTDC at OUAT, Bhubaneswar (Such as Supply, fitting, fixing of Furnitures & Tensile fabrics roofing) for the year 2025-26 | Rs. 97.53 Lakhs | Rs. 97,533.00 Online | Rs 10,000.00 Online | B Class | 2 (Two) Calendar Months |

Sd/- Er. A. Routray
Superintending Engineer
Bhubaneswar (R&B) Division No.V, Bhubaneswar

OIPR-34178/11/0013/2526

## ପ୍ରଥମ ପୃଷ୍ଠାରୁ

### ବଳକା ଦାରୁରେ ମୂର୍ତ୍ତି ...

ନୀତିକାନ୍ତି ନେଇ ତାଳମେଳ ରହୁନି । ତେଣୁ ମହାପ୍ରଭୁଙ୍କ ଦୈନିଦିନ କ'ଣ କାର୍ଯ୍ୟ ରହିବ ଏ ନେଇ ଶ୍ରୀମନ୍ଦିର ପକ୍ଷରୁ ରାଜ୍ୟର ସବୁ ଜଗନ୍ନାଥ ମନ୍ଦିରକୁ ଖୁବ ଶୀଘ୍ର ମାର୍ଗଦର୍ଶିକା ଜରିହେବ । ସେହିପରି ଦେଶରେ କେବଳ ଚାରିଟି ଧାମ ରହିଛି । ତେଣୁ କେବଳ ଏହି ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନରେ 'ଧାମ' ଶବ୍ଦର ନାମ ଲାଗିପାରିବ ନାହିଁ । ତେଣୁ ଦୀଘାରେ 'ଜଗନ୍ନାଥ ଧାମ' ବୋଲି ଯାହା ଉଲ୍ଲେଖ କରାଯାଇଛି ତାହା ଠିକ ନୁହେଁ, ଏହାକୁ ଶୀଘ୍ର ହଟାଇବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହେବ । ପଶ୍ଚିମବଙ୍ଗ ସରକାରଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ପତ୍ର ଲେଖାଯିବ ଏବଂ ଦିଘା ଠାରେ ମହାଦୋଧି ନାମକୁ କାଟିବା ପାଇଁ ମଧ କୁହାଯିବ । ଅନ୍ୟପକ୍ଷରେ ସେବାୟତମାନେ କୌଣସି ସ୍ଥାନକୁ ଯାଇ ସେଠାରେ ପୂଜା ଅର୍ଚ୍ଚନା କରିବା ବିଧି ନାହିଁ । ଏଥି ସହିତ ଜଗନ୍ନାଥଙ୍କ ବିଭିନ୍ନ ନୀତିକାନ୍ତି ବିଷୟରେ ବାହାରେ କ'ଣ ସବୁ ପ୍ରକାଶ କରି ପାରିବେ ଓ ନ କରିପାରିବେ ସେଥିନେଇ ମାର୍ଗଦର୍ଶିକା ଜାରି ହେବ । ଉଲ୍ଲେଖ ଯୋଗ୍ୟ ଯେ ଶ୍ରୀଜଗନ୍ନାଥଙ୍କର ମନ୍ଦିର ଦୀଘାଠାରେ ହେବା, ମନ୍ଦିରର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ଇତ୍ୟାଦି ବାବଦରେ ଅନ୍ତରୀଣ ତଦନ୍ତ କମିଟି କରିଥିବା ରିପୋର୍ଟକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଜି ଲୋକସେବା ଭବନରେ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରିଛନ୍ତି ।

### ଆମ ଉପରେ ଏତେ ...

ଖାତିର ନା ମହାନ ଜଗନ୍ନାଥ ସଂସ୍କୃତିକୁ ସମ୍ମାନ ନା' ଭାବନାକୁ ପରୱା । ହିନ୍ଦୁ ଧର୍ମରେ ଦେଶର ଚାରି ଧାମରୁ ଶ୍ରେଷ୍ଠ ଜଗନ୍ନାଥ ଧାମକୁ ଗୌଣ କରିବା ପାଇଁ ମମତା ବିଧିବଦ୍ଧ ପ୍ରୟାସ କରୁଥିବା କୁହାଯାଉଛି । ପୁରୀ ଜଗନ୍ନାଥ ମନ୍ଦିର ଢ଼ାଞ୍ଚାରେ ମନ୍ଦିର ତୋଳି ପୂରା ଯୋଜନାବଦ୍ଧ ଷଡ଼ଯନ୍ତ୍ରରେ ମମତା ମାତିଯାଇଛନ୍ତି । ଅନ୍ୟପକ୍ଷରେ ଚାପରେ ଚେପା ହେଲେ ମମତା ସରକାର । ଚାରିଆଡୁ ତୀବ୍ର ବିରୋଧ ପରେ ଶେଷରେ ସୋମବାର ମନ୍ଦିର ସମ୍ମୁଖରୁ ହଟାଇ ଦିଆଯାଇଛି 'ଜଗନ୍ନାଥ ଧାମ' ଫଳକ । ଜଗନ୍ନାଥପ୍ରେମୀଙ୍କ ତୀବ୍ର ବିରୋଧ ପରେ ଶେଷରେ ଦୀଘା ଜଗନ୍ନାଥ ମନ୍ଦିର ସମ୍ମୁଖରେ 'ଜଗନ୍ନାଥ ଧାମ' ଲେଖାଥିବା ସେଲ୍‌ଫି ପଏଣ୍ଟକୁ ପଶ୍ଚିମବଙ୍ଗ ସରକାର ହଟାଇ ଦେଇଛନ୍ତି । ଏନେଇ 'ଏକ୍ସ' ମାଧ୍ୟମରେ ସୂଚନା ଦେଇଛନ୍ତି ବିଜେପି ମିଡିଆ ସେଲ୍ ଅଧ୍ୟକ୍ଷ ଅମିତ ମାଲବ୍ୟ । 'ଏକ୍ସ'ରେ ଦୁଇଟି ଫଟୋ ଶେୟାର କରି ସେ ଲେଖିଛନ୍ତି, 'ପ୍ରଭୁ ଜଗନ୍ନାଥଙ୍କ ଭକ୍ତମାନଙ୍କ ତୀବ୍ର ବିରୋଧ ପରେ ପଶ୍ଚିମବଙ୍ଗ ସରକାର ଦୀଘାରେ ଥିବା ଭ୍ରାମକ 'ଧାମ' ଲେଖାକୁ ଚୁପଚାପ୍ ହଟାଇବାକୁ ବାଧ ହୋଇଛନ୍ତି । ଏହା ହିନ୍ଦୁ ଏକତାର ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ଏବଂ ମମତା ବାନାର୍ଜୀଙ୍କ ବିଭାଜନକାରୀ ଏଜେଣ୍ଡା ପ୍ରତି ଏକ ଶକ୍ତ ଝଟକା । ଯେତେବେଳେ ହିନ୍ଦୁମାନେ ଏକତ୍ରିତ ହୁଅନ୍ତି, କୌଣସି ରାଜନୈତିକ କାରସାଦି ସଫଳ ହୋଇପାରେ ନାହିଁ । ଅନ୍ୟପକ୍ଷରେ ମନ୍ଦିର ସାମ୍ନାରୁ ଜଗନ୍ନାଥ ଧାମ ଲେଖା ହଟିଥିଲେସୁଦ୍ଧା ୱେବସାଇଟ୍‌ରେ ଏବେବି ଜଗନ୍ନାଥ ଧାମ ରହିଛି । ୱେବସାଇଟ୍‌ରେ ସ୍ପଷ୍ଟ ଭାବେ ଲେଖାଯାଇଛି 'ଜଗନ୍ନାଥ ଧାମ' ।

### ମମତା ହିନ୍ଦୁ ଓ ଜଗନ୍ନାଥ ...

ଧାମ ନାମକରଣ କରାଯିବା ନେଇ ଶ୍ରୀ ପୂଜାରୀ ଏଭଳି କହିଛନ୍ତି । ସେ ଆହୁରି କହିଛନ୍ତି, ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସ୍ୱାଗତଯୋଗ୍ୟ, ମାତ୍ର ତାହା ଶ୍ରୀକ୍ଷେତ୍ର ନୁହେଁ ।

### ଧରଣୀଧରଙ୍କ ନାମରେ ...

ଘର ପାଖରେ ଦୁଇ ଏକର ଜମିରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରାଯିବା ସହିତ ଏକ ବ୍ୟାଖ୍ୟାନ କେନ୍ଦ୍ର ମଧ ସ୍ଥାପନ କରାଯିବ । ଏହାକୁ ଏକ ପର୍ଯ୍ୟଟନ ଭାବେ ବିକଶିତ କରିବା ପାଇଁ ପାର୍କ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦୁଝରରେ ଖୁବଶୀଘ୍ର ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି । ଷ୍ଟିଲପ୍ଲାଣ୍ଟ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୫ ହଜାର କୋଟି ଟଙ୍କା ବିନିଯୋଗ ହେବ । ଏଥି ସହିତ କେନ୍ଦୁଝରରେ ସମୁଦାୟ ୧,୨୯,୮୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ୩୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଯାହାଦ୍ୱାରା ୩୦ରୁ ୩୫ ହଜାର ଯୁବକ ଯୁବତୀ ରୋଜଗାର ପାଇବେ । ଶିଳ୍ପ ପ୍ରତିଷ୍ଠାନ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନ ପ୍ରକଳ୍ପ ଗୁଡିକୁ ମଧ ପ୍ରାଧାନ୍ୟ ଦିଆଯିବ ଯାହା ଦ୍ୱାରା କେନ୍ଦୁଝର ଜିଲ୍ଲା ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ ଆଗକୁ ଯିବ । କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିପ୍ଳବୀ ଧରଣୀଧରଙ୍କୁ ସ୍ୱାଭିମାନର ପ୍ରତୀକ ବୋଲି କହିବା ସହିତ ତାଙ୍କ ଜୀବନୀରୁ ପ୍ରତ୍ୟେକ ବର୍ଗ ଅନୁପ୍ରାଣିତ ହେବା ପାଇଁ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର କାଙ୍ଗାଳି ଚରଣ ନାଏକଙ୍କୁ ଧରଣୀଧର ସମ୍ମାନରେ ସମ୍ମାନିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ ପ୍ରମୁଖ ନିଜ ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମରେ ବିପ୍ଳବୀ ଧରଣୀଧର ନାଏକଙ୍କ ବଂଶଧର ଶ୍ରୀ କଳାକର ନାଏକ ଯୋଗଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ ବିବରଣୀ ପାଠ କରିଥିଲେ । କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭୂୟାଁ ସାଂସ୍କୃତିକ ସଂଗଠନର ଉପଦେଷ୍ଟା ମମିତା ନାଏକ ଧନ୍ୟବାଦ ଦେଇଥିଲେ ।

### ପୂରଣ ହେବ ୩୨ ହଜାର ...

ପ୍ରଦାନ କରିବେ । ଏହି ଥାନାଗୁଡ଼ିକ ଦ୍ୱାରା ଲୋକମାନେ ଉନ୍ନତ ମାନର ସେବା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ପୁଲିସ କର୍ମଚାରୀଙ୍କ ପାଇଁ ୧୭ ଟି ଏସ୍‌ୟୁଭି ଗାଡି ଏବଂ ୮୦ ଟି ବାଇକୁ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ବିଗତ ଦିନରେ ଘଟିଥିବା ଅପରାଧର ଆଉ ଯେପରି ପୁନରାବୃତ୍ତି ନହୁଏ ସେଥିପ୍ରତି ସଜାଗ ରହିବାପାଇଁ ଉପସ୍ଥିତ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଥାନାକୁ ଆସୁଥିବା ସାଧାରଣ ଲୋକମାନଙ୍କୁ ଭଲ ବ୍ୟବହାର କରିବା ପାଇଁ ଅଧିକାରୀ ଓ କର୍ମଚାରୀମାନଙ୍କୁ କଡ଼ା ଚେତାବନୀ ଦେଇଥିଲେ ଏବଂ ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ପାଖରୁ ତୁରନ୍ତ ଏଫଆଇଆର ଗ୍ରହଣ ନକଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଥିଲେଯେ ଏହି ନୂଆ ଥାନା ଗୃହ ଜରିଆରେ ଆମ ପୁଲିସ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାରେ ଉନ୍ନତି ଆଣିବା ସହ ଜନସାଧାରଣଙ୍କୁ ଉନ୍ନତ ସେବା ପ୍ରଦାନ କରିବାକୁ ଆମେ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛୁ । ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ,ଆଇ ଜି ଶ୍ରୀ ହିମାଂଶୁ ଲାଲ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ, କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ପ୍ରମୁଖ ଉପସ୍ଥିତ ଥିଲେ ।

### ଦୀଘା ଜଗନ୍ନାଥ ଧାମ ...

ଜଗନ୍ନାଥ ମନ୍ଦିରକୁ କିମ୍ବା ସ୍ଥାନକୁ ଶ୍ରୀ ଜଗନ୍ନାଥ ଧାମରେ ନାମିତ କରାଯାଇ ପାରିବ ନାହିଁ । ମୁକ୍ତିମଣ୍ଡପ ପଣ୍ଡିତ ସଭା ମତ ଅନୁସାରେ ଏହା ଉଲ୍ଲେଖ କରୁଛି । ମୁକ୍ତିମଣ୍ଡପ ପଣ୍ଡିତ ସଭାର ମତ ଅନୁସାରେ ମହାପ୍ରଭୁଙ୍କ ଶ୍ରୀବିଗ୍ରହ ଦାରୁ ବ୍ୟତୀତ ଅନ୍ୟ କୌଣସି ଧାତୁ ବା ଶୀଳାରେ ନିର୍ମାଣ କରି ପୂଜା କରିବା ଉଚିତ ନୁହେଁ । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମୂଳପୀଠ ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କୌଣସି ଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠିତ ଶ୍ରୀବିଗ୍ରହମାନଙ୍କୁ ସମର୍ପଣ କରାଯାଉଥିବା ନୈବେଦ୍ୟକୁ ଶ୍ରୀ ମହାପ୍ରସାଦ କୁହାଯିବା ଶାସ୍ତ୍ର ସମ୍ମତ ନୁହେଁ ବୋଲି ଗଜପତି ମହାରାଜା କହିଛନ୍ତି । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଦୀଘା ଶ୍ରୀ ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ କିମ୍ବା ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର ଭାବେ ନାମତ କରିବାରୁ ନିବୃତ୍ତ ରହିବାକୁ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତା, ଟ୍ରଷ୍ଟି ଏବଂ ପୃଷ୍ଠପୋଷକମାନଙ୍କୁ ଗଜପତି ମହାରାଜା ଜଣାଇଛନ୍ତି ।

### ବିଷ୍ଣୁପଦଙ୍କୁ ହାଇକୋର୍ଟରୁ ...

ପାଣିଗ୍ରାହୀ ମାମଲାର ଶୁଣାଣିକୁ ଆସନ୍ତା ୭ ତାରିଖ ଯାଏ ଘୁଞ୍ଚାଇ ଦେଇଛନ୍ତି । ସେପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ।ସୂଚନାଯୋଗ୍ୟ ଯେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ ଲିମିଟେଡ୍ ପାଇଁ ଏକ ବିଲ୍ ପାସ୍ କରିବାକୁ ଲାଞ୍ଚ କାରବାର ନେଇ ସିବିଆଇ ପକ୍ଷରୁ ମାମଲା ହୋଇଥିଲା । ସିବିଆଇ ଶ୍ରୀ ସେଠୀଙ୍କ ଘରେ ଚଢ଼ଉ ମଧ କରିଥିଲା । ଏଫ୍‌ଆଇଆରରେ ନାଁ ନଥିଲେ ମଧ ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଶ୍ରୀ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସିବିଆଇର ବେଆଇନ କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇବା ପାଇଁ ପ୍ରାର୍ଥନା କରିଥିଲେ । ହାଇକୋର୍ଟରେ ବିଚାରପତି ଏସ.କେ. ପାଣିଗ୍ରାହୀ ମାମଲାର ଶୁଣାଣି କରିଥିଲେ । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ପୂର୍ବରୁ ଅନ୍ତରୀଣ ସୁରକ୍ଷା ନିର୍ଦ୍ଦେଶ ମଧ ଦେଇଥିଲେ । ତେବେ ଏହି ଅନ୍ତରୀଣ ସୁରକ୍ଷା ଆସନ୍ତା ମେ' ୬ ତାରିଖ ଯାଏ ବୃଦ୍ଧି ହୋଇଛି ।

## ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସାଇବର୍ ଠକେଇ

# ପଶ୍ଚିମବଙ୍ଗରୁ ୨ ଅଭିଯୁକ୍ତଙ୍କୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ

**କଟକ,୫।୫/ଏନ୍‌ଏନ୍‌ଏସ୍:** ସେୟାର ମାର୍କେଟରେ ଟଙ୍କା ବିନିଯୋଗ କରି ଖୁବ କମ ଦିନରେ ବହୁଗୁଣା ଅର୍ଥ ଫେରସ୍ତ ପାଇବାର ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୬କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ଘଟଣାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ୨ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କୁ ଓଡ଼ିଶା ଆଣି ପଚରାଉଚରା ଚଳାଇଛି । ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗ ସିଲିଗୁଡ଼ି ପ୍ରଧାନନଗର ଅଞ୍ଚଳର ଅଶୋକ ନନ୍ଦ(୫୩) ଓ ଉତ୍ତର ୨୪ ପ୍ରଗଣାର ଜୟାରାଣୀ ବସାକ (୩୮) । ଏନେଇ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ମାମଲା ନଂ ୨/୨୦୨୫ ରୁଜୁ ହୋଇଛି । ସୂଚନା ଅନୁସାରେ, ଠକେଇର ଶିକାର ହୋଇଥିବା ଅଭିଯୋଗକାରୀ ସାଢ଼େ ୩ ମାସ ମଧ୍ୟରେ ସେୟାର ମାର୍କେଟରେ ବିନିଯୋଗ କରିଥିଲେ ୬ କୋଟି ୪ଲକ୍ଷ ୫୩ ହଜାର ଟଙ୍କା । ସାଇବର ଅପରାଧୀଙ୍କ କହିବା ମୁତାବକ ଏକାଧିକ ଆକାଉଣ୍ଟରେ ଅଭିଯୋଗକାରୀ ଟଙ୍କା ଜମା କରିଥିଲେ । ଅପରାଧୀମାନେ ତାଙ୍କୁ ଆଇପିଓ ଏବଂ ଓଟିସି ଟ୍ରେଡିଂରେ ଟଙ୍କା ବିନିଯୋଗ କରି ମୋଟା ଅଙ୍କର ଲାଭ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅଭିଯୋଗକାରୀ ନିର୍ଦ୍ଧାରିତ ସମୟ ପରେ ଟଙ୍କା ଉଠାଇ ପାରିନଥିଲେ । ସେ ସାଇବର ଠକେଇର ଶିକାର ହୋଇଛନ୍ତି ବୋଲି ଜାଣିବା ପରେ ସେ କଟକସ୍ଥିତ ସାଇବର କ୍ରାଇମ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଥିଲା । ଠକେଇ ଅର୍ଥରାଶିକୁ ଅଭିଯୋଗକାରୀ ୨୨ଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ । ତନ୍ମଧ୍ୟରୁ ୮ଟି ଆକାଉଣ୍ଟ ନିଜର ହୋଇଥିବା ବେଳେ ଅନ୍ୟ ଗୁଡ଼ିକ ସହଯୋଗୀଙ୍କର ଥିଲା । ଟଙ୍କା ଜମା ହେବା ପରେ ଏଟିଏମ୍, ଚେକ୍ ଅଥବା ଆକାଉଣ୍ଟ ଟ୍ରାନ୍ସଫର ଜରିଆରେ ସାଇବର ଅପରାଧୀଙ୍କ ଅନ୍ୟ ଆକାଉଣ୍ଟକୁ ଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ଅପରାଧୀ ଦ୍ୱୟ ପଶ୍ଚିମବଙ୍ଗର ବୋଲି ଜଣାଯିବା ପରେ କ୍ରାଇମବ୍ରାଞ୍ଚ ସେଠାକୁ ଯାଇ ଉଭୟଙ୍କୁ ଗିରଫ କରିବା ପରେ ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇଥିଲା । ତତ୍‌ପରେ ଦୁହିଁଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି । ସେମାନଙ୍କ ନିକଟରୁ ମୋବାଇଲ, ସିମ୍ କାର୍ଡ, ଆଧାର କାର୍ଡ ଓ ପାନ କାର୍ଡ ଜବତ କରାଯାଇଛି । ଅଭିଯୁକ୍ତ ଅଶୋକ ନନ୍ଦ ସିଲିଗୁଡ଼ିର ବାସିନ୍ଦା ହୋଇଥିବା ବେଳେ ସେଠାରେ ସେ ହୋଟେଲ ବ୍ୟବସାୟ କରନ୍ତି । ଠକେଇ ଅର୍ଥରୁ ୧.୧୧ କୋଟି ସିଧା ତାଙ୍କ ଆକାଉଣ୍ଟରେ ଜମା ହୋଇଥିଲା । ସେହିପରି ଅନ୍ୟତମ ଅଭିଯୁକ୍ତ ଜୟାରାଣୀ ବସାକଙ୍କ ଆକାଉଣ୍ଟକୁ ଅଭିଯୁକ୍ତ ଅଶୋକଙ୍କ ଆକାଉଣ୍ଟରୁ ସିଧା ୬ ଲକ୍ଷ ଟ୍ରାନ୍ସଫର ହୋଇଥିଲା । ଏହି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ ଜାରି ରହିଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି ।

## ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକସଭା



**କଟକ,୫।୫/ଏନ୍‌ଏନ୍‌ଏସ୍:** ନୂଆବଜାର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୀରକିଶୋର ବାରିକଙ୍କ ଏକାଦଶାହ ଅବସରରେ ପୋଡାପୋଳଖରୀ ସ୍ଥିତ ପର୍ଶୁରାମ ମଣ୍ଡପ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ବାରିକ ନୂଆବଜାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବରେ ବୃତିଗତ ଜୀବନ ଆରମ୍ଭ କରି ଶେଷରେ ସେହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରି ୨୦୦୫ରେ ଅବସର ଗ୍ରହଣ କରିଥିଲେ । ସେ ଜଣେ ସଂସ୍କୃତି ପ୍ରେମୀ, ବାଗ୍ମୀ ଓ ସୁଲେଖକ ଭାବରେ ଜଣାଶୁଣା ହୋଇଥିବାରୁ ପରଲୋକ ପୂର୍ବରୁ ସେ ଓଡିଶା ବିଜ୍ଞାନ ପ୍ରଚାର ସମିତି ଓ ଜଗନ୍ନାଥ ସଂସ୍କୃତି ପରିଷଦର ସଭ୍ୟ ସହିତ ଚାଉଳିଆଗଞ୍ଜ ଓଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଭାପତି ଦାୟିତ୍ୱ ଗ୍ରହଣ କରି ସୁଚାରୁଭାବେ କାର୍ଯ୍ୟନିର୍ବାହ କରୁଥିଲେ । ଏହି ଶୋକସଭାରେ ରାଜ୍ୟ ପୁଲିସ ମୁଖ୍ୟାଳୟର ଏସ୍‌ପି ମଧୁସୂଦନ ବେହେରା, ଶିକ୍ଷୋଦ୍ୟୋଗୀ ଶିରୋଧର ସୁବୁଦ୍ଧି, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଘନଶ୍ୟାମ ନାୟକ, ଅଧୀକ୍ଷଣ ଯନ୍ତ୍ରୀ ଅମୀୟ ମହାନ୍ତି, ସମାଜସେବୀ ଦିପ୍ତୀରେଖା ବାରିକ, ଆଶିଷ ମହାପାତ୍ର, ଦେବାଶିଷ ମହାପାତ୍ର, ଦିପ୍ତୀରଞ୍ଜନ ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବୀରକିଶୋରଙ୍କ ସ୍ମୃତିଚାରଣ କରିଥିଲେ ।

## ରେଳଷ୍ଟେସନରୁ ନାବାଳିକା ଉଦ୍ଧାର

**କଟକ,୫।୫/ଏନ୍‌ଏନ୍‌ଏସ୍:** ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦ୍ୱାରା କଟକ ରେଳ ଷ୍ଟେସନରୁ ଜଣେ ୧୨ ବର୍ଷୀୟ ନାବାଳିକାକୁ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ନାବାଳିକାକୁ କଟକ ଚାଇଲ୍ଡ ହେଲପ ଲାଇନକୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ, ଆଜି ସିସିଟିଭି କଣ୍ଟ୍ରୋଲ ରୁମରେ ଆରପିଏଫର କନେଷ୍ଟବଳ ଡ୍ୟୁଟି କରୁଥିବାବେଳେ କଟକ ରେଲୱେ ଷ୍ଟେସନ ଦକ୍ଷିଣ ଗେଟ ପ୍ରବେଶ ପଥରେ ଜଣେ ନାବାଳିକା ଏକୁଟିଆ ବସିଥିବାର ଦେଖିଥିଲେ । ଆରପିଏଫ ଟିମ ନାବାଳିକାକୁ ପଚରା ଉଚରା କରିବା ପରେ ତାଙ୍କ ବିଷୟରେ ଜାଣିବାକୁ ପାଇଥିଲେ । ନାବାଳିକାର ନାଁ ମିନା ଗୁୟା (୧୨) ବୋଲି କହିଥିଲା । ତାଙ୍କ ଘର ଗୁରୁଡ଼ିଝାଟିଆ ପୁଲିସ ଷ୍ଟେସନ ଅନ୍ତର୍ଗତ ଉରିଙ୍ଗାବାଦ ଅଞ୍ଚଳର ରତନା ଗୁୟାଙ୍କ ଝିଅ ବୋଲି ସେ ସୂଚନା ଦେଇଥିଲା । ଘରେ ଗାଳି ଗୁଲଜ କରିବାକୁ ରାଗରେ ସେ ଗୁରୁଡ଼ିଝାଟିଆ ରେଳ ଷ୍ଟେସନରୁ ତାଳଚେର-ପୁରୀ ଟ୍ରେନରେ ନିଜ ଘରୁ ପଳେଇ ଆସି କଟକ ରେଳ ଷ୍ଟେସନରେ ପହଞ୍ଚିଥିଲା ବୋଲି ଜଣାପଡ଼ିଛି ।

## ଆବେଦନକାରିଣୀଙ୍କ ଅଭିଯୋଗ: ଯୋଗ୍ୟଙ୍କୁ ମିଳୁନି ଆବାସ ଯୋଜନା

**କଟକ,୫।୫/ଏନ୍‌ଏନ୍‌ଏସ୍:** କଟକ ମହାନଗର ନିଗମ ୫୭ ନଂ ୱାର୍ଡର ଗୋଷ୍ଠୀ ସଂଗଠିକାଙ୍କ (ସିଓ)ଙ୍କ ପକ୍ଷପାତିତା ଯୋଗୁ ପ୍ରଧାନମନ୍ତ୍ରୀ ଆବାସରେ ବହୁ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି । ପ୍ରକୃତ ଦିନମଜୁରିଆ, ଗରିବ ଲୋକଙ୍କୁ ସିଓ ହଇରାଣ ହରକତ କରିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ କରୁଛନ୍ତି ବୋଲି ୫୭ ନଂ ୱାର୍ଡ ଶ୍ରୀକୋରୁଆଁ ଗ୍ରାମର ଇ.ତୃପ୍ତିମୟୀ ନାମକ ଜଣେ ମହିଳା ସି.ଏମ୍.ସି କମିଶନରଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ସେ ଜଣେ ଦିନମଜୁରିଆ ଗରିବ ପରିବାରର ମହିଳା ହୋଇଥିବାରୁ ପ୍ରଧାନମନ୍ତ୍ରୀ ଆବାସ ନିମନ୍ତେ ସମସ୍ତ ପ୍ରମାଣପତ୍ର ସହିତ ଅନଲାଇନ୍ ଦ୍ୱାରା ଆବେଦନ କରିଛନ୍ତି । ଦୀର୍ଘଦିନ ହେବ ବିକାଶ ଭବନ ବସ୍ତି ଉନ୍ନୟନ କାର୍ଯ୍ୟାଳୟରେ ସବୁ କାଗଜପତ୍ର ଦାଖଲ କରିଥିଲେ ସୁଦ୍ଧା କାର୍ଯ୍ୟ ହୋଇପାରୁ ନାହିଁ । ଗୋଷ୍ଠୀ ସଂଗଠିକା ଏକାଧିକ ଯୋଗ୍ୟ ହିତାଧିକାରୀଙ୍କୁ ହଇରାଣ ହରକତ କରିବା ସହିତ ଅଫିସ୍‌କୁ ବାରମ୍ୱାର ଦୌଡ଼ାଇ ମାନସିକ ନିର୍ଯାତନା ଦେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ତାଙ୍କର କୌଣସି କୋଠାଘର ନଥିବାରୁ ସେ ଆବେଦନ କରିଥିବା ଦରଖାସ୍ତ ତୁରନ୍ତ ବିଚାରକୁ ନେଇ ତାଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ନମନ୍ତେ ଅନୁମତି ପ୍ରଦାନ କରିବାକୁ ସେ କମିଶନରଙ୍କୁ ନିବେଦନ କରିଛନ୍ତି ।

## ସମୀର ଦେ'ଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବିପତ୍ର



**କଟକ,୫।୫/ଏନ୍‌ଏନ୍‌ଏସ୍:** ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କ ସ୍ମୃତି ଉଦ୍ୟଶରେ ଏକ ମୂର୍ତ୍ତି ନିମସାହି ଅଞ୍ଚଳରେ ପ୍ରତିଷ୍ଠା କିମ୍ବା କଟକ ସହରର ଯେ କୌଣସି ରାସ୍ତା କିମ୍ବା ପାର୍କର ନାମକରଣ ତାଙ୍କ ନାମରେ କରିବାକୁ ଦାବି ହୋଇଛି । ସ୍ୱର୍ଗତ ଦେ ସବୁବେଳେ କଟକର ଉନ୍ନତୀ ତଥା ଭାଇଚାରା ,ଐତିହ,ପରମ୍ପରାକୁ ବଜାୟ ରଖିବାକୁ ପ୍ରୟାସ ଜାରି ରଖିଥିଲେ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଏକ କଟକିଆର ପରିଚୟ ଦେଇ ସମସ୍ତଙ୍କ ଅତି ପ୍ରିୟ ଦାଦା ଭାବେ ପରିଚୟ ପାଇଥିଲେ । କଟକ ମହାନଗର ନିଗମ ଆନୁକୁଲ୍ୟରେ ସ୍ୱର୍ଗତ ଦେଙ୍କ ଏକ ପୂର୍ଣ୍ଣ ଅବୟବ ମୂର୍ତ୍ତି ସ୍ଥାପନା କଲେ ତାଙ୍କ ସ୍ମୃତି ସବୁବେଳେ ଉଜ୍ଜୀବିତ ହୋଇ ରହିବ ବୋଲି ଗଗନ କୁମାର ଓଝା ସିଏମ୍‌ସି ମେୟରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ନିମସାହି ସମ୍ପାଦକ ହେମନ୍ତ ସେଠୀ, ପୂର୍ବତନ ସମ୍ପାଦକ ପ୍ରଦୀପ ମହାରଣା, ଉପଦେଷ୍ଟା ଚଗଲା ସେଠୀ, ସହ କୋଷାଧ୍ୟକ୍ଷ ସଞ୍ଜୟ ଦାସ, ସମୀର ସେନ, ରାଜେଶ ମହାରଣା, ଶିବ ନାରାୟଣ ନାୟକ ଓ ବିଜୟାନନ୍ଦ ବାରିକ ଉପସ୍ଥିତ ଥିଲେ ।

## ସମ୍ଭାବନା ଚାରିଟେବଲ୍ ଟ୍ରଷ୍ଟ୍‌ର ଜଳସେବା କେନ୍ଦ୍ର

**କଟକ,୫।୫/ଏନ୍‌ଏନ୍‌ଏସ୍:** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସମ୍ଭାବନା ଚାରିଟେବଲ ଟ୍ରଷ୍ଟ' ତରଫରୁ କଲେଜଛକ ଠାରେ ଏକ ଜଳସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମେୟର ସୁବାସ ଚନ୍ଦ୍ର ସିଂହ ଜଳସେବା କେନ୍ଦ୍ରକୁ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ସୁଭାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ସନ୍ତୋଷ କୁମାର ଭୋଳ, କଲେଜଛକ ପୂଜା ପ୍ରତିଷ୍ଠାନର ସଭାପତି ଲୋକନାଥ ଲେଙ୍କା, ସମ୍ଭାବନା ଟ୍ରଷ୍ଟ ର ସଭାପତି ପ୍ରିୟରଞ୍ଜନ ମହାପାତ୍ର, ସମ୍ପାଦକ ରାକେଶ ଶତପଥୀ, ସିପନ ସ୍ୱାଇଁ, ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ଅନିଲ ଦାସ, ବିକ୍ରମ ବାରିକ, ଜି. ବୈଷ୍ଣବୀ ସେଠି, ଲିପ୍ସାରାଣୀ ବେହେରା, ଇକବାଲ ହୁସେନ, ବିମଳ ଜେନା, କ୍ଷୀରୋଦ ଚନ୍ଦ୍ର ସାହୁ, ପିନାକୀ ସିଂହ, ଶୈଳେନ୍ଦ୍ର ସାହୁ, ଜ୍ଞାନେଶ୍ୱର ସାହୁ, ଜୟନ୍ତ ପ୍ରସାଦ, ଓଁକାର ରାଉତ, କିଶୋର କୁମାର ମିଶ୍ର, ଦେବଜ୍ୟୋତି ମହାନ୍ତି, ଗୌତମ ଗଜପତି, ଦୀପକ ଗୁପ୍ତା, ରତିରଞ୍ଜନ ଶତପଥୀ, ଅଭିଷେକ ପରିଡ଼ା, ସତ୍ୟନାରାୟଣ ପୃସେଟ, ରାଜୀବ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

### ୫୪ ବର୍ଷ ପରେ ଦେଶରେ ...

ଅନୁଷ୍ଠିତ ହେବ । ଦେଶର ସମସ୍ତ ରାଜ୍ୟରେ ଏହି ପ୍ରକ୍ରିୟା କରାଯିବ । ଏନେଇ ସୋମବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟସମୂହଙ୍କୁ ନିର୍ଦ୍ଦେଶ ଜାରି କରିଛି । ନିର୍ଦ୍ଦେଶନାମା ଅନୁସାରେ ଆସନ୍ତା ୭ ତାରିଖରେ ଦେଶର ପ୍ରତ୍ୟେକ ରାଜ୍ୟ ସରକାର, ସେମାନଙ୍କ ନାଗରିକଙ୍କ ସୁରକ୍ଷା ପାଇଁ ଏକ ଅଭ୍ୟାସ ପରେଡ୍ ବା ମକ୍‌ଡ୍ରିଲ୍ ଆୟୋଜନ କରିବେ । ଶତ୍ରୁପକ୍ଷ ପାକିସ୍ତାନ ପଟୁ ପାଲଟା ଆକ୍ରମଣସ୍ୱରୂପ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ଏୟାରଷ୍ଟ୍ରାଇକ୍ କରାଯିବାର ଆଶଙ୍କାକୁ ଦୃଷ୍ଟିରେ ରଖି ଏପ୍ରକାର ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରଣାଳୟ ଦର୍ଶାଇଛି । ପ୍ରକାଶ, ଶେଷଥର ପାଇଁ ଏପ୍ରକାର ମକ୍ ଡ୍ରିଲ୍ ୧୯୭୧ ମସିହାରେ କରାଯାଇଥିଲା । ୧୯୭୧ ମସିହାରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦୁଇଟି ମୋର୍ଚ୍ଚାରେ ଯୁଦ୍ଧ ହୋଇଥିଲା । ଏବେ, ଏହି ଯୁଦ୍ଧର ୫୪ ବର୍ଷ ପରେ, ଦେଶରେ ଆଉ ଏକ ମକ୍ ଡ୍ରିଲ୍ କରାଯିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ମୁଖ୍ୟତଃ ୫ଟି ଗୁରୁତ୍ୱପୂର୍ଣ୍ଣ ଦିଗରେ ଉପରେ ଧ୍ୟାନଦେବାକୁ ଏବଂ କାର୍ଯ୍ୟକାରୀ କରିବାକୁ ରାଜ୍ୟଗୁଡ଼ିକୁ ସ୍ପଷ୍ଟ ଭାବେ କୁହାଯାଇଛି । ଏହି ପଦକ୍ଷେପଗୁଡିକ ସଙ୍କଟଜନକ ପରିସ୍ଥିତିରେ ନାଗରିକ ସୁରକ୍ଷା ଓ ଦେଶର ପ୍ରସ୍ତୁତିକୁ ମଜବୁତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ମନ୍ତ୍ରଣାଳୟ କହିଛି । ଏପ୍ରିଲ୍ ୨୨ ତାରିଖରେ ଘଟିଥିବା ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଭାରତ ଏବେ ସାମରିକ ସ୍ତରରେ କିଛି ବଡ଼ କରିବାକୁ ଯୋଜନା କରୁଛି । ଭାରତ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ କୂଟନୈତିକ ସ୍ତରରେ ପାକିସ୍ତାନ ଉପରେ ଗୋଟିଏ ପରେ ଗୋଟିଏ ପ୍ରହାର କରିଆସୁଥିବା ବେଳେ ଏବେ ସିଧାସଳଖ ପାକିସ୍ତାନ ଉପରେ ଆକ୍ରମଣ କରିବାକୁ ଯାଉଥିବା ଅନୁମାନ କରାଯାଉଛି । ପହଲଗାମ୍ ଘଟଣାକୁ ନେଇ ଦେଶବାସୀଙ୍କ ଆକ୍ରୋଶ, ପ୍ରତିଶୋଧ ଭାବନାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ସରକାର ପାକିସ୍ତାନ ଉପରେ ସାମରିକ ଆକ୍ରମଣ କରିବାକୁ ସବୁସ୍ତରରେ ପ୍ରସ୍ତୁତି କରିଚାଲିଛନ୍ତି । ଏସବୁ ମଧ୍ୟରେ ଏଭଳି ଏକ ବଡ଼ ଖବର ସାମ୍ନାକୁ ଆସିଛି ।


କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଏହି ନିର୍ଦ୍ଦେଶାବଳୀର ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉତ୍ପନ୍ନ ହୋଇଛି । ଗୋଟିଏ ପଟେ ଭାରତ, ପାକିସ୍ତାନ ଉପରେ ସାମରିକ ଆକ୍ରମଣ କରିବା ନିଶ୍ଚିତ ଥିବା ବେଳେ ପାକିସ୍ତାନ ମଧ ପାଲଟା ଜବାବ ଦେବାକୁ ପ୍ରସ୍ତୁତି ଚଳାଇଛି । ସୁତରାଂ ଭାରତ ସରକାର କୌଣସି ବଡ଼ ପଦକ୍ଷେପ ଗ୍ରହଣ କରିବା ପୂର୍ବରୁ ସର୍ବପ୍ରଥମେ ନିଜ ଦେଶର ନାଗରିକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଉଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦର୍ଶାଇଛି ।

## 'ଦଦରା ନାଆର ବୁଢ଼ା ନାଉରୀ' ପୁସ୍ତକ ଉନ୍ମୋଚିତ



**କଟକ,୫।୫/ଏନ୍‌ଏନ୍‌ଏସ୍:** ଖ୍ରୀଷ୍ଟ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଅଲିଶାବଜାର ପୂଜା କମିଟି ଓ କଟକ ଶାନ୍ତି କମିଟିର ପୂର୍ବତନ ସଭାପତି କବି ପ୍ରଭାତ କୁମାର କରଙ୍କ ସାରସ୍ୱତ ସଂକଳନ 'ଦଦରା ନାଆର ବୁଢ଼ା ନାଉରୀ' ଉନ୍ମୋଚିତ ହୋଇଯାଇଛି । ଶ୍ରୀରାମ ଚନ୍ଦ୍ର ଭବନ ସଭାଗୃହରେ ଡାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଖ୍ରୀଷ୍ଟ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଡଃ ମହେଶ୍ୱର ମହାନ୍ତି ଯୋଗଦେଇ ଶ୍ରୀ କରଙ୍କ ଲେଖନୀର ସ୍ୱତନ୍ତ୍ରତା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଡାକ୍ତର ଶୈଳେଶ୍ୱର ନନ୍ଦ, ସମ୍ମାନିତ ଅତିଥି ପ୍ରଭାତ କୁମାର ନନ୍ଦ ଓ ପ୍ରାକ୍ତନ ବିଧାୟକ ମହମ୍ମଦ ମୋକିମ୍ ପ୍ରମୁଖ ଶ୍ରୀକରଙ୍କ ପୁସ୍ତକରେ ସାହିତ୍ୟର ବିଭିନ୍ନ ବିଭବ ଭରି ରହିଛି ବୋଲି ଉଲ୍ଲେଖ କହିଥିଲେ । ପ୍ରାକ୍ତନ ପ୍ରଶାସକ ଅଶୋକ କୁମାର ଦାଶ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କବି ଇଂ. ସୁଶାନ୍ତ କୁମାର ବଳ, ଡାକ୍ତର ଅଂଶୁମାନ କର ଓ ସାଗରିକା ପ୍ରହରାଜ ପୁସ୍ତକର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅବନୀ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ । ପ୍ରଦୀପ କୁମାର କର, ସ୍ମିତା କର, ଅଧ୍ୟାପକ ବିଜୟ ଆଚାର୍ଯ୍ୟ, ସିପ୍ରା କର, ଡାକ୍ତର ଅଭୟ ଦାସ ଓ ଆଡ଼ଭୋକେଟ ପ୍ରବୀର କର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ମହାଦେବ ମନ୍ଦିରର ରୌପ୍ୟ ଜୟନ୍ତୀ



**କଟକ,୫।୫/ଏନ୍‌ଏନ୍‌ଏସ୍:** ଫିରିଙ୍ଗି ବଜାରସ୍ଥିତ ଶ୍ରୀଶ୍ରୀ ରାମେଶ୍ୱର ମହାଦେବ ମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ ଆଜିଠାରୁ ଆରମ୍ଭ ହୋଇଛି । ଏହି ଉତ୍ସବ ୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ତାମିଲନାଡୁର ରାମେଶ୍ୱର ମନ୍ଦିରରୁ ପବିତ୍ର ଜ୍ୟୋତି ଅଣାଯାଇଛି । ଏହି ଜ୍ୟୋତି ସ୍ଥାୟୀ ଭାବେ ଏଠାରେ ରଖାଯିବା ଲାଗି ବ୍ୟବସ୍ଥା କରାଯାଇଥିଲା ବେଳେ ଆଜି ଉକ୍ତ ଜ୍ୟୋତିକୁ ମନ୍ଦିର ଭିତରକୁ ଆଜି ପ୍ରବେଶ କରାଯାଇଛି । ସୂଚନାଯୋଗ୍ୟ ଫିରିଙ୍ଗି ବଜାରଠାରେ ପ୍ରତିଷ୍ଠିତ ହୋଇଥିବା ମହାଦେବଙ୍କ ନାମ ରାମେଶ୍ୱର ରହିଛି । ଏଣୁ ରାମେଶ୍ୱରଙ୍କ ମୂଳ ପୀଠ

### ରାମେଶ୍ୱରରୁ ଆସିଲା ଜ୍ୟୋତି

ତାମିଲନାଡୁର ପ୍ରସିଦ୍ଧ ରାମେଶ୍ୱର ମନ୍ଦିରରୁ ଜ୍ୟୋତି ଆଣିବା ଲାଗି ମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଥିଲା । ଗତ ଅକ୍ଷୟ ତୃତୀୟରେ ଏକ ଭକ୍ତ ଦଳ ତାମିଲନାଡୁର ପବିତ୍ର ତୀର୍ଥ କ୍ଷେତ୍ର ରାମେଶ୍ୱରକୁ ଯାତ୍ରା କରିଥିଲେ । ସେଠାରୁ ଜ୍ୟୋତି ଆସି ଗତକାଲି ରାତିରେ ଏଠାରେ ପହଞ୍ଚିଛି ବୋଲି ଫିରିଙ୍ଗିବଜାର ପୂଜା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ,ସମ୍ପାଦକ ନରେଶ ସାହୁ,ସୁବାସ ସିଂ ଓ ଲଳିତେନ୍ଦୁ ପରିଡ଼ା ଜଣାଇଛନ୍ତି ।

### ଓଏସ୍‌ଏସ୍‌ସି ମିଳିତ ...

ଅନୁଯାୟୀ, ଓଏସ୍‌ଏସ୍‌ସି ମିଳିତ ନିଯୁକ୍ତି ପରୀକ୍ଷା ଜୁଲାଇ ୬ରେ ପୁଣିଥରେ ଅନୁଷ୍ଠିତ ହେବ । ପ୍ରାର୍ଥୀମାନଙ୍କୁ ଏହି ବିଷୟରେ ଅଧିକ ସୂଚନା ପାଇଁ ଓଏସ୍‌ଏସ୍‌ସର ୱେବସାଇଟ୍ ସହିତ ଯୋଗାଯୋଗରେ ରହିବାକୁ ପରାମର୍ଶ ମଧ ଦିଆଯାଇଛି । ଓଏସ୍‌ଏସ୍‌ସି ଲିଭ୍ ଟ୍ରେନିଂ ରିଜର୍ଭ (ଏଲଟିଆର) ଶିକ୍ଷକ-୨୦୨୪ ଅନ୍ତର୍ଗତ ବିଜ୍ଞାପିତ ଶାରୀରିକ ଶିକ୍ଷା ଶିକ୍ଷକ ପଦବୀ ପାଇଁ ମୁଖ୍ୟ ଲିଖିତ ପରୀକ୍ଷାକୁ ପୁନଃନିର୍ଦ୍ଧାରିତ କରିଛି । ଶାରୀରିକ ଶିକ୍ଷା ଶିକ୍ଷକ ମୁଖ୍ୟ ଲିଖିତ ପରୀକ୍ଷା ମେ' ୨୨ ପରିବର୍ତ୍ତେ ମେ' ୨୩ ରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି ।

### ପୁରୀ ବିମାନବନ୍ଦରକୁ ...

ଭାବେ କୋଟା ବିମାନ ବନ୍ଦର ନିର୍ମାଣ ଦ୍ୱାରା ଦୀର୍ଘ ପ୍ରତୀକ୍ଷିତ ଆଶା ପୂରଣ ହେବ । ପ୍ରସ୍ତାବିତ ବିମାନବନ୍ଦର ଏକ ପ୍ରମୁଖ ଶିକ୍ଷା ଏବଂ ଶିଳ୍ପ କେନ୍ଦ୍ର ଭାବରେ ଜଣାଶୁଣା କୋଟା ସହରକୁ କେବଳ ବିମାନ ସେବା ପ୍ରଦାନ କରିବ ନାହିଁ, ବରଂ ହାଡୌତୀ ଅଞ୍ଚଳରେ ବର୍ଦ୍ଧିତ ଜନସଂଖ୍ୟା ଏବଂ ଆର୍ଥିକ କାର୍ଯ୍ୟକଳାପକୁ ମଧ ପୂରଣ କରିବ । ଏହାର ପ୍ରତିଷ୍ଠା ସହିତ କୋଟା ଭାରତ ଭିତରେ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରମୁଖ ଗନ୍ତବ୍ୟସ୍ଥଳ ହେବାରେ ସକ୍ଷମ ହେବ ।

## ଆଜିର ଇତିହାସ

- ୧୫୨୯-ଘାଘରା ଯୁଦ୍ଧରେ ବାବର ବଙ୍ଗ ଓ ବିହାରର ଶାସକମାନଙ୍କୁ ପରାଜିତ କରିଥିଲେ।
- ୧୬୩୨-ମୋଗଲ ବାଦଶାହ ଶାହାଜାହାଁ ଓ ଆଦିଲଶାହ ଏକ ସନ୍ଧି ଉପରେ ହସ୍ତାକ୍ଷର କରିଥିଲେ।
- ୧୮୧୮-ରାଜଧାନୀ ରାୟଗଡ଼ରେ ବାଜିରାଓଙ୍କ ପତ୍ନୀ ବାରଣାସୀବାଈଙ୍କୁ ଇଂରେଜମାନେ ପରାଜିତ କଲେ।
- ୧୯୪୪-ପୁନେ ଠାରେ ଆଗା ଖାନ ପ୍ୟାଲେସ୍‌ରୁ ଗାନ୍ଧିଜୀ ମୁକ୍ତ ହେଲେ।
- ୧୯୯୯-ମହାରାଷ୍ଟ୍ରର କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକରେ ମହିଳାମାନଙ୍କୁ ତିନି ପ୍ରତିଶତ ଆରକ୍ଷଣ ଦେବା ପାଇଁ ନିର୍ଣ୍ଣୟ ନିଆଗଲା।
- ୨୦୧୦-ମୁମ୍ବାଇ ଠାରେ ୨୬/୧୧ ଆକ୍ରମଣର ଦୋଷୀ ଆଜମଲ୍ ଆମିର କସାବକୁ ମୃତ୍ୟୁ ଦଣ୍ଡାଦେଶ ମିଳିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ:** ଆଜି ମିଶ୍ରିତ ଫଳାଫଳ ପାଇବେ। ଭବିଷ୍ୟତ ସହିତ ଜଡ଼ିତ ନିଷ୍ପତ୍ତିଗୁଡ଼ିକୁ ସାବଧାନ ହୋଇ ନିଅନ୍ତୁ। ବ୍ୟାପାରିକ ସ୍ଥିତିରେ ଉତ୍ଥାନ-ପତନ ସମ୍ଭବ। ମାତାପିତାଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ନୂଆ ଚାକିରି ମିଳିପାରେ।

**ବୃଷ:** ନୂଆ ଅବସରରେ ଦିନଟି ଭରି ରହିଛି। ଆବଶ୍ୟକୀୟ ବସ୍ତୁଗୁଡ଼ିକ ଉପଲବ୍ଧ ରହିବ। ପାରିବାରିକ ଜୀବନରେ ଖୁସିର ଆଗମନ ହେବ। ପୈତୃକ ସମ୍ପତ୍ତି ମିଳିପାରେ। ଅଫିସ୍‌ର କିଛି କାର୍ଯ୍ୟକୁ ପୂରା କରିବା ପାଇଁ ପରିଶ୍ରମ କରିବେ।

**ମିଥୁନ:** ପୁରୁଣା ନିବେଶରୁ ଭଲ ରିଟର୍ଣ୍ଣ ମିଳିବ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଚିନ୍ତାକରି ନିବେଶ କରନ୍ତୁ। ପାରିବାରିକ ସମସ୍ୟାଗୁଡ଼ିକୁ ବଢ଼ିବାକୁ ଦିଅନ୍ତୁ ନାହିଁ। କଥାବାର୍ତ୍ତା ଦ୍ୱାରା ସମାଧାନ ବାହାରିବ। ପରିବାରରେ ଆର୍ଥିକ ସାହାଯ୍ୟର ଆବଶ୍ୟକ ହେବ।

**କର୍କଟ:** ଦିନଟି ଖାସ୍ ରହିବ। ମହତ୍ତ୍ୱପୂର୍ଣ୍ଣ କାମଗୁଡ଼ିକୁ ସମୟ ଅନୁସାରେ ପୂରା କରିବେ। ଦୀର୍ଘକାଳୀନ ଯୋଜନା ଉପରେ ଫୋକସ୍ କରିବେ। ପ୍ରତିଯୋଗୀ ପରୀକ୍ଷାରେ ସଫଳତା ମିଳିବ। ଅଟକିଥିବା କାମ ପୂରା କରିବେ।

**ସିଂହ:** ଦିନଟି ଆପଣଙ୍କ ପାଇଁ ଶୁଭ। ନୂଆ ପ୍ରୋଜେକ୍ଟର ଆରମ୍ଭ କରିବେ। କାମରୁ ସକାରାତ୍ମକ ପରିଣାମ ମିଳିବ। ଆର୍ଥିକ ମାମଲାରେ ସାବଧାନ ରହିବେ। ଧନ ସହିତ ଜଡ଼ିତ ସମସ୍ୟାର ସମ୍ମୁଖୀନ ହେବେ। କ୍ୟାରିୟର୍‌ରୁ ସଫଳତା ପାଇବେ।

**କନ୍ୟା:** କଠିନ ପରିଶ୍ରମ ଦ୍ୱାରା କାମ ପୂରା କରିବେ। ପ୍ରତିଯୋଗୀ ପରୀକ୍ଷାରେ ସାମିଲ ହେବା ପାଇଁ ପରିଶ୍ରମ କରିବାକୁ ପଡ଼ିବ। ବ୍ୟାପାରରୁ ଲାଭ ମିଳିବ। ଅଟକିଥିବା ଧନ ଫେରି ପାଇବେ। ସମ୍ପତ୍ତିକୁ ନେଇ ବିବାଦ ବଢ଼ିବ।

**ତୁଳା:** ଘରର ସଦସ୍ୟଙ୍କ ବିବାହରେ ବାଧା ଉପୁଜିବ। ଅର୍ଥ ନେଣଦେଣ ସମୟରେ ସାବଧାନ ରହିବେ। ଶ୍ୱଶୁର ଘର ତରଫରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଜୀବନସାଥୀଙ୍କ ସହିତ ମିଶି ସମସ୍ୟାର ସମାଧାନ କରିବେ।

**ବିଛା:** ସୁଖ-ସୁବିଧା ବୃଦ୍ଧି ହେବ। ପାରିବାରିକ ଜୀବନରେ କିଛି ମୁଦ୍ଦାର ସମାଧାନ କରିବେ। ପରିଜନଙ୍କ ସହିତ ବ୍ୟର୍ଥ ବାଦବିବାଦରୁ ଦୂରରେ ରୁହନ୍ତୁ। ଧନର ପ୍ରବନ୍ଧନ ସାବଧାନତାର ସହିତ କରନ୍ତୁ। ସାଙ୍ଗସାଥି ଧାର୍ ମାଗିପାରନ୍ତି।


**ଧନୁ:** ଆଜି ମନଇଚ୍ଛା ପରିଣାମ ପାଇବେ। ବ୍ୟବସାୟିକ ପାର୍ଟନର ଧୋକା ଦେବ। ସମ୍ପତ୍ତି ସହିତ ଜଡ଼ିତ କାଗଜପତ୍ରକୁ ସମ୍ଭାଳି ରଖିବେ। ବିପଦ ରହିଛି। ଆର୍ଥିକ ମାମଲାରେ ଅନୁଭବୀଙ୍କ ପରାମର୍ଶ ନିଅନ୍ତୁ।

**ମକର:** ଅଟକିଥିବା କାମ ପୂରା ହେବ। ପରିଜନଙ୍କ ସହିତ ମତଭେଦ ଦେଖାଦେବ। ପାରିବାରିକ ଜୀବନରେ ସମସ୍ୟାଗୁଡ଼ିକର ସମାଧାନ କରିବେ। କାର୍ଯ୍ୟସ୍ଥଳରେ ନିଷ୍ପତ୍ତିଗୁଡ଼ିକୁ ଚିନ୍ତା କରି ନିଅନ୍ତୁ। ଆର୍ଥିକ ମାମଲାରେ ଅବହେଳା କରିବେ।

**କୁମ୍ଭ:** ଦିନଟି ଖୁବ୍ ଭଲରେ ବିତିବ। ଆର୍ଥିକ ମାମଲାରେ ଆଖିବନ୍ଦ କରି ଭରସା କରନ୍ତୁ ନାହିଁ। ଘରେ ଅତିଥିଙ୍କ ଆଗମନ ଯୋଗୁ ସକାରାତ୍ମକ ପରିବେଶ ରହିବ। ଅଟକିଥିବା ଧନ ଫେରିପାଇବେ। ସ୍ୱାସ୍ଥ୍ୟକୁ ନେଇ ଛୋଟ ବଡ଼ ସମସ୍ୟା ହୋଇପାରେ।

**ମୀନ:** ଦିନଟି ସାମାନ୍ୟ ରହିବ। ଅତିଥିଙ୍କର ଆଗମନ ହୋଇପାରେ। ସିଙ୍ଗଲ୍ ଜାତକରେ କେହି ଏଣ୍ଟ୍ରି କରିପାରନ୍ତି। ଚାକିରି-କାରବାରରେ ଉନ୍ନତି ହେବ। ପରିବାର ସହିତ ବୁଲିବାର ପ୍ଲାନ୍ କରିପାରନ୍ତି। ସୁସ୍ଥ ଜୀବନ ଆପଣାଇବେ।


## ଶ୍ରୀମଦ୍ ଭଗବଦ୍‌ଗୀତା



**ଯେପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ।**
**ତେପି ମାମେବ କୌନ୍ତେୟ ଯଜନ୍ତ୍ୟବିଧିପୂର୍ବକମ୍। (୯/୨୩)**

ହେ କୌନ୍ତେୟ! ଯେଉଁମାନେ ଅନ୍ୟ ଦେବତାଙ୍କ ପ୍ରତି ଭକ୍ତିଯୁକ୍ତ ହେଇ ଶ୍ରଦ୍ଧା ସହକାରେ ସେମାନଙ୍କୁ ପୂଜା କରନ୍ତି, ସେମାନେ ବିଧି ବ୍ୟତିରେକେ ମୋର ହିଁ ପୂଜା କରିଥାନ୍ତି। ଭଗବାନଙ୍କର କହିବାର ଉଦ୍ଦେଶ୍ୟ ଯେ ଦେବତାମାନେ ମଧ୍ୟ ଈଶ୍ୱରଙ୍କର ଗୋଟିଏ ଗୋଟିଏ ରୂପ। ଏହି ମତଟି ବୈଦିକ କାଳରୁ ଆମ ଦେଶରେ ପ୍ରଚଳିତ। ସେଥିପାଇଁ ଋକବେଦରେ ଉଲ୍ଲେଖ ରହିଛି- 'ଏକମ ସଦବିପ୍ରା ବହୁଧା ବଦନ୍ତ୍ୟଗ୍ନିଂ ଯମଂ ମାତରିଶ୍ୱାନମାହୁ'। ପରମେଶ୍ୱର ଏକ କିନ୍ତୁ ବ୍ରାହ୍ମଣମାନେ ତାଙ୍କୁ ଅଗ୍ନି, ଯମ ଓ ବାୟୁ ବୋଲି କହନ୍ତି। ଶ୍ରୀ ରାମକୃଷ୍ଣ କହନ୍ତି - ଯେତେ ମତ ସେତେ ପଥ। ଯିଏ ଯେଉଁ ମତରେ ଈଶ୍ୱରଙ୍କୁ ପୂଜା କଲେ ବି ସେହି ପଥରେ ଯାତ୍ରା କରି ଈଶ୍ୱରଙ୍କୁ ଲାଭ କରିପାରିବ। ଈଶ୍ୱରଙ୍କୁ ଗୋଟିଏ ମତ ଦ୍ୱାରା ସୀମିତ କରିହୁଏ ନାହିଁ। ଟିକିଏ ଭିତରେ ଯିଏ ଈଶ୍ୱରଙ୍କୁ ଦେଖେ ତାହାର ନାମ ଖଣ୍ଡଜ୍ଞାନୀ। ସେ ମନେକରେ ଯେ ତାହାର ଆର ପଟେ ସେ ନାହାନ୍ତି। ଈଶ୍ୱରଙ୍କୁ ଇତି କରାଯାଇପାରିବନି।

# ବିଶ୍ୱ ଆସ୍ଥମା ଦିବସ



**ପ୍ରତିବର୍ଷ ମେ' ମାସର ପ୍ରଥମ ମଙ୍ଗଳବାର ଦିନ ବିଶ୍ୱ ସ୍ତରରେ ପାଳନ କରାଯାଏ ଆସ୍ଥମା ଦିବସ। ଆସ୍ଥମାରେ ଶ୍ୱାସନଳୀ ଶକ୍ତ ହୋଇଯାଏ କିମ୍ବା ସଂକୁଚିତ ହୋଇଗଲେ ସେଥିରେ ସ୍ୱେଲିଂ ଆସିଯାଏ।**

ଏହି କାରଣରୁ ନିଃଶ୍ୱାସ-ପ୍ରଶ୍ୱାସ ନେବାରେ ବାଧା ଉତ୍ପନ୍ନ ହୁଏ। ଅଣନିଃଶ୍ୱାସୀ ଲାଗେ ବିଶେଷ କରି ଶୁଖିଲା କାଶ ମଧ୍ୟ ହୁଏ। ଛାତି ଜାମ୍ ହେବା ପରି ମନେହୁଏ ଓ ନିଃଶ୍ୱାସ ନେବା ସମୟରେ ସିଟି ବାଜିବା ପରି ଶବ୍ଦ ହୁଏ। ଧୂଳି, ଧୂଆଁରୁ ଆଲର୍ଜି ହେଉଥିଲେ ସମସ୍ୟା ବଢ଼ିଯାଏ। ସର୍ଦ୍ଦି ସଂକ୍ରମଣ ହେଲେ ସମସ୍ୟା ଗୁରୁତର ହୋଇଯାଏ। କୌଣସି ବୟସର ଲୋକଙ୍କୁ ବି ଆସ୍ଥମା ହୋଇପାରେ। ତେଣୁ ଏପରି କିଛି ଲକ୍ଷଣ ଦେଖାଗଲେ ତୁରନ୍ତ ଯାଞ୍ଚ କରି ଚିକିତ୍ସା ଆରମ୍ଭ କରିଦେବା ଉଚିତ। ଆସ୍ଥମାକୁ ନିୟନ୍ତ୍ରଣ କରିବା ପାଇଁ ଇନ୍‌ହେଲର୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଇନ୍‌ହେଲର୍ ମେଡିସିନ୍, ଓରାଲ୍ ମେଡିସିନ୍ ତୁଳନାରେ ୧୦-୨୫ ଗୁଣ କମ୍ କାମରେ ଆସିଥାଏ ଅର୍ଥାତ ଯଦି ଔଷଧକୁ ଟାବଲେଟ୍ ଭାବରେ ଦିଆଯାଉଥିବ ତେବେ ତାହା ୧୦-୧୫ ଗୁଣ ଅଧିକ ମାତ୍ରାରେ ଦିଆଯାଉଥିବ। ଇନ୍‌ହେଲର୍‌ର ପ୍ରଭାବ କୌଣସି ଔଷଧ ତୁଳନାରେ ଅଧିକ ପ୍ରଭାବଶାଳୀ ଉପାୟରେ କାମ କରେ। ଏହା ଦୁଇ ପ୍ରକାରର ଥାଏ - ପ୍ରଥମ ପ୍ରିଭେଣ୍ଟର୍ସ ଅର୍ଥାତ ରୋଗ ପ୍ରତିରୋଧୀ ଯାହାକୁ ନିୟମିତ ନେବାକୁ ପଡ଼ିଥାଏ ଓ ଦ୍ୱିତୀୟଟି ସମସ୍ୟା ରୋକୁଥିବା ଔଷଧ ଯାହାକୁ ଦୀର୍ଘ ସମୟ ଧରି ଖାଇବାକୁ ପଡ଼ିଥାଏ। ଧ୍ୟାନ ରଖନ୍ତୁ - ଯେଉଁ କାରଣରୁ ଆସ୍ଥମା ଅଧିକ ହେଉଥାଏ ସେସବୁ ସ୍ଥାନରୁ ଦୂରରେ ରୁହନ୍ତୁ। ନିର୍ମାଣସ୍ଥଳ ବା ପ୍ରଦୂଷିତ କ୍ଷେତ୍ରକୁ ଯିବା ପୂର୍ବରୁ ମାସ୍କ ଆଦି ସୁରକ୍ଷା ଉପାୟକୁ ଆପଣାଇବା ଉଚିତ। ପରିବାରରେ ଯଦି କେହି ଧୂମପାନ କରୁଥାନ୍ତି ତେବେ ପାସିଭ୍ ସ୍ମୋକିଂ ଦ୍ୱାରା ଆସ୍ଥମା ସମସ୍ୟା ନିଶ୍ଚିତ ଭାବରେ ବଢ଼ିଯିବ। ପାଳିତ ପଶୁ ଓ ପକ୍ଷୀମାନଙ୍କ ଯୋଗୁ ଆଲର୍ଜି ହେଉଥିଲେ ସେମାନଙ୍କ ଠାରୁ ଦୂରରେ ରହିବା ଉଚିତ। ଯଦି ଆଖପାଖରେ ସଂକ୍ରମଣ ବ୍ୟାପିଥିବ ବାହାରକୁ ବାହାରିବା ସମୟରେ ମାସ୍କର ବ୍ୟବହାର କରିବା ଉଚିତ। ହାର୍ଟ, କିଡ୍‌ନୀ, ଡାଇବେଟିସ୍ ସମସ୍ୟା ଥିଲେ ସଂକ୍ରମଣ ହେଲେ ଗମ୍ଭୀର ସ୍ଥିତି ହୋଇପାରେ। ଏପରି ଲୋକମାନଙ୍କୁ ଟିକା ନେବାର ଆବଶ୍ୟକତା ରହିଛି।

# ହୁମାଙ୍କ କଠିନ ପରିଶ୍ରମ



ହିନ୍ଦୀ ସିନେମାର ଶାନ୍‌ଦାର ଅଭିନେତ୍ରୀମାନଙ୍କ ସୂଚୀରେ ସାମିଲ ଅଛି ହୁମା କୁରେଶୀଙ୍କ ନାମ। ବିଗତ ୧୩ ବର୍ଷର ଅଭିନୟ କ୍ୟାରିୟର ମଧ୍ୟରେ ହୁମା ତାଙ୍କର ନିଖୁଣ ଅଭିନୟ ଜରିଆରେ ସକ୍ରିୟ ହୋଇ ରହିଛନ୍ତି। ତେବେ ତାଙ୍କର କ୍ୟାରିୟର୍‌ର ସବୁଠାରୁ ଶାନ୍‌ଦାର ଶୋ' ହେଉଛି ୱେବ ସିରିଜ 'ମହାରାନୀ'। ରାଜନୀତିଜ୍ଞ ରାମୀ ଭାରତୀଙ୍କ ଚରିତ୍ରରେ ହୁମାଙ୍କର ଅଭିନୟ ବେଶ୍ ପ୍ରଶଂସନୀୟ। ବର୍ତ୍ତମାନ 'ମହାରାନୀ'ର ସିଜିନ-୪ର ସୁଟିଂ ଚାଲିଛି ଭୋପାଳ ସହରରେ। ତାଙ୍କର ଏହି ଆଗାମୀ ସିରିଜ ପାଇଁ ଖୁବ୍ କଠିନ ପରିଶ୍ରମ କରୁଛନ୍ତି ହୁମା। ଏହି ବର୍ଷ ସିଜିନ-୪ର ଆଧିକାରିକ ଘୋଷଣା କରାଯାଇଥିବା ବେଳେ ସିରିଜର ଟିଜର୍ ଦୁଇ ମାସ ପୂର୍ବରୁ ରିଲିଜ ହୋଇଥିଲା। ଏହି ସିରିଜ ଓ ହୁମାଙ୍କ ଅଭିନୟ ଦେଖିବାକୁ ଖୁବ୍ ଉତ୍ସାହିତ ହୋଇ ରହିଛନ୍ତି ଦର୍ଶକମାନେ। ନିକଟରେ ଭୋପାଳ ସହରର ତାପମାତ୍ରା ୪୦ ଡିଗ୍ରୀ ରହିଥିବା ବେଳେ ସେହି ଭୀଷଣ ଗରମରେ 'ମହାରାନୀ-୪'ର ସୁଟିଂ ଚାଲିଛି। ଗତ ଫେବୃଆରୀ ମାସରୁ ଏହାର ସୁଟିଂ ଆରମ୍ଭ ହୋଇଥିଲା ଓ ଏବେ ଭୋପାଳ ଠାରେ ସୁଟିଂ ସମୟରେ ହୁମା ମଞ୍ଚ ଉପରେ ଭାଷଣ ଦେଉଥିବାର ଦେଖିବାକୁ ମିଳିଥିଲା। ତେବେ ଫିଲ୍ମ ଓ ୱେବ ସିରିଜର ସୁଟିଂ ପାଇଁ ନିର୍ମାତାମାନଙ୍କର ପ୍ରଥମ ପସନ୍ଦ ହେଉଛି ଭୋପାଳ ସହର। ଏହି ନିକଟରେ ଅଭିଷେକ ବଚ୍ଚନ ଅଭିନୀତ ଯୁବା, ଇନ୍ କଷ୍ଟଡି, ଶୁଲ୍, ସତ୍ୟାଗ୍ରହ, ରାଜନୀତି ଜୟ ଗଙ୍ଗାଜଳ, ପଞ୍ଚାୟତ ଆଦି ୱେବ୍ ସିରିଜର ସୁଟିଂ ମଧ୍ୟ ଭୋପାଳ ଠାରେ ହୋଇଥିଲା। ମହାରାନୀର ତିନୋଟି ସିଜିନ ପୂର୍ବରୁ ସଫଳତାର ସ୍ୱାଦ ଚାଖିସାରିଥିବା ବେଳେ ଏବେ ଚତୁର୍ଥ ସିଜିନ୍‌ଟି ଓଟିଟି ପ୍ଲାଟ୍‌ଫର୍ମ ସୋନି ଲାଇଭ୍‌ରେ ଷ୍ଟ୍ରିମ୍ ହେବାର ଅଛି। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ଆଗାମୀ ଦିନରେ ହୁମା ମହାରାନୀ-୪ ବ୍ୟତୀତ ଦିଲ୍ଲୀ କ୍ରାଇମ୍ ସିଜିନ-୩, ମାଲିକ ଆଦି ଫିଲ୍ମରେ ନଜର ଆସିବେ। ଏହା ପୂର୍ବରୁ ମିଥ୍ୟା: ଦି ଡାର୍କର ଚାପ୍ଟର, ହୀରାମଣ୍ଡି ଆଦି ଫିଲ୍ମରେ ଦର୍ଶକମାନେ ହୁମାଙ୍କୁ ଦେଖିଥିଲେ।

# ଆହାର ନିଷେଧ ଦିବସ

ନିଜ ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ହେଲେ ସଠିକ୍ ଉପାୟରେ ଖାଦ୍ୟ ଖାଇବା ବହୁତ ଜରୁରୀ। ଏପରି ସ୍ଥଳେ ଲୋକମାନେ ନିଜ ସ୍ଥିତି ଆନୁସାରେ ସ୍ୱାସ୍ଥ୍ୟକୁ ଠିକ୍ ରଖିବା ପାଇଁ ଓ ଫିଟ୍ ରହିବା ପାଇଁ ନିଜର ଖାଦ୍ୟପେୟକୁ ନିଯନ୍ତ୍ରଣରେ ରଖିଥାନ୍ତି। ଅନେକ ପସନ୍ଦଯୋଗ୍ୟ ଖାଦ୍ୟକୁ ସେମାନେ ଖାଆନ୍ତି ନାହିଁ। ଦୁନିଆରେ ଏପରି ଅଗଣିତ ଲୋକ ଅଛନ୍ତି ଯେଉଁମାନେ ନିଜର ଓଜନ ହ୍ରାସ କରିବା ପାଇଁ, ଫିଟ୍ ରହିବା ପାଇଁ ଓ କୌଣସି ସ୍ୱାସ୍ଥ୍ୟସ୍ଥିତିକୁ ଉତ୍କୃଷ୍ଟ ପରିଣାମ ଦେବା ପାଇଁ ଡାଏଟ୍ ଉପରେ ଧ୍ୟାନ ରଖିଥାନ୍ତି କିମ୍ବା ମନଖୋଲି ଖାଦ୍ୟ ଖାଇଥାନ୍ତି। ଏପରି ସ୍ଥିତି ପାଇଁ ପ୍ରତିବର୍ଷ ମେ' ମାସର ଆଜିର ଦିନରେ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଏ ନୋ ଡାଏଟ୍ ଦିବସ। ଯେଉଁ ଲୋକମାନେ ଓଜନ କମ୍ କରେଇବା ପାଇଁ ଡାଏଟ୍ ଉପରେ ରହିଥାନ୍ତି ସେହି ଲୋକମାନଙ୍କୁ ଡାଏଟିଂର କଠୋର ନିୟମଗୁଡ଼ିକରୁ ମୁକ୍ତି ଦେବା ପାଇଁ ଓ ନିଜର ପସନ୍ଦଯୋଗ୍ୟ ଖାଦ୍ୟ ଖାଇବା ପାଇଁ ପ୍ରୋତ୍ସାହିତ କରିବା ନୋ ଡାଏଟ୍ ବା ଆହାର ନିଷେଧ ଦିବସର ଉଦ୍ଦେଶ୍ୟ। ଏହି ଦିବସକୁ ଚିଟ୍ ଡେ' ମଧ୍ୟ କୁହାଯାଏ। ନିଜ



ପସନ୍ଦର ଖାଦ୍ୟକୁ ଖାଇ ଆମେ ସୁସ୍ଥ ରହିବା ପାଇଁ ଏହି ଦିନ ସ୍ମରଣ କରାଇଦିଏ। ବ୍ରିଟେନର ଜଣେ ମହିଳା ମେରୀ ଇଭାନ୍ସ ୧୯୯୨ରେ ଏହି ଦିନ 'ଡାଏଟ୍ ବ୍ରେକର୍ସ' ନାମକ ଏକ ସମୂହର ସ୍ଥାପନା କରିଥିବାରୁ ଲୋକମାନେ ଏହିଦିନ ଆହାର ନିଷେଧ ଦିବସ ପାଳନ କରନ୍ତି। ଶରୀର ଯେପରି ସେହିପରି ରହିବା ଖୁବ୍ ଭଲ, ତେଣୁ ବଡି ସେପ୍‌କୁ ଆପଣାଇବା, ଯେପରି ଦେଖାଯାଉଛନ୍ତି ସେହିପରି ଭାବରେ ନିଜକୁ ସ୍ୱୀକାର କରିବା ଏହି ସମୂହର ଉଦ୍ଦେଶ୍ୟ ରହିଛି। ଏହା ସହିତ ଡାଏଟିଂ ଯୋଗୁ ହେଉଥିବା କ୍ଷତିକୁ ମଧ୍ୟ ବୁଝିବା ଉଚିତ। ମେରୀ ଇଭାନ୍ସ ଏନୋରେକ୍ସିଆ ପରି ରୋଗରେ ଗ୍ରସ୍ତ ଥିଲେ। ଏଥିରେ ଶରୀରର ଓଜନ ବୃଦ୍ଧି ହେବାର ବିପଦ ରହିଥାଏ। ସେ ନିଜ ଓଜନକୁ ହ୍ରାସ କରେଇବା ପାଇଁ ବିଭିନ୍ନ ଉପାୟକୁ ଫଲୋ କରୁଥିଲେ। ତେଣୁ ସେ ନୋ ଡାଏଟ୍ ଡେ'ର ଆୟୋଜନ କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଦିବସର ପାଳନ କରାଯାଉଛି।

# ଜଣେ ଛୋଟ କଳାକାର

ଅରିଜିତ ସିଂହ, ବିଶାଲ୍ ମିଶ୍ର, ମୋହିତ ଚୌହାନଙ୍କ ସମେତ ଏପରି ଅନେକ ବଲିଉଡ୍ ସିଙ୍ଗର୍ସ ଅଛନ୍ତି ଯେଉଁମାନଙ୍କର ସ୍ୱର ପୂରା ଦୁନିଆର ଶ୍ରୋତାମାନଙ୍କୁ ପାଗଳ କରି ରଖିଛି। ଏମାନଙ୍କର ସ୍ୱରକୁ ଲୋକମାନେ ପସନ୍ଦ କରନ୍ତି, ଗୀତଗୁଡ଼ିକୁ ଶୁଣନ୍ତି। କିନ୍ତୁ ସୋସିଆଲ୍ ମିଡିଆରେ ଏପରି ଏକ ଛୋଟ ପିଲା ଭାଇରାଲ୍ ହେଉଛି ଯାହାର ଗୀତ ଶୁଣିବା ପାଇଁ ଲୋକମାନେ ପାଗଳ ହେଉଛନ୍ତି। ଏହି ଛୋଟ ପିଲାଟି ବଡ଼ ବଡ଼ ଗାୟକଙ୍କ ସହିତ ଟକ୍କର ଦେଉଛି ଓ ପ୍ରସିଦ୍ଧ ଗୀତଗୁଡ଼ିକୁ ଗାଇ ସୋସିଆଲ୍ ମଡିଆରେ ଭାଇରାଲ୍ ହେଉଛି। କ୍ରିସ୍ ମଣ୍ଡଳ ନାମକ ସାତ ବର୍ଷର ଏହି ପିଲାଟିର ସ୍ୱରରେ ଏକ ଅଲଗା ପ୍ରକାରର ଯାଦୁ ରହିଛି। ବଡ଼ ଭାଇ କିଶୋର ମଣ୍ଡଳଙ୍କ ସହିତ ମିଶି ସେ ସିଙ୍ଗିଂ ଭଡିଓ ତିଆରି କରି ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରନ୍ତି। ଏମାନଙ୍କର ପ୍ରତି ଭିଡିଓରେ ମିଲିୟନ ଭିଉଜ୍ ଦେଖିବାକୁ ମିଳେ। ଏହି ଦୁଇ ଭାଇ ଲକ୍ଷାଧିକ ଲୋକଙ୍କୁ ନିଜ ସ୍ୱର ଦ୍ୱାରା ଆକର୍ଷିତ କରିଛନ୍ତି। ତାଙ୍କର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ୮.୫ ମିଲିୟନ ଅର୍ଥାତ ୮୫ ଲକ୍ଷରୁ ଅଧିକ ଫଲୋଅର୍ସ ଅଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଏମାନେ ୨୬୬ଟି ପୋଷ୍ଟ କରିସାରିଲେଣି। ଏମାନଙ୍କର ସ୍ୱରରେ ଏତେ ଦମ୍ ରହିଛି ଯେ ମାତ୍ର ଏତିକି ପୋଷ୍ଟରେ ଏହି ଦୁଇ ଭାଇ ୮୫ ଲକ୍ଷ ଲୋକଙ୍କୁ ନିଜ ପେଜ୍ ସହିତ ଯୋଡ଼ିସାରିଲେଣି। ଏମାନେ ଅରିଜିତ ସିଂହ, ରାହତ ଫତେହ ଅଲୀ ଖାନ, ଅତିଫ୍ ଅସଲମଙ୍କ ପରି ବଡ଼ ବଡ଼ ସିଙ୍ଗରଙ୍କର ଗୀତଗୁଡ଼ିକୁ ଗାଇ ସାରିଛନ୍ତି। ପ୍ରତି ଭିଡିଓକୁ ଲକ୍ଷାଧିକ ଲୋକ ମଧ୍ୟ ଦେଖିସାରିଲେଣି।




# ବିନାଶକାରୀ ବିସ୍ଫୋରଣର ଆଶଙ୍କା




ବୋଲିଭିୟାର ସୁର ଲିପେଜ ପ୍ରାନ୍ତରେ ସ୍ଥିତ ଉତୁରୁଙ୍କୁ ଜ୍ୱାଳାମୁଖୀ ବିଗତ ଅଢ଼େଇ ଲକ୍ଷ ବର୍ଷ ହେଲା ନିଷ୍କ୍ରିୟ ହୋଇ ରହିଥିଲା। କିନ୍ତୁ ଏବେ ତାହା ସକ୍ରିୟ ହୋଇଗଲାଣି। ବୈଜ୍ଞାନିକମାନେ ଜ୍ୱାଳାମୁଖୀ ତଳେ ଗଭୀର ମ୍ୟାଗ୍‌ମା ଚାମ୍ବର୍ସରେ ହେଉଥିବା ଗତିବିଧି ସମ୍ପର୍କରେ ସନ୍ଧାନ ନେଇଛନ୍ତି ଯେଉଁଠାରୁ ଲାଭା ଓ ଗ୍ୟାସ୍ ଧୀରେ ଧୀରେ ପୃଷ୍ଠଭାଗ ଆଡ଼କୁ ଆସୁଛି। ଏହା ଟେକ୍‌ନିକାଲି ଭାବରେ ନିଷ୍କ୍ରିୟ ହୋଇ ରହିଥିବାରୁ ଉତୁରୁଙ୍କୁକୁ ଜୋମ୍ବି ଜ୍ୱାଳାମୁଖୀ ବୋଲି କୁହାଯାଏ। କିନ୍ତୁ ବର୍ତ୍ତମାନ ଏଥିରେ ଜୀବନ ଥିବାର ସଂକେତ ମିଳିଛି ଯେଉଁ କାରଣରୁ ନିକଟ ଭବିଷ୍ୟତରେ ଏହା ଭୂକମ୍ପୀୟ ଗତିବିଧି ଓ ଗ୍ୟାସ୍ ଉତ୍ସର୍ଜନ ସହିତ ସକ୍ରିୟ ରହିପାରେ। ଏହି ଗତିବିଧି ସାମାନ୍ୟ ଭାବରେ କୌଣସି ଜ୍ୱାଳାମୁଖୀ ସହିତ ଜଡ଼ିତ ହୋଇଥିବାରୁ ଏହାକୁ ଚିନ୍ତାଜନକ ବୋଲି କୁହାଯାଉଛି। ଏହି ଗତିବିଧି ଉତୁରୁଙ୍କୁର ଆଖପାଖ ପରିଦୃଶ୍ୟକୁ ଏକ ସୋମ୍ବେରୋ (ଟୋପି ପରି) ଆକୃତିରେ ପରିବର୍ତ୍ତିତ କରିଦେଇଛି ଯେଉଁ କାରଣରୁ ଜ୍ୱାଳାମୁଖୀର ଶିଖର ଭାଗ ଉଚ୍ଚ ହୋଇ ରହିଛି। ଏହିପରି ହଲ୍‌ଚଲ୍ ଯୋଗୁ ସ୍ଥାନୀୟ ଲୋକମାନେ ଚିନ୍ତାରେ ରହିଛନ୍ତି କାରଣ ବଡ଼ ଜ୍ୱାଳାମୁଖୀ ବିନାଶକାରୀ ହୋଇପାରେ। ବୈଜ୍ଞାନିକମାନଙ୍କର ଏକ ଦଳ ଏହି କ୍ଷେତ୍ରର ଆଖପାଖରେ ୧୭୦୦ରୁ ଅଧିକ ଭୂମିକମ୍ପର ଡାଟାର ଉପଯୋଗ କରି ଜ୍ୱାଳାମୁଖୀର ନିମ୍ନଭାଗରେ ପ୍ଲମ୍ବିଂ ସିଷ୍ଟମ୍‌କୁ ମ୍ୟାପ୍ କରିଥିଲେ। ଏହି ଟେକ୍‌ନିକ ଏକ୍ସ-ରେ ଇମେଜିଂ ପରି କାମ କରେ। ଭୂମିକମ୍ପ ପରେ ଉତ୍ପନ୍ନ ହେଉଥିବା ଧ୍ୱନି ତରଙ୍ଗ ପୃଥିବୀର ବିଭିନ୍ନ ପଦାର୍ଥ ଆଧାରରେ ବଦଳିଥାଏ ଯେଉଁଥିରୁ ବୈଜ୍ଞାନିକମାନେ ଶକ୍ତ ଖଣିଜ, ଫମ୍ପା ଚାମ୍ବର୍ସ ଓ ତରଳ ପଦାର୍ଥଗୁଡ଼ିକର କ୍ଷେତ୍ରଗୁଡ଼ିକୁ ମ୍ୟାପ୍ କରିଥାନ୍ତି।

# ଶୀର୍ଷ ସ୍ଥାନରେ ଥିବା କେତୋଟି କୁକୁର


**କୁକୁରମାନଙ୍କର ବ୍ୟବହାର ସେମାନଙ୍କର ପାଳନ ପୋଷଣ ପ୍ରକ୍ରିୟା ଉପରେ ନିର୍ଭର କରେ। କୁକୁରମାନଙ୍କର ଏପରି କେତେକ ପ୍ରଜାତି ଅଛନ୍ତି ଯେଉଁଗୁଡ଼ିକର ହିଂସକ ବ୍ୟବହାର ମଣିଷ ଓ ଅନ୍ୟ କୁକୁରଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ। ବିଶେଷଜ୍ଞମାନଙ୍କ ଅନୁସାରେ କୁକୁରମାନଙ୍କର ଉଚିତ ପାଳନ ପୋଷଣ, ସେମାନଙ୍କର ପ୍ରଶିକ୍ଷଣ କୁକୁରମାନଙ୍କ ପ୍ରକୃତିରେ ଆସୁଥିବା ବାଧାବିଘ୍ନଗୁଡ଼ିକୁ ଦୂର କରିଥାଏ। ତେବେ କୁକୁରମାନେ ଖୁବ୍ ଭଲ ସାଥି ହୋଇପାରନ୍ତି ଯଦି ସେମାନଙ୍କୁ ସଠିକ୍ ପ୍ରଶିକ୍ଷଣ ଦିଆଯାଇପାରିବ। ଏହିପରି କେତୋଟି ହିଂସକ କୁକୁରଙ୍କ ପ୍ରଜାତିଙ୍କ ବିଷୟରେ ନିମ୍ନରେ ଦିଆଗଲା।**




**ପିଟ୍‌ବୁଲ୍-** ଅନେକ ଦେଶରେ ପିଟ୍‌ବୁଲ ପ୍ରଜାତିର କୁକୁରଙ୍କୁ ପାଳିବା ଉପରେ ବ୍ୟାନ୍ ଲଗାଯାଇଛି। ହିଂସକ ବ୍ୟବହାରକୁ ରୋକିବା ପାଇଁ ଅନେକ ଜଟିଳ ପ୍ରଶିକ୍ଷଣ ଦେଇ ସେମାନେ ଗତି କରିଥାନ୍ତି। ୧୯୯୧ରେ ଜାରି ହୋଇଥିବା ଏକ ରିପୋର୍ଟ ଅନୁସାରେ ପିଟ୍‌ବୁଲ ପ୍ରଜାତି ବିନା ପ୍ରୋତ୍ସାହନରେ ପିଲାମାନଙ୍କ ଉପରେ ଆକ୍ରମଣ କରିବାର ଦର ହେଉଛି ୯୪ ପ୍ରତିଶତ।




**ରୋଟ୍‌ୱିଲର-** ୧୯୯୩-୯୬ ମଧ୍ୟରେ ଆମେରିକାରେ କୁକୁର ଆକ୍ରମଣ ଦ୍ୱାରା ହୋଇଥିବା ମୃତ୍ୟୁ ଦର ପାଇଁ ଦାୟୀ ହୋଇଥିଲା ରୋଟ୍‌ୱିଲର ପ୍ରଜାତିର କୁକୁର। ଏହି ଡାଟା ଏହି ପ୍ରଜାତିର ହିଂସକ ପ୍ରକୃତି ବିଷୟରେ ବର୍ଣ୍ଣନା କରିଥାଏ। ଏକ ରୋଟ୍‌ୱିଲର୍ କାମୁଡ଼ିବାର ମାପ ୧୪୬୦ ନ୍ୟୁଟନ୍ ପର୍ଯ୍ୟନ୍ତ ହୋଇପାରେ।



**ଜର୍ମାନ ଶେଫର୍ଡ-** ଏକ ଅଧ୍ୟୟନ ଅନୁସାରେ ଜର୍ମାନ ଶେଫର୍ଡର କାମୁଡ଼ିବାର ମାପ ୧୦୬୦ ନ୍ୟୁଟନ ପର୍ଯ୍ୟନ୍ତ ଥାଏ। ଏମାନେ ନିୟମିତ ଭାବରେ ପୁଲିସ୍ କୁକୁର ଭାବରେ କାମ କରୁଥିବାରୁ ଏମାନେ ଖୁବ୍ ହିଂସାପ୍ରିୟ ହୋଇଥାନ୍ତି।



**ଡୋଭର୍‌ମ୍ୟାନ୍ ପିନ୍ସ୍‌କର-** ଏମାନେ ନିଜ ମାଲିକମାନଙ୍କ ଉପରେ ଆକ୍ରମଣ କରନ୍ତି ନାହିଁ। କିନ୍ତୁ ଅଜଣା ଲୋକଙ୍କ ପ୍ରତି ସେମାନଙ୍କର ବ୍ୟବହାର ପାଇଁ ଏମାନଙ୍କୁ ଖୁବ୍ ବିପଦଜନକ ବୋଲି କୁହାଯାଏ। ଏମାନଙ୍କ କାରଣରୁ ୨୦୧୧ରେ ଆମେରିକାରେ ଶେଷ ଥର ପାଇଁ ଏକ ମୃତ୍ୟୁ ମାମଲା ଦେଖିବାକୁ ମିଳିଥିଲା। ଏଥିରେ ଏକ ଡୋବରମ୍ୟାନ୍ ନିଜ ମାଲିକ ଓ ଜଣେ ବୟସ୍କ ମହିଳାଙ୍କୁ ମାରିଦେଇଥିଲା।



**ବୁଲ୍‌ମାଷ୍ଟିଫ୍-** ଏହାର ବିଶାଳକାୟ ଚେହେରାକୁ ଦେଖିଲେ ଯେ କୌଣସି ବ୍ୟକ୍ତି ଭୟଭୀତ ହୋଇଯିବ। ଏମାନଙ୍କର ଦର ୧୩୦ ପାଉଣ୍ଡ ପର୍ଯ୍ୟନ୍ତ ପହଞ୍ଚିଯାଏ। ଏମାନଙ୍କୁ ଆଜ୍ଞାକାରୀ କରିବା ପାଇଁ ଖୁବ୍ ଭଲ ଭାବରେ ପ୍ରଶିକ୍ଷଣ ଦେବା ଆବଶ୍ୟକ ହୋଇଥାଏ। ବୁଲ୍‌ମାଷ୍ଟିଫ୍‌ଙ୍କ ସ୍ୱଭାବ ପାଇଁ ଗାର୍ଡ କୁକୁର ଭାବରେ ଏମାନଙ୍କୁ ବ୍ୟବହାର କରାଯାଏ। ଘରର ଟ୍ରେଜେରୀକୁ ଯଦି ସୁରକ୍ଷିତ କରି ରଖିବାକୁ ଚାହୁଁଥାନ୍ତି ତେବେ ବୁଲ୍‌ମାଷ୍ଟିଫ୍ ପ୍ରଜାତିକୁ ପାଳନ କରନ୍ତୁ।

## ନୂତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ



**କେନ୍ଦ୍ରାପଡ଼ା,୫।୫/ଏନ୍‌ଏନ୍‌ଏସ୍‌:** କେନ୍ଦ୍ରାପଡ଼ାରେ ନୂତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଫକିର ମୋହନ ମାଝି ସୋମବାର ପୂର୍ବାହ୍ନରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ଭଞ୍ଜନଗର ଓ ରେଢାଖୋଲରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଏବଂ ସମ୍ବଲପୁରରେ ଦୀର୍ଘ ୩ ବର୍ଷ ଧରି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରି ପ୍ରଶଂସିତ ହୋଇଛନ୍ତି।

## ଘୋଷକ ଅମୀୟ ଚାନ୍ଦ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଶଂସିତ



**ଢେଙ୍କାନାଳ,୫।୫/ଏନ୍‌ଏନ୍‌ଏସ୍‌:** ଭାରତ ସରକାରଙ୍କ ସମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ତରଫରୁ ଦେଶର ଖ୍ୟାତି ସଂପନ୍ନ ବରିଷ୍ଠ ନାଗରିକମାନଙ୍କର (ଏଜିଙ୍ଗ୍ ଉଇଥ୍ ଡିଗ୍‌ନିଟି) ଏକ ଇଭେଣ୍ଟର କାର୍ଯ୍ୟକ୍ରମ ରାଷ୍ଟ୍ରପତି ଭବନ ଠାରେ ଆୟୋଜିତ ହୋଇଥିଲା। ଏଥିରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଏକ ବରିଷ୍ଠ ନାଗରିକ ୱେଲ୍‌ଫେୟାର୍ ପୋର୍ଟାଲ୍‌ର ଶୁଭ ଉନ୍ମୋଚନ କରିଥିଲେ। ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରି ମହାମହିମ ରାଷ୍ଟ୍ରପତି ବରିଷ୍ଠ ନାଗରିକମାନଙ୍କର ପ୍ରାପ୍ତ ବୟସରେ ଦେଶ ସେବାର ଉତ୍ସାହ ଆସନ୍ତା ପିଢୀର ଯୁବକମାନଙ୍କ ପାଇଁ ଏକ ପ୍ରେରଣା ସହିତ ଦେଶ ଗଠନରେ ସହାୟକ ହେବ। ଏହି ଅବସରରେ ଓଡିଶାର ଢେଙ୍କାନାଳ ଜିଲ୍ଲା ବାସୀନ୍ଦା ଖ୍ୟାତି ସଂପନ୍ନ କ୍ରୀଡା ଘୋଷକ ଅମୀୟ କୁମାର ଚାନ୍ଦଙ୍କୁ ମଧ ପ୍ରଶଂସା କରିଥିଲେ। ପ୍ରକାଶଥାଉକି, ଶ୍ରୀ ଚାନ୍ଦ ଦୀର୍ଘ ବର୍ଷ ଧରି ରାଜ୍ୟ, ଦେଶ ଓ ବିଦେଶରେ ଘୋଷକ ଭାବେ କାର୍ଯ୍ୟକରି ରାଜ୍ୟ ତଥା ଦେଶ ପାଇଁ ଅତୀତରେ ସୁନାମ ଆଣିଛନ୍ତି। ସେଥି ମଧ୍ୟରୁ ଦୁଇଟି ଆନ୍ତର୍ଜାତୀୟ ସମ୍ମାନ ଓ ଚାରୋଟି ଜାତୀୟ ସ୍ତରର ସମ୍ମାନ ପ୍ରାପ୍ତ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି।

## ରାଜ୍ୟ ଓ ଜାତୀୟସ୍ତରୀୟ କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ



**ଯାଜପୁର ,୫।୫/ଏନ୍‌ଏନ୍‌ଏସ୍‌:** ଯାଜପୁର ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଜାତୀୟ ସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ କ୍ରୀଡାବିତ ଏବଂ କ୍ରୀଡା ପରିଚାଳନା ମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଇଣ୍ଡୋର ଷ୍ଟାଡିଅମ ଯାଜପୁର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶଙ୍କ ସଭାପତୀତ୍ୱରେ ରେ ଅନୁଷ୍ଠିତ ସଭାରେ ଯାଜପୁର ଜିଲ୍ଲା ହ୍ୟାଣ୍ଡବଲ ଆସୋସିସନର ଉପ ସଭାପତି ତଥା ବିଶିଷ୍ଟ କ୍ରୀଡ଼ାବିତ ରମେଶ ଚନ୍ଦ୍ର ପୃଷ୍ଟି ମୁଖ୍ୟ ଅଥିତି ଭାବେ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ଭୁୟସି ପ୍ରଶଂସା କରିବାସହିତ ଆଗାମୀ ଯୁବପିଢ଼ିମାନଙ୍କ ପାଇଁ ଏହା ପ୍ରେରଣା ଯୋଗାଇବାରେ ସହାୟକ ହେବ ଏବଂ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସହାୟକ ହେବବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଯାଜପୁର ଜ଼ିଲ୍ଲା ହକି କୋଚ ଅମୁଲ୍ୟ କୁମାର ବେହେରା, ଜ଼ିଲ୍ଲା କବାଡି ଆସୋସିସନ ର ବରିଷ୍ଠ ପ୍ରଶିକ୍ଷଣ କୃଷ୍ଣ କାନ୍ତ ପଣ୍ଡା, ଟାଇକୋଣ୍ଡ ଆସୋସିସନ ର ସମ୍ପାଦକ ଯଯାତି କେଶରୀ ଧଳ,ବରିଷ୍ଟ କ୍ରୀଡା ଶିକ୍ଷକ ନିରଞ୍ଜନ ସାହୁ, ଭଲିବଲ କୋଚ ଅମର କୁମାର ସାହୁ ଯୋଗଦାନ କରି ସମସ୍ତ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିବା ସହିତ ପିଲାମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହିତ କ୍ରୀଡା ଶିକ୍ଷକ ମାନେ ଆଉ ଟିକେ କିପରି ପିଲାମାନଙ୍କୁ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ମତ ରଖିଥିଲେ.ଉକ୍ତ କାର୍ଯ୍ୟକ୍ରମରେ ୫୩ ଜଣ ଜାତୀୟ ସ୍ତରୀୟରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଏବଂ ୯ ଜଣ ଅଫିସିଆଲ ତତ ସହିତ ୬୦ ଜଣ ରାଜ୍ୟ ସ୍ତରୀୟ ପ୍ରୀତିଯୋଗିତାରେ ପଦକ ହାସଲକରିଥିବା ପ୍ରତିଯୋଗୀ ଏବଂ ୨୯ ଜଣ ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ୧୦ ଟି ମଣ୍ଡଳ ସମ୍ପାଦକ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ରାଜେଶ କୁମାର ସେଠି, ହରିହର ବିଶ୍ୱାଳ, ଅରୁଣ କୁମାର ଜେନା, ଶଙ୍କର୍ଷଣ ବେହେରା, ସୋନାଲି ସାହୁ, ରୂପଶ୍ରୀ ଲେଙ୍କା, ମମତା ସେଠି, ସଞ୍ଜୁଲତା ମହାନ୍ତି, ମୋଜୀଦ ବକ୍ସସର, ନିରଞ୍ଜନ ଶତପଥୀ, ହରିହର ଜେନା, ଖଗେଶ୍ୱର ରାଉତ ମାନେ ଉପସ୍ଥିତ ରହି କାର୍ଯକର୍ମ ଟିକୁ ସଫଳ କରାଇବାରେ ସହଯୋଗ କରିଥିଲେ.ସର୍ବଶେଷରେ ଶ୍ରୀଯୁକ୍ତ ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବିରିଡି ବ୍ଲକ୍‌ରେ ଜନଶୁଣାଣି




**ଜଗତସିଂହପୁର,୫।୫/ଏନ୍‌ଏନ୍‌ଏସ୍‌:**ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇ ଜନ ସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଶୁଣାଣି ନିମନ୍ତେ ମୋଟ୍ ୬୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀତ ୫୯ ଗୋଟି ଓ ଗୋଷ୍ଠୀଗତ ସମସ୍ୟା/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀତ ୫ଗୋଟି ଅଭିଯୋଗର ଶୁଣାଣୀ କରା ଯାଇଥିଲା। ତେବେ ୫୯ଟି ବ୍ୟକ୍ତିଗତ ସମସ୍ୟା ମଧ୍ୟରୁ ୨ଟି ରେସନ କାର୍ଡ ସମ୍ବନ୍ଧୀୟ, ୧୬ଗୋଟି ଆବାସ ଯୋଜନା ସମ୍ବନ୍ଧୀୟ, ୧୭ଟି ଜମି ଜମା ସମ୍ବନ୍ଧୀୟ, ଭତା ସମ୍ବନ୍ଧୀୟ ୫ଟି। ୩ଟି ପୁଲିସ ସହାୟତା ଓ ଅନ୍ୟାନ୍ୟ ୨୨ଟି ଅଭିଯୋଗର ଶୁଣାଣୀ କରା ଯାଇଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଅରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲାପରିଷଦର ମୁଖ୍ୟ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ-ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, କୁଜଙ୍ଗ ବି.ଡି.ଓ ଆୟୁଷୀ ପତି, ଜିଲ୍ଲାସ୍ତରୀୟ ବହୁ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣୀ କରିଥିଲେ।

# ଦିବ୍ୟାଙ୍ଗ ପ୍ରମାଣ ପତ୍ର ପାଇଁ ପବନ ବୁଲୁଛି ବାରଦୁଆର




**ଢେଙ୍କାନାଳ,୫।୫/ଏନ୍‌ଏନ୍‌ଏସ୍‌:** ସରକାରୀ ବିଧ ବ୍ୟବସ୍ଥା ଭିତରେ ଛନ୍ଦି ହୋଇ ପଡିଛି ଭିନ୍ନକ୍ଷମ ପବନ । ଅଶି ଭାଗରୁ ଅଧିକ ଭିନ୍ନକ୍ଷମ ହୋଇ ମଧ ସରକାରଙ୍କ ବର୍ଦ୍ଧିତ ଭତାରୁ ବଂଚିତ ଗରିବ ଭିନ୍ନକ୍ଷମ ପବନ। ଏମିତି କିଛି ଖବର ସାମ୍ନାକୁ ଆସିଛି ଆଜି ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ। ଭୁବନ ବ୍ଲକର ସଦର ମହକୁମା ଠାରୁ ମାତ୍ର ୪ କିଲୋମିଟର ଦୂର କୁନିନ୍ଦା ଗାଁରୁ ସରକାରଙ୍କ ଭତାରୁ ବଂଚିତ ପବନ। ସୂଚନା ଅନୁସାରେ କୁନିନ୍ଦା ପଂଚାୟତ ଅନ୍ତର୍ଗତ କୁନିନ୍ଦା ଗାଁ ପୁରସ୍ତମ ସାହୁ ଜଣେ ଦିନ ମଜୁରିଆ ଭାବେ କାମ କରି ନିଜର ପରିବାର ପ୍ରତି ପୋଷଣ କରନ୍ତି । ସେ ନିଇତି ସକାଳୁ ସଞ୍ଜ ଯାଏ ଆଖ ପାଖ ଗାଁରେ ଦିନ ମଜୁରିଆ ଭାବେ କାମ କରି ଯାହା ରୋଜଗାର କରି ଆଣନ୍ତି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ବର୍ଷକ ପୂର୍ବରୁ ପୁରସ୍ତମଙ୍କର ମୃତ୍ୟୁ ହୋଇଯାଇଛି। ପୁରସ୍ତମଙ୍କର ସାନ ପୁଅ ପବନ (୪୨) ଜଣକ ଜନ୍ମରୁ ମୂକ ବଧିର। ୨୦୦୭ ମସିହାରେ ଡାକ୍ତର ତାଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସେହି ଅନୁସାରେ ପବନଙ୍କୁ ସରକାରୀ ସ୍ତରରେ ଭତା ମଧ୍ୟ ମିଳିଥିଲା। ତାଙ୍କ ପାଇଁ ସରକାରଙ୍କ ମାଗଣା ଅନ୍ତୋଦୟ ଚାଉଳ ପ୍ରଦାନ କରିବା କଥା। କିନ୍ତୁ ସେ କଥା ନ କହିବା ଭଲ। ପବନ ବିବାହିତ ତାଙ୍କର ସ୍ତ୍ରୀ ଆଉ ୩ ଝିଅ ଅଛନ୍ତି। ମୂକ ବଧିର ଲୋକଟି ପେଟରେ ଦାନା ଦେବାକୁ ତା ପାଇଁ କଷ୍ଟ ହୋଇ ପଡୁଥିବା ବେଳେ, ଗରିବ ପରିବାରର ପ୍ରତିପୋଷଣ ତାଙ୍କ ପାଇଁ ଆହୁରି ଦୁର୍ବିସହ ହୋଇ ପଡିଛି । ତେବେ ସରକାର ପକ୍ଷରୁ ମାସକୁ ମାସ ଭତା ଟଙ୍କା ପାଉଥିଲେ। ସରକାର ଭିର୍ଣ୍ଣକ୍ଷମ ମାନଙ୍କ ପାଇଁ ବର୍ଦ୍ଧିତ ଭତା ଯୋଜନା କରିଛନ୍ତି। ସରକାରୀ ବିଧି ବ୍ୟବସ୍ଥା ଭିତରେ ଛନ୍ଦି ହୋଇପଡି ସରକାରଙ୍କ ୩୫୦୦ ଟଙ୍କା ବର୍ଦ୍ଧିତ ପାଇବାରୁ ବଂଚିତ ହୋଇଛନ୍ତି ପବନ। ଗରିବ ପବନ ଭିନ୍ନକ୍ଷମ ହୋଇ ବାରମ୍ବାର ପଂଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ଅଫିସ ଦପ୍ତର ଯାଉଥିଲେ ସୁଦ୍ଧା ଏଯାଏ ତାଙ୍କୁ କୌଣସି ସୁଫଳ ମିଳି ପାରିନାହିଁ । ଭୁବନ ବିଡିଓଙ୍କ ପାଖରୁ ଚିଠି ନମ୍ବର ୧୭୨୫/୧୦.୪.୨୦୨୫. ଅନୁଯାୟୀ ଡିଜିଟାଲ ଦିବ୍ୟାଙ୍ଗ ପ୍ରମାଣ ପତ୍ର ପ୍ରଦାନ ନିମନ୍ତେ ଜଣାଯାଇଛି। ଏହି ପ୍ରମାଣ ପତ୍ର ଦିଆଯାଇନଥିବାରୁ ପବନଙ୍କ ମାସିକ ଭତା ମଧ୍ୟ ୨୦୨୪ ମସିହା ନଭେମ୍ବରରୁ ବନ୍ଦ କରିଦିଆଯାଇଛି। ଏ ନେଇ ପବନ ପରିବାର ସହିତ ବାରମ୍ବାର ଢେଙ୍କାନାଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଦେଖା କରୁଛନ୍ତି ହେଲେ ରିପୋର୍ଟ କେଉଁଠି ହଜିଯାଇଛି ତାହା ମିଳୁନି। ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସାକ୍ଷାତ୍ କରିବାକୁ ସକାଳୁ ଯାଇ ଦିନ ୨ ଟା ଯାଏ ଅପେକ୍ଷା କରି ନିରାଶରେ ଫେରିଥିବା ଜଣାଯାଇଛି। ତେବେ ଖାଲି ପବନ ନୁହଁନ୍ତି ଭୁବନ ଏନ୍‌ଏସିର ୱାର୍ଡ ୨ର ଦମୟନ୍ତୀ ସାହୁ, ମୃଦଙ୍ଗ ଗ୍ରାମର ଶାନ୍ତି ଲତା ପାତ୍ରଙ୍କ ଶହଶହ ସଂଖ୍ୟାରେ ଦିବ୍ୟାଙ୍ଗ ଡିଜିଟାଲ ପ୍ରମାଣ ପତ୍ର ଅଭାବରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହସ୍ତଗତ ହୋଇଛି। ମୁଖ୍ୟ ଡାକ୍ତରଖାନାରେ ମାନସିକ ରୋଗ, ଚର୍ମ ଓ ଇଏନ୍‌ଟି ବିଭାଗର ଡାକ୍ତର ନଥିବାରୁ କଟକ ବଡ ଡାକ୍ତରଖାନାକୁ ରେଫର୍ କରାଯାଉଛି। ମାନସିକ ରୋଗୀ ମାନଙ୍କୁ ଧରି ହିତାଧିକାରୀମାନେ ବାରଦୁଆର ହେବାକୁ ପଡୁଛି।

## ଦୁର୍ଘଟଣାମୁକ୍ତ କରିବାକୁ ସମୀକ୍ଷା ବୈଠକରେ ଶିଳ୍ପମନ୍ତ୍ରୀଙ୍କ ତାଗିଦ୍

**ପାରାଦୀପ,୫।୫/ଏନ୍‌ଏନ୍‌ଏସ୍‌:** ସୋମବାର ଦିନ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପାରାଦୀପ ସ୍ୱତନ୍ତ୍ର ସର୍କିଟ୍ ହାଉସ ପରିସରରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଜେ.ସୋନାଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା,ପାରାଦୀପ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତାଙ୍କ ସମେତ ଶିଳ୍ପସଂସ୍ଥାମାନଙ୍କର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଦିନକୁ ଦିନ ବନ୍ଦର ସହର ପାରାଦୀପର ରାଜରାସ୍ତା ଅସୁରକ୍ଷିତ ହେଲାଣି। ପ୍ରତିଦିନ ଛୋଟବଡ ଦୁର୍ଘଟଣାମାନ ଘଟୁଛି ଏଣୁ ପାରାଦୀପ ଅଞ୍ଚଳକୁ ଦୁର୍ଘଟଣାମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ପାରାଦୀପ ଅଞ୍ଚଳକୁ ଜିରୋ କାଜୁଆଲଟି କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ପ୍ରତ୍ୟେକ ଜୀବନ ଆମ ପାଇଁ ମୂଲ୍ୟବାନ ବୋଲି କହିଥିଲେ। ମନ୍ତ୍ରୀ ଏହି ନିର୍ଦ୍ଦେଶକୁ ସମସ୍ତ ଶିଳ୍ପ ସଂସ୍ଥାମାନେ କଡାକଡି ଭାବେ ମାନି କାର୍ଯ୍ୟ କରିବାକୁ ପଡିବ ।

## ପାରାଦୀପ ବନ୍ଦର ପକ୍ଷରୁ ପୁରସ୍କାର ପ୍ରଦାନ ସମାରୋହ-୨୦୨୫




**ପାରାଦୀପ,୫।୫/ଏନ୍‌ଏନ୍‌ଏସ୍‌:** ପାରାଦୀପ ବନ୍ଦର ବିଗତ ଆର୍ଥିକ ବର୍ଷରେ ପଣ୍ୟ କାରବାର କ୍ଷେତ୍ରରେ କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ ଦେଶର ଏକ ନମ୍ବର ବନ୍ଦର ହୋଇ ପାରିଛି । ଦେଶର ଏକ ନମ୍ବର ବୃହତ ବନ୍ଦର ପାରାଦୀପ ବନ୍ଦର ପକ୍ଷରୁ ପିପିପି ଅପରେଟର, ଷ୍ଟଭେଡୋର୍ସ, ସିପିଙ୍ଗ ଏଜେଣ୍ଟମାନଙ୍କୁ ନେଇ ଏକ ସମାରୋହ ଭୁବନେଶ୍ୱରସ୍ଥିତ ଏକ ହୋଟେଲ୍‌ରେ ଆୟୋଜିତ ହୋଇଥିଲା । ଏହି ସମାରୋହରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରାଦୀପ ବନ୍ଦରକୁ ସଫଳତାର ସୋପାନ ଚଢାଇଥିବା ସଂସ୍ଥାମାନଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟଅତିଥି ଶ୍ରୀ ହରନାଦ ଏହି ସଂସ୍ଥାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିମାନଙ୍କ ଅବଦାନ ଯୋଗୁଁ ପାରାଦୀପ ବନ୍ଦର ୧୫୦ଏମଏମଟି ଲକ୍ଷ୍ୟ ପାର କରିବାରେ ସଫଳ ହୋଇ ପାରିଛି। ପାରାଦୀପ ବନ୍ଦର ୧୫୦ ଏମଏମଟି କ୍ଲବ୍‌ରେ ସାମିଲ ହୋଇଛି । ବିଶେଷ ଭାବେ ପଣ୍ୟକାରବାରର ତୃତୀୟ ମୁଖ୍ୟଭାଗ ଲୁହାପଥର ବିଗତ ଆର୍ଥିକ ବର୍ଷରେ ହ୍ରାସ ପାଇଥିବା ବେଳେ ତାପଜ କୋଇଲା, ଜିପସମ୍, ସାର ଭଳି ପଣ୍ୟ କାରବାର ବୃଦ୍ଧି ହେବା ଯୋଗୁଁ ପାରାଦୀପ ଲକ୍ଷ୍ୟସ୍ଥଳରେ ପହଂଚି ପାରିଥିଲା । ଏହି ସଫଳତା ନିମନ୍ତେ ଶ୍ରୀ ହରନାଦ ସମସ୍ତ କ୍ଷରୁ ପିପିପି ଅପରେଟର, ଷ୍ଟଭେଡୋର୍ସ, ସିପିଙ୍ଗ ଏଜେଣ୍ଟମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା । ଏହି ସମାରୋହରେ ପାରାଦୀପ ବନ୍ଦର ବିଭିନ୍ନ ବିଭାଗୀୟ ମୁଖ୍ୟ, ସହଯୋଗକାରୀ ଓ ବ୍ୟବହାରକାରୀ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣା, ୩ ଅଟକ

**ତାଳଚେର,୫।୫/ଏନ୍‌ଏନ୍‌ଏସ୍‌:** ନିଖୋଜ ଯୁବତୀଙ୍କ ପରିବାର ବର୍ଗ ଝିଅର ମୃତ୍ୟୁ ଘଟଣାକୁ କେନ୍ଦ୍ରକରି ଆଖିରୁ ଲୁହ ଶୁଖୁନଥିବା ବେଳେ ପରିବାର ପ୍ରତିପୋଷଣ କରୁଥିବା ଏକମାତ୍ର ରୋଜଗାରିଆ ଝିଅର ମୃତ୍ୟୁକୁ ନେଇ ବାପା ଆଜି ହତବାକ। ତେବେ ଏଥିରୁ ଜଣାପଡ଼େ ତାଳଚେର ଉପଖଣ୍ଡରେ ନାରୀ କେତେ ସୁରକ୍ଷିତ ? ସରକାର ପୁଲିସ୍‌କୁ ପ୍ରାଧାନ୍ୟ ଦେଇ ଲୋକଙ୍କ ସେବାରେ ନିଜକୁ ସମର୍ପିତ କରି ସ୍ୱଚ୍ଛସେବା ଯୋଗାଦେବା ପାଇଁ କ୍ଷମତା ଦେଇଥିବା ବେଳେ ଏହାର ଉଦାହରଣ ଆଜି ଜଳଜଳ ହୋଇ ଦିଶୁଛି। ଯାହାକି ଦୀର୍ଘ ୫୦ବର୍ଷ ହେବ ତାଳଚେର ଅଞ୍ଚଳରେ ଏଭଳି ଲୋମଟାଙ୍କୁରା ଓ ହୃଦୟବିଦାରକ ଘଟଣା ଘଟିନଥିବା ଲୋକଙ୍କ ମୁହଁରୁ ଶୁଣିବାକୁ ମିଳେ। ଏଥିନେଇ ପରିବାର ବର୍ଗ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଥିବା ବେଳେ ପିଡ଼ିତାର ପିତା ଓ ଭାଇ ପୁଲିସ୍ ନିଷ୍କ୍ରିୟତା ପାଇଁ ଆଜି ମୋ ଝିଅର ଜୀବନ ଅକାରଣରେ ଚାଲିଗଲା ବୋଲି କୋହଭରା କଣ୍ଠରେ କହିବା ସହ ଏଥିରେ ଯେଉଁମାନେ ସମ୍ପୃକ୍ତ ତାଙ୍କୁ ଫାଶି ଦିଆଯାଉ ବୋଲି ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ଗତକାଲି ମଧ୍ୟାହ୍ନ ୧.୩୦ମିନିଟ୍ ସମୟରେ ଘଟଣା ପ୍ରଚାର ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କ ଘରେ ଶୋକାକୁଳ ପରିବାରକୁ ସମଦେବନା ଜଣାଇବାକୁ ନା ପ୍ରଶାସନ ନା ଲୋକପ୍ରତିନିଧି କେହି ହେଲେ ପହଞ୍ଚି ନଥିବା ଅତି ଦୁର୍ଭାଗ୍ୟଜନକ ବିଷୟ ହୋଇଛି। ଏହି ଘଟଣାରେ ଆଜି ତାଳଚେର ପୋଲିସ୍ ୩ଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିଲେ ମଧ ଥାନାରୁ ଏସମ୍ପର୍କରେ ସଠିକ୍ ତଥ୍ୟ ହସ୍ତଗତ ହୋଇପାରି ନାହିଁ। ତେବେ ଏହି ହୃଦୟବିଦାରକ ଘଟଣାରେ ମ୍ରିୟମାଣ ହୋଇ ଆଜି ଅଲଓଡ଼ିଶା ହ୍ୟୁମାନରାଇଟସ୍ ସଭାପତି ଡ଼ଃ ଦେବେନ୍ଦ୍ର ସିଂହ, ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ, ଅବନି ପାଣି ତାଙ୍କ କଣିହାଁ ସ୍ଥିତ ଲୋଧାଝରୀ ଗ୍ରାମରେ ପଂହଚି ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ ସରକାର ପିଡ଼ୀତାଙ୍କ ପରିବାର ବର୍ଗଙ୍କୁ ତୁରନ୍ତ ୫୦ଲକ୍ଷ ସହାୟତା ରାଶି ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ପଦାରେ ପଡ଼ିଲା ସଦର ପୁଲିସ୍‌ର ପାରିବା ପଣିଆ

**କେନ୍ଦ୍ରାପଡ଼ା,୫।୫/ଏନ୍‌ଏନ୍‌ଏସ୍‌:** ବାଲିଖାଦାନ ବିବାଦକୁ ନେଇ ଜଣେ ଯୁବକଙ୍କୁ ଗୁଳିମାଡ ଘଟଣାର ୨୪ ଘଣ୍ଟା ପରେ ମଧ ପୋଲିସ ଅପରାଧିଙ୍କୁ ଗିରଫ କରିବାରେ ବିଫଳ ହୋଇଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଇନ୍ଦାଲୋ ପଞ୍ଚାୟତର ବାଲିସାହି ଗ୍ରାମ ନିକଟସ୍ଥ ଲୁଣା-କରାଣ୍ଡିଆ ନଦୀ ପଠାରେ ଏହି ଗୁଳିକାଣ୍ଡ ଘଟିଥିଲା। ଗୁଳିମାଡ଼ର ଶିକାର ଯୁବକ ଜଣକ ହେଉଛନ୍ତି ଗରଦପୁର ବ୍ଲକ କୁଦାନଗରୀ ଥାନା ଅନ୍ତର୍ଗତ ଭାରୀଗୋଳ(ବେତରା) ଗ୍ରାମର ଗୌତମ ମଲ୍ଲିକ। ଗୌତମଙ୍କ ବାମ ଜଙ୍ଘରେ ଗୁଳି ବାଜିଛି। ଗୌତମ ଏକ ସ୍କୁଟିରେ ଚାନ୍ଦୋଳ ବଜାରକୁ କୌଣସି କାର୍ଯ୍ୟରେ ଯାଉଥିବାବେଳେ ତାଙ୍କୁ ୩ ଜଣ ଯୁବକ ଦୁଇଟି ବାଇକରେ ଅନୁସରଣ କରିଥିଲେ। ଯୁବକମାନେ ଗୌତମଙ୍କୁ ବାଲି ପଠାରେ ଅଟକାଇ ନିକଟରୁ ଗୁଳିଚାଳନା କରିଥିଲେ। ଫଳରେ ସେ ଗୁରୁତର ହୋଇ ନଦୀ ପଠାରେ ପଡି ଯାଇଥିଲେ। ଗୁଳିମାଡ଼ କରି ଅପରାଧୀମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ଏଥିସହ ଗୁଳିମାଡ଼ର ଶିକାର ଯୁବକଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତରଖାନାରେ ଯୁବକଙ୍କ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ତେବେ କେଉଁ କାରଣରୁ ଗୁଳିମାଡ଼ ହେଲା ସେ ନେଇ ପୋଲିସ ମୁହଁ ଖୋଲିନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗୁଳିମାଡ଼ ହୋଇଥିବା ପୋଲିସ କହିଛି। ଗୁଳିମାଡ଼ କରିଥିବା ଅପରାଧୀମାନଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇନାହିଁ। ଘଟଣା ସ୍ଥଳରୁ ପୋଲିସ ଗୋଟିଏ ଖୋକା ଓ ଏକ ସ୍କୁଟି ଜବତ କରିଛି। ସଦର ଥାନାଧିକାରୀ ଶୁଭେନ୍ଦୁ ସାହୁ ସୂଚନା ଦେଇଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଲୁଣା-କରାଣ୍ଡିଆ ନଦୀରୁ ବାଲି ଉଠାଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଦୁଇ ଦିନ ତଳେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଗୌତମ ବିପକ୍ଷ ଗୋଷ୍ଠୀର ଜଣେ ଯୁବକଙ୍କୁ ମାଡ଼ ମାରି ଗୁରୁତର କରିଥିଲେ। ତେଣୁ ପ୍ରତିଶୋଧ ନେବା ପାଇଁ ବିପକ୍ଷ ଗୋଷ୍ଠୀର ଯୁବକମାନେ ଗୌତମଙ୍କୁ ଗୁଳିମାଡ଼ କରିଥିବା ଜଣାପଡିଛି। ଏଠାରେ ସୂଚନାଯୋଗ୍ୟକି ଜିଲ୍ଲାର ୨୯ଟି ବାଲି ଖାଦାନ ମଧ୍ୟରୁ ତୃଣପୁର ବାଲିଘାଟ ଏବଂ ଡେରାବିଶ ଥାନା ଅର୍ଡାମୂଳ ବାଲିଘାଟକୁ ଛାଡିଲେ ଅନ୍ୟ ବାଲିଘାଟ ଗୁଡିକ ବେଆଇନ ଅଟେ। ଏସବୁ ସତ୍ତ୍ୱେ ମାଫିଆମାନେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ଭିତିରି ସହଯୋଗରେ ଚୋରା ବାଲି ଉଠାଇ ମୁନାଫା ନେଉଛନ୍ତି। ଏହାଦ୍ୱାରା କୋଟି କୋଟି ଟଙ୍କା ରାଜସ୍ୱ ହାନି ଘଟୁଛି। ଅପରାଧିଙ୍କୁ ଧରିବାରେ ପୋଲିସ ବିଫଳ ହୋଇଥିବାରୁ ସଦର ଥାନା ପୋଲିସର ପାରିବା ପଣିଆ ପଦାରେ ପଡିଛି।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ, ଯୁବକ ଗିରଫ



**ଯାଜପୁର,୫।୫/ଏନ୍‌ଏନ୍‌ଏସ୍‌:** ଏପ୍ରିଲ ୨୨ତାରିଖରେ ଯୁବତୀଙ୍କୁ ଅସଦାଚରଣ କରିଥିବା ଯୁବକକୁ ପୁଲିସ ଗିରଫ କରିଛି। ଏ ନେଇ ଅତିରିକ୍ତ ଜ଼ିଲ୍ଲା ଆରକ୍ଷୀ ଅଧିକ୍ଷକ ସୀତିକଣ୍ଠ କାନୁନ୍‌ଗୋ ସୂଚନା ଦେଇଛନ୍ତି। ଏପ୍ରିଲ ୨୨ସନ୍ଧ୍ୟାରେ ଦଶରଥପୁର ବ୍ଲକ କୁଆଁରପୁର ଗ୍ରାମର ଅଟୋ ଡ୍ରାଇଭର ବଳରାମ ଦାଶ ନିଜ ଅଟୋରେ ଯାଜପୁର ସହରର ଗାନ୍ଧୀଛକରୁ ରାମବାଗ ଯିବା ନିମନ୍ତେ ଛିଡା ହୋଇଥିବା ଏକ କର୍ମଜୀବୀ ଯୁବତୀକୁ ନିଜ ଘରକୁ ନ ନେଇ ଅନ୍ୟ ରାସ୍ତାରେ ଯାଇ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ରାସ୍ତାରେ ଯିବା ବେଳେ ଅଟୋ ଡ୍ରାଇଭର ଅନ୍ୟ ଦୁଇଜଣ ଯୁବକଙ୍କୁ ଅଟୋରେ ଉଠାଇ ଥିଲା। ସେମାନେ ମଧ ଯୁବତୀଙ୍କୁ ଅସଦାଚରଣ କରିଛନ୍ତି ବୋଲି ଯୁବତୀ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଯାଜପୁର ଥାନା ପୁଲିସ ବଳରାମକୁ ଗିରଫ କରିବା ସହ ଅନ୍ୟ ଦୁଇ ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି।

## ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇଲେ ୧୦ ସରପଞ୍ଚ



**କାମାକ୍ଷାନଗର,୫।୫/ଏନ୍‌ଏନ୍‌ଏସ୍‌:** ଢେଙ୍କାନାଳ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କଙ୍କଡାହାଡ଼ ବ୍ଲକରେ ବିଭିନ୍ନ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଉପରେ ବ୍ଲକ ପ୍ରଶାସନର ବନ୍ଦ ଉପରେ ବିରୋଧ କଲେ ୧୦ ପଞ୍ଚାୟତର ସରପଞ୍ଚ । କାମାକ୍ଷାନଗର ଠାରେ ଆୟୋଜିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଭେଟି ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଦାବି ଜଣାଇଲେ ୧୦ ପଞ୍ଚାୟତର ସରପଞ୍ଚ ।ପ୍ରକାଶ, ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ପଛୁଆ ଅଞ୍ଚଳ ଭାବେ ପରିଗଣିତ। ଏଠାରେ ପୂର୍ବରୁ ବିଭିନ୍ନ ପଞ୍ଚାୟତରେ ସରକାରୀ ଯୋଜନା ଗୁଡିକ ଠିକ ଭାବେ କାର୍ଯ୍ୟ କରାଯାଉଥିବା ବେଳେ ଦୁଇମାସ ହେବ ବ୍ଲକ ପ୍ରଶାସନ ତରଫରୁ ପ୍ରାୟ ୧୦ଟି ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଉପରେ ରୋକ ଲଗାଇଯାଇଛି । ଫଳରେ ଏହି ସବୁ ପଞ୍ଚାୟତ ଗୁଡିକରେ ମନରେଗା ଠାରୁ ଆରମ୍ଭ କରି ଅନ୍ୟାନ୍ୟ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରୁନାହିଁ । ଏ ସମ୍ପର୍କ ରେ ବଡିଓଙ୍କୁ ବିଭିନ୍ନ ସରପଞ୍ଚମାନେ ପଚାରିବାରୁ ଉପରୁ ନିର୍ଦ୍ଦେଶ ଆସିଛି। ତେଣୁ କାର୍ଯ୍ୟ ବନ୍ଦ କରାଯାଇଥିବା ନେଇ କହୁଥିବା ସରପଞ୍ଚମାନେ ଅଭିଯୋଗ କରିଛନ୍ତି । କଙ୍କଡାହାଡ଼ ବ୍ଲକକୁ ପୂର୍ବରୁ ସରକାରଙ୍କ ତରଫରୁ ଆକାଂକ୍ଷା ବ୍ଲକ୍‌ଭାବେ ମନୋନୀତ କରାଯାଇଥିବା ବେଳେ ଗତ ଦୁଇମାସ ଧରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବନ୍ଦ ହେବା ଫଳରେ ସ୍ଥାନୀୟଲୋକ ଅନେକ ସମସ୍ୟା ଭୋଗ କରୁଛନ୍ତି। ତେଣୁ ବ୍ଲକ ପ୍ରଶାସନର ଏହି ଅସହଯୋଗକୁ ନେଇ ଆଜି ୧୦ ପଞ୍ଚାୟତର ସରପଞ୍ଚମାନେ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ କରିବା ନେଇ ଦାବି ଜଣାଇଛନ୍ତି ।

## ନାବାଳିକା ଝିଅକୁ ଖୋଜି ଆଣିବାକୁ ଜିଲ୍ଲାପାଳଙ୍କୁ ପିତା-ମାତାଙ୍କ ଗୁହାରି



**ଢେଙ୍କାନାଳ,୫।୫/ଏନ୍‌ଏନ୍‌ଏସ୍‌:** ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ ଯୋରନ୍ଦା ଫାଣ୍ଡି ଅଂଚଳର ଖଙ୍କର ଗ୍ରାମର ଜନୈକ ନାବାଳିକାକୁ ଅପହରଣ କରିନେଇଥିବା ଅଭିଯୁକ୍ତଙ୍କ ଠାରୁ ଉଦ୍ଧାର କରିବା ପାଇଁ ଥାନା କୁ ଦୌଡି ଦୌଡି ନିରାଶ ହେବା ପରେ ଆଜି ନାବାଳିକାର ପିତା ମାତା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ନାବାଳିକା ଝିଅକୁ ଖୋଜି ଆଣିବା ପାଇଁ ଆକୁଳ ନିବେଦନ କରିଛନ୍ତି । ଖଙ୍କର ଗ୍ରାମର ପ୍ରତାପ ବେହେରା ଗତ ଏପ୍ରିଲ ମାସ ୮ ତାରିଖ ଦିନ ଗ୍ରାମରେ ରାମନବମୀ ଦେଖିବାକୁ ଯାଇଥିବା ଝିଅର ନିଖୋଜ ସମ୍ବନ୍ଧରେ ଯୋରନ୍ଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ପିଆର କେସ ନଂ ୧୩୩ରେ ଭାରତୀୟ ନ୍ୟାୟ ସଂହିତା ୧୩୭(୨) ଦଫାରେ ମାମଲା ରୁଜୁ କରି ଘଟଣାକୁ ଏଡାଇ ଦେଇଥିଲେ । ଏ ସଂପର୍କରେ ପ୍ରତାପ ନିଜ ଝିଅକୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବାପରେ ତାଙ୍କ ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ଘରକୁ ଯାଜପୁର ଜିଲ୍ଲା କବାଟବନ୍ଧ ଅଂଚଳର ସିଦ୍ଧାନ୍ତ ବେହେରା ଆସିଥିଲେ । ଏପ୍ରିଲ ୮ ରାତ୍ରିରେ ରାମନବମୀ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ନାବାଳିକାକୁ ସିଦ୍ଧାନ୍ତ ଅପହରଣ କରିନେଇଥିଲା । ଏନେଇ ଗ୍ରାମନିସାବରେ ସିଦ୍ଧାନ୍ତଙ୍କ ପିତା ତାଙ୍କ ପୁଅ ଝିଅକୁ ଅପହରଣ କରିନେଇଥିବାର ସ୍ୱିକାର କରିଥିବାବେଳେ ନାବାଳିକାକୁ କେଉଁଠି ରଖିଛନ୍ତି କୌଣସି ସୁଚନା ଦେଇନଥିଲେ । ନାବାଳିକା ଝିଅକୁ ନପାଇ ପ୍ରତାପ ଓ ତାଙ୍କ ପତ୍ନି ନିରାଶ ହୋଇପଡିବା ପରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତାଙ୍କ ଝିଅକୁ ଅପହରଣ କାରୀଙ୍କ କବଳରୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି ।



**ଆଜିର ମ୍ୟାଚ୍**

ମୁମ୍ବାଇ ଇଣ୍ଡିଆନ୍ସ ବନାମ ଗୁଜରାଟ ଟାଇଟନ୍ସ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ମୁମ୍ବାଇ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

ନିତିଦିନ NITIDIN

## ଆଇପିଏଲ୍ ୨୦୨୫ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଫଳ ଶୂନ୍ୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ଦିଲ୍ଲୀ | ୧୧ | ୬ | ୪ | ୧ | ୧୩ | +୦.୩୬୨ |
| କୋଲ୍‌କାତା | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ରାଜସ୍ଥାନ | ୧୨ | ୩ | ୯ | ୦ | ୬ | -୦.୭୧୮ |
| ଚେନ୍ନାଇ | ୧୧ | ୨ | ୯ | ୦ | ୪ | -୧.୧୧୭ |
| ହାଇଦ୍ରାବାଦ | ୧୧ | ୩ | ୭ | ୧ | ୭ | -୧.୧୯୨ |

# ବର୍ଷା ଧୋଇଦେଲା ହାଇଦ୍ରାବାଦର ପ୍ଲେଅଫ୍ ଆଶା

## ଦିଲ୍ଲୀ ବିପକ୍ଷ ମ୍ୟାଚ୍ ଫଳଶୂନ୍ୟ, ପଏଣ୍ଟ ଭାଗକଲେ ଦୁଇ ଟିମ୍

**ହାଇଦ୍ରାବାଦ,୫।୫/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ୫୫ତମ ମ୍ୟାଚ୍ ବର୍ଷା କାରଣରୁ ରଦ୍ଦ ହୋଇଛି। ଫଳରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍)ର ପ୍ଲେଅଫ୍ ପ୍ଲେଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ହାଇଦ୍ରାବାଦ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୩୩ ରନ୍ କରିଥିଲା। ଦିଲ୍ଲୀ ପକ୍ଷରୁ ଆଶୁତୋଷ ଶର୍ମା ଓ ଟ୍ରିଷ୍ଟାନ୍ ଷ୍ଟବ୍ସ ସର୍ବାଧିକ ୪୧ ରନ୍ ଲେଖାଏ କରିଥିଲେ। ହାଇଦ୍ରାବାଦ ପକ୍ଷରୁ କ୍ୟାପ୍ଟେନ୍ ପ୍ୟାଟ୍ କମିନ୍ସଙ୍କୁ ୩ଟି ୱିକେଟ୍ ମିଳିଥିଲା। ତେବେ ହାଇଦ୍ରାବାଦ ଇନିଂସ୍ ଆରମ୍ଭ ପୂର୍ବରୁ ବର୍ଷା ହୋଇଥିଲା। ବର୍ଷା ବହୁ ସମୟ ଲାଗିରହିବା ପରେ ଛାଡ଼ିଯାଇଥିଲା ଏବଂ ଗ୍ରାଉଣ୍ଡ ଷ୍ଟାଫ୍ ପଡ଼ିଆ ଶୁଖାଇବା ପାଇଁ ଉଦ୍ୟମ କରିଥିଲେ। ତେବେ ଅମ୍ପାୟାର୍ ପଡ଼ିଆ ନିରୀକ୍ଷଣ କରିବା ପରେ ମ୍ୟାଚ୍ ରଦ୍ଦ ଘୋଷଣା କରିଥିଲେ। ମ୍ୟାଚ୍ ରଦ୍ଦ ହେବା ଫଳରେ ଦୁଇ ଟିମ୍‌ଙ୍କୁ ୧-୧ ପଏଣ୍ଟ ମିଳିଛି। ହାଇଦ୍ରାବାଦର ଏବେ ୭ ପଏଣ୍ଟ ହୋଇଥିବା ବେଳେ ଟିମ୍‌ର ୩ଟି ମ୍ୟାଚ୍ ବାକି ରହିଛି। ଅନ୍ୟପକ୍ଷରେ ୧୩ ପଏଣ୍ଟ ହାସଲ କରି ଦିଲ୍ଲୀ ନିଜର ପ୍ଲେଅଫ୍ ଆଶା ବଜାୟ ରଖିଛି।

ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ



କ୍ୟାପିଟାଲ୍ସର ଆରମ୍ଭ ବହୁତ ଖରାପ ଥିଲା। ଇନିଂସ୍‌ର ପ୍ରଥମ ବଲ୍‌ରେ ହିଁ ହାଇଦ୍ରାବାଦ କ୍ୟାପ୍ଟେନ୍ ପ୍ୟାଟ୍ କମିନ୍ସ କରୁଣ ନାୟରଙ୍କ ୱିକେଟ୍ ଅକ୍ତିଆର କରିଥିଲେ। ଏହାପରେ ଦିଲ୍ଲୀର ୱିକେଟ୍ ତାସ୍‌ଘର ପରି ଭୁଶୁଡ଼ି ପଡ଼ିଥିଲା। କମିନ୍ସ ତୃତୀୟ ଓଭର୍‌ରେ ଫାଫ୍ ଡୁପ୍ଲେସିସ୍ (୩) ଏବଂ ପଞ୍ଚମ ଓଭର୍‌ରେ ଅଭିଷେକ ପୋରେଲ୍ (୮)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ୬ଷ୍ଠ ଓଭର୍‌ରେ ହର୍ଷଲ୍ ପଟେଲ୍ କ୍ୟାପ୍ଟେନ୍ ଅକ୍ଷର ପଟେଲ୍ (୬)ଙ୍କୁ ଏବଂ ଜୟଦେବ ଉନାଦକତ୍ ଅଷ୍ଟମ ଓଭର୍‌ରେ କେଏଲ୍ ରାହୁଲ (୧୦)ଙ୍କୁ ପ୍ୟାଭିଲିୟନ୍ ରାସ୍ତା ଦେଖାଇଥିଲେ। ମାତ୍ର ୨୯ ରନ୍‌ରେ ଦିଲ୍ଲୀ ୫ ୱିକେଟ୍ ହରାଇଥିଲା। ଏହାପରେ ଟ୍ରିଷ୍ଟନ୍ ଷ୍ଟବ୍ସ ଓ ବିପରାଜ ନିଗମ ଇନିଂସ୍ ସମ୍ଭାଳି ୩୩ ରନ୍‌ର ପାର୍ଟନରଶିପ୍ କରିଥିବା ବେଳେ ବିପରାଜ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ବିପରାଜ କେବଳ ୧୭ ବଲ୍‌ରେ ଗୋଟିଏ ଲେଖାଏ ଛକା ଓ ଚୌକା ସହାୟତାରେ ୧୮ ରନ୍ କରିଥିଲେ। ବିପରାଜଙ୍କ ଆଉଟ୍ ପରେ ଷ୍ଟବ୍ସ ଓ ଆଶୁତୋଷ ଶର୍ମାଙ୍କ ମଧ୍ୟରେ ୬୬ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଏହି ପାର୍ଟନରଶିପ୍ ବଳରେ ଦିଲ୍ଲୀ ସ୍କୋର୍ ୧୩୩ ରନ୍‌ରେ ପହଞ୍ଚିଥିଲା। ଅନ୍ତିମ ଓଭର୍‌ରେ ଏଶାନ୍ ମାଲିଙ୍ଗାଙ୍କ ବଲ୍‌ରେ ଆଶୁତୋଷ କ୍ୟାଚ୍ ଆଉଟ୍ ହୋଇଥିଲେ। ସେ ୨୬ ବଲ୍‌ରେ ୨ ଚୌକା ଓ ୩ ଛକା ସହାୟତାରେ ୪୧ ରନ୍ କରିଥିଲେ। ଷ୍ଟବ୍ସ ୩୬ ବଲ୍‌ରୁ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୪୧ ରନ୍ କରି ମିଚେଲ୍ ଷ୍ଟାର୍କ (୧)ଙ୍କ ସହ ଅପରାଜିତ ରହିଥିଲେ। ହାଇଦ୍ରାବାଦ ପକ୍ଷରୁ କମିନ୍ସ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ଜୟଦେବ ଉନାଦକତ୍ ହର୍ଷଲ୍ ପଟେଲ୍, ଏଶାନ୍ ମାଲିଙ୍ଗାଙ୍କୁ ୧-୧ ସଫଳତା ମିଳିଥିଲା।

# ସିଏସ୍‌କେରେ ଉର୍ବିଲ୍ ପଟେଲ୍



## ଆହତ ବଂଶ ବେଦୀଙ୍କ ସ୍ଥାନ ନେବେ
## ହର୍ଷ ଦୁବେ ଏସ୍‌ଆର୍‌ଏଚ୍‌ରେ ସାମିଲ

**ନୂଆଦିଲ୍ଲୀ,୫।୫/ଏଜେନ୍ସି:** ଅନ୍‌କ୍ୟାପ୍ଡ ୱିକେଟ୍‌କିପର୍ ବ୍ୟାଟର୍ ଉର୍ବିଲ୍ ପଟେଲ୍‌ଙ୍କୁ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ନିଜ ସ୍କ୍ୱାଡ୍‌ରେ ସାମିଲ କରିଛି। ସେ ଆତ ବଂଶ ବେଦୀଙ୍କ ସ୍ଥାନ ନେବେ। ଉର୍ବିଲ୍ ସୟଦ୍ ମୁସ୍ତାକ ଅଲୀ ଟ୍ରଫିରେ ୨୮ ବଲ୍‌ରେ ଶତକ ହାସଲର ରେକର୍ଡ କରିଥିଲେ। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ରବିଚନ୍ଦ୍ରନ୍ ସ୍ମରଣଙ୍କ ସ୍ଥାନରେ ସ୍ପିନର୍ ହର୍ଷ ଦୁବେଙ୍କୁ ଟିମ୍‌ରେ ସାମିଲ କରିଛି।

ସିଏସ୍‌କେର ଯୁବ ୱିକେଟ୍‌କିପର୍ ବ୍ୟାଟର୍ ବଂଶ ବେଦୀ ଚକଟି ଆଘାତ କାରଣରୁ ଟୁର୍ଣ୍ଣାମେଣ୍ଟ୍‌ରୁ ବାଦ୍ ପଡ଼ିଛନ୍ତି। ଚଳିତ ସିଜନ୍‌ରେ ସେ ଗୋଟିଏ ବି ମ୍ୟାଚ୍ ଖେଳିପାରି ନାହାନ୍ତି। ଗୁଜରାଟ ପକ୍ଷରୁ ଘରୋଇ କ୍ରିକେଟ୍ ଖେଳୁଥିବା ୨୬ ବର୍ଷୀୟ ଉର୍ବିଲ୍‌ଙ୍କୁ ବେସ୍ ପ୍ରାଇସ୍ ୩୦ ଲକ୍ଷ ଟଙ୍କାରେ ତାଙ୍କ ସ୍ଥାନ ନେବେ। ମେଗା ଅକ୍ସନ୍‌ରେ ଉର୍ବିଲ୍ ଅନ୍‌ସୋଲ୍ଡ ରହିଥିଲେ। ଚେନ୍ନାଇ ସିଜନ୍ ମଧ୍ୟରେ ଉର୍ବିଲ୍ ଓ ଆୟୁଷ ମାହାତ୍ରେଙ୍କୁ ଟ୍ରାଏଲ୍ସ ପାଇଁ ଡକାଇଥିଲା। ମାହାତ୍ରେଙ୍କୁ କ୍ୟାପ୍ଟେନ୍ ଋତୁରାଜ ଗାଏକ୍‌ୱାଡ୍‌ଙ୍କ ସ୍ଥାନରେ ଟିମ୍ ସାମିଲ କରାଯାଇଥିଲା। ତେବେ ଉର୍ବିଲ୍‌ଙ୍କୁ ଏବେ ସ୍ଥାନ ମିଳିଛି। ଉର୍ବିଲ୍ ଏହା ପୂର୍ବରୁ ୨୦୨୩ରେ ମଧ୍ୟ ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟନ୍ସର ସଦସ୍ୟ ଥିଲେ। କିନ୍ତୁ ସେତେବେଳେ ତାଙ୍କୁ ଗୋଟିଏ ବି ମ୍ୟାଚ୍ ଖେଳିବା ସୁଯୋଗ ମିଳିନଥିଲା।

ଆଇପିଏଲ୍ ପ୍ଲେଅଫ୍‌ରୁ ପ୍ରାୟତଃ ବାଦ୍ ପଡ଼ିଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟ ଗୋଟିଏ ଇଞ୍ଜୁରୀ ରିପ୍ଲେସ୍‌ମେଣ୍ଟର ଘୋଷଣା କରିଛି। ଟିମ୍‌ରେ ବ୍ୟାଟର୍ ରବିଚନ୍ଦ୍ରନ୍ ସ୍ମରଣଙ୍କୁ ସ୍ଥାନରେ ସ୍ପିନର୍ ହର୍ଷ ଦୁବେଙ୍କୁ ସାମିଲ କରାଯାଇଛି। ସ୍ମରଣ ମଧ୍ୟ ଆଦମ୍ ଜାମ୍ପାଙ୍କ ରିପ୍ଲେସ୍‌ମେଣ୍ଟ ଭାବେ ସ୍କ୍ୱାଡ୍‌ରେ ସାମିଲ ହୋଇଥିଲେ।


# ଉତ୍ତର ଜୋନ୍ ଦଳ ବିଜେତା



## ଶ୍ରୀ ସତ୍ୟସାଇ କ୍ରିକେଟ୍ ଲିଗ୍

**ଭୁବନେଶ୍ୱର,୫।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଶ୍ରୀ ସତ୍ୟସାଇ କ୍ରିକେଟ୍ ଲିଗ୍‌ର ରାଜ୍ୟସ୍ତରୀୟ ପ୍ରତିଯୋଗିତା ଚଳିତ ମାସ ୨ରୁ ୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ହାଇଟେକ୍ କ୍ରିକେଟ୍ ଗ୍ରାଉଣ୍ଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଫାଇନାଲ୍ ମ୍ୟାଚ୍ ଉତ୍ତର ଓ ଦକ୍ଷିଣ ଦଳମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତର ଜୋନ୍ ଦଳ ବିଜୟୀ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ପୂର୍ବ ଭାରତ ମଣ୍ଡଳ ସଭାପତି ଲଳିତ ମହାନ୍ତି, ରାଜ୍ୟ ଯୁବ ସଂଯୋଜକ ନାରାୟଣ ପ୍ରସାଦ ସର, ତୁଷାରକାନ୍ତ ନାଥ, ସତ୍ୟସାଇ କ୍ରିକେଟ୍ ଲିଗ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶ୍ରୀ ସତ୍ୟସାଇଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଭାରତର ସମସ୍ତ ରାଜ୍ୟରୁ ଚୟନିତ ଦଳଗୁଡ଼ିକ ମଧ୍ୟରେ ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ୍ ଲିଗ୍ ଆୟୋଜିତ ହେବ।

# ଲିଟନ୍ ଦାସ ବାଂଲାଦେଶ ଟି-୨୦ କ୍ୟାପ୍ଟେନ୍



**ଢାକା,୫।୫/ଏଜେନ୍ସି:** ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ୩୦ ବର୍ଷୀୟ ଲିଟନ୍ ଦାସଙ୍କ ନୂଆ ଟି-୨୦ କ୍ୟାପ୍ଟେନ୍ ନିଯୁକ୍ତ କରିଛି। ଦାସଙ୍କୁ ଆସନ୍ତା ବର୍ଷ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ପୂର୍ବରୁ କ୍ୟାପ୍ଟେନ୍ ନଜମୁଲ୍ ହୁସେନ୍ ଶାନ୍ତୋ ବ୍ୟସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଟି-୨୦ ନେତୃତ୍ୱ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ଏହା ପରଠାରୁ ଏହି ପଦ ଖାଲି ପଡ଼ିଥିଲା। ୱେଷ୍ଟଇଣ୍ଡିଜ୍‌ରେ ତିନି ମ୍ୟାଚ୍‌ର ଟି-୨୦ ସିରିଜ୍‌ରେ ଟିମ୍‌ର ସଫଳତା ପୂର୍ବକ ନେତୃତ୍ୱ ନେଇଥିବା ଲିଟନ୍ ଏବେ ଆସନ୍ତାବର୍ଷ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳିବେ।

ଏହା ସହିତ ବିସିବି ୟୁଏଇ ଏବଂ ପାକିସ୍ତାନ ବିପକ୍ଷ ଆଗାମୀ ଟି-୨୦ ସିରିଜ୍ ପାଇଁ ୧୬ ଜଣିଆ ଟିମ୍ ମଧ୍ୟ ଘୋଷଣା କରିଛି। ଏହା ପୂର୍ଣ୍ଣକାଳୀନ କ୍ୟାପ୍ଟେନ୍ ଭାବେ ଲିଟନ୍ ଦାସଙ୍କ ପ୍ରଥମ ଆସାଇନ୍‌ମେଣ୍ଟ ହେବ। ୟୁଏଇରେ ବାଂଲାଦେଶ ମେ ୧୭ ତାରିଖରୁ ଦୁଇ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ଏହାପରେ ଟିମ୍ ମେ ୨୫ରେ ପାକିସ୍ତାନରେ ପାଞ୍ଚ ମ୍ୟାଚ୍‌ର ସିରିଜ୍ ଖେଳିବ।

# ପଙ୍କଜ ଆଡ଼ଭାନୀଙ୍କୁ ସିସିଆଇ ବିଲିୟାର୍ଡ୍ସ କ୍ଲାସିକ୍ ଟାଇଟଲ୍



**ନୂଆଦିଲ୍ଲୀ,୫।୫/ଏଜେନ୍ସି:** ଦେଶର ଶୀର୍ଷ କ୍ୟୁ ଖେଳାଳି ପଙ୍କଜ ଆଡ଼ଭାନୀ ଫାଇନାଲ୍ ମ୍ୟାଚ୍‌ରେ ଧ୍ରୁବ ସିତ୍‌ୱାଲାଙ୍କୁ ୫-୨ରେ ହରାଇ ଲଗାତାର ତୃତୀୟ ଥର ପାଇଁ ସିସିଆଇ ବିଲିୟାର୍ଡ୍ସ କ୍ଲାସିକ୍ ଟାଇଟଲ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ର ପ୍ରଥମ ଦୁଇଟି ଫ୍ରେମ୍‌ରେ ପଛୁଆ ରହିବା ପରେ ୨-୨ରେ ସ୍ଥିତି ସମାନ କରି ଗେମ୍ ଉପରେ ନିୟନ୍ତ୍ରଣ ହାସଲ କରିଥିଲେ। ଏହାପରେ ପରବର୍ତ୍ତୀ ତିନିଟି ଫ୍ରେମ୍‌ରେ ବିଜୟୀ ହୋଇ ୫-୨ରେ ମ୍ୟାଚ୍ ନିଜ ସପକ୍ଷରେ କରିବା ସହିତ ୨.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିଛନ୍ତି। ରନରଅପ୍ ସିତ୍‌ୱାଲାଙ୍କୁ ୧.୫ ଲକ୍ଷ ଟଙ୍କା ପୁରସ୍କାର ମିଳିଛି।

# ଋତୁଜାଙ୍କୁ ଆଇଟିଏଫ୍ ଡବଲ୍ସ ଟାଇଟଲ୍



**ନୂଆଦିଲ୍ଲୀ,୫।୫/ଏଜେନ୍ସି:** ଭାରତର ଟେନିସ୍ ଖେଳାଳି ଋତୁଜା ଭୋସ୍‌ଲେ ଆଇଟିଏଫ୍ ମହିଳା ଡବଲ୍ସ ଟାଇଟଲ୍ ଜିତିଛନ୍ତି। ନ୍ୟୁଜିଲାଣ୍ଡର୍ ପେଜ୍ ହୋଉରିଗାନ୍‌ଙ୍କୁ ସାଥୀକରି ଋତୁଜା ସୋମବାର ଜର୍ଜିଆର ଲୋପୋଟାରେ ଅନୁଷ୍ଠିତ ଆଇଟିଏଫ୍ ମହିଳା ଟେନିସ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ଶ୍ରୀଭାଲ୍ଲି ଭାମିଦିପାଟି ଓ ଆଲେକ୍‌ଜାଣ୍ଡ୍ରା ଶୁବ୍ଲାଡ୍‌ଜେଙ୍କୁ ୬-୩, ୬-୨ ସିଧା ସେଟ୍‌ରେ ହରାଇ ଦେଇଛନ୍ତି। ଏହା ୨୯ ବର୍ଷୀୟା ଋତୁଜାଙ୍କ କ୍ୟାରିୟରର ୨୬ତମ ଡବଲ୍ସ ଟାଇଟଲ୍ ହୋଇଥିବା ବେଳେ ପେଗ୍‌ଙ୍କ ସହ ତୃତୀୟ ଟାଇଟଲ୍। ବର୍ଷା କାରଣରୁ ଫାଇନାଲ୍ ମ୍ୟାଚ୍ ରବିବାର ପରିବର୍ତ୍ତେ ସୋମବାର ଅନୁଷ୍ଠିତ ହୋଇଥିଲା।

# ଜାତୀୟ ଟେକ୍ନିକାଲ୍ ଅଫିସିଆଲ୍ ପ୍ରୋଗ୍ରାମ୍‌ରେ ଓଡ଼ିଶାରୁ ୧୩



**ଭୁବନେଶ୍ୱର,୫।୫/ଏନ୍‌ଏନ୍‌ଏସ୍:** ଚଳିତ ମାସ ୨ରୁ ୪ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ୍‌ରେ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଓ ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଜାତୀୟ ତୃତୀୟ ଟେକ୍ନିକାଲ୍ ଅଫିସିଆଲ୍ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୧୩ ଜଣଙ୍କ ସମେତ ସାରା ଦେଶରୁ ମୋଟ ୬୦ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ଏହି ଅଫିସିଆଲ୍‌ମାନେ ହେଲେ ଶୋଭାରାଣୀ ଡୋରା, ପତ୍ରପୁଷ୍ପ ମହାନ୍ତି, ପୂଜା ବେହେରା, ଗୋପାଳ ସୋନି, ଦେବାଶିଷ ଦାସ, ବିକାଶ ସ୍ୱାଇଁ, ଲକ୍ଷ୍ମୀଧର ମହାନ୍ତି, ଲିପ୍ସା ମିଶ୍ର, ମାଳବିକା ମିଶ୍ର, ରୋନାଲି ସାହୁ, ବିଷ୍ଣୁପ୍ରିୟା ସାହୁ, ପ୍ରୀତିରଞ୍ଜନ ନାୟକ ଓ ଦେବାମୃତ ସାହୁ। ଏହି ପ୍ରଶିକ୍ଷଣ ପ୍ରୋଗ୍ରାମ ଜରିଆରେ ଅଫିସିଆଲ୍‌ମାନେ ଆଗାମୀ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ଦେଶକୁ ପ୍ରତିନିଧିତ୍ୱ କରି ରାଜ୍ୟର ଗୌରବ ବୃଦ୍ଧି କରିବେ ବୋଲି ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନ୍‌ର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ୍ ପ୍ରଧାନ ଆଶା ପ୍ରକାଶ କରିଛନ୍ତି।

# ରବାଡାଙ୍କୁ ଆଇପିଏଲ୍ ଖେଳିବାକୁ ମିଳିଲା ଅନୁମତି

## ଡ୍ରଗ୍ ଟ୍ରିଟ୍‌ମେଣ୍ଟ ପରେ ଗୁଜରାଟ ଟିମ୍‌ରେ ସାମିଲ



**ମୁମ୍ବାଇ,୫।୫/ଏଜେନ୍ସି:** ଡୋପିଂ କାରଣରୁ ବ୍ୟାନ୍ ହୋଇଥିବା ସାଉଥ୍ ଆଫ୍ରିକା ଫାଷ୍ଟ ବୋଲର୍ କାଗିସୋ ରବାଡାଙ୍କୁ ଆଇପିଏଲ୍ ଖେଳିବା ପାଇଁ ଅନୁମତି ମିଳିଛି। ସେ ଡ୍ରଗ୍ ଟ୍ରିଟ୍‌ମେଣ୍ଟ କାର୍ଯ୍ୟକ୍ରମ ପରେ ଗୁଜରାଟ ଟାଇଟନ୍ସ ଟିମ୍‌ରେ ଯୋଗ ଦେଇଛନ୍ତି। ରବାଡା ମଙ୍ଗଳବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଖେଳିବେ। ବ୍ୟାଟିଂ କୋଚ୍ ବିକ୍ରମ ସୋଲାଙ୍କି ତାଙ୍କ ଖେଳିବା ନେଇ ସ୍ପଷ୍ଟ କରିଛନ୍ତି। ୩୦ ବର୍ଷୀୟ ରବାଡାଙ୍କୁ ପ୍ରତିବନ୍ଧିତ ପଦାର୍ଥ ସେବନ ଅଭିଯୋଗରେ ବ୍ୟାନ୍ କରାଯାଇଥିଲା। ଏହାପରେ ସେ ଆଇପିଏଲ୍ ଅଧାରୁ ଛାଡ଼ି ସ୍ୱଦେଶ ଫେରିଯାଇଥିଲେ। ରବାଡା ଏସ୍‌ଏ୨୦ ଅବସରରେ ଚଳିତ ବର୍ଷ ଜାନୁଆରୀରେ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏବେ ବ୍ୟାନ୍ ଉଠିଯିବା ପରେ ସେ ଆସନ୍ତା ମାସରେ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ ଫାଇନାଲ୍ ମଧ୍ୟ ଖେଳିପାରିବେ। ସାଉଥ୍ ଆଫ୍ରିକାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡ୍ରଗ୍ ଫ୍ରି ସ୍ପୋର୍ଟ୍ସ ପକ୍ଷରୁ କୁହାଯାଇଛି, ସାଉଥ୍ ଆଫ୍ରିକା ଡୋପିଂ ନିରୋଧୀ ନିୟମ ଅନୁସାରେ ରବାଡାଙ୍କୁ ଡ୍ରଗ୍ ସେବନ ଉପଚାର କାର୍ଯ୍ୟକ୍ରମ ପୂରା କରିବାକୁ କୁହାଯାଇଥିଲା। ଟ୍ରିଟ୍‌ମେଣ୍ଟ ପ୍ରୋଗ୍ରାମ୍‌ର ଦୁଇଟି ସେସନ୍ ରବାଡା ସନ୍ତୋଷଜନକ ଭାବେ ପୂରା କରିବାରୁ ତାଙ୍କ ଉପରେ ଲାଗିଥିବା ବ୍ୟାନ୍ ହଟାଇ ଦିଆଯାଇଛି। ସେ ଗୋଟିଏ ମାସ ପ୍ରତିବନ୍ଧକ ଭୋଗିସାରିଛନ୍ତି ଏବଂ ଏବେ କ୍ରିକେଟ୍‌କୁ ଫେରିପାରିବେ। ସାଉଥ୍ ଆଫ୍ରିକା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ମେ ୩ ତାରିଖରେ ଜାରି ଏକ ବୟାନରେ ରବାଡା ନିଜ ବ୍ୟାନ୍ ସମ୍ପର୍କରେ ସୂଚନା ଦେଇଥିଲେ। ସେ ଏକ ସୋସିଆଲ୍ ମିଡିଆ ପୋଷ୍ଟ ଜରିଆରେ ଏଥିପାଇଁ ପ୍ରଶଂସକଙ୍କୁ କ୍ଷମାପ୍ରାର୍ଥନା ମଧ୍ୟ କରିଥିଲେ।

# ମହମ୍ମଦ ଶମୀଙ୍କୁ ହତ୍ୟା ଧମକ

## ଇ-ମେଲ୍ ପଠାଇ ଏକ କୋଟି ଟଙ୍କା ଦାବି



**ଅମରୋହା,୫।୫/ଏଜେନ୍ସି:** ଭାରତୀୟ କ୍ରିକେଟ୍ ଟିମ୍‌ର ଫାଷ୍ଟ ବୋଲର୍ ମହମ୍ମଦ ଶମୀଙ୍କୁ ଇ-ମେଲ୍‌ରେ ହତ୍ୟା ଧମକ ଦିଆଯାଇଛି। ଅଭିଯୁକ୍ତ ଏକ କୋଟି ଟଙ୍କା ଦାବି କରିବା ସହିତ ଅର୍ଥ ନମିଳିଲେ ହତ୍ୟା ଚେତାବନୀ ଦେଇଛି। ଏହି ମାମଲା ଜଣାପଡ଼ିବା ପରେ ଶମୀ ଓ ତାଙ୍କ ପରିଜନ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଶମୀ ଏବେ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ରେ ସନ୍‌ରାଇଜର୍ସ ହାଇଦ୍ରାବାଧଦ ଟିମ୍ ପକ୍ଷରୁ ଖେଳୁଛନ୍ତି। ଏହି ଇ-ମେଲ୍ ସର୍ବପ୍ରଥମେ ଶମୀଙ୍କ ବଡ଼ଭାଇ ଦେଖିଥିଲେ। ଏହାପରେ ଏ ସମ୍ପର୍କରେ ଅମରୋହା ଏସ୍‌ପିଙ୍କୁ ସୂଚନା ଦେବା ସହ ଥାନାରେ ଅଭିଯୋଗ ପତ୍ର ଦାଖଲ କରି ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ହସିବ୍‌ଙ୍କ ଅନୁସାରେ ଶମୀଙ୍କୁ ପ୍ରଥମ ଇ-ମେଲ୍ ମେ ୪ ତାରିଖ ସନ୍ଧ୍ୟାରେ ଏବଂ ଦ୍ୱିତୀୟ ମେଲ୍ ମେ ୫ ତାରିଖ (ସୋମବାର) ସକାଳେ ଆସିଛି। ଅଭିଯୋଗ ମିଳିବା ପରେ ଅମରୋହାର ସାଇବର୍ ଥାନାରେ ରିପୋର୍ଟ ରେକର୍ଡ ହୋଇଛି। ଇ-ମେଲ୍ ରାଜପୁତ ସିଂଘର ନାମକ ଆଇଡିରୁ ଆସିଥିବା ବେଳେ ଏଥିରେ ଅଭିଯୁକ୍ତର ନାମ ପ୍ରଭାକାରା ଦର୍ଶାଯାଇଛି। ଅଭିଯୋଗ ମିଳିବା ପରେ ଅମରୋହା ପୁଲିସ ଓ କ୍ରାଇମ୍ ବ୍ରାଞ୍ଚ ଟିମ୍ ଆଲର୍ଟ ହୋଇଯିବା ସହିତ ଇ-ମେଲ୍‌ର ଟେକ୍ନିକାଲ୍ ଯାଞ୍ଚ ପାଇଁ ସାଇବର ବିଶେଷଜ୍ଞଙ୍କ ସହାୟତା ନେଉଛି। ଏହା ସହିତ ପୁଲିସ ମେଲ୍ ପଠାଇଥିବା ବ୍ୟକ୍ତିର ଚିହ୍ନଟ ଓ ଲୋକେସନ୍ ଟ୍ରେସ୍ ପ୍ରକ୍ରିୟା ଆରମ୍ଭ କରିଦେଇଛି।

# ହ୍ୱାଇଟ୍ ବଲ୍ ଫର୍ମାଟ୍‌ରେ ଭାରତର ଆଧିପତ୍ୟ

## ଆଇସିସି ବାର୍ଷିକ ର୍ୟାଙ୍କିଙ୍ଗ୍



**ଦୁବାଇ,୫।୫/ଏଜେନ୍ସି:** ଆଇସିସି ପକ୍ଷରୁ ସୋମବାର ଜାରି ସଦ୍ୟତମ ର୍ୟାଙ୍କିଙ୍ଗ୍‌ରେ ଭାରତ ସୀମିତ ଓଭର୍ ଫର୍ମାଟ୍‌ରେ ଅଧିପତ୍ୟ ଜାରି ରଖି ଦିନିକିଆ ଓ ଟି-୨୦ ଶୀର୍ଷରେ ରହିଛି। ତେବେ କ୍ରିକେଟ୍‌ର ଲମ୍ବା ଫର୍ମାଟ୍ (ଟେଷ୍ଟ)ରେ ଟିମ୍ ପ୍ରାଧାନ୍ୟ ବିସ୍ତାର କରିପାରି ନାହିଁ। ଅଷ୍ଟ୍ରେଲିଆ ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ହାସଲ କରିଛି। ଆଇସିସି ପକ୍ଷରୁ ଜାରି ବାର୍ଷିକ ର୍ୟାଙ୍କିଙ୍ଗ୍‌ରେ ଟିମ୍ ଇଣ୍ଡିଆ ୨୭୧ ରେଟିଂ ପଏଣ୍ଟ ସହ ଟି-୨୦ ର୍ୟାଙ୍କିଙ୍ଗ୍‌ର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୨୬୨ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଏହାପରେ ଇଂଲଣ୍ଡ (୨୫୪), ନ୍ୟୁଜିଲାଣ୍ଡ (୨୪୯), ୱେଷ୍ଟଇଣ୍ଡିଜ୍ (୨୪୬) ଏବଂ ସାଉଥ୍ ଆଫ୍ରିକା (୨୪୫) ଯଥାକ୍ରମେ ତୃତୀୟରୁ ଷଷ୍ଠ ସ୍ଥାନରେ ରହିଛନ୍ତି। ଇତିମଧ୍ୟରେ ଗୋଟିଏ ସ୍ଥାନର ଲାଭ ସହିତ ଶ୍ରୀଲଙ୍କା (୨୩୫) ସପ୍ତମ ସ୍ଥାନକୁ ଉଠିଥିବା ବେଳେ ପାକିସ୍ତାନ ଗୋଟିଏ ସ୍ଥାନର କ୍ଷତି ସହ ଅଷ୍ଟମକୁ ଖସିଯାଇଛି ଏବଂ ଟିମ୍ ରେଟିଂ ପଏଣ୍ଟ ୨୨୮ ହୋଇଛି।

ଏହା ବ୍ୟତୀତ ଟିମ୍ ଇଣ୍ଡିଆ ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ମଧ୍ୟ ଶୀର୍ଷ ସ୍ଥାନ ହାସଲ କରିଛି। ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ଟିମ୍ ଇଣ୍ଡିଆର ରେଟିଂ ପଏଣ୍ଟ ୧୨୨ରୁ ୧୨୪ ହୋଇଛି। ଅନ୍ୟପକ୍ଷରେ ଟୁର୍ଣ୍ଣାମେଣ୍ଟର ରନର୍ସଅପ୍ ନ୍ୟୁଜିଲାଣ୍ଡ ଅଷ୍ଟ୍ରେଲିଆକୁ ପଛରେ ପକାଇ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଘରୋଇ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଶ୍ରୀଲଙ୍କା ଚତୁର୍ଥ ସ୍ଥାନକୁ ଉଠିଥିବା ବେଳେ ପାକିସ୍ତାନ ଓ ସାଉଥ୍ ଆଫ୍ରିକା ତଳକୁ ଖସି ଯଥାକ୍ରମେ ପଞ୍ଚମ ଓ ୬ଷ୍ଠ ସ୍ଥାନରେ ରହିଛନ୍ତି।

## ଟେଷ୍ଟ ର୍ୟାଙ୍କିଙ୍ଗ୍ ଶୀର୍ଷରେ ଅଷ୍ଟ୍ରେଲିଆ

ତେବେ ଆଇସିସିର ନୂଆ ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଟିମ୍ ଇଣ୍ଡିଆକୁ ଜବରଦସ୍ତ କ୍ଷତି ହୋଇଛି। ଟିମ୍ ଗୋଟିଏ ସ୍ଥାନ ତଳକୁ ଖସି ଚତୁର୍ଥରେ ପହଞ୍ଚିଛି। ଟିମ୍‌ର ରେଟିଂ ପଏଣ୍ଟ ୧୦୫ ହୋଇଛି। ସାଉଥ୍ ଆଫ୍ରିକା (୧୧୧) ମଧ୍ୟ ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟରେ ରହିଛି। ତେବେ ଇଂଲଣ୍ଡକୁ ଏହି ର୍ୟାଙ୍କିଙ୍ଗ୍‌ରେ ବଡ଼ ଲାଭ ହୋଇଛି ଏବଂ ଟିମ୍ ୧୧୩ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଉଠିଛି। ଅଷ୍ଟ୍ରେଲିଆ ୧୨୬ ରେଟିଂ ପଏଣ୍ଟ ସହ ର୍ୟାଙ୍କିଙ୍ଗ୍ ପ୍ରଥମ ସ୍ଥାନରେ ରହିଛି। ଟିମ୍ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ଫାଇନାଲ୍‌ରେ ସ୍ଥାନ ହାସଲ କରିସାରିଛି। ଭାରତ ଓ ଇଂଲଣ୍ଡ ମଧ୍ୟରେ ଜୁନ୍‌ରେ ହେବାକୁ ଥିବା ସିରିଜ୍‌ରୁ ବିଶ୍ୱ ଚାମ୍ପିଅନ୍‌ଶିପ୍‌ର ପରବର୍ତ୍ତୀ ସାଇକ୍ଲ ଆରମ୍ଭ ହେବ। ବାକି ଟିମ୍ ମଧ୍ୟରେ ଏହାପରେ ପରସ୍ପର ସହ ସିରିଜ୍ ଖେଳିବା ଆରମ୍ଭ କରିବେ।

# ରେପ୍ କେସ୍‌ରେ ପୂର୍ବତନ ମୁମ୍ବାଇ ଇଣ୍ଡିଆନ୍ସ କ୍ରିକେଟର୍ ଗିରଫ



**ଯୋଧପୁର,୫।୫/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ଟିମ୍ ମୁମ୍ବାଇ ଇଣ୍ଡିଆନ୍ସ ପୂର୍ବତନ କ୍ରିକେଟର୍ ଶିବାଲିକ୍ ଶର୍ମାଙ୍କୁ ଯୋଧପୁର ପୁଲିସ ଏକ ରେପ୍ କେସ୍‌ରେ ଗିରଫ କରିଛି। ଶିବାଲିକ ନିର୍ବନ୍ଧ ପରେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ ପାଇଁ ମନା କରିଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କାହାକୁ ଜଣାଇଲେ ତାଙ୍କୁ ବର୍ବାଦ କରିଦେବେ ବୋଲି ଶିବାଲିକ ଧମକ ଦେଇଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଯୁବତୀଙ୍କ ପରିବାର ନିର୍ବନ୍ଧରେ ୧୫-୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ସହିତ ବର ପକ୍ଷକୁ ନଗଦ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ପୁଲିସ ମାମଲାର ଯାଞ୍ଚ ପରେ ଅଭିଯୁକ୍ତ ଶିବାଲିକଙ୍କୁ ଗିରଫ କରି ରବିବାର କୋର୍ଟରେ ହାଜର କରାଇଥିଲା। କୋର୍ଟ ତାଙ୍କୁ ଜେଲ୍ ପଠାଇ ଦେଇଛନ୍ତି।

ପୀଡ଼ିତା ଯୁବତୀ ଜାନୁଆରୀ ୨ ତାରିଖରେ ଯୋଧପୁରର କୁଡ଼ି ଥାନାରେ ଅଭିଯୋଗ ଦାଖଲ କରିଥିଲେ। ଏଥିରେ ସେ ଦର୍ଶାଇଛନ୍ତି ଯେ ୨୦୨୩ ଅଗଷ୍ଟ ୨୮ରେ ଶିବାଲିକ୍ ଶର୍ମାଙ୍କ ସହ ତାଙ୍କ ନିର୍ବନ୍ଧ ହୋଇଥିଲା। ଏହାପରେ ୨୦୨୪ ମେ ୨୭ ତାରିଖରେ ଶିବାଲିକ୍ ତାଙ୍କୁ ଭେଟିବା ପାଇଁ ଯୋଧପୁର ଆସିଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଶିବାଲିକ୍ ତାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ବନ୍ଧ ରଖିଥିଲେ। ଏହା ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିଥିଲା। ଏହାପରେ ବିବାହ ସମ୍ପର୍କରେ ଆଲୋଚନା ପାଇଁ ପୀଡ଼ିତାଙ୍କୁ ଅଗଷ୍ଟ ୧୦ ତାରିଖରେ ବଡ଼ୋଦରା ଡକାଯାଇଥିଲା। ସେଠାରେ ଶିବାଲିକ୍‌ଙ୍କ ମାତା-ପିତା ତାଙ୍କୁ ଭର୍ତ୍ସନା କରିବା ସହିତ ତାଙ୍କ ପୁଅ ଏବେ କ୍ରିକେଟର୍ ହୋଇଯାଇଛି ଏବଂ ତାଙ୍କ ପାଇଁ ଅନେକ ପ୍ରସ୍ତାବ ଆସୁଛି ବୋଲି କହି ଧକ୍କାଦେଇ ତାଙ୍କୁ ସେଠାରୁ ବିଦା କରିଦେଇଥିଲେ। ଏହାପରେ ଫୋନ୍‌ରେ ବିବାହ ପାଇଁ ମନା କରିଦେଇଥିଲା। କାହାରିକୁ କିଛି କହିଲେ ବରବାଦ୍ କରିଦେବାକୁ ଶିବାଲିକ୍ ଧମକ ଦେଉଥିବା ପୀଡ଼ିତା ଯୁବତୀ କହିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra